# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମେ' ୮/୨୦୨୩ (୧୬ ପୃଷ୍ଠା) Bhubaneswar, Monday, May 8/2023 Page 16 ₹ 7.00

୪୯ଶ ଭାଗ ୧୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 162 ମୂଲ୍ୟ ₹୭/-






KP
GROUP
Quality Since 1965
KAMLA PASAND
PAN MASALA
NEW
PACK
कमला पसन्द
अनोखा स्वाद
KP
GROUP
Quality Since 1965
पान मसाला
Anokha Swad
Watch at:
You Tube
NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମେ' ୮/୨୦୨୩ | Bhubaneswar, Monday, May 8/2023 | ପୃଷ୍ଠା-୧




## ଗିଲ୍ ପ୍ଲେୟର୍ ଅଫ୍ ଦ ମ୍ୟାଚ୍

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ଅପରାଜିତ ୯୪ ରନ୍‌ର ଇନିଂସ ଖେଳି ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ହୋଇଛନ୍ତି ଗୁଜରାଟ ଟାଇଟନ୍ସର ଶୁବମନ ଗିଲ୍।

**୧୪ ୦୯**

## ଜୁନ୍ ୧୬ରେ ବିବାହ କରିବେ କରନ

ଅଭିନେତା ସନି ଦେଓ୍ୱଲଙ୍କ ପୁଅ ତଥା ଅଭିନେତା କରନ ଦେଓ୍ୱଲ ଜୁନ୍ ୧୬ରେ ତାଙ୍କ ମଙ୍ଗେତର ଦ୍ରିଶା ଆଚାର୍ଯ୍ୟଙ୍କୁ ବିବାହ କରିବେ।





ମେଡିକାଲ କଲେଜରେ ନାମଲେଖା ପାଇଁ ରବିବାର ଅନୁଷ୍ଠିତ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା 'ନିଟ୍' ଦେବାକୁ ଭୁବନେଶ୍ୱରସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍ କେନ୍ଦ୍ରକୁ ଯାଉଥିବା ଛାତ୍ରୀଛାତ୍ରଙ୍କୁ ଯାଞ୍ଚ କରି ଛଡ଼ାଯାଉଛି। **(ଫଟୋ–ବିକାଶ ନାୟକ)**

# ବ୍ରିଜ୍‌ଭୂଷଣଙ୍କୁ ଗିରଫ କର: କେନ୍ଦ୍ରକୁ ୧୦ ଦିନିଆ ମହଲତ

**ନୂଆଦିଲ୍ଲୀ,୭।୫**

ଯୌନ ନିର୍ଯାତନା ମାମଲାରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କୁ ୧୦ ଦିନ ମଧ୍ୟରେ ଗିରଫ କର। ନଚେତ୍ ଦେଶବ୍ୟାପୀ ଆନ୍ଦୋଳନ କରାଯିବ। ନୂଆଦିଲ୍ଲୀର ଯନ୍ତରମନ୍ତରରେ ଧାରଣାରତ କୁସ୍ତିଯୋଦ୍ଧା ଓ ସେମାନଙ୍କ ସମର୍ଥନରେ ଆଗେଇ ଆସିଥିବା ଖାପ୍ ପଞ୍ଚାୟତ ସଦସ୍ୟମାନେ ରବିବାର କେନ୍ଦ୍ର ସରକାରଙ୍କୁ ଏପରି ଚେତାବନୀ ଦେଇଛନ୍ତି।

ହରିୟାଣା, ରାଜସ୍ଥାନ ଓ ପଶ୍ଚିମ ଉତ୍ତରପ୍ରଦେଶର ପ୍ରାୟ ୨୫୦ ଖାପ୍ ପଞ୍ଚାୟତ ଏବଂ କୃଷକ ସଙ୍ଗଠନ ପ୍ରତିନିଧି ବିକ୍ଷୋଭରତ କୁସ୍ତିଯୋଦ୍ଧାଙ୍କ ସହ ରବିବାର ସାମିଲ ହୋଇଥିଲେ। ସେମାନେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କେନ୍ଦ୍ରକୁ ୧୦ ଦିନ ମହଲତ ଦେଇଛନ୍ତି। ୧୦ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ସେମାନେ ପୁଣି ଏକାଠି ହୋଇ ବୈଠକ କରିବେ। ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଦିଲ୍ଲୀର ପାଲମ୍ ଖାପ୍ ପଞ୍ଚାୟତ ଅଧ୍ୟକ୍ଷ ସୁରେନ୍ଦ୍ର ସୋଲାଙ୍କି କହିଛନ୍ତି। ପ୍ରତିଦିନ ଗୋଟିଏ ଲେଖାଏ ଖାପ୍ ପଞ୍ଚାୟତ ଓ ଏହାର ସଦସ୍ୟ ଯନ୍ତରମନ୍ତର ଧାରଣାରେ ସାମିଲ ହେବେ। କୁସ୍ତିଯୋଦ୍ଧାମାନେ ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ ଭବିଷ୍ୟତ କାର୍ଯ୍ୟସୂଚୀ ☞ପୃଷ୍ଠା–୨



ନୂଆଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭରତ କୁସ୍ତିଯୋଦ୍ଧାଙ୍କୁ ସମର୍ଥନ ପାଇଁ ଆସିଥିବା ୨୫୦ ଖାପ୍ ପଞ୍ଚାୟତ ଏବଂ କୃଷକ ସଙ୍ଗଠନ ପ୍ରତିନିଧି। **(ଫଟୋ–ଚମନ ଗୌତମ)**

# ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍: ଲକ୍ଷ୍ୟ ବହୁ ଦୂର

**ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ସହିତ ଶୃଙ୍ଖଳିତ ନାଗରିକ ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ୨୦୧୮ରେ କେନ୍ଦ୍ର ସରକାର ଦେଶବ୍ୟାପୀ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ (ଏସ୍‌ପିସି) ଯୋଜନା ଆରମ୍ଭ କରିଥିଲେ। ୪ବର୍ଷ ତଳେ ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟରେ ଏହି ଯୋଜନାର ଶୁଭାରମ୍ଭ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟର ୪୦ଟି ବିଦ୍ୟାଳୟରେ ଏହାକୁ ଲାଗୁ କରାଯାଇଥିଲା। ହେଲେ ଆଶ୍ଚର୍ଯ୍ୟର କଥା ଏଯାବତ୍ ଏହାକୁ ଆଗକୁ ନିଆଯାଇପାରୁ ନାହିଁ।**

- **୨୦୧୯ରେ ରାଜ୍ୟର ୪୦ ସ୍କୁଲରେ ହୋଇଥିଲା କାର୍ଯ୍ୟକାରୀ**
- **ଶୁଭାରମ୍ଭ ପରେ ଭୁଲିଗଲା ରାଜ୍ୟ ପୋଲିସ**



୨୦୧୯ ଜାନୁୟାରୀ ୨୪ରେ ଆରମ୍ଭ ହୋଇଥିବା ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର। **(ଫାଇଲ ଫଟୋ)**

**ସତ୍ୟଜିତ୍ ରାଉତ**

**ଭୁବନେଶ୍ୱର,୭।୫(ବ୍ୟୁରୋ)**

କେରଳରେ ୨୦୧୦ରେ ପ୍ରଥମେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ ଯୋଜନା ଆରମ୍ଭ ହୋଇଥିଲା। ଏହାର ସଫଳତା ଦେଖିବା ପରେ ଦେଶବ୍ୟାପୀ ଏହାକୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ୨୦୧୮ ଜୁଲାଇ ୨୧ରେ ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଏହି ଯୋଜନାକୁ ଜାତୀୟସ୍ତରରେ ଶୁଭାରମ୍ଭ କରିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର 'ପୋଲିସ ଅନୁସନ୍ଧାନ ଓ ବିକାଶ ବ୍ୟୁରୋ' ପକ୍ଷରୁ ଏଥିପାଇଁ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଓଡ଼ିଶାରେ ୨୦୧୯ ଜାନୁୟାରୀ ୨୪ରେ ରାଜ୍ୟ ପୋଲିସ ପକ୍ଷରୁ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲରେ ଏହି ଯୋଜନାକୁ ରାଜ୍ୟସ୍ତରୀୟ ଶୁଭାରମ୍ଭ କରାଯାଇଥିଲା। ତତ୍କାଳୀନ ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ତତ୍କାଳୀନ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଗୃହ ବିଭାଗ) ଅସିତ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ଟି ପର୍ଯ୍ୟାୟରେ ୩ କୋଟି ୬୨ ଲକ୍ଷ ୯୦ ହଜାର ଟଙ୍କା ରାଜ୍ୟ ପୋଲିସ ବିଭାଗକୁ ଦିଆଯାଇଛି। ଏହି ଅର୍ଥରୁ ୧ କୋଟି ୮୪ ଲକ୍ଷ ୫୦ ହଜାର ଟଙ୍କା ଯୋଜନା ପାଇଁ ଖର୍ଚ୍ଚ କରାଯାଇଥିବା ତଥ୍ୟ ରଖାଯାଇଥିବାବେଳେ ବାକି ଟଙ୍କା ଖର୍ଚ୍ଚ ନେଇ କୌଣସି ତଥ୍ୟ ଦିଆଯାଇ ନାହିଁ। ଅନ୍ୟ ରାଜ୍ୟଗୁଡ଼ିକରେ ଏହା ଚାଲୁଥିବାବେଳେ ଓଡ଼ିଶାରେ କାହିଁକି ଆଗକୁ ବଢ଼ିପାରୁ ନାହିଁ ସେନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ଏହି ଯୋଜନା ୨ବର୍ଷିଆ କାର୍ଯ୍ୟକ୍ରମ ହୋଇଥିବାବେଳେ ପ୍ରତି ସ୍କୁଲର କେବଳ ଅଷ୍ଟମ ଓ ନବମ ଶ୍ରେଣୀର ୪୪ଜଣ ପିଲା ଏଥିରେ ଭାଗ ନେଇପାରିବେ। ଶିକ୍ଷକଙ୍କ ସହାୟତାରେ ପୋଲିସ ☞ପୃଷ୍ଠା–୨

### 'ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ' ଯୋଜନା କ'ଣ

ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ (ଏସ୍‌ପିସି) ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଅଧୀନ ଏକ ଯୋଜନା। ଏଥିରେ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଭୁକ୍ତ କରାଯାଇଥାଏ। ଏହି ପାଠ୍ୟକ୍ରମରେ ନିୟମକୁ ସମ୍ମାନ ଦେବା, ଶୃଙ୍ଖଳିତ ହେବା ଏବଂ ସମାଜର ପଛୁଆବର୍ଗଙ୍କ ପାଇଁ ନାଗରିକ ଚେତନା ଏବଂ ସହାନୁଭୂତି ବିକାଶ ପାଇଁ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥାଏ। ଏଥିସହ ଏହି ଯୋଜନା ଛାତ୍ରୀଛାତ୍ରଙ୍କ ପରିବାର, ସମ୍ପ୍ରଦାୟ ଏବଂ ସମାଜ ପ୍ରତି ପ୍ରତିବଦ୍ଧତାକୁ ମଧ୍ୟ ଦୃଢ଼ କରିଥାଏ। ଯାହା ସେମାନଙ୍କୁ ମାଦକ ଦ୍ରବ୍ୟର ଅପବ୍ୟବହାର, ବିଭ୍ରାନ୍ତିକର ଆଚରଣ, ଅସହିଷ୍ଣୁତା ଏବଂ ସାମାଜିକ ବ୍ୟାଧି ଭଳି ନକାରାତ୍ମକ ପ୍ରବୃତ୍ତିକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ଏହି ବ୍ୟବସ୍ଥାର ପ୍ରଶିକ୍ଷଣ ଦ୍ୱାରା ଯୁବପିଢ଼ିଙ୍କ ସାମର୍ଥ୍ୟକୁ ବିକଶିତ କରିବା ଏବଂ ସେମାନଙ୍କୁ ସମାଜ ପାଇଁ ସୁନାଗରିକ ଭାବେ ଗଢ଼ି ତୋଳିବାର ଲକ୍ଷ୍ୟ ରଖାଯାଇଛି। ଏହା ୨ବର୍ଷିଆ ପାଠ୍ୟକ୍ରମ ହୋଇଥିବାବେଳେ ପିଲାମାନଙ୍କୁ ପୋଲିସ ପୋଷାକ, କ୍ୟାପ୍ ଓ ଏସ୍‌ପିସି ବ୍ୟାଚ୍ ଆଦି ପିନ୍ଧାଯାଇଥାଏ। ଏଥିସହ ଫିଲ୍ଡ ଭିଜିଟ୍, ପ୍ରାକ୍ଟିକାଲ ଟ୍ରେନିଂ ଓ କ୍ୟାମ୍ପ କରାଯାଇ ମଧ୍ୟ ସେମାନଙ୍କୁ ସୁନାଗରିକ ହେବା ଉଦ୍ଦେଶ୍ୟରେ ଦକ୍ଷ କରାଯାଇଥାଏ। ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରତି ରାଜ୍ୟର ୫ ଜଣ ପୋଲିସ କର୍ମଚାରୀଙ୍କୁ ମାଷ୍ଟର ଟ୍ରେନର୍ ଭାବେ ପ୍ରଶିକ୍ଷଣ ଦିଆଯାଇଥାଏ।

# ମେ' ତୃତୀୟ ସପ୍ତାହରେ ମାଟ୍ରିକ୍, ଶେଷସୁଦ୍ଧା ଯୁକ୍ତ୨ ପରୀକ୍ଷାଫଳ

**ଭୁବନେଶ୍ୱର,୭।୫(ବ୍ୟୁରୋ)**

ମେ' ତୃତୀୟ ସପ୍ତାହରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବ। ଏଥିସହ ମେ' ଶେଷ ସପ୍ତାହରେ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇପାରେ। ଏନେଇ ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ମାଟ୍ରିକ୍ ଓ ଯୁକ୍ତ ୨ ପରୀକ୍ଷା ଫଳ ବାହାରିବା ନେଇ ତାରିଖ ଧାର୍ଯ୍ୟ ହୋଇନାହିଁ। ଖୁବ୍‌ଶୀଘ୍ର ଏହି ତାରିଖ ଘୋଷଣା କରାଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ଚଳିତ ବର୍ଷ ରାଜ୍ୟରେ ୫ ଲକ୍ଷ ୩୨ ହଜାର ୭୪୬ ଜଣ ଛାତ୍ରୀଛାତ୍ର ଦଶମ ସମ୍ମେଟିଭ୍–୨ ବା ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ମୋଟ୍ ୩ ହଜାର ୨୧୮ କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ବୋର୍ଡ ପକ୍ଷରୁ ୩୧୬ଟି ନୋଡାଲ ସେଣ୍ଟର କରାଯାଇଥିଲା। ତେବେ ପରୀକ୍ଷାରେ ବିଭିନ୍ନ ବିଷୟରେ ୧୬,୩୭୦ରୁ ୧୬,୬୭୯ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ।

# ନିଟ୍ ପରୀକ୍ଷା ଦେଲେ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

**ଭୁବନେଶ୍ୱର,୭।୫(ବ୍ୟୁରୋ)**

ମେଡିକାଲରେ ନାମଲେଖା ପାଇଁ ସୋମବାର ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା 'ନିଟ୍' ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୧୮ ଲକ୍ଷ ୭୨ ହଜାର ୩୪୧ ପରୀକ୍ଷାର୍ଥୀ ଏହି ପରୀକ୍ଷା ଲାଗି ନାମ ପଞ୍ଜୀକରଣ କରିଥିଲେ। ଓଡ଼ିଶାର ୨୭ ସହରରେ ଏହି ପରୀକ୍ଷା ଅପରାହ୍ନ ୨ଟାରୁ ୫ଟା ୨୦ ମିନିଟ୍ ଯାଏ ଚାଲିଥିଲା। ଏଥିଲାଗି ଭୁବନେଶ୍ୱରରେ ୩୧ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ସେହିପରି ଦେଶର ୪୯୯ ସହର ଓ ବିଦେଶର ୧୪ଟି ସହରରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

# କରୋନା ନେଲା ଆଉଏକ ଜୀବନ

**ଭୁବନେଶ୍ୱର, ୭।୫ (ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଗତ କିଛିଦିନ ତଳେ ଦୈନିକ ସଂକ୍ରମଣ ୫ଶହ ପାର୍ କରିଥିବାବେଳେ ଏବେ ତାହା ନିୟନ୍ତ୍ରଣାଧୀନ ରହିଛି। ସୂଚନା ଅନୁଯାୟୀ, ଶନିବାର ରାଜ୍ୟରୁ ଆଉ ୧୮୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ ଗତ ୨୪ ଘଣ୍ଟାରେ ଆଉଜଣେ ସଂକ୍ରମିତଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମୃତକ ହେଲେ ସୁନ୍ଦରଗଡ ଜିଲାର ୯୨ ବର୍ଷୀୟା ମହିଳା। କରୋନା ବ୍ୟତୀତ ସେ ଅଲ୍‌ଜାଇମର୍ସ ଏବଂ ଫ୍ରାକ୍ଚର ଏନ୍‌ଓଏଫ୍ ରୋଗରେ ପୀଡିତ ଥିଲେ। ଅପରପକ୍ଷେ ନୂତନ ସଂକ୍ରମିତଙ୍କୁ ମିଶାଇ ଏବେ ରାଜ୍ୟରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୩୭୨୮କୁ ବୃଦ୍ଧି ପାଇଛି। ସେହିପରି ଦିନକରେ ୫୦୭ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ସୂଚନା ଦିଆଯାଇଛି।

**ଆଜିର ସମ୍ପାଦକୀୟ** — ମଣିପୁର ନିଆଁ

### ଝାରସୁଗୁଡ଼ା ଉପନିର୍ବାଚନ



**ସୁଯୋଗ ମିଳିଲେ ଦକ୍ଷତାର ସହ ସେବା କରିବେ ଦୀପାଳି: ମୁଖ୍ୟମନ୍ତ୍ରୀ**

**ମୁଖ୍ୟମନ୍ତ୍ରୀଙ୍କ ହାତରେ ଶାସନ ବ୍ୟବସ୍ଥା ନାହିଁ: ଧର୍ମେନ୍ଦ୍ର**



ରିପୋର୍ଟ: ପୃଷ୍ଠା–୩

# ଏସ୍‌ଟିଏଫ୍ ଜାଲରେ ଉଚ୍ଚଶିକ୍ଷିତ ଠକ

## ଅଭିଯୁକ୍ତ ମନୋଜ ଗିରଫ, ରିମାଣ୍ଡରେ ଆସିବେ

- **ଚାକିରି ଆଶାୟୀ, କଣ୍ଟ୍ରାକ୍ଟର, ସରକାରୀ ଅଧିକାରୀଙ୍କୁ ଠକୁଥିଲେ**

**ଭୁବନେଶ୍ୱର,୭।୫(ବ୍ୟୁରୋ)**



ମନୋଜ କୁମାର ମାଝୀ

କେତେବେଳେ ଚାକିରି ଦେବାକୁ କହି ଫସାଉଥିଲେ ତ ଆଉ କେତେବେଳେ ଭିଜିଲାନ୍ସ ଅଧିକାରୀ ପରିଚୟରେ ବ୍ଲାକ୍‌ମେଲ କରି ଟଙ୍କା ଲୁଟୁଥିଲେ। ଏକାଧିକ ଚାକିରି ଆଶାୟୀ, ସରକାରୀ ଅଧିକାରୀ ଓ କଣ୍ଟ୍ରାକ୍ଟରଙ୍କୁ ଠକେଇ କରିଥିବା ଜଣେ ଉଚ୍ଚଶିକ୍ଷିତ ଠକଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗିରଫ କରିଛି। ସେ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଫୁଲବାରୀ ଗ୍ରାମର ମନୋଜ କୁମାର ମାଝୀ। ଶନିବାର ବିଳମ୍ବିତ ରାତିରେ ଏସ୍‌ଟିଏଫ୍ ଟିମ୍ ମନୋଜଙ୍କ ଘରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ଏଥିସହ ତାଙ୍କ ଘରୁ ବହୁ ଜାଲ କାଗଜପତ୍ର, ୩ଟି ନକଲି ସେକ୍ସନ ଅଫିସର ଆଇକାର୍ଡ ଜବତ ହୋଇଛି। ମନୋଜଙ୍କୁ ରବିବାର ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ନିକଟରେ ମନୋଜ ନିଜକୁ ଭିଜିଲାନ୍ସ ଏସ୍‌ପି ପରିଚୟ ଦେଇ ପୂର୍ତ୍ତ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅଜିତ ପ୍ରସାଦ ମହାପାତ୍ରଙ୍କୁ ଫସାଇବାକୁ ଚେଷ୍ଟା କରିଥିଲେ। ଏଥିସହ ତାଙ୍କୁ ୧ କୋଟି ଟଙ୍କା ଦେବାକୁ ଦାବି କରିଥିଲେ। ଟଙ୍କା ନ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଦେଇଥିଲେ। ଅଜିତ ଏନେଇ ଏସ୍‌ଟିଏଫ୍ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଏସ୍‌ଟିଏଫ୍ ଏକ ମାମଲା (ନଂ.୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ମନୋଜ ଧରାପଡ଼ିବା ପରେ ☞ପୃଷ୍ଠା–୨

# ୧୯୮୮ ପରଠୁ ପଦ ହରାଇଲେଣି ୪୨ ଏମ୍‌ପି

**ଲୋକ ସଭାରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସଦ୍ୟ ଅଯୋଗ୍ୟତା ଜନ ପ୍ରତିନିଧି ଆଇନର ନିୟମ ଉପରେ ବିତର୍କ ସୃଷ୍ଟି କରିଛି, ଯାହା ବଳରେ ୧୯୮୮ ମସିହାରୁ ଅଦ୍ୟାବଧି ୪୨ ଏମ୍‌ପି ନିଜ ପଦ ହରାଇଲେଣି। ୨୦୦୪ ମେ' ୧୭ରୁ ୨୦୦୯ ମେ' ୧୮ ପର୍ଯ୍ୟନ୍ତ ଚତୁର୍ଦ୍ଦଶ ଲୋକ ସଭା ଚାଲିଥିବାବେଳେ 'ପ୍ରଶ୍ନ ପାଇଁ ଟଙ୍କା' ଦୁର୍ନୀତି ଏବଂ କ୍ରସ୍‌ଭୋଟିଂରେ ଜଡ଼ିତ ସର୍ବାଧିକ ୧୯ ଆଇନପ୍ରଣେତା ନିଜ ସଦସ୍ୟତା ହରାଇଥିଲେ।**

## ଚତୁର୍ଦ୍ଦଶ ଲୋକ ସଭାରେ ସର୍ବାଧିକ ୧୯

**ନୂଆଦିଲ୍ଲୀ,୭।୫**

ଲୋକ ସଭାରୁ ସଦସ୍ୟମାନଙ୍କୁ ରାଜନୈତିକ ଆନୁଗତ୍ୟ ପରିବର୍ତ୍ତନ, ଅଶୋଭନୀୟ ଆଚରଣ ପ୍ରଦର୍ଶନ, କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇ ଅନ୍ୟୂନ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇବା ଭଳି ବିଭିନ୍ନ କାରଣରୁ ଅଯୋଗ୍ୟ ଘୋଷଣା କରାଯାଇଥାଏ। ଅଯୋଗ୍ୟତାର ସଦ୍ୟତମ ପର୍ଯ୍ୟାୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ମହମ୍ମଦ ଫୈଜାଲ ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ନେତା ଅଫ୍‌ଜଲ ଅନ୍‌ସାରୀ ଅନ୍ତର୍ଭୁକ୍ତ। ଜଣେ ଏମ୍‌ପି କିମ୍ବା ବିଧାୟକ କୌଣସି ଆପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୨ କିମ୍ବା ତଦୂର୍ଦ୍ଧ୍ୱ ବର୍ଷ ଜେଲ ଦଣ୍ଡାଦେଶ ପାଇଲେ ଲୋକ ପ୍ରତିନିଧି ଆଇନ, ୧୯୫୧ ଧାରା ୮(୩) ଅନୁସାରେ ତାଙ୍କ ସଦସ୍ୟତା ସ୍ୱତଃ ରଦ୍ଦ ହୋଇଥାଏ।



ଲାକ୍ଷାଦ୍ୱୀପରୁ ପ୍ରତିନିଧିତ୍ୱ କରୁଥିବା ମହମ୍ମଦ ଫୈଜଲ ୨୦୧୯ ଲୋକ ସଭା ନିର୍ବାଚନ ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି.ଏମ୍. ସୟିଦଙ୍କ ଜ୍ୱାଇଁ ମହମ୍ମଦ ସାଲିହଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ କେରଳର କଭରତ୍ତି ସେସନ୍ସ କୋର୍ଟରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। କୋର୍ଟ ଫୈଜଲଙ୍କୁ ୧୦ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ଏବଂ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଥିଲେ। ଗତ ଜାନୁୟାରୀ ୧୩ରେ ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଫୈଜଲଙ୍କ ଦଣ୍ଡାଦେଶ ଉପରେ କେରଳ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିବା ପରେ ତାଙ୍କ ସଦସ୍ୟତା ନିଲମ୍ବନକୁ ପ୍ରତ୍ୟାହାର ପାଇଁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାର୍ଚ୍ଚ ୨୯ରେ ଜଷ୍ଟିସ୍ କେ.ଏମ୍. ଖାନ୍‌ୱିଲକର ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ ଫୈଜଲଙ୍କ ଆବେଦନକୁ ଗ୍ରହଣ କରିବା ପରେ ତାଙ୍କୁ ଲୋକ ସଭାରେ ପୁନଃ ଅବସ୍ଥାପିତ କରାଯାଇଛି।

ଏହା ପୂର୍ବରୁ 'ସବୁ ମୋଦି ଚୋର' ମନ୍ତବ୍ୟ ମାମଲାରେ ଗୁଜରାଟର ସୁରଟ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇଥିବା କଂଗ୍ରେସ ନେତା ରାହୁଲଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଛି। ୨୦୧୯ ଏପ୍ରିଲ ୧୩ରେ କର୍ନାଟକର କୋଲାରଠାରେ ନିର୍ବାଚନ ପ୍ରଚାର ବେଳେ ରାହୁଲ ଏକ ସଭାକୁ ସମ୍ବୋଧିତ କରି ☞ପୃଷ୍ଠା–୨

**ଆଜିର ମନ୍ତବ୍ୟ**

“ଭାଜପା ଶାସିତ କର୍ନାଟକରେ ଦୁର୍ନୀତି, ଲୁଟ୍, ଦରବୃଦ୍ଧି ଓ ବେରୋଜଗାରି ହେଉଛି ପ୍ରକୃତ ‘ଆତଙ୍କବାଦ’। ଏହି ଦଳ କ୍ଷମତାରେ ଥାଇ ଲୋକଙ୍କ ସମସ୍ୟା ଦୂର କରିବାରେ ବିଫଳ ହୋଇଛି। **-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୂଅକୁ ଝର**
**ଦୁଧକୁ ସର।**

ଝରୁଥିବା କୂଅ ଭଲ। କାରଣ କୂଅରେ ଝର ପଡ଼ିଥିଲେ ତାହା ଖରାଦିନେ ଶୁଖିଯିବାର ଭୟ ବା ଆଶଙ୍କା ରହି ନ ଥାଏ। ଠିକ୍ ସେହିପରି ସର ପଡୁଥିବା ଦୁଧ ବା କ୍ଷୀର ଭଲ। କାରଣ ମୋଟା ସର ପଡୁଥିଲେ କ୍ଷୀର ଖାଣ୍ଟି ବା ଶୁଦ୍ଧ ହୋଇଥିବା ଜଣାଯାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**କାଉଁରିଆ କାଠି,**
**ଭାଙ୍ଗିବ ପଛେ ନଇଁବ ନାହିଁ।**

ଅନମନୀୟତା ଗୁଣ। କିଛି ବ୍ୟକ୍ତି ଭାରି ଜିଦଖୋର ପ୍ରକୃତିର ହୋଇଥାନ୍ତି। ଯାହା ବୁଝିଥିବେ ସେଇଆ। ନିଜ କଥାରେ ଅଟଳ ରହୁଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୩ବର୍ଷ ପାଇଁ ‘ଅତିବଡ଼ୀ ପୁରସ୍କାର’ ଘୋଷଣା

ଭୁବନେଶ୍ୱର,୭।୫(ବ୍ୟୁରୋ)

ବହୁ ପ୍ରତୀକ୍ଷିତ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ ‘ଅତିବଡ଼ୀ ପୁରସ୍କାର’ ରବିବାର ଘୋଷଣା କରାଯାଇଛି। ଏହି ସମ୍ମାନ ୩ବର୍ଷ ଲାଗି ପ୍ରଦାନ କରାଯିବ। ୨୦୨୧ବର୍ଷ ପାଇଁ ପଦ୍ମଭୂଷଣ ପ୍ରତିଭା ରାୟ, ୨୦୨୨ବର୍ଷ ପାଇଁ ପଦ୍ମଭୂଷଣ ସୀତାକାନ୍ତ ମହାପାତ୍ର ଓ ୨୦୨୩ବର୍ଷ ପାଇଁ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତାଙ୍କୁ ‘ଅତିବଡ଼ୀ ପୁରସ୍କାର’ ମିଳିବ। ସେହିଭଳି ୩ବର୍ଷ ପାଇଁ ୪୫ଜଣ ବରିଷ୍ଠ ସାହିତ୍ୟ ସାଧକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯିବା ନେଇ ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

**ଆଜି ପ୍ରଦାନ କରାଯିବ**


ପ୍ରତିଭା ରାୟ


ସୀତାକାନ୍ତ ମହାପାତ୍ର


ଶ୍ରୀନିବାସ ଉଦ୍‌ଗାତା

# ଆଜି ସ୍ପଷ୍ଟ ହେବ ବାତ୍ୟା ସ୍ଥିତି | ମଙ୍ଗଳବାର ଅବପାତର ରୂପ ନେବ ଘୂର୍ଣ୍ଣିବଳୟ

ଭୁବନେଶ୍ୱର,୭।୫(ବ୍ୟୁରୋ)

- ୧୨୦ କି.ମି. ବେଗରେ ପବନ, ମତ୍ସ୍ୟଜୀବୀଙ୍କୁ ସତର୍କ କଲା ପାଣିପାଗ ବିଭାଗ
- ରାଜ୍ୟରେ ପୁଣି ବଢ଼ିଲା ତାପମାତ୍ରା
- ୪୨.୭ ଡିଗ୍ରୀ ସହ ଅନୁଗୋଳ ସବୁଠୁ ଉତ୍ତପ୍ତ

ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଓ ଆଖପାଖ ଅଞ୍ଚଳରେ ଶନିବାର ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ବାୟୁମଣ୍ଡଳର ମଧ୍ୟଭାଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଧୀରେ ଧୀରେ ଘନୀଭୂତ ହେବାରେ ଲାଗିଛି। ଏହା ସୋମବାର ସକାଳେ ଲଘୁଚାପରେ ପରିଣତ ହେବ। ୯ ତାରିଖ ମଙ୍ଗଳବାର ଦିନ ଏହା ଅବପାତ ରୂପ ନେବା ସହ କେନ୍ଦ୍ରୀୟ ବଙ୍ଗୋପସାଗର ଆଡ଼କୁ ଉତ୍ତର ଦିଗରେ ଗତି କରିବ। ପରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହା ଅଧିକ ଘନୀଭୂତ ହେବା ସହ ବାତ୍ୟା ରୂପ ନେଇପାରେ ବୋଲି ରବିବାର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀଙ୍କ ସୂଚନାନୁସାରେ, ଅବପାତ ବାତ୍ୟାର ରୂପ ନେବା ପରେ ଉତ୍ତର ଦିଗରେ ଗତି କରିବ। ତେବେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ବାତ୍ୟାର ଗତିପଥ ଓ ତୀବ୍ରତା ନେଇ ସବିଶେଷ ତଥ୍ୟ ଭାରତୀୟ ପାଣିପାଗ ସଂସ୍ଥାନ (ଆଇଏମଡି) ପକ୍ଷରୁ ଜାରି କରାଯିବ। ତେବେ ସୃଷ୍ଟି ହୋଇଥିବା ସିଷ୍ଟମ ଉପରେ ଆଇଏମ୍‌ଡି ନିୟମିତ ନଜର ରଖିଥିବା ସେ କହିଛନ୍ତି। ସେହିପରି ସମ୍ଭାବ୍ୟ ବାତ୍ୟାକୁ ନେଇ ମତ୍ସ୍ୟଜୀବୀଙ୍କ ଲାଗି ସତର୍କ ସୂଚନା ଜାରି କରିଛି ଆଇଏମ୍‌ଡି। ଦକ୍ଷିଣପୂର୍ବ ବଙ୍ଗୋପସାଗର, ଆଣ୍ଡାମାନ ଦୀପପୁଞ୍ଜ ଓ ଆଣ୍ଡାମାନ ସାଗର ଅଞ୍ଚଳରେ ସମୁଦ୍ର ଆଶାନ୍ତ ରହିବ। ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ସମୁଦ୍ର ଭିତରେ ଘଣ୍ଟା ପ୍ରତି ପବନର ବେଗ ସର୍ବାଧିକ ୮୦ କିମି ଯାଏ ରହିବା ସମ୍ଭାବନା ରହିଛି। ସେହିପରି ୧୦ ଓ ୧୧ ତାରିଖ ବେଳକୁ ସମୁଦ୍ର ଆହୁରି ଆଶାନ୍ତ ହୋଇପାରେ। ପବନର ବେଗ କେନ୍ଦ୍ରୀୟ ବଙ୍ଗୋପସାଗରରେ ୧୦୦ରୁ ୧୨୦ କିମି ବେଗରେ ହେବା ନେଇ ଆଇଏମ୍‌ଡି ଆକଳନ କରିଛି। ତେଣୁ ମତ୍ସ୍ୟଜୀବୀଙ୍କୁ ଗଭୀର ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଅନ୍ୟପଟେ ସମ୍ଭାବ୍ୟ ବାତ୍ୟାକୁ ନେଇ ବିଶେଷକରି ଉପକୂଳ ଜିଲାର ଚାଷୀ ଭୟଭୀତ ହୋଇ ପଡିଛନ୍ତି। ସେମାନଙ୍କୁ ପରିବା ଓ ଖରାଟିଆ ଫସଲ ନଷ୍ଟ ହେବାର ଭୟ ଘାରିଛି। ପୁରୁଣା ବାତ୍ୟାକୁ ମନେ ପକାଇ ଦୁଇତିନି ଦିନ ହେଲା ଅଧା ପାଚିଲା ଧାନକୁ କାଟି ନେଉଥିବା ନଜରକୁ ଆସିଛି।

ସେପଟେ ରାଜ୍ୟକୁ ତାତି ଫେରିଛି। ରାଜ୍ୟର ୮ ସହରରେ ରବିବାର ପାରଦ ୪୦ ଡିଗ୍ରୀ ପାର କରିଛି। ଅନୁଗୋଳରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧.୭ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ବୌଦ୍ଧରେ ୪୧.୫ ଡିଗ୍ରୀ, ତାଳଚେର ୪୧ ଡିଗ୍ରୀ, ଝାରସୁଗୁଡା ୪୦.୮ ଡିଗ୍ରୀ, ସମ୍ବଲପୁର ୪୦.୩ ଡିଗ୍ରୀ, ରାଉରକେଲା ଏବଂ ବଲାଙ୍ଗୀର ୪୦ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ୫ଦିନ ଧରି ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇଛି। ସୋମବାରଠାରୁ ରାଜ୍ୟରେ ପାଗ ଶୁଖିଲା ରହିବ। ଟାଣ ଖରା ସାଙ୍ଗକୁ ତାପମାତ୍ରା ୫ ଡିଗ୍ରୀ ଯାଏ ପର୍ଯ୍ୟାୟକ୍ରମେ ବୃଦ୍ଧି ପାଇବ। ସେହିପରି ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାରେ କେତେକ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛି।

# ବୃଦ୍ଧାଙ୍କୁ ଗଣବଳାତ୍କାର

ଢେଙ୍କିକୋଟ,୭।୫(ଡି.ଏନ୍.ଏ.)

**ମାମଲା ରୁଜୁ, ଅଭିଯୁକ୍ତ ଫେରାର**

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଭଗାମୁଣ୍ଡା ସାପ୍ତାହିକ ହାଟରୁ ଫେରୁଥିବା ଜଣେ ୬୦ ବର୍ଷୀୟା ଆଦିବାସୀ ବୃଦ୍ଧାଙ୍କୁ ଗଣବଳାତ୍କାର ହୋଇଛି। ଏ ନେଇ ହରିଚନ୍ଦନପୁର ଥାନାରେ ବୃଦ୍ଧା ଜଣଙ୍କ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ମୁତାବକ, ଗତ ବୁଧବାର ଭଗାମୁଣ୍ଡା ହାଟକୁ ଉକ୍ତ ଥାନା ଅଞ୍ଚଳର ଜନୈକା ଆଦିବାସୀ ବୃଦ୍ଧା ଯାଇଥିଲେ। ଫେରିବା ସମୟରେ ନିଛାଟିଆ ଜଙ୍ଗଲ ମଝିରେ ଥକା ନେଇଥିଲେ। ସେ ସମୟରେ ସ୍ଥାନୀୟ ଅଞ୍ଚଳର ଉତ୍ତମ ଲୋହାର(୩୦) ଓ ମଙ୍ଗଳା ସୋରେନ(୩୨) ବୃଦ୍ଧାଙ୍କ ନିକଟରେ ପହଞ୍ଚି ତାଙ୍କୁ ଜଙ୍ଗଲକୁ ଟେକିନେଇ ବଳାତ୍କାର କରିଥିଲେ। ପରେ ତାଙ୍କୁ ଧମକ ଦେଇ ସେଠାରେ ଛାଡ଼ି ଚାଲିଯାଇଥିଲେ। ବୃଦ୍ଧା କାନ୍ଦି କାନ୍ଦି ଆସି ଘରେ ପହଞ୍ଚି ସବୁକଥା କହିଥିଲେ। ପରିବାର ଲୋକେ ଅଭିଯୁକ୍ତଙ୍କ ଘରେ ଜଣାଇବା ସହ ଗ୍ରାମରେ ଜଣାଇ ନ୍ୟାୟ ଭିକ୍ଷା କରିଥିଲେ। ମାତ୍ର ଅଭିଯୁକ୍ତମାନେ ଫେରାର ହୋଇଯିବାରୁ ଶନିବାର ବୃଦ୍ଧା ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ହରିଚନ୍ଦନପୁର ଥାନା ଅଧିକାରୀ ଓ ଏସ୍‌ଡିପିଓ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏ ନେଇ ଥାନାରେ ମାମଲା(ନଂ.୬୨/୨୩) ରୁଜୁ ହୋଇଛି। ପରେ ବୃଦ୍ଧାଙ୍କ ଡାକ୍ତରୀମାଇନା କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଫୁଲ୍ଲ କୁମାର ବାର୍ଲା କହିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ପ୍ରକାଶ କରିଛନ୍ତି।

# ଆଜିଠୁ ୪୭ କେନ୍ଦ୍ରରେ ଓଜେଇଇ

ଭୁବନେଶ୍ୱର,୭।୫(ବ୍ୟୁରୋ)

ସୋମବାରଠାରୁ ଓଡ଼ିଶା ଯୁଗ୍ମ ପ୍ରବେଶିକା(ଓଜେଇଇ) ପରୀକ୍ଷା ଆରମ୍ଭ ହେଉଛି। ୨୩ ପାଠ୍ୟକ୍ରମରେ ମୋଟ ୫୫,୯୭୯ଜଣ ପରୀକ୍ଷାର୍ଥୀ ପରୀକ୍ଷାଦେବାକୁ ନାମ ପଞ୍ଜୀକରଣ କରିଛନ୍ତି। ଏଥିପାଇଁ ରାଜ୍ୟରେ ୩୦ ସ୍ଥାନରେ ୪୪ ପରୀକ୍ଷା ସେଣ୍ଟର କରାଯାଇଥିବାବେଳେ ରାଜ୍ୟ ବାହାରେ ୩ଟି ସ୍ଥାନରେ ୩ଟି ସେଣ୍ଟରରେ ଓଜେଇଇ ଅନୁଷ୍ଠିତ ହେବ। କେବଳ ୧୦ ତାରିଖକୁ ବାଦ୍ ଦେଲେ ୧୫ ତାରିଖ ଯାଏ ପ୍ରତିଦିନ ଦୈନିକ ୩ଟି ପର୍ଯ୍ୟାୟରେ ସିବିଟି ମାଧ୍ୟମରେ ପରୀକ୍ଷା ହେବ। ପରୀକ୍ଷା ଅବଧି ଦୁଇଘଣ୍ଟାର ରହିବ। ସକାଳ ୯ରୁ ୧୧ ପ୍ରଥମ ପର୍ଯ୍ୟାୟ, ଦିନ ୧୨ଟା ୩୦ରୁ ୨ଟା ୩୦ ଦ୍ୱିତୀୟ ପର୍ଯ୍ୟାୟ, ଓ ସାଢ଼େ ୪ରୁ ସାଢ଼େ ୬ ତୃତୀୟ ପର୍ଯ୍ୟାୟ ରହିବ। ପ୍ରଥମ ଦିନରେ ଲାଟେରାଲ ଡିପ୍ଲୋମା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ, ୨ୟ ଦିନ ଏମ୍‌ସିଏ, ଏମ୍‌ଟେକ ଏଣ୍ଟ୍ରାନ୍ସ ଅନୁଷ୍ଠିତ ହେବ। ପର୍ଯ୍ୟାୟ କ୍ରମେ ଅନ୍ୟାନ୍ୟ ବର୍ଗରେ ନାମଲେଖା ପାଇଁ ପ୍ରବେଶିକା ଅନୁଷ୍ଠିତ ହେବ।

# ମଣିପୁରରେ ପଢୁଥିବା ୧୦ ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ଆଣିଲେ ସରକାର

**ହକି ଜର୍ସି ଦେଇ ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୭।୫(ବ୍ୟୁରୋ)

ମଣିପୁରର କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟରେ ପଢୁଥିବା ୧୦ଜଣ ଓଡ଼ିଆ ଛାତ୍ରୀଛାତ୍ର ରବିବାର ସୁରକ୍ଷିତ ଭାବେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ମୋ ପରିବାର ପକ୍ଷରୁ ଜାତିଗତ ହିଂସାରେ କ୍ଷତିଗ୍ରସ୍ତ ମଣିପୁରରେ ପାଠ ପଢୁଥିବା ଓଡ଼ିଆ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଶା ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା। ଶନିବାର ରାତିରେ ସେମାନଙ୍କୁ କୋଲକାତା ଅଣାଯାଇଥିଲା। ରବିବାର ପୂର୍ବାହ୍ନରେ ସେମାନେ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ବିମାନବନ୍ଦରରେ ଓଡ଼ିଶା ପରିବାର ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ସେମାନେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ସୁରକ୍ଷିତ ଭାବେ ସେମାନଙ୍କୁ ଭୁବନେଶ୍ୱର ଫେରାଇ ଆଣିଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ତାଙ୍କ ପାଠପଢ଼ା ବିଷୟରେ ପଚାରି ବୁଝିବା ସହିତ ଖୁବ୍‌ଶୀଘ୍ର ମଣିପୁରରେ ସ୍ୱାଭାବିକ ଅବସ୍ଥା ଫେରିଆସିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ପିଲାମାନଙ୍କୁ ହକି ଜର୍ସି ଦେଇ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି।



ଓଡ଼ିଶା ମୋ ପରିବାର ପକ୍ଷରୁ ମଣିପୁରରୁ ଉଦ୍ଧାର ହୋଇଥିବା ୧୦ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକି ଜର୍ସି ଦେଇ ସ୍ୱାଗତ କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ର ଓ ମଙ୍ଗଳ ଷଡ଼ାଷ୍ଟକ ସ୍ଥିତିରେ ଥିବାରୁ ଏକାଧାରରେ ଦୈହିକ ଓ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ରାଶିରେ ରାଜଯୋଗ ସୃଷ୍ଟି ହୋଇଥିବାରୁ କୃତ୍ତିକା ନକ୍ଷତ୍ର ଉଚ୍ଚଚିନ୍ତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ସାମିଲ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାମ ଫଳପ୍ରଦ ରହିବ।

**ବୃଷ**
ଧନ ସ୍ଥାନ ପ୍ରତି ଚନ୍ଦ୍ରଙ୍କ ପ୍ରତ୍ୟକ୍ଷଦୃଷ୍ଟି କାରଣରୁ ଅଭାବକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ପାଇଁ ଦିନଟି ଭଲ ରହିବ। ବନ୍ଧୁ ମିଳନ ସାଙ୍ଗକୁ କଳା, ସାହିତ୍ୟ, ପ୍ରବଚନ, ଆଧାତ୍ମିକ ସଭା ସମିତିରେ ସମ୍ମାନିତ ହେବେ।

**ମିଥୁନ**
ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେଇପାରନ୍ତି। କୌଣସି ବ୍ୟକ୍ତି ନିକଟରେ ବାକି ରହିଥିବା ଟଙ୍କା, ପଇସାକୁ କେନ୍ଦ୍ର କରି ଅନର୍ଥ ସୃଷ୍ଟି ହୋଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ। ରବି ଏକାଦଶ ଭାବରେ ଥିବାରୁ ଆତ୍ମୀୟଙ୍କ ସୁନଜରରେ ଆସିବେ।

**କର୍କଟ**
କର୍ମଭାବରେ ରାଜଯୋଗ ହେତୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇବେ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି,ଏଣୁ ସତର୍କତାର ସହ କାମ କରିବା ଭଲ। ପାରିବାରିକ କ୍ଷେତ୍ରରେ ରହିଥିବା ଟେନସନ୍ କେତେକାଂଶରେ କମିଯିବ।

**ସିଂହ**
ଶନିଦୃଷ୍ଟ ଗ୍ରହସମୂହ ହେତୁ ବିଭିନ୍ନ ସମସ୍ୟା ଜାଲରେ ଛନ୍ଦିହୋଇ ମାନସିକ ସନ୍ତୁଳନ ହରାଇବେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହେବ। ରାଜନୀତି ତଥା ପ୍ରଶାସନିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟ,ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନାରେ ସଫଳତା ଅର୍ଜନ କରିବେ।

**କନ୍ୟା**
କର୍ମକ୍ଷେତ୍ରରେ କାମ ବିଳମ୍ବ ହେବାରୁ ବିରକ୍ତି ପ୍ରକାଶ କରିବେ। ଉତ୍ତରା ଫାଲଗୁନୀ ନକ୍ଷତ୍ର ସକାଶେ ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ କିଛି ବି କରିବେ ନାହିଁ। ଆଇନ ଅଦାଲତରୁ ସୁଫଳ ପାଇବେ। ଅର୍ଥ ଲାଭରୁ କିମ୍ବା କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସି ରହିବେ।

**ତୁଳା**
ପାପଗ୍ରହଯୁକ୍ତ ଗୁରୁ ଯୋଗୁ ଲୋକମାନଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳନା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଆନୁଷ୍ଠାନିକ, ମାଙ୍ଗଳିକ କିମ୍ବା ସଭାସମିତିରେ ଯୋଗ ଦେଇ ପ୍ରଶଂସିତ ହେବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ବିଛା**
ଦୋଷଯୁକ୍ତ କର୍ମାଧିପତି ହେତୁ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ। ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ପୂର୍ଣ୍ଣ ସମ୍ଭାବନା ରହିଛି।

**ଧନୁ**
ଶନିଦୃଷ୍ଟ ଚନ୍ଦ୍ର ହେତୁ ଅତୀତ ଘଟଣା ବିଷୟରେ ଚିନ୍ତା କରି ମନ ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ଚିନ୍ତା ବଢ଼ାଇପାରେ। ଗଠନମୂଳକ ପ୍ରେରଣା ଦେଇ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସମସ୍ୟା କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ।

**ମକର**
ଗୁରୁଚଣ୍ଡାଳ ଯୋଗଜନିତ ସକାଳୁ କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। କାମ ହାସଲରେ ପ୍ରତିବନ୍ଧକ ଆଶଙ୍କା ରହିଛି। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ଅସ୍ଥିରତା ସୃଷ୍ଟି କରିପାରନ୍ତି। କିନ୍ତୁ ଶ୍ରବଣା କୌଶଳ ପ୍ରୟୋଗ କରି ନିଜ ଲୋକମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ।

**କୁମ୍ଭ**
ପୂର୍ବ ଯୋଜନାନୁଯାୟୀ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂର ଯାତ୍ରା କରିବାକୁ ପଡ଼ିପାରେ। ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରିୟ କଥା କହି ଏହାକୁ ସୁଧାରି ନେବେ। ଶନିଙ୍କ ପ୍ରଭାବରେ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖା ଦେଇପାରେ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ହେତୁ ପ୍ରଶଂସିତ ହେବେ।

**ମୀନ**
କର୍ମାଧିପ ସ୍ୱଗୃହକୁ ଦେଖୁଥିବାରୁ ସାମାଜିକ ସ୍ତରରେ ଉନ୍ନତମାନର ଫଳ ପାଇ ଖୁସି ରହିବେ। ପୂର୍ବ ବିବାଦର ସମାଧାନ ହେବା ସାଙ୍ଗକୁ ଟେନସନ୍ ମଧ୍ୟ କମିଯିବ। କଠୋର ବାକ୍ୟାଳାପରୁ ନିବୃତ୍ତ ହୋଇ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ସାହିତ୍ୟ, ସଙ୍ଗୀତ, କଳା, ଆଲୋଚନା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ପ୍ରାପ୍ତି ଘଟିବ।

ଆଜି ଜ୍ୟେଷ୍ଠ କୃଷ୍ଣ ତୃତୀୟା ସୋମବାର, ମେ’ ୮ ତାରିଖ, ବିଶ୍ୱ ରେଡ୍‌କ୍ରସ ଦିବସ, ବିଶ୍ୱ ଥାଲାସିମିଆ ଦିବସ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୧୮ ଗତେ, ଘ.୦୬।୫୪ ମଧ୍ୟେ, ଘ.୧୦।୨୬ ଗତେ, ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୬।୫୪ ଗତେ, ଘ.୦୮।୩୦ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଷ୍ଟୁଡେଣ୍ଟ ପୋଲିସ ...

ଟିମ୍ ପକ୍ଷରୁ ପିଲାମାନଙ୍କୁ ସପ୍ତାହରେ ଦୁଇଥର ଇନ୍‌ଡୋର ଓ ଆଉଟ୍‌ଡୋର ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥା ଲାଗୁ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରାଜ୍ୟରେ ୭୬୫ଟି ସ୍କୁଲ ଚିହ୍ନଟ କରିଥିଲା। ପ୍ରଥମ ପର୍ଯ୍ୟାୟରେ ୪୦ଟି ସ୍କୁଲରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା। ଏହି ଯୋଜନାରେ ରାଜ୍ୟରେ ମୋଟ ୧ହଜାର ୬୫୨ ଜଣ ଛାତ୍ରୀଛାତ୍ର ପଞ୍ଜୀକୃତ ହୋଇଥିଲେ। କ୍ୟାପିଟାଲ ହାଇସ୍କୁଲର ଜଣେ କର୍ମଚାରୀଙ୍କ କହିବା ହେଲା, ଶୁଭାରମ୍ଭ ସମୟରେ ପିଲାମାନଙ୍କୁ ୟୁନିଫର୍ମ ଦିଆଯାଇଥିଲା। ଅତିଥିମାନେ ଛାତ୍ରୀଛାତ୍ରଙ୍କ ସହ ଫଟୋ ଉଠାଇବା ସହ ଗଣମାଧ୍ୟମ ଜରିଆରେ ଏହାକୁ ପ୍ରଚାର ପ୍ରସାର କରାଯାଇଥିଲା। ହେଲେ ଏହାପରଠାରୁ ଥରୁଟିଏ ବି ସ୍କୁଲକୁ ପୋଲିସ ଟିମ୍ ଆସି ପ୍ରଶିକ୍ଷଣ ଦେଇନାହାନ୍ତି। ଏପରିକି କଟକ କେନ୍ଦ୍ରୀୟ ବିଦ୍ୟାଳୟ, ବ୍ରହ୍ମପୁର କେନ୍ଦ୍ରୀୟ ବିଦ୍ୟାଳୟ, ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଆଦିରେ ମଧ୍ୟ ଏହି ଯୋଜନାର ସମାନ ସ୍ଥିତି ଥିବା ସୂଚନା ମିଳିଛି। ତେଣୁ ଏହି ଯୋଜନାକୁ ରାଜ୍ୟରେ ଶୁଭାରମ୍ଭ କରିବା କେବଳ ଲୋକ ଦେଖାଣିଆ ଥିଲା ବୋଲି ଚର୍ଚ୍ଚା ହେଉଛି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟସ୍ତରରେ ଏକ ମନିଟରିଂ କମିଟି ଥିବାବେଳେ ପ୍ରତ୍ୟେକ ଜିଲାରେ ଷ୍ଟିୟରିଂ କମିଟି ରହିଛି। ତେଣୁ ଏହି କମିଟି କ’ଣ କରୁଛି ବୋଲି ମଧ୍ୟ ପ୍ରଶ୍ନ ଉଠିଛି। କ୍ୟାପିଟାଲ ହାଇସ୍କୁଲର ସୋନିରାଣୀ ଦାଶ ନାମ୍ନୀ ଜଣେ ଛାତ୍ରୀ କହିଛନ୍ତି, ଏହା ଆମ ପାଇଁ ଏକ ଭଲ ଯୋଜନା ହୋଇଥିବାବେଳେ ଏହାକୁ ଶୁଭାରମ୍ଭ ପରେ ଆଉ କାର୍ଯ୍ୟକାରୀ କରାଯାଉନାହିଁ। ଯୋଜନା କାର୍ଯ୍ୟକାରୀ ହେଲେ ଅନେକ ଛାତ୍ରୀଛାତ୍ର ଏଥିରେ ଅନ୍ତର୍ଭୁକ୍ତ ହୋଇ ନିଜକୁ ସୁନାଗରିକ ଭାବେ ଗଢ଼ିପାରନ୍ତେ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟର ନୋଡାଲ ଅଫିସର ଦାୟିତ୍ୱରେ ଥିବା ପୋଲିସ ମୁଖ୍ୟାଳୟର ଏଆଇଜି ସୁରେଶ ଚନ୍ଦ୍ର ଜେନା କହିଛନ୍ତି, ଯୋଜନାକୁ ଆଗକୁ ନେବା ପାଇଁ ଜିଲା ପୋଲିସ ଏବଂ ଶୁଭାରମ୍ଭ ହୋଇଥିବା ସ୍କୁଲଗୁଡ଼ିକୁ ନିୟମିତ ବ୍ୟବଧାନରେ ଚିଠି ଲେଖାଯାଉଛି। ହେଲେ ଏ ଦିଗରେ ଜିଲା ଏସ୍‌ପି ଓ ସ୍କୁଲ କର୍ତ୍ତୃପକ୍ଷ କୌଣସି ତତ୍ପରତା ଦେଖାଉ ନାହାନ୍ତି ବୋଲି ସେ କହିଛନ୍ତି।

### ବ୍ରିଜ୍‌ଭୂଷଣଙ୍କୁ ଗିରଫ ...

ନିର୍ଦ୍ଧାରଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ମହିଳା କୁସ୍ତିଯୋଦ୍ଧାମାନଙ୍କ ସମର୍ଥନରେ ଦେଶର ୪ଟି ମହିଳା ସଂଗଠନ ଆଗେଇ ଆସିଛି। ଯୌନ ନିର୍ଯାତନାରେ ସମ୍ପୃକ୍ତ ଭାଜପା ଏମ୍‌ପି ବ୍ରିଜ୍ ଭୂଷଣଙ୍କ ସମେତ ହରିୟାଣା ମନ୍ତ୍ରୀ ସନ୍ଦୀପ ସିଂଙ୍କୁ ତୁରନ୍ତ ଗିରଫ ଦାବିରେ ଦେଶବ୍ୟାପୀ ଆନ୍ଦୋଳନ ଚଳାଇବାକୁ ସେମାନେ ମିଳିତ ଆହ୍ୱାନ ଦେଇଛନ୍ତି। ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସଂଘ, ଭାରତୀୟ ମହିଳା ଜାତୀୟ ମହାସଂଘ, କୋଅପରେଶନ ପିଓଡବ୍ଲ୍ୟୁ-ପିଏମ୍‌ଏସ୍-ଆଇଜେଏମ୍ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଏବଂ ଅଲ୍ ଇଣ୍ଡିଆ ଅଗ୍ରଗାମୀ ମହିଳା ସଂଗଠନ ପକ୍ଷରୁ ବିକ୍ଷୋଭକାରୀ କୁସ୍ତିଯୋଦ୍ଧାଙ୍କୁ ସମର୍ଥନ ଜ୍ଞାପନ କରାଯାଇଛି। ଇତିମଧ୍ୟରେ ବଜରଙ୍ଗ ପୁନିଆ, ସାକ୍ଷୀ ମଲ୍ଲିକ ଓ ଭିନେଶ ଫୋଗଟଙ୍କ ଭଳି ରେସ୍‌ଲରମାନେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଛନ୍ତି।

ପ୍ରକାଶ ଯେ, ଗତ ଜାନୁୟାରୀରେ ୬୬ ବର୍ଷୀୟ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଅନ୍ତର୍ଜାତୀୟ ମହିଳା କୁସ୍ତିଯୋଦ୍ଧା ଓ ଅଲିମ୍ପିଆଡ୍‌ମାନେ ମାନସିକ ନିର୍ଯାତନା ଏବଂ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିଲେ। ତାଙ୍କୁ ଗିରଫ କରି ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ପଦରୁ ହଟାଇବା ଦାବିରେ ସେମାନେ ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର କୁସ୍ତିଯୋଦ୍ଧାମାନଙ୍କ ସହ ଆଲୋଚନା କରି ତଦନ୍ତ କମିଟି ଗଠନ କରିଥିଲେ। କିନ୍ତୁ ସେଥିରୁ କିଛି ସୁଫଳ ନ ମିଳିବାରୁ କୁସ୍ତିଯୋଦ୍ଧାମାନେ ଯନ୍ତରମନ୍ତରରେ ପୁଣି ଧାରଣା ଦେଇଛନ୍ତି। ଏତଲା ସତ୍ତ୍ୱେ ଦିଲ୍ଲୀ ପୋଲିସ ଏଫ୍‌ଆଇଆର୍ ନ କରିବାରୁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପରେ ଦିଲ୍ଲୀ ପୋଲିସ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ୨ଟି ଏଫ୍‌ଆଇଆର୍ ରୁଜୁ କରିଛି। ନାବାଳିକା କୁସ୍ତିଯୋଦ୍ଧାଙ୍କ ଅଭିଯୋଗ ଆଧାରରେ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ (ପୋକ୍ସୋ) ଆଇନ ବଳରେ ପ୍ରଥମ ମାମଲା ରୁଜୁ ହୋଇଥିବାବେଳେ ଶାଳୀନତା ଭଙ୍ଗ ଅଭିଯୋଗରେ ଦ୍ୱିତୀୟ ଏଫ୍‌ଆଇଆର୍ ହୋଇଛି। ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଥିବାରୁ ବ୍ରିଜ୍‌ଭୂଷଣ ଗିରଫ ହେଲେ ଜାମିନ ପାଇବେ ନାହିଁ।

### ୧୯୮୮ ପରଠୁ ପଦ ...

କହିଥିଲେ, ନୀରବ ମୋଦି (ହୀରା ବ୍ୟବସାୟୀ), ଲଳିତ ମୋଦି (ଆଇପିଏଲ୍‌ର ପୂର୍ବତନ କମିଶନର) ଓ ନରେନ୍ଦ୍ର ମୋଦି (ପ୍ରଧାନମନ୍ତ୍ରୀ)ଙ୍କ ଭଳି ସବୁ ମୋଦି ସାଙ୍ଗିଆଧାରୀ କାହିଁକି ଚୋର ବାହାରୁଛନ୍ତି। ମୋଦି ଉପନାମଧାରୀ ଆଉ କେଉଁମାନେ ଚୋର ତାହା ଖୋଜିଲେ ଜଣାପଡ଼ିବ। ପ୍ରଧାନମନ୍ତ୍ରୀଙ୍କ ଉପରେ ଏହି ଆପତ୍ତିଜନକ ମନ୍ତବ୍ୟକୁ ନେଇ ଗୁଜରାଟର ପୂର୍ବତନ ମନ୍ତ୍ରୀ ଥିବା ତଥା ଭାଜପାର ସୁରଟ ୱେଷ୍ଟ ବିଧାୟକ ପୂର୍ଣ୍ଣେଶ ମୋଦି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାହୁଲ ମୋଦି ସମ୍ପ୍ରଦାୟକୁ ଅପମାନିତ କରିଥିବା ଦର୍ଶାଇ ତାଙ୍କ ବିରୋଧରେ ପୂର୍ଣ୍ଣେଶ ଏତଲା ଦେଇଥିଲେ। ଏହି ଆପରାଧିକ ମାନହାନି ମାମଲାରେ ସୁରଟର ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଏଚ୍.ଏଚ୍. ବର୍ମା ଗତ ମାର୍ଚ୍ଚ ୨୪ରେ ରାହୁଲଙ୍କୁ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୪୯୯ ଓ ୫୦୦ ବଳରେ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଏପ୍ରିଲ ୨୫ରେ ରାହୁଲ ଉକ୍ତ ରାୟକୁ ଗୁଜରାଟ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

ସେହିପରି ଗତ ୧ ତାରିଖରେ ଉତ୍ତର ପ୍ରଦେଶସ୍ଥିତ ଗାଜିପୁର ଆସନର ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏମ୍‌ପି ଅଫ୍‌ଜଲ ଅନ୍‌ସାରୀ ଲୋକ ସଭା ସଦସ୍ୟତା ହରାଇଛନ୍ତି। ୨୦୦୫ ନଭେମ୍ବର ୨୯ରେ ଗାଜିପୁର ଭାଜପା ବିଧାୟକ କ୍ରିଷ୍ଣାନନ୍ଦ ରାଏଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିଲା। ଏହି ଅଭିଯୋଗରେ ୨୦୦୭ ନଭେମ୍ବର ୨୨ରେ ମହମ୍ମଦାବାଦର କୋତ୍‌ୱାଲି ଥାନାରେ ଗ୍ୟାଙ୍ଗଷ୍ଟର ଆଇନ ବଳରେ ମାମଲା ରୁଜୁ କରାଯାଇଥିଲା। ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟ ଗତ ଏପ୍ରିଲ ୨୯ରେ ଅଫ୍‌ଜଲଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ଜେଲ କାରାଦଣ୍ଡାଦେଶ ଶୁଣାଇଥିଲେ।

୧୯୮୫ରେ ପ୍ରଣୀତ ଦଳ ବଦଳ ଆଇନ ବଳରେ ଲୋକ ସଭା ସଦସ୍ୟତା ହରାଇଥିବା ପ୍ରଥମ ଏମ୍‌ପି ହେଉଛନ୍ତି କଂଗ୍ରେସର ଲାଲଦୁହୋମା। ନବମ ଲୋକ ସଭା ବେଳେ ତତ୍କାଳୀନ ଜନତା ଦଳ ନେତା ଭି.ପି. ସିଂଙ୍କ ମେଣ୍ଟ ସରକାର ଅମଳରେ ଦଳ ବଦଳ ଆଇନ ପ୍ରୟୋଗ କରି ୯ ଏମ୍‌ପିଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ତେବେ ଚତୁର୍ଦ୍ଦଶ ଲୋକ ସଭାରେ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ୧୦ ଏମ୍‌ପି ନିଜ ପଦ ହରାଇଥିଲେ। ସେମାନଙ୍କ ମଧ୍ୟରେ ଭାଜପାର ୬, ବିଏସ୍‌ପିର ୨ ଏବଂ କଂଗ୍ରେସ ଓ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ଜଣେ ଲେଖାଏ ସଦସ୍ୟ ଥିଲେ। ବିଏସ୍‌ପିର ଜଣେ ରାଜ୍ୟ ସଭା ସଦସ୍ୟ ମଧ୍ୟ ଉଚ୍ଚ ସଦନରୁ ନିଜ ପ୍ରତିନିଧିତ୍ୱ ଯୋଗ୍ୟତା ହରାଇଥିଲେ। ଆମେରିକା ସହ ଭାରତର ଆଣବିକ ଚୁକ୍ତି ପ୍ରସଙ୍ଗରେ ୨୦୦୮ ଜୁଲାଇରେ ତତ୍କାଳୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା-୧) ସରକାରଠାରୁ ବାମପନ୍ଥୀମାନେ ସମର୍ଥନ ପ୍ରତ୍ୟାହାର କରିଥିଲେ। ସେହି ସମୟରେ କ୍ରସ୍‌ଭୋଟିଂ କରି ଉପା ସରକାରଙ୍କୁ ବଞ୍ଚାଇଥିବା ୯ ଏମ୍‌ପିଙ୍କ ସଦସ୍ୟତା ରଦ୍ଦ କରାଯାଇଥିଲା। ଦଶମ ଲୋକ ସଭା ବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ଏକ ମେଣ୍ଟ ସରକାରର ନେତୃତ୍ୱ ନେଇଥିଲେ। ସେହି ସମୟରେ ଦଳ ବଦଳ ଆଇନ ବଳରେ ୪ ଜଣ ଏମ୍‌ପି ଲୋକ ସଭା ସଦସ୍ୟତା ହରାଇଥିଲେ। ଏହି ଆଇନ ବଳରେ ମୁଫ୍‌ତି ମହମ୍ମଦ ସୟିଦ (୧୯୮୯), ସତ୍ୟପାଲ ମଲ୍ଲିକ (୧୯୮୯), ଶରଦ ଯାଦବ (୨୦୧୭) ଓ ଅଲି ଅନ୍‌ୱର (୨୦୧୭) ରାଜ୍ୟ ସଭାର ସଦସ୍ୟତା ହରାଇଥିଲେ।

### ଏସ୍‌ଟିଏଫ୍ ଜାଲରେ ...

ତାଙ୍କ ଠକେଇ ସାମ୍ରାଜ୍ୟ ନେଇ ଏସ୍‌ଟିଏଫ୍ ଅଧିକ ତଥ୍ୟ ପାଇଛି। ମନୋଜ ଜଣେ ଉଚ୍ଚଶିକ୍ଷିତ ବୋଲି ଜଣାପଡ଼ିଛି। ସେ କେମିଷ୍ଟ୍ରିରେ ମାଷ୍ଟର ଡିଗ୍ରୀ ଓ ପିଏଚ୍‌ଡି ମଧ୍ୟ କରିଛନ୍ତି। ସେ ଶିକ୍ଷିତ ଉପାୟରେ ବିଭିନ୍ନ ସରକାରୀ ଅଧିକାରୀ, ଚାକିରି ଆଶାୟୀ ଓ କଣ୍ଟ୍ରାକ୍ଟରଙ୍କୁ ଫସାଉଥିଲେ। ଏପରିକି ସେ ଜଣଙ୍କୁ ଏସ୍‌ଏସ୍‌ଓ ଚାକିରି କରାଇଦେବାକୁ କହି ୧୫ ଲକ୍ଷ ଓ ଖଣି ନିଗମରେ ତାଙ୍କ ଝିଅାରୀଙ୍କୁ ଚାକିରି କରାଇଦେବାକୁ କହି ବିବେକାନନ୍ଦ ପ୍ରଧାନ ନାମକ ଜଣେ କଣ୍ଟ୍ରାକ୍ଟରଙ୍କଠାରୁ ମଧ୍ୟ ୬ ଲକ୍ଷ ଠକିଥିବା ଏସ୍‌ଟିଏଫ୍ ପ୍ରମାଣ ପାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ), ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି), ଓଡ଼ିଶା ଖଣି ନିଗମ (ଓମ୍‌ସି), ରାସ୍ତା ଓ ଗୃହ ବିଭାଗ (ଆର୍‌ଏଣ୍ଡ ବି), ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଆଦି ବିଭିନ୍ନ ସରକାରୀ ବିଭାଗ ଓ ସଂସ୍ଥାର ଏକାଧିକ ଅଧିକାରୀ ତାଙ୍କ ଠକେଇ ଫାସରେ ଫସିଥିବା ତଦନ୍ତବେଳେ ଜଣାପଡିଛି। ତେବେ ଏହି ମହାଠକେଇରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ସହ ମାମଲାରେ ଅଧିକ ତଥ୍ୟ ଆଣିବାକୁ ମନୋଜଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ଟିଏଫ୍ ଏସ୍‌ପି କେ.କେ. ପାଣିଗ୍ରାହୀ କହିଛନ୍ତି। ଏଥିସହ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ସିଜ୍ କରାଯିବ ବୋଲି ସେ କହିଛନ୍ତି।

# ସୁଯୋଗ ମିଳିଲେ ଦକ୍ଷତାର ସହ ସେବା କରିବେ ଦୀପାଳି: ମୁଖ୍ୟମନ୍ତ୍ରୀ



ରବିବାର ଝାରସୁଗୁଡ଼ା ଉପନିର୍ବାଚନ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଦଳୀୟ ପ୍ରାର୍ଥିନୀ ଦୀପାଳି ଦାସ।

**ସମ୍ବଲପୁର, ୭।୫(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ଝିଅ ଦୀପାଳି ଦାସଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ପ୍ରଚାର କରିଛନ୍ତି। ଝାରସୁଗୁଡ଼ା ସହରର ଅମଲିପାଲିରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିର୍ବାଚନରେ ହାର୍ ଜିତ୍ ରହିଛି। ତେଣୁ ନିର୍ବାଚନ ପ୍ରଚାର ସମୟରେ ଆମର ମା'ମାନଙ୍କୁ ଗାଳି ଦେବା, ଅସମ୍ମାନ କରିବା ଉଚିତ ନୁହେଁ। ପଦ୍ମପୁର ଉପନିର୍ବାଚନ ସମୟରେ ବାପାଙ୍କୁ ହରାଇ ଥିବା ଗୋଟିଏ ଝିଅ ପ୍ରତି ବିରୋଧୀ ଦଳ ଯେଭଳି ବ୍ୟବହାର କଲେ, ତାହା ଆପଣ ଜାଣନ୍ତି। ଦୁଃଖର କଥା, ଏଠାରେ ମଧ୍ୟ ସେମାନେ ଦୀପାଳିଙ୍କ ପ୍ରତି ସେହିଭଳି ବ୍ୟବହାର କରୁଛନ୍ତି। ଗାଳି ଦେଉଛନ୍ତି। ଏହା ମୋତେ ବହୁତ ଦୁଃଖ ଦେଇଛି। ଦୀପାଳିଏ ମାଟିର ଝିଅ। ଏ ମାଟିର ସେବା କରିବା ପାଇଁ ଆପଣମାନେ ତାଙ୍କୁ ସୁଯୋଗ ଦେବେ, ଏ ଭରସା ମୋର ଅଛି। ମୋର ଅନୁରୋଧ, ଆପଣମାନେ ବିଜୁ ଜନତା ଦଳର ପ୍ରାର୍ଥୀ ଦୀପାଳି ଦାସଙ୍କୁ ଆଶୀର୍ବାଦ କରନ୍ତୁ। ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଭାଷଣ ଆରମ୍ଭରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାସଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ନବ ଦାସ ଜଣେ ଲୋକପ୍ରିୟ ନେତା, ଦକ୍ଷ ବିଧାୟକ ଓ ମନ୍ତ୍ରୀ ଭାବରେ ସାରା ଓଡ଼ିଶାରେ ପରିଚିତ ଥିଲେ। ସେ ଆଜି ଆମ ଭିତରେ ନାହାନ୍ତି। ତାଙ୍କ କାମ ପାଇଁ ଝାରସୁଗୁଡାବାସୀ ସବୁବେଳେ ତାଙ୍କୁ ମନେରଖିବେ। ଆଜି ତାଙ୍କ ଦାୟିତ୍ୱ ନେବା ପାଇଁ, ଆପଣମାନଙ୍କ ସେବା କରିବା ପାଇଁ, ତାଙ୍କ ଝିଅ ଦୀପାଳି ଦାସ ଆଗେଇ ଆସିଛନ୍ତି। ଆପଣ ଜାଣନ୍ତି, ସେ ଜଣେ ଉଚ୍ଚ ଶିକ୍ଷିତ ଝିଅ। ସମାଜସେବାରେ ତାଙ୍କର ବିଶେଷ ରୁଚି ରହିଛି। ଝାରସୁଗୁଡ଼ାବାସୀଙ୍କ ସେବାର ସୁଯୋଗ ମିଳିଲେ, ସେ ତାହାକୁ ଦକ୍ଷତାର ସହ ପାଳନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଝାରସୁଗୁଡା ସବୁବେଳେ ବିକାଶ ସାଥିରେ ରହିଛି। ଆପଣମାନେ ବିକାଶରେ ବିଶ୍ୱାସ କରନ୍ତି। ସେଥିପାଇଁ ବିଜେଡି ସାଥିରେ ରହି ଆସିଛନ୍ତି। ବିଜେଡି ମା'ମାନଙ୍କ କଲ୍ୟାଣରେ ବିଶ୍ୱାସ କରେ। ମା'ମାନଙ୍କ ସ୍ୱାବଲମ୍ବୀରେ ବିଶ୍ୱାସ କରେ। ଚାଷୀ ଭାଇର ବିକାଶରେ ବିଶ୍ୱାସ କରେ। ଯୁବଶକ୍ତିକୁ ରୋଜଗାରକ୍ଷମ କରିବାରେ ବିଶ୍ୱାସ କରେ। ଶିଳ୍ପ କ୍ଷେତ୍ରରେ ଝାରସୁଗୁଡାର ସ୍ୱତନ୍ତ୍ର ପରିଚୟ ରହିଛି। ଆପଣମାନଙ୍କ ସହଯୋଗ ଜାରି ରହିଲେ ଝାରସୁଗୁଡା ଦେଶର ଏକ ନମ୍ବର ଶିଳ୍ପ ସମୃଦ୍ଧ ଜିଲା ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର, ସାରଦା ନାୟକଙ୍କ ସମେତ ନବଙ୍କ ପରିବାର ସଦସ୍ୟ ସଭାରେ ଉପସ୍ଥିତ ରହିଥିଲେ। ପ୍ରାର୍ଥିନୀ ଦୀପାଳି କହିଛନ୍ତି ଯେ, ବାପା ନବ ଦାସ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆର୍ଶୀବାଦ ରହିଛି। ତେଣୁ ଜନସାଧାରଣ ଆର୍ଶୀବାଦ କଲେ ବାପାଙ୍କ ରହି ଯାଇଥିବା ଝାରସୁଗୁଡା ବିକାଶର ସ୍ୱପ୍ନକୁ ସେ ସାକାର କରିପାରିବେ।

# ମୁଖ୍ୟମନ୍ତ୍ରୀଙ୍କ ହାତରେ ଶାସନ ବ୍ୟବସ୍ଥା ନାହିଁ: ଧର୍ମେନ୍ଦ୍ର



ରବିବାର ଝାରସୁଗୁଡ଼ା ଉପନିର୍ବାଚନରେ ଭୋଟ ପ୍ରଚାରରେ ସାମିଲ ହୋଇଥିବା ଭାଜପାର କେନ୍ଦ୍ରମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଦଳୀୟ ନେତୃବୃନ୍ଦ।

**ସମ୍ବଲପୁର, ୭।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯେତିକି ଜାଣିଛି, ଲମ୍ବା ସମୟ ଦେଖିବା ପରେ ଯାହା ଲାଗୁଛି ମୁଖ୍ୟମନ୍ତ୍ରୀଙ୍କ ହାତରେ ଓଡ଼ିଶାର ଶାସନ ବ୍ୟବସ୍ଥା ନାହିଁ। ତାଙ୍କ କ୍ୟାବିନେଟ ମନ୍ତ୍ରୀମାନେ ଭେଟିବାର ସୁଯୋଗ ପାଉନାହାନ୍ତି। ତାଙ୍କ ଦଳର ବିଧାୟକ, ମୁଖ୍ୟ ଶାସନ ସଚିବ, ଡିଜିପି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପାରୁନାହାନ୍ତି। ଏଠାରେ କଳାପାହାଡ଼ଙ୍କ ଶାସନ ବ୍ୟବସ୍ଥା ଚାଲିଛି ବୋଲି ଝାରସୁଗୁଡାରେ ହେବାକୁ ଥିବା ଉପ ନିର୍ବାଚନ ପାଇଁ ପ୍ରଚାର କରିବା ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ରବିବାର ଉପ ନିର୍ବାଚନ ପରିପ୍ରେକ୍ଷୀରେ କୋଲାବିରା ବ୍ଲକ ଝିଲିପାଲି ପଞ୍ଚାୟତରେ ଏକ ଜନସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଉପରୋକ୍ତ ମତପ୍ରକାଶ କରିବା ସହ ଦଳୀୟ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କୁ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏଥିସହ ସେ କହିଛନ୍ତି ଯେ, ଶିଳ୍ପସମୃଦ୍ଧ ଝାରସୁଗୁଡାରେ ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କ ହତ୍ୟାର କାରଣ ଜଣା ନ ପଡିବା ଏବଂ ନାବାଳକ ସମର୍ଥ ଅଗ୍ରୱାଲଙ୍କ ଅପହରଣ ଓ ହତ୍ୟା ହେବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଉତ୍ତର ନ ରଖିବା ରାଜ୍ୟରେ ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରୁଛି। ଆଜି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ ଓଡ଼ିଶାର ସମ୍ପତ୍ତିକୁ ଲୁଟ କରିବା ପାଇଁ ଚାହୁଁଛନ୍ତି। ଓଡ଼ିଶା ବିରୋଧୀ ଶକ୍ତି ଇଷ୍ଟ ଇଣ୍ଡିଆ କମ୍ପାନୀ ଭଳି କାମ କରୁଛି। କଳାପାହାଡମାନେ ଯୁବକ, ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ନିଜ ଢଙ୍ଗରେ ଚଳାଇବା ପାଇଁ ଉଦ୍ୟମ କରୁଛନ୍ତି। ଓଡ଼ିଶାକୁ ଭୂଲୁଣ୍ଠିତ କରିବାର ଷଡଯନ୍ତ୍ର କରାଯାଉଛି। ଓଡ଼ିଶାରେ ଥ୍ଲାଣ୍ଡୁ, ଅପାରଗ ଓ ଲୋକବିରୋଧୀ ଶାସନ ଚାଲିଛି। ଅସାମାଜିକ ତତ୍ତ୍ୱମାନେ ଓଡ଼ିଶାରେ ଆସି ରହୁଛନ୍ତି। ଏଠି ଅପରାଧୀମାନଙ୍କୁ ସୁରକ୍ଷା ଦିଆଯାଉଛି। ଯାହା ଲାଗୁଛି ମୁଖ୍ୟମନ୍ତ୍ରୀ ଏନେଇ ଅବଗତ ନ ଥିବେ। ମୁଖ୍ୟମନ୍ତ୍ରୀ ଜାଣୁଥିଲେ ଏପରି ଘଟୁ ନ ଥାନ୍ତା ବୋଲି ସେ କହିଛନ୍ତି। ଯେଉଁମାନେ ସମ୍ବଲପୁରରେ ଅଶାନ୍ତି କଲେ, ସେମାନେ ଝାରସୁଗୁଡାରେ ଅଶାନ୍ତି ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛନ୍ତି। ଝାରସୁଗୁଡା ମଙ୍ଗଳବଜାର ମାଇନରିଟି କମ୍ୟୁନିଟି ଅଞ୍ଚଳରେ ଭାଜପା ପ୍ରାର୍ଥୀ ଟଙ୍କଧରଙ୍କୁ ଯେଉଁ ବିରୋଧ ହେଲା ଏବଂ ଷଡ଼ଯନ୍ତ୍ର ହେଲା ତାହାର ଲିଙ୍କ୍ ଗୁଡୁ ମୁସଲିମ ସହ ଅଛି। ମଙ୍ଗଳ ବଜାରରେ ଯେଉଁମାନେ ପ୍ରଶାସନର ଉପସ୍ଥିତିରେ ଗଣ୍ଡଗୋଳ କଲେ, ସେମାନଙ୍କ ସମ୍ପର୍କ ସମ୍ବଲପୁରର ଦଙ୍ଗାକାରୀଙ୍କ ସହ ଅଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଏବଂ ପୂର୍ବତନ ବାଚସ୍ପତି କିଶୋର ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ବିଧାୟକମାନେ ଉପସ୍ଥିତ ଥିଲେ।

# ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଛନ୍ତି ଧର୍ମେନ୍ଦ୍ର: ବିଜେଡି

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

ବିଜେପୁର ଏବଂ ପଦ୍ମପୁର ଉପନିର୍ବାଚନ ଭଳି ଝାରସୁଗୁଡ଼ା ଉପନିର୍ବାଚନରେ ମଧ୍ୟ ଓଡ଼ିଶା ଭାଜପା ଅଭ୍ୟାସଗତ ଭାବେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରିଆସୁଛି। ବଡ଼ କଥା ହେଲା, ରାଜ୍ୟ ଭାଜପାର ବରିଷ୍ଠ ନେତା ଖୋଦ୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଝାରସୁଗୁଡ଼ା ଉପନିର୍ବାଚନରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରିଛନ୍ତି। ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଏଭଳି ଗୁରୁତର ଅଭିଯୋଗ କରାଯାଇଥିବା ବେଳେ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ବିଜେଡି ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ନିର୍ବାଚନ ପ୍ରଚାରରେ ଝାରସୁଗୁଡ଼ା ଯାଇଥିବା କେନ୍ଦ୍ରମନ୍ତ୍ରୀ ତାଙ୍କ ନିଜ ଟୁଇଟର ଆକାଉଣ୍ଟରୁ ତାଙ୍କ ଜନସଭା ପାଇଁ ପ୍ରସ୍ତୁତ ଏକ ପୋଷ୍ଟରକୁ ରି-ଟୁଇଟ୍ କରିଛନ୍ତି। ଏହି ପୋଷ୍ଟରରେ ଜି-୨୦ ସମ୍ମିଳନୀ ପାଇଁ ଭାରତ ସରକାରଙ୍କ ଲୋଗୋ ଏବଂ ସ୍ୱାଧୀନତାର ୭୫ ବର୍ଷ ପାଳନ ପାଇଁ ଉଦ୍ଦିଷ୍ଟ ଆଜାଦି କା ଅମୃତ ମହୋତ୍ସବର ଲୋଗୋ ସ୍ଥାନ ପାଇଛି। ଏହାକୁ ଆମେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରମାଣ ଭାବେ ଉପସ୍ଥାପନ କରିଛୁ ବୋଲି ବିଜେଡି ପ୍ରତିନିଧି ଦଳ କହିଛନ୍ତି। ଆଦର୍ଶ ନିର୍ବାଚନ ଆଚରଣ ବିଧି ଅନୁଯାୟୀ କୌଣସି ଜାତୀୟ କିମ୍ବା ଆଞ୍ଚଳିକ ଦଳ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ସରକାରୀ ଲୋଗୋ ବା ଚିହ୍ନକୁ ବ୍ୟବହାର କରିପାରିବେ ନାହିଁ। ହେଲେ ଭାଜପା ବାରମ୍ବାର ଏଭଳି ଆଚରଣବିଧି ଉଲ୍ଲଂଘନ କରିଆସୁଛି। କେତେବେଳେ ଗୁଣ୍ଡାଗର୍ଦ୍ଦି ଓ ଆକ୍ରମଣ କରି ଭୋଟରଙ୍କୁ ଭୟଭୀତ କରୁଛି ତ ଆଉ କେତେବେଳେ ରାତି ଅଧରେ ପ୍ରଚାର କରି ପ୍ରଭାବିତ ଓ ପ୍ରଲୋଭିତ କରିବାକୁ ଉଦ୍ୟମ ହେଉଛି ବୋଲି ବିଜେଡି ଅଭିଯୋଗ କରିଛି। ଭାରତର ଶିକ୍ଷାମନ୍ତ୍ରୀଙ୍କ ପକ୍ଷରେ ଏଭଳି ଆଦର୍ଶ ଆଚରଣବିଧି ଉଲ୍ଲଂଘନ ଶୋଭନୀୟ ନୁହେଁ। ତେଣୁ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ନିର୍ବାଚନ କମିଶନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି।





# ଶାସକ ଦଳ କର୍ମୀଙ୍କୁ ଭାଜପା ପ୍ରାର୍ଥୀ, କର୍ମୀଙ୍କ ଆକ୍ରମଣ ଅଭିଯୋଗ

## ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି ପ୍ରତିନିଧି ଦଳ

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନକୁ ଆଉ ମାତ୍ର ୩ ଦିନ ବାକି ଥିବାବେଳେ ପରାଜୟ ଭୟରେ ଭାଜପା ରକ୍ତମୁଖା ହୋଇଉଠିଛି। କେତେବେଳେ ଭାଜପା ପ୍ରାର୍ଥୀ ରାତିଅଧରେ ପ୍ରଚାର ନାଁରେ ଗାଁ ଗାଁରେ ପଶି ଲୋକଙ୍କୁ ଭୟଭୀତ କରୁଛନ୍ତି ତ ଆଉ କେତେବେଳେ ବିଜେଡି କର୍ମୀଙ୍କୁ ଧମକଚମକ ଦେଇ ଓ ଆକ୍ରମଣ କରି ଲହୁଲୁହାଣ କରି ଦେଉଛନ୍ତି। ନିକଟରେ ଝାରସୁଗୁଡ଼ା ଥାନା ଅନ୍ତର୍ଗତ ମୁଦ୍ରା ବସ୍ତ୍ରାଳୟ ନିକଟରେ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଓ ତାଙ୍କ ସମର୍ଥକମାନେ ବିଳମ୍ବିତ ରାତିରେ ଜଣେ ବିଜେଡି କର୍ମୀଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ରବିବାର ଏନେଇ ବିଜେଡିର ଏକ ପ୍ରତିନିଧିଦଳ ଭୁବନେଶ୍ୱରଠାରେ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟିବା ସହ ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ଦ୍ରୁମନାଥ ପଣ୍ଡା କହିଛନ୍ତି ଯେ, ଏହା ପୂର୍ବରୁ ବିଜେପୁର ଓ ପଦ୍ମପୁର ଉପନିର୍ବାଚନରେ ମଧ୍ୟ ବିଜେଡି କର୍ମୀ ଓ ସମର୍ଥକଙ୍କୁ ଟାର୍ଗେଟ କରି ଭାଜପା କିଭଳି ନିର୍ବାଚନୀ ହିଂସା କରିଥିଲା, ତାହା ଆମେ ଦେଖିଥିଲୁ। ଏବେ ଝାରସୁଗୁଡ଼ାରେ ମଧ୍ୟ ପରାଜୟ ଆଶଙ୍କାରେ ଭାଜପା ଠିକ୍ ସମାନ ଢଙ୍ଗରେ ହିଂସାକାଣ୍ଡ ଘଟାଉଛି। ଗତ ୫ ତାରିଖ ରାତି ପ୍ରାୟ ୨ଟା ବେଳେ ବିଜେଡି କର୍ମୀ ଶୁଭମ୍ ସୋନକର ଏକ ଭୋଜିରେ ଯୋଗଦେଇ ଘରକୁ ଫେରୁଥିବାବେଳେ ଝାରସୁଗୁଡ଼ା ଥାନା ଅନ୍ତର୍ଗତ ମୁଦ୍ରା ବସ୍ତ୍ରାଳୟ ନିକଟରେ ଟଙ୍କଧର ତ୍ରିପାଠୀଙ୍କ ସହ ତାଙ୍କ ସମର୍ଥକମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଧମକଚମକ ଦେବା ସହ ଆକ୍ରମଣ କରିଥିଲେ। ଟଙ୍କଧର କିପରି ରାତିଅଧରେ ନିର୍ବାଚନ ପ୍ରଚାର କରି ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି, ତାହା ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ଏଭଳି ରାତିଅଧିଆ ନିର୍ବାଚନ ପ୍ରଚାର ସାରି ଫେରିଲା ବେଳେ ହିଁ ସେମାନେ ଏହି ହିଂସାକାଣ୍ଡ ଘଟାଇଛନ୍ତି। ଏଭଳି ସ୍ଥିତିରେ ଝାରସୁଗୁଡ଼ାରେ କିଭଳି ଆଉ ଅଧିକ ନିର୍ବାଚନୀ ହିଂସା ନ ଘଟିବ, ସେଥିଲାଗି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆମେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି କରିଛୁ ବୋଲି ସେ କହିଛନ୍ତି।

# ଜାଣିଶୁଣି ଭାଜପା ପୋଷ୍ଟର କାଢ଼ି ବିଜେଡି ପତାକା, ହୋର୍ଡିଂ ଲଗାଉଛି ଜିଲା ପ୍ରଶାସନ

## କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ନିକଟରେ ଭାଜପାର ଅଭିଯୋଗ

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

ଝାରସୁଗୁଡା ଉପନିର୍ବାଚନ ପାଇଁ ଭାଜପା ତାରକା ପ୍ରଚାରକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ରୁଟ୍ ଚାର୍ଟ ପ୍ରଶାସନକୁ ଜଣାଇ ଦିଆଯାଇଥିଲା। ତଦନୁଯାୟୀ ନିର୍ବାଚନ ପ୍ରଚାର ପାଇଁ ପ୍ରଶାସନ ବୈଧାନିକ ଅନୁମତି ଦେଇଥିଲେ। ଧର୍ମେନ୍ଦ୍ର ପ୍ରଚାର କାର୍ଯ୍ୟରେ ଯାଉଥିବା ରାସ୍ତାକୁ ଦଳୀୟ ପତାକା, ପୋଷ୍ଟର, ବ୍ୟାନର ଓ ଅନ୍ୟାନ୍ୟ ପ୍ରଚାର ସାମଗ୍ରୀରେ ସଜାଇବା ଏକ ସ୍ୱାଭାବିକ ରାଜନୈତିକ ଶୈଳୀ। କିନ୍ତୁ ଦୁର୍ଭାଗ୍ୟର କଥା କିଛି ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କ ସହାୟତାରେ ବିଜେଡି କାର୍ଯ୍ୟକର୍ତ୍ତା ଏହି ଅନୁମତି ପ୍ରାପ୍ତ ରାସ୍ତାରୁ ପ୍ରଚାର ସାମଗ୍ରୀଗୁଡ଼ିକୁ ହଟାଇ ଦେଇଛନ୍ତି। ସେହି ସ୍ଥାନଗୁଡ଼ିକରେ ବିଜେଡିର ହୋର୍ଡିଂ ପୋଷ୍ଟର ଲଗାଇଛନ୍ତି। ଏହା ସ୍ଥାନୀୟ ପ୍ରଶାସନ ଓ ପୋଲିସ କଳର ନିରପେକ୍ଷ ଆଚରଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପୃକ୍ତ ଅଧିକାରୀମାନଙ୍କ ଏତାଦୃଶ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନକୁ କଡା ଭାଷାରେ ନିନ୍ଦା କରି ସେମାନଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ସହ ଜିଲା ନିର୍ବାଚନ ଅଧିକାରୀ ଜିଲାପାଳଙ୍କୁ ଭେଟି ତଥ୍ୟ, ପ୍ରମାଣ ସହ ଦାବି ଉପସ୍ଥାପନ କରିଛି। ଏହି ଅଧିକାରୀମାନଙ୍କୁ ବର୍ତ୍ତମାନ ଓ ଭବିଷ୍ୟତର ସମସ୍ତ ନିର୍ବାଚନ ପରିଚାଳନା ଦାୟିତ୍ୱରୁ ଅବ୍ୟାହତି ଦେବା ସହ ଯେଉଁମାନେ ପୋଷ୍ଟର ଖୋଲିଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଭାଜପା ଦାବି କରିଛି। କେନ୍ଦ୍ରମନ୍ତ୍ରୀଙ୍କ ଝାରସୁଗୁଡା ଉପନିର୍ବାଚନ ଶେଷ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ସମ୍ଭାବ୍ୟ ପ୍ରଭାବରେ ଆତଙ୍କିତ ହୋଇ ବିଜେଡି ଏପରି ହୀନ ଉଦ୍ୟମ କରିଥିବା ଭାଜପା ଅଭିଯୋଗ କରିଛି।

# 'ମୋ ସରକାରକୁ ବସୁନ୍ଧରା ବଞ୍ଚାଇଥିଲେ'

## କେନ୍ଦ୍ରମନ୍ତ୍ରୀ ଶାହା, ଶେଖାୱତ୍ ଓ ଧର୍ମେନ୍ଦ୍ର ରଚିଥିଲେ ପତନ ଷଡ଼ଯନ୍ତ୍ର: ଗେହଲଟ୍

**ଢୋଲପୁର, ୭।୫**



ଅଶୋକ ଗେହଲଟ୍

୨୦୨୦ ଜୁଲାଇରେ ରାଜସ୍ଥାନର ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ କଂଗ୍ରେସର ୧୮ ବିଧାୟକଙ୍କୁ ନେଇ ବିଦ୍ରୋହ କରିଥିଲେ। ସେହି ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଓ ଭାଜପାର ଅନ୍ୟ ୨ ଜଣ ନେତା କଂଗ୍ରେସ ସରକାରକୁ ବଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କୁ ସାହାଯ୍ୟ କରିଥିଲେ। ରବିବାର ଗେହଲଟ୍ ଏକଥା ପ୍ରଘଟ କରି ସମସ୍ତଙ୍କୁ ଚମକାଇ ଦେଇଛନ୍ତି।

ଢୋଲପୁରରେ ଏକ ସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଗେହଲଟ୍ କହିଛନ୍ତି, ୩ ଭାଜପା ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ, ପୂର୍ବତନ ବାଚସ୍ପତି କୈଳାସ ମେଘୱାଲ ଓ ବିଧାୟକ ଶୋଭାରାଣୀ କୁଶୱାହଙ୍କ ଯୋଗୁ ତାଙ୍କ ସରକାର ପତନ ମୁଖରୁ ବର୍ତ୍ତିଯାଇଥିଲା। ବିଦ୍ରୋହୀ କଂଗ୍ରେସ ବିଧାୟକମାନେ ଭାଜପାଠାରୁ ନେଇଥିବା ଟଙ୍କା ଫେରାଇଦେବା ଉଚିତ। ଟଙ୍କା ଫେରସ୍ତ କଲେ ହିଁ ସେମାନେ ବିନା କୌଣସି ଚାପରେ ନିଜ ଦାୟିତ୍ୱ ତୁଲାଇପାରିବେ ବୋଲି ଗେହଲଟ୍ କହିଛନ୍ତି। ସେ ଆହୁରି କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ଗଜେନ୍ଦ୍ର ସିଂ ଶେଖାୱତ୍ ଓ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ସରକାର ଭାଙ୍ଗିବାକୁ ଷଡ଼ଯନ୍ତ୍ର କରିଥିଲେ। ସେମାନେ ରାଜସ୍ଥାନରେ ଟଙ୍କା ବାଣ୍ଟିଥିଲେ। ଏବେ ସେମାନେ ସେହି ଟଙ୍କାକୁ ଫେରାଇ ନେଉଛନ୍ତି। ବିଧାୟକମାନେ ୧୦ କୋଟି କିମ୍ବା ୨୦ କୋଟି ଯାହା ବି ନେଇଛନ୍ତି, ସେଥିରୁ ଖର୍ଚ୍ଚ କରିଥିବା ଟଙ୍କାକୁ ସେ ନିଜେ ଭରଣା କରିବେ ଅଥବା ଏଆଇସିସିଠାରୁ ମଗାଇଦେବେ। ଶାହା କେନ୍ଦ୍ରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ହୋଇଛନ୍ତି। ସେ ଡରାଇ ଧମକାଇବେ। ମହାରାଷ୍ଟ୍ରରେ ସେ ଶିବସେନାକୁ ଦୁଇଭାଗ କରିଦେଲେ ବୋଲି ଗେହଲଟ୍ କହିଛନ୍ତି। ପ୍ରକାଶ ଯେ, ଗେହଲଟ୍ ଓ ବସୁନ୍ଧରା ପରସ୍ପର ଉପରେ ଦୁର୍ନୀତି ସମେତ ବିଭିନ୍ନ ପ୍ରସଙ୍ଗରେ ନରମ ଭାବ ପୋଷଣ କରୁଥିବା ଦେଖିବାକୁ ମିଳିଥାଏ। ବସୁନ୍ଧରାଙ୍କ ନେତୃତ୍ୱାଧୀନ ଭାଜପା ସରକାର ଅମଳରେ ହୋଇଥିବା ଦୁର୍ନୀତିର ତଦନ୍ତ ଦାବିରେ ପାଇଲଟ୍ ଗତ ମାସରେ ଧାରଣା ଦେଇଥିଲେ। ସେହି ଆନ୍ଦୋଳନ ଜାରି ରହିବ ବୋଲି ରବିବାର ପାଇଲଟ୍ କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସ ଇସିଙ୍କ ଦ୍ୱାରସ୍ଥ

**ନୂଆଦିଲ୍ଲୀ, ୭।୫**

କଂଗ୍ରେସ ଭୋଟବ୍ୟାଙ୍କ ପାଇଁ ଆତଙ୍କବାଦୀଙ୍କୁ ସୁରକ୍ଷା ଦେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ତବ୍ୟ ଦେଇ ଲକ୍ଷ୍ମଣରେଖା ଉଲ୍ଲଂଘନ କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବିରୋଧୀ ଦଳ ନିର୍ବାଚନ କମିଶନ (ଇସି)ଙ୍କ ଦ୍ୱାରସ୍ଥ ହୋଇଛି। ଶୁକ୍ରବାର କର୍ଣ୍ଣାଟକର ବେଲାରୀରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କଂଗ୍ରେସ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଭୋଟ ବ୍ୟାଙ୍କ ପାଇଁ ସର୍ବପୁରାତନ ଦଳ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଓ ଆଶ୍ରୟ ଯୋଗାଇଦେଇଥିବା ସେ କହିଥିଲେ। କର୍ଣ୍ଣାଟକରେ ବାତାବରଣର ଧ୍ରୁବୀକରଣ କରୁଥିବା ଭାଜପା ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ମଧ୍ୟ କଂଗ୍ରେସ ଇସିଙ୍କ ନିକଟରେ ଫେରାଦ ହୋଇଛି।

# ଝାରସୁଗୁଡ଼ା ଥାନାରେ ଏତଲା ଦେଲେ କଂଗ୍ରେସ ନେତା

## ଖାର୍ଗେଙ୍କୁ ଭାଜପା ପ୍ରାର୍ଥୀ ଧମକ ଦେବା ଘଟଣା

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

କର୍ଣ୍ଣାଟକର କାଲାବୁରାଗି ଜିଲା ଚିତ୍ରା ବିଧାନସଭାର ଭାଜପା ପ୍ରାର୍ଥୀ ମଣିକାନ୍ତ ରାଠୋର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ତାଙ୍କ ପରିବାରବର୍ଗଙ୍କୁ ଜୀବନରୁ ମାରି ଦେବା ପାଇଁ ଧମକ ଦେଇଥିବା ନେଇ ଅଡିଓ ଟେପ୍ ସାମ୍ନାକୁ ଆସିଛି। ଏଥିରେ ଥିବା କଥାବାର୍ତ୍ତାରୁ ହତ୍ୟା ଷଡ଼ଯନ୍ତ୍ରର ପ୍ରମାଣ ମିଳିଛି। ମଣିକାନ୍ତ ଖାର୍ଗେଙ୍କୁ ହତ୍ୟା ପାଇଁ ପେସାଦାର ଗୁଣ୍ଡାଙ୍କୁ ନିୟୋଜିତ କରିଥିବା ଜଣାପଡୁଥିବା ଦର୍ଶାଇ ରବିବାର ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ କୋଷାଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା, ବିଧାୟକ ଅଧିରାଜ ପାଣିଗ୍ରାହୀ, ବିଧାୟକ ଏସ୍. ରାଜନ ଏକ୍କା ଝାରସୁଗୁଡ଼ା ଥାନାରେ ଏତଲା ଦେଇଛନ୍ତି। ଶରତ ଏହାର ତଦନ୍ତ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଝାରସୁଗୁଡ଼ା ଥାନା ଅଧିକାରୀ ଏତଲା ଗ୍ରହଣ କରି ଏଫ୍‌ଆଇଆର୍ ରୁଜୁ କରିଛନ୍ତି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ପେସାଦାର ଅପରାଧୀ ମଣିକାନ୍ତଙ୍କ ନାମରେ ୪୦ରୁ ଅଧିକ ଆପରାଧିକ ମାମଲା କର୍ଣ୍ଣାଟକର ୟାଦ୍‌ଗିରି, ଶିବମୋଗା ଓ କାଲାବୁରାଗି ଜିଲାର ବିଭିନ୍ନ ଥାନା ଏବଂ କୋର୍ଟରେ ପଡ଼ିରହିଛି। ୟାଦ୍‌ଗିରି କୋର୍ଟ ତାଙ୍କୁ ୨ଟି ମାମଲାରେ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି।



ଭଗବାନଙ୍କ ଦୃଷ୍ଟିରେ ଛୋଟ ବୋଲି କିଛି ନାହିଁ। ତୁମ ଦୃଷ୍ଟିରେ ମଧ୍ୟ ସେହିପରି ଛୋଟ ବଡ ଭେଦ ନ ଥାଉ। ଗୋଟିଏ ଶାମୁକା ତିଆରି କଲାବେଳେ ବା ଗୋଟିଏ ସାମ୍ରାଜ୍ୟ ଗଠନ କରିବାରେ ଭଗବାନ ତାଙ୍କର ସମାନ ଦେବଶକ୍ତି ପ୍ରୟୋଗ କରନ୍ତି। ତୁମ ପକ୍ଷରେ ବି, ଜଣେ ଅକ୍ଷମ ଓ ବିଳାସୀ ରାଜା ହେବା ଅପେକ୍ଷା ଗୋଟିଏ ନିପୁଣ ମୋଚି ହେବା ମହତ୍ତର ବ୍ୟାପାର। **–ଶ୍ରୀଅରବିନ୍ଦ**



# ମଣିପୁର ନିଆଁ

ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ସଂଖ୍ୟାଗରିଷ୍ଠ ମେଇତି ସମ୍ପ୍ରଦାୟ ଓ ଆଦିବାସୀଙ୍କ ମଧ୍ୟରେ ଲାଗିଥିବା ହିଂସାରେ ୫୫ ଜଣଙ୍କ ପ୍ରାଣହାନି ଘଟିଥିବା ସରକାରୀ ଭାବେ ତଥ୍ୟ ଦିଆଯାଇଛି। ହେଲେ ବେସରକାରୀ ସଂଖ୍ୟା ଅଧିକ ହେବ ବୋଲି କୁହାଯାଉଛି। ଭାରତବର୍ଷର ବିଭିନ୍ନ ପ୍ରାନ୍ତରରେ ଧର୍ମୀୟ ବିବାଦରୁ ଦଙ୍ଗା ସ୍ଥିତି ଉପୁଜିବା ଦେଖିବାକୁ ମିଳୁଛି। ହେଲେ ମଣିପୁରରେ ହିନ୍ଦୁ ମେଇତି ସମ୍ପ୍ରଦାୟକୁ ହାଇକୋର୍ଟ ଆଦିବାସୀ ମାନ୍ୟତା ସୁପାରିସ ସଂକ୍ରାନ୍ତ ଆଦେଶ ଦେବା ପରେ ଏହାକୁ ବିରୋଧ କରି ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ନାଗା ଓ କୁକି ସମ୍ପ୍ରଦାୟ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନଙ୍କ ଅଧିକାରକୁ ସଂଖ୍ୟାଗରିଷ୍ଠମାନେ ଛଡ଼ାଇ ନେଉଥିବା ଆଦିବାସୀମାନେ ଅଭିଯୋଗ କରିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ଘୋର ହିଂସା ଉପୁଜିଥିଲା। ଫଳରେ ଲୋକଙ୍କ ଜୀବନହାନି, ୧୩ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଆଶ୍ରୟସ୍ଥଳରେ ରଖାଯିବା, ଅସଂଖ୍ୟ ଘର, ମନ୍ଦିର ଓ ଚର୍ଚ୍ଚରେ ନିଆଁ ଲଗାଇ ଦିଆଯାଇଥିବା ଦେଖିବାକୁ ମିଳିଛି। ଭାଜପା ପରିଚାଳିତ ରାଜ୍ୟ ସରକାର ଶାନ୍ତି ବଜାୟ ରଖିବାକୁ ସର୍ବଦଳୀୟ ବୈଠକ ଡାକି ଦାୟିତ୍ୱ ସାରିଦେଇଛନ୍ତି। କେନ୍ଦ୍ର ସରକାର ଏହି ଘଟଣାକୁ ନେଇ ନୀରବ ରହିବା ଆଶ୍ଚର୍ଯ୍ୟ ଲାଗୁଛି। ସ୍ଥିତି ଅସମ୍ଭାଳ ହେବା ପରେ ସିଭିଲ୍ ରାଇଟ୍ସ କର୍ମୀ ଇରୋମ ଶର୍ମିଳା ଚାନୁ ମଣିପୁର ଗସ୍ତ କରି ଲୋକଙ୍କ ଦୁର୍ଦ୍ଦଶା ପ୍ରତି ଦୃଷ୍ଟି ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଅନୁରୋଧ କରିଛନ୍ତି। କର୍ଣାଟକ ବିଧାନସଭା ନିର୍ବାଚନ ପ୍ରଚାର ଚାଲିଥିବା ବେଳେ ମଣିପୁର ହିଂସା ସେମାନଙ୍କ ପାଇଁ ଗୁରୁତ୍ୱ ବହନ କରୁ ନ ଥିବା ସ୍ପଷ୍ଟ ହୋଇଛି।

ଘଟଣାକ୍ରମକୁ ଦେଖିଲେ ଆଦିବାସୀମାନେ ମଣିପୁରରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ। ଗତ ମାସ ମଣିପୁର ହାଇକୋର୍ଟ ମେଇତି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ୪ ସପ୍ତାହ ମଧ୍ୟରେ ଏ ସଂକ୍ରାନ୍ତରେ କେନ୍ଦ୍ରକୁ ସୁପାରିସ କରାଯାଉ। ଉଚ୍ଚ ନ୍ୟାୟାଳୟଙ୍କ ରାୟ ପରେ ବିବାଦ ଉପୁଜିଥିଲା। ୩ ମେ’ରେ ଅଲ୍ ଟ୍ରାଇବାଲ ଷ୍ଟୁଡେଣ୍ଟ୍ସ ୟୁନିୟନ ଏଭଳି ଆଦେଶକୁ ବିରୋଧ କରି ଶୋଭାଯାତ୍ରା କରିଥିଲା। ଏହି ସଙ୍ଗଠନ ହିସାବରେ ମେଇତି ସମ୍ପ୍ରଦାୟ ଆଦିବାସୀ ତାଲିକାରେ ରହିଲେ କୁକି ଓ ନାଗାଙ୍କ ସୁବିଧା ସଙ୍କୁଚିତ ହୋଇଯିବ। ତୋରବଙ୍ଗଠାରେ ଶୋଭାଯାତ୍ରା ଚାଲିଥିବା ବେଳେ ସଶସ୍ତ୍ର କୁକିମାନେ ମେଇତି ସମ୍ପ୍ରଦାୟ ଉପରେ ଆକ୍ରମଣ କରିଥିଲେ। ପରେ ପ୍ରତିଆକ୍ରମଣ ଯୋଗୁ ହିଂସା ବ୍ୟାପକ ହୋଇଥିଲା। କୁକିଙ୍କ ଦାବି ହେଉଛି ଯେ, ସଂଖ୍ୟାଗରିଷ୍ଠମାନଙ୍କୁ ସଂରକ୍ଷଣ ସୁବିଧା ମିଳିଲେ ପାହାଡ଼ିଆ ଆଦିବାସୀ ସମ୍ପ୍ରଦାୟ ଘୋର ପ୍ରଭାବିତ ହେବ। ଏଭଳି ପକ୍ଷପାତ କାରସାଦି ପଛରେ ରାଜ୍ୟ ସରକାରଙ୍କ ହାତ ରହିଥିବା ସେମାନେ ଅଭିଯୋଗ କରିଛନ୍ତି। ସଂରକ୍ଷଣ ପ୍ରସଙ୍ଗ ପୂର୍ବରୁ ମୂଳ ଆଦିବାସୀ, କୁକି, ନାଗାଙ୍କ ସହ ମେଇତିଙ୍କ ବିବାଦ ବହୁ ବର୍ଷରୁ ଲାଗି ରହିଛି। ମଣିପୁରର ଜନସଂଖ୍ୟା ପରିସଂଖ୍ୟାନ ଦେଖିଲେ ମେଇତିମାନଙ୍କ ସଂଖ୍ୟା ସମୁଦାୟ ଲୋକସଂଖ୍ୟାର ଅଧାରୁ ସାମାନ୍ୟ ଅଧିକ। ଅନ୍ୟପକ୍ଷରେ ବାକି ଜନସଂଖ୍ୟାରେ ଆଦିବାସୀ, କୁକି ଓ ନାଗାଙ୍କ ସଂଖ୍ୟା ଯଥାକ୍ରମେ ୪୦, ୨୫ ଓ ୧୫ ପ୍ରତିଶତ ରହିଛି। ମେଇତିମାନେ ମୁଖ୍ୟତଃ ଇମ୍ଫାଲ ଭ୍ୟାଲିରେ ରହୁଥିବା ବେଳେ ଏହି ଆଦିବାସୀମାନେ ପାହାଡ଼ିଆ ଜିଲାରେ ବସବାସ କରିଥାଆନ୍ତି। କୁକିମାନେ ଉତ୍ତର ପୂର୍ବାଞ୍ଚଳ ଓ ମ୍ୟାନମାରର ବିଭିନ୍ନ ସ୍ଥାନରେ ଖେଳେଇ ହୋଇ ରହିଛନ୍ତି। ମଣିପୁରରେ ରହୁଥିବା କୁକିମାନେ ବହୁବର୍ଷ ପୂର୍ବରୁ ମ୍ୟାନମାରରୁ ଆସି ସେଠାରେ ବସବାସ କରୁଛନ୍ତି। କୁକି ଓ ନାଗାଙ୍କ ଅପେକ୍ଷା ମେଇତିମାନେ ଅଧିକ ଶିକ୍ଷିତ। ବ୍ୟବସାୟ ଓ ରାଜନୀତିରେ ସେମାନଙ୍କ ପତିଆରା ରହିଆସିଛି। ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ମେଇତି ସମ୍ପ୍ରଦାୟର। ତେଣୁ ସଂଖ୍ୟାଗରିଷ୍ଠଙ୍କ ପ୍ରତି ସେ ଢଳୁଛନ୍ତି ବୋଲି ଆଦିବାସୀମାନେ ଅଭିଯୋଗ କରୁଛନ୍ତି। ଏମିତି ଦେଖିଲେ କୁକି ଓ ନାଗାଙ୍କ ମଧ୍ୟରେ ସଂଘର୍ଷ ଘଟିଥାଏ। ହେଲେ ଯେତେବେଳେ ମେଇତିଙ୍କ ବିପକ୍ଷରେ ଲଢ଼ିବାକୁ ପଡ଼େ ଏହି ଦୁଇ ସମ୍ପ୍ରଦାୟ ଏକଜୁଟ ହୋଇଯାଇଥାଆନ୍ତି। କିଛି ମାସ ପୂର୍ବରୁ ସଂରକ୍ଷିତ ଜଙ୍ଗଲକୁ ସୁରକ୍ଷିତ ରଖିବା ଲାଗି ସେଠାରେ ବାସ କରୁଥିବା କେତେକ କୁକି ଗ୍ରାମବାସୀଙ୍କୁ ହଟାଇ ଦିଆଯାଇଥିବାରୁ ସେମାନେ ସରକାରଙ୍କ ଉପରେ ଖପ୍ପା ହୋଇ ରହିଥିଲେ। ଏବେ ସଂରକ୍ଷଣ ସମସ୍ୟା ଅଧିକ ଘନୀଭୂତ ହୋଇଥିବାରୁ ଏମାନେ ସରକାରଙ୍କୁ ବିରୋଧ କରୁଛନ୍ତି। ମଣିପୁରର ଭୌଗୋଳିକ ଓ ଜନସାଂଖ୍ୟିକ ସ୍ଥିତି ଯେଉଁ ସ୍ତରରେ ରହିଛି, ବର୍ତ୍ତମାନ ଉପୁଜିଥିବା ସମ୍ବେଦନଶୀଳ ପ୍ରସଙ୍ଗକୁ ରାଜ୍ୟ ସରକାର ଅତି ନିଘା ଦେଇ ସମାଧାନର ବାଟ ଖୋଜିବା ଦରକାର। ଏମିତି ଦେଖିଲେ ଉତ୍ତର ପୂର୍ବାଞ୍ଚଳ ଭାରତ ଭୂଖଣ୍ଡର ଏକ ବିବାଦୀୟ ଅଞ୍ଚଳ ଭାବେ ରହିଆସିଛି। ସୀମାନ୍ତ ପ୍ରତି ବାହ୍ୟ ରାଷ୍ଟ୍ରର ହସ୍ତକ୍ଷେପ ରହୁଥିବାରୁ ଏଠାକାର ସ୍ଥିତି କମ୍ ସମୟରେ ବିଗିଡ଼ିଯିବାର ଆଶଙ୍କା ରହିଛି। କେବଳ ରାଜ୍ୟ ସରକାର ନୁହେଁ, କେନ୍ଦ୍ର କୂଟନୀତି ପ୍ରୟୋଗ କରିବା ସହ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଲାଣି। ସବୁଠାରେ ରାଜନୀତି ପୂରାଇଲେ ଏଭଳି ଜାତିଆଣ ବିଭାଜନ ଆଗକୁ ଉଗ୍ର ହେବା ସହ ଦେଶ ଭିତରେ ଅରାଜକତା ଦେଖାଦେବ।

> **କେବଳ ରାଜ୍ୟ ସରକାର ନୁହେଁ, କେନ୍ଦ୍ର କୂଟନୀତି ପ୍ରୟୋଗ କରିବା ସହ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଲାଣି। ସବୁଠାରେ ରାଜନୀତି ପୂରାଇଲେ ଏଭଳି ଜାତିଆଣ ବିଭାଜନ ଆଗକୁ ଉଗ୍ର ହେବା ସହ ଦେଶ ଭିତରେ ଅରାଜକତା ଦେଖାଦେବ।**

# ବିଧିଶାସ୍ତ୍ର କଷଟିରେ ବିବାହ



ଡ.ଗୌରୀଶଙ୍କର ସାହୁ

ଅତିବଡ଼ୀ ଜଗନ୍ନାଥ ଦାସ ଶ୍ରୀମଦ୍ଭାଗବତ ମହାପୁରାଣର ଦଶମ ସ୍କନ୍ଧ ଦ୍ୱାବିଂଶ ଅଧ୍ୟାୟରେ ଶରତ ଋତୁ ଆଗମନ ମାତ୍ରେ ପଶୁ, ପକ୍ଷୀ, ମାନବୀଙ୍କ ମନରେ ଅଙ୍କୁରିତ ବାସନା ବିଷୟରେ ସୁନ୍ଦର ବର୍ଣ୍ଣନା କରିଛନ୍ତି। ସମୟ ଓ ପ୍ରକୃତି ଅନୁକୂଳ ହେଲେ ପଶୁପକ୍ଷୀମାନେ ଯୌନସୁଖ ଓ ସନ୍ତାନପ୍ରାପ୍ତି ପାଇଁ ସହବାସ କାମନା କରନ୍ତି। ମଣିଷ ସମାଜର ରୀତିନୀତି / ଆଇନକାନୁନ ମାନି ଯୌନାଚାରରେ ଲିପ୍ତ ହେଲେ ଯାଇ ସାମାଜିକ ସ୍ୱୀକୃତି ଲାଭକରେ, ନ ହେଲେ ମୁଣ୍ଡାଇବାକୁ ହୁଏ ବ୍ୟଭିଚାରର ବଦନାମ। ଭାରତବର୍ଷ ବିବିଧତାରେ ପରିପୂର୍ଣ୍ଣ। ରୀତିନୀତି, ପ୍ରଥା ଅନେକ। ହେଲେ ସୀମିତ ଆଇନକାନୁନ ମଧ୍ୟରେ ଆମ ଦିନଚର୍ଯ୍ୟା।

ବିବାହ, ଭାରତୀୟ ସମାଜ ଓ ମହାଭାରତୀୟ ସଂସ୍କୃତିର ଏକ ମହତ୍ତ୍ୱପୂର୍ଣ୍ଣ ବିଧି। ଭାରତୀୟ ଖ୍ରୀଷ୍ଟିଆନ ବିବାହ ଆଇନ- ୧୮୭୨, ପାର୍ସୀ ବିବାହ ଓ ବିଚ୍ଛେଦ ଆଇନ-୧୯୩୬, ଦ ମୁସ୍‌ଲିମ୍ ପର୍ସନାଲ୍ ଲ(ସରିଆତ୍) ଆପ୍ଲିକେଶନ୍ ଆକ୍ଟ- ୧୯୩୭ ପ୍ରଭୃତି ଯଥାକ୍ରମେ ଖ୍ରୀଷ୍ଟିଆନ, ପାର୍ସୀ ଜୋରାଷ୍ଟ୍ରିଆନ ଓ ଇସଲାମ୍ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ବିବାହ ଓ ବିଚ୍ଛେଦ ବିଷୟକ ବା ନିୟାମକ ଆଇନକାନୁନ। ଇହୁଦୀ ଧାର୍ମିକ ବିଧିବ୍ୟବସ୍ଥାରେ ଇହୁଦୀମାନଙ୍କ ବିବାହ ସମ୍ପାଦିତ ହୁଏ। ହିନ୍ଦୁ ବିବାହ ଆଇନ- ୧୯୫୫ର ଧାରା ୨(ଗ) ମୁତାବକ- ଯିଏ ମୁସଲମାନ୍, ଖ୍ରୀଷ୍ଟିଆନ୍, ପାର୍ସୀ ବା ଇହୁଦୀ ମତାବଲମ୍ବୀ ନୁହେଁ, ତା’ ପାଇଁ ଏଇ ଆଇନଟି ଲାଗୁହେବ। ସାମଗ୍ରିକ ଭାବେ ବିଚାର କଲେ- ଭାରତର ପ୍ରଚଳିତ ଆଇନ ମୁତାବକ ପ୍ରତ୍ୟେକ ନାଗରିକ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ପାର୍ସୀ ବା ଇହୁଦୀ- କୌଣସି ଗୋଟିଏ ଧର୍ମର। ତେଣୁ ବିବାହ ମଧ୍ୟ ଧାର୍ମିକ ରୀତିନୀତି ଅନୁସାରେ ହେବା ବିଧେୟ। ବିଶେଷ ବିବାହ ଆଇନ- ୧୯୫୪ର ଧାରା ୪(ଗ) ଦେଖିଲେ ଆପଣ ଜାଣିପାରିବେ ବିଭିନ୍ନ ଧାର୍ମିକ ଆଇନକୁ ସାମଗ୍ରିକ ଭାବେ ବିଚାରକୁ ନେଇ ପ୍ରତିବନ୍ଧିତ ସମ୍ପର୍କ (ପ୍ରୋଭିବିଟେଡ ରିଲେସନ୍‌ଶିପ୍) ନିର୍ଣ୍ଣୟ କରାଯାଇଛି ଓ ପ୍ରଥମ ସୂଚୀରେ ଏହାର ଅତି ଦୀର୍ଘ ତାଲିକା ଉପଲବ୍ଧ! ଯଦିଓ ଏହିସବୁ ପାରିବାରିକ ବା ସାମାଜିକ ସମ୍ପର୍କରେ ବନ୍ଧା ପ୍ରେମିକ ବା ପ୍ରେମିକା କାହିଁକି ବିବାହ କରିପାରିବେ ନାହିଁ; ବୈଜ୍ଞାନିକ ତତ୍ତ୍ୱସମୂହକୁ ନେଇ ତାହା ସ୍ଥାପିତ କରାଯାଇ ପାରିବ ନାହିଁ! ଏହି ବିଶେଷ ଆଇନ ଜରିଆରେ ବିବାହ ବନ୍ଧନରେ ବାନ୍ଧିହେଲେ ମଧ୍ୟ ଆପଣଙ୍କୁ ଏହି ପ୍ରତିବନ୍ଧିତ ସମ୍ପର୍କ ବାହାରେ ଜୀବନସାଥୀ ଖୋଜିବାକୁ ହେବ। କାରଣ ଆଗରୁ କୁହାଯାଇସାରିଛି- ଭାରତରେ ବିବାହ ଆଇନ ଅନ୍ତତଃ ଧର୍ମସହିତ, ଧର୍ମରହିତ ନୁହେଁ।

ଏବେ ଆଲୋଚନା କରିବା ବିଭିନ୍ନ ଧାର୍ମିକ ଆଇନ ଓ ବିଶେଷ ବିବାହ ଆଇନରେ ଓ ସର୍ବମାନ୍ୟ ଆଇନ ପୁସ୍ତକଗୁଡ଼ିକରେ ବିବାହର ସଂଜ୍ଞା ଓ ସ୍ୱରୂପ। ବିଶିଷ୍ଟ ଆଇନ ବିଶାରଦ ସ୍ୱର୍ଗତ ଜେ. ଆର୍. ଘରପୁରେ ‘‘ହିନ୍ଦୁ ଲ’’ ପୁସ୍ତକରେ ବେଦ, ଉପନିଷଦ, ସ୍ମୃତି, ଧର୍ମସୂତ୍ର ସବୁକୁ ବିଚାରକୁ ନେଇ ଗୌତମ ମୁନି, ବୌଧାୟନ, ଅପସ୍ତମ୍ଭ, ବଶିଷ୍ଠ, ମନୁ, ମହର୍ଷି ଯାଜ୍ଞବଳ୍କ, ବିଜ୍ଞାନେଶ୍ୱର, ଜୀମୁତବାହନ ଓ ଅନ୍ୟାନ୍ୟ ଅନେକ ଋଷି, ମହର୍ଷି ଓ ନ୍ୟାୟଶାସ୍ତ୍ରୀମାନଙ୍କ କଥା ଓ ଲେଖା ଆଧାରରେ ହିନ୍ଦୁଧର୍ମରେ ବିବାହର ସଂଜ୍ଞା ନିରୂପଣ କରିଛନ୍ତି। ପୃ. ୩୨ରେ ସେ ଲେଖୁଛନ୍ତି- ହିନ୍ଦୁ ବିବାହ ଗୋଟିଏ ପବିତ୍ର ଅନୁଷ୍ଠାନ (ସାକ୍ରାମେଣ୍ଟ), ଯାହା ଦଶ ସଂସ୍କାର ମଧ୍ୟରୁ ଅନ୍ୟତମ ଓ ଦମ୍ପତିଙ୍କ ଔରସରୁ ଜାତ ସନ୍ତାନସନ୍ତତିଙ୍କୁ ସ୍ୱୀକୃତି ଦେବାପାଇଁ ଅଭିପ୍ରେତ। ‘ପ୍ରିନ୍ସିପ୍ଲ ଅଫ୍ ମହମଡାନ ଲ’ର ପୃ. ୧୪୬ରେ ଦିନଶାହ ଫାରୁଦ୍ଦୁନଜୀ ମୁଲ୍ଲା ଲେଖିଛନ୍ତି- ଇସଲାମ୍ ଧର୍ମରେ ବିବାହ ଗୋଟିଏ ଚୁକ୍ତି (କଣ୍ଟ୍ରାକ୍ଟ) ଯାହା ସହବାସ ଦ୍ୱାରା ସନ୍ତାନସନ୍ତତି ସୃଷ୍ଟି ଓ ପୁତ୍ରକନ୍ୟାଙ୍କୁ ଆଇନ ଆଖିରେ ସ୍ୱୀକୃତି ଦେବାପାଇଁ ଉଦ୍ଦିଷ୍ଟ। ଏହିପରି ଅନ୍ୟାନ୍ୟ ଧାର୍ମିକ ଆଇନଗୁଡ଼ିକରେ ବିବାହ ନ ହେଲେ ବିଚ୍ଛେଦ ବିଷୟରେ ଆଲୋଚନା ବେଳେ ସନ୍ତାନ ପ୍ରାପ୍ତି ଯେ ମୂଳକଥା ଏହା ସାମ୍ନାକୁ ଆସେ। ବିଶେଷ ବିବାହ ଆଇନ- ୧୯୫୪ର ଧାରା ୪(କ-ଆ)ରେ କୁହାଯାଇଛି ଦମ୍ପତିଙ୍କ ମଧ୍ୟରୁ ଯଦି ଜଣେ ଯେ କେହି ସହବାସ ଦ୍ୱାରା ସନ୍ତାନ ଲାଭପାଇଁ ଅସମର୍ଥ, ତେବେ ଏଇ ବିବାହ ଆଇନ ଦୃଷ୍ଟିରେ ଅବୈଧ ଓ ଅସିଦ୍ଧ।



ସାମଗ୍ରିକ ଭାବେ ଦେଖିଲେ- ଯେଉଁ ବିବାହରେ ଦମ୍ପତି ଦ୍ୱୟଙ୍କ ମଧ୍ୟରେ ସହବାସ ଦ୍ୱାରା ସନ୍ତାନ ସନ୍ତତି ପ୍ରାପ୍ତିର ସମ୍ଭାବନା ନ ଥିବ, ତାହା ବିବାହ ପଦବାଚ୍ୟ ନୁହେଁ। ଏଇ ଯେମିତି ଏବେ ସମଲିଙ୍ଗୀ ବିବାହ ବିଷୟରେ ବ୍ୟାପକ ଚର୍ଚ୍ଚା ଆଲୋଚନା ହେଉଛି। ନା ପ୍ରାକୃତିକ ନା ବୈଜ୍ଞାନିକ ପଦ୍ଧତିରେ ପୁଅ-ପୁଅ, ଝିଅ-ଝିଅ ମଧ୍ୟରେ ପ୍ରତ୍ୟକ୍ଷ ବା ପରୋକ୍ଷ ସମ୍ପର୍କ ଦ୍ୱାରା ଦମ୍ପତି ଦ୍ୱୟଙ୍କ ଔରସରୁ ସନ୍ତାନ ସନ୍ତତି ଜନ୍ମହେବାର କାଣିଚାଏ ବି ସମ୍ଭାବନା ଅଛି! ଯେହେତୁ ସମଲିଙ୍ଗୀ ଯୁଗଳ ସନ୍ତାନ ସୃଷ୍ଟି ପାଇଁ ଅସମର୍ଥ, ସାମ୍ପ୍ରତିକ ବିବାହ ଆଇନଗୁଡ଼ିକର ସାମଗ୍ରିକ ତର୍ଜମା ସମଲିଙ୍ଗୀମାନଙ୍କ ମଧ୍ୟରେ ବିବାହ ସମ୍ପର୍କ ସ୍ଥାପନକୁ ସ୍ୱୀକୃତି ଦେବାପାଇଁ ସମ୍ପୂର୍ଣ୍ଣ ଅସମର୍ଥ। କୌଣସି ପ୍ରଚଳିତ ଧର୍ମ, ଧାର୍ମିକ ଚଳଣି, ରୀତିନୀତି, ପ୍ରଥାରେ ସମଲିଙ୍ଗୀ ବିବାହର ଉଦାହରଣ ବା ଇତିହାସ ନାହିଁ। ତେଣୁ ଭାରତରେ ବିବାହ ଆଇନର ସଂଶୋଧନ ମାଧ୍ୟମରେ ମଧ୍ୟ ଏହାକୁ ଆଇନସିଦ୍ଧ କରିବା, ବାସ୍ତବ ବିଧି ବ୍ୟବସ୍ଥାର ପରିଧି ଭିତରେ ଅସମ୍ଭବ ପ୍ରତୀୟମାନ ହୁଏ।

ଆଉ ଗୋଟିଏ ମହତ୍ତ୍ୱପୂର୍ଣ୍ଣ କଥା ହେଲା- ହିନ୍ଦୁ, ଇହୁଦୀ ଓ ପାର୍ସୀ ବିବାହରେ ଦମ୍ପତିଦ୍ୱୟଙ୍କ ମଧ୍ୟରୁ ଜଣେ କନ୍ୟା ହୋଇଥିବା ଜରୁରୀ। ହିନ୍ଦୁ ବିବାହ ସମ୍ପୂର୍ଣ୍ଣ ହେବା ପାଇଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପ୍ରଥା ହେଲା- ହୋମ, ସପ୍ତପଦୀ ଓ କନ୍ୟାଦାନ ବୋଲି ଅଧିକାଂଶ ରାୟର ନିଷ୍କର୍ଷ। କନ୍ୟାଟିଏ ନ ରହିଲେ କନ୍ୟାଦାନ କର୍ମ ସମ୍ପାଦିତ ହେବ କିପରି? କନ୍ୟାଦାନ ନ ହେବା ପର୍ଯ୍ୟନ୍ତ ହିନ୍ଦୁ ବିବାହ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ କିପରି? ଇହୁଦୀ ବିବାହର ସବୁଠାରୁ ଜରୁରୀ ପ୍ରଥା ହେଲା- ‘‘କାସେଫ୍’’। ଏଥିରେ କନ୍ୟାପକ୍ଷରୁ ବରକୁ ଧନସମ୍ପତ୍ତି ଦେବାକୁ ହୁଏ। ଦମ୍ପତିଙ୍କ ମଧ୍ୟରୁ ଜଣେ ନାରୀ ନ ହେଲେ, ଏଇ ରୀତି ସମ୍ପାଦିତ ହେବ କେମିତି ଓ ବିବାହ ସମ୍ପୂର୍ଣ୍ଣ ହେବ କିପରି? ସମଲିଙ୍ଗୀ ବିବାହକୁ ସ୍ୱୀକୃତି ମିଳିଲେ, ପୁଅ-ପୁଅ ମଧ୍ୟରେ ବିବାହ ବେଳେ କନ୍ୟାଦାନ ବା କାସେଫ୍ ପ୍ରଥା ପରି ଅତ୍ୟାବଶ୍ୟକ ଧାର୍ମିକ ରୀତିନୀତି ସମ୍ପୂର୍ଣ୍ଣ ହେବ କେମିତି ଓ ବିବାହ ବୈଧ ହେବ କିପରି? ଯଦି ସମଲିଙ୍ଗୀ ବିବାହକୁ- ସ୍ୱୀକୃତି ଦିଆଗଲା ତା’ ହେଲେ ସମସ୍ତ ଧାର୍ମିକ ବିବାହ ଆଇନ ଓ ବିଶେଷ ବିବାହ ଆଇନର ଶେଷପୃଷ୍ଠାଗୁଡ଼ିକରେ ଯେଉଁ ପ୍ରତିବନ୍ଧିତ ସମ୍ପର୍କ (ପ୍ରୋହିବିଟେଡ୍ ରିଲେସନଶିପ୍)ର ତାଲିକା ରହିଛି, ତାକୁ ରଖିବାର କ’ଣ ବା ନ୍ୟାୟିକ ଯୁକ୍ତି ରହିବ? ପୁଅ-ପୁଅ, ଝିଅ-ଝିଅ ପରସ୍ପରକୁ ବାହାହେଲା ପରେ ସପିଣ୍ଡ ସମ୍ପର୍କ ସବୁ ଓ ବିଶେଷ କରି ବିଶେଷ ବିବାହ ଆଇନର ପ୍ରଥମ ସୂଚୀରେ ବର୍ଣ୍ଣିତ ମା’-ପୁଅ, ବିମାତା-ପୁଅ, ଆଈ-ନାତି, ବାପ-ଝିଅ, ଜେଜେ-ନାତୁଣୀ ପ୍ରଭୃତି ଯେଉଁ ୭୪ଟି ପ୍ରତିବନ୍ଧିତ ସମ୍ପର୍କ ମଧ୍ୟରେ ବିବାହକୁ ଅବୈଧ ଓ ଅସିଦ୍ଧ ଘୋଷଣା କରାଯାଇଛି, ତାହା କେଉଁ ଯୁକ୍ତିରେ ବଳବତ୍ତର ରହିବ? ବେଳ ହୁଁସାବଧାନ ନ ହେଲେ ସମ୍ବେଦନଶୀଳ ବିଷୟଟି ଆହୁରି ଜଟିଳ ଓ ଜଟିଳତର ହେବ। ଶେଷରେ ଗୋଟିଏ ପ୍ରଶ୍ନ- ଶାରୀରିକ ମିଳନ କ’ଣ ପ୍ରେମର ପ୍ରଥମ ଓ ଅନ୍ତିମ ଲକ୍ଷ୍ୟ ଯେ ସମଲିଙ୍ଗୀମାନେ ବିବାହ କରିବାର ଅଧିକାର ନ ପାଇଲେ, ସେମାନଙ୍କ ମଧ୍ୟରେ ପ୍ରୀତି ସାମାଜିକ ସ୍ୱୀକୃତି ପାଇବ ନାହିଁ? ମହାକବି କାଳିଦାସ ତ କହିଥିଲେ (ଭାବାର୍ଥ)-
ଆକାଶରେ କଳାମେଘ, ଅରଣ୍ୟରେ କେକୀ,
ପୋଖରୀରେ କଇଁଫୁଲ, ବହୁଦୂରରେ ଶଶୀ,
ତଟିନୀରେ ପଦ୍ମ ଫୁଟେ, ଚକ୍ରବାଳେ ରବି,
ଯାହାର ଯା’ ପ୍ରତି ପ୍ରୀତି, ପ୍ରେମସିକ୍ତ ଦେଖି।

**ସମ୍ପାଦକ, ‘ସିଦ୍ଧାନ୍ତ’**
**ମୋ: ୭୯୭୮୪୨୧୮୩୫**

# ମଣିଷ ପ୍ରକୃତିକୁ ଫେରୁଛି



ବିଭାବତୀ ଦାଶ

ଜହ୍ନ ଯେତେଦିନ ଯାଏ ମାମୁ ହୋଇ ରହିଥିଲା, ସେତେଦିନ ଯାଏ ଜୀବନ କେତେ ସରଳ, ସ୍ୱଚ୍ଛନ୍ଦ, ନିର୍ବିକାର ଥିଲା। ତାରାମାନେ ଥିଲେ ସାଙ୍ଗ। ତାରାକୁ ତାରା ଯୋଡ଼ି ଦା’ବେଣ୍ଟ ପରି ସପ୍ତର୍ଷି ମଣ୍ଡଳକୁ ସଞ୍ଜ ଆକାଶରେ ଖୋଜି ପାଇଗଲେ, ନିଜକୁ ବୈଜ୍ଞାନିକ ଭଳି ମନେହେଉଥିଲା। ପୋଖରୀ କୂଳରେ ବସି ଗୋଟି ଗୋଟି ଟେକା ପଥର ଫିଙ୍ଗି ତରଙ୍ଗ ଗଣିବାରେ ମଜା ଆସୁଥିଲା। ଖରାଛୁଟି ଦ୍ୱିପହର ବେଳେ ବୋଉ କୋଳରୁ ଚୁପ୍‌କି ଉଠିଯାଇ ଗାଁ ପିଲାଙ୍କ ସହ ଦାଣ୍ଡରେ ଲୁଚକାଳି, ବୋହୂଚୋରି, ବାଲିଘର, କବାଡି, କିତିକିତି ଖେଳିବାରେ ହେଉ କି କଞ୍ଚା ଆମ୍ବ, ତେନ୍ତୁଳି, ଆମ୍ବୁଲ ଚକଟି ଖଟାପାଣି କରି ମୁନ୍ଦେ ମୁନ୍ଦେ ବାଣ୍ଟି ପିଇବାରେ ହେଉ, ସବୁଥିରେ ଥିଲା ଖୁସି। ମାଟି, ପାଣି, ଗଛ, ଜୀବଜନ୍ତୁଙ୍କ ସହ ସହାବସ୍ଥାନ ଶିଖାଇଥିଲା ପିଲାଦିନ। ସକାଳୁ ଗାଈର ହମ୍ବାରଡିରେ ନିଦ ଭାଙ୍ଗୁଥିଲା। ରାତିରେ ବୋଉ କୋଳରେ ମୁହଁ ଗୁଞ୍ଜି ଦେଲେ ନିଦ ଲହଡ଼ି ଭାଙ୍ଗି ମାଡିଆସୁଥିଲା। ବୋଉ ଶୁଆଇଦେଲା ବେଳେ ବଉଳା ଗାଈ ଗୀତଟିକୁ ବୋଲୁଥିଲା ସବୁଦିନ। ବଉଳା ଗାଈ ତା’ ବାଛୁରୀକୁ କ୍ଷୀର ପିଆଇଦେଲା ପରେ ବାଘ ପାଖକୁ ଫେରିଯିବା ପାଇଁ ବାଛୁରୀକୁ ଗେଲ କରିବା ଧାଡ଼ିଟି ଗାଇବା ବେଳକୁ ବୋଉର କଣ୍ଠ ବାଷ୍ପରୁଦ୍ଧ ହୋଇଯାଉଥିଲା। ସ୍ୱର କରୁଣ ହେଇଯାଉଥିଲା ତା’ ଆଖିରେ ଲୁହ ବି ଆସିଯାଉଥିଲା। ଯେମିତି ବୋଉ ବଉଳା ଗାଈ ପାଲଟି ଯାଉଥିଲା ଆଉ ମୁଁ ତା’ ବାଛୁରୀ। ମୋ ଆଖିରେ ବି ଲୁହ ଆସୁଥିଲା। ଥଣ୍ଡା କାଶ ଜର ହେଲେ ବୋଉ ରାତି ରାତି ନ ଶୋଇ ଜଗି ବସୁଥିଲା। ମୁଣ୍ଡରେ ଠାକୁରଙ୍କ ନାମ ନେଇ ପାଣିପଟି ପକାଉଥିଲା। ସବୁ କଷ୍ଟ ତାକୁ ଦେଇ ମୋ’ ଦେହ ଭଲ କରିଦେବା ପାଇଁ ଠାକୁରଙ୍କୁ ନେହୁରା ହେଉଥିଲା। ଜନ୍ମ ଦିନରେ ଭଳିକି ଭଳି ପିଠା ଖିରି କରି ସାହି ଛୁଆଙ୍କୁ ଖୁଆଉଥିଲା। ନିର୍ଦ୍ଦିଷ୍ଟ ପର୍ବପର୍ବାଣିରେ ନୂଆ ଡ୍ରେସ୍ ଆସୁଥିଲା। ନୂଆ ଡ୍ରେସ୍ ପିନ୍ଧିବା ଖୁସିରେ ପୂର୍ବଦିନ ଆଖିରେ ନିଦ ଆସୁ ନ ଥିଲା। ଆମ ପିଲାଦିନରେ ଆମ ଖୁସିର ଉତ୍ସ ଥିଲା ପ୍ରକୃତି ଓ ପରିବାର।

ଏବେ ମୁଁ ଯଥେଷ୍ଟ ବଡ଼ ହୋଇସାରିଛି। ବଡ଼ ବଡ଼ କଲେଜ ଓ ୟୁନିଭର୍ସିଟିରୁ ଡିଗ୍ରୀ ହାସଲ କରି ସରକାରୀ ଚାକିରି କରୁଛି। ଭଲ ଦରମା ବି ପାଉଛି। ସହରରେ ବିରାଟ ବଙ୍ଗଳା କିଣିଛି। ଏସି, ମୋବାଇଲ୍, ଲାପ୍‌ଟପ୍, ଟିଭି ବିନା କ୍ଷଣଟିଏ ବି ଅତିଷ୍ଠ ଲାଗୁଛି। ଅଫିସ୍‌ରେ ଦିନସାରା ଖଟି ଖଟି ଫେରିଲା ପରେ ମୋ ରୁମ୍‌ରୁ ବାହାରିବା ଅସମ୍ଭବ, ମୋ ପାଇଁ କେତେ କେତେ ରୋଗ ମୋ ଦେହକୁ ଅକ୍ତିଆର କରିଛନ୍ତି। ମାସକୁ ମାସ ଡାକ୍ତର, ରକ୍ତ ପରୀକ୍ଷା, ଔଷଧ, ଇଞ୍ଜେକ୍ସନ ଇତ୍ୟାଦିରେ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏବେ ଜୀବନରେ ରୋମାନ୍ସ କମ୍, ଜଞ୍ଜାଳ ବେଶି। ବେଳେବେଳେ ଜୀବନଟା ଜଳ ଭଳି ରଙ୍ଗହୀନ, ସ୍ୱାଦହୀନ, ଗନ୍ଧହୀନ ଲାଗୁଛି। ବର୍ତ୍ତମାନର ପିଲାମାନଙ୍କୁ ଖେଳିବା ପାଇଁ କହିଲେ, ସେମାନେ ମୋବାଇଲ ଦରକାର କରନ୍ତି। ପାଟି ସୁଆଦ ପାଇଁ ପ୍ଲାଷ୍ଟିକ୍ ଜରି ଓ କଳାଧଳା ଡବାରେ ଖାଦ୍ୟ ହୋଟେଲରୁ



ମଗାଇ ଖାଆନ୍ତି। ତାଙ୍କ ଜୀବନ ଓ ଖୁସି ଯନ୍ତ୍ରକେନ୍ଦ୍ରିତ।

କିନ୍ତୁ ବୋଉ ଠିକ୍ ସେମିତି ଅଛି, ଯେମିତି ଥିଲା ସେଦିନ। ମୋର ଦି’ ଗୁଣ ବୟସରେ ବି ମୋଠୁ ଅଧିକ ନୀରୋଗ, ନିର୍ଝଞ୍ଜାଳ ଜୀବନ ବଞ୍ଚୁଛି। ଆଜି ବି ସେ ଡାକ୍ତର ପାଖକୁ ଯିବା ପୂର୍ବରୁ ତା’ ବାଡି ବଗିଚାର ଚେରମୂଳି ଖାଇ ନିଜକୁ ସୁସ୍ଥ କରୁଛି। ପରିଣତ ବୟସରେ ବି ବୋଉ ସୂର୍ଯ୍ୟ ଉଇଁବା ପୂର୍ବରୁ ବିଛଣାରୁ ଉଠି ଘରକାମ ସାରୁଛି। ଆଗଭଳି ଆଜି ବି ସେ ସକାଳୁ ଆମ ଭଳି ପାଟିସୁଆଦିଆ ଜଳଖିଆ ଅପେକ୍ଷା ଶାଗ ପଖାଳ ଖାଇବାକୁ ଭଲ ପାଉଛି। ଆକ୍ୱାଗାର୍ଡ ପାଣି ନୁହେଁ, ବରଂ ଫୁଟା ଛଣା ପାଣି ମାଠିଆରେ ରଖି ପିଉଛି। ସେ ମୋବାଇଲ ବ୍ୟବହାର ବେଶି ଜାଣିନି ଓ ମନ ଆନମନା କରିବାକୁ ବହି ପଢୁଛି।

ବୋଉ କୁହେ ସେ ଛୁଆଦିନେ ମାଣ୍ଡିଆଯାଉ ଖାଇ ଚାଟଶାଳିକୁ ଯାଉଥିଲା। ଏବେ ଡାକ୍ତର ଓ ଡାଏଟିସିଆନଙ୍କ ଉପଦେଶ ଅନୁସାରେ ମୁଁ ମାଣ୍ଡିଆ, ଖଣ୍ଡିଗହମ (ଦଳିଆ), ଗହମ ଯଅ ଚୁଡା(ଓଟସ୍), ମକା ଚୁଡା (କର୍ନଫ୍ଲେକ୍ସ), ଗୁଡ଼ କି ମହୁ ଦେଇ ସିଝାଇ ବା ଭିଜେଇ ଖାଉଛି। ସେଗୁଡା କୁଆଡେ ଦେହ ପାଇଁ ହିତକର। ବୋଉ ବିନା କ୍ଷୀର ବାଲା ନାଲି ଚା’ ପିଏ। ମୁଁ ଏବେ ବ୍ଲାକ-ଟି ନ ହେଲେ ଗ୍ରୀନ୍-ଟି ପିଉଛି। କାରଣ ମେଡିକାଲ ସାଇନ୍ସ କହୁଛି, ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର।

ଜେଜେ କହୁଥିଲେ, ତାଙ୍କ ପିଲାବେଳେ ଏତେ ଗାଡିର ସୁବିଧା ନ ଥିଲା। ଦୂର ବାଟ ଯିବାକୁ ହେଲେ ସେତେବେଳେ ଲୋକମାନେ ଚାଲି ଚାଲି ଯାଉଥିଲେ। ମୋ ସମୟରେ କିନ୍ତୁ ଘରେ ଘରେ ଏକାଧିକ ଗାଡି। ସକାଳୁ ସକାଳୁ ସହର ଓ ଗାଁର ଲୋକମାନେ ଝାଳନାଳ ହୋଇ ରାସ୍ତା କଡ଼େ କଡ଼େ ଧାଡ଼ି ବାନ୍ଧି ଚାଲିଛନ୍ତି ମେଦ ଓ ରୋଗ କମ୍ କରିବା ପାଇଁ, ମୁଁ ବି ପାର୍କରେ ଦୌଡୁଛି, ବ୍ୟାୟାମ କରୁଛି। ସମସ୍ତଙ୍କ ପାଖେ ସମୟର ଘୋର ଅଭାବ। କେହି କାହା ସୁଖ ଦୁଃଖରେ ଠିଆ ହେବା ପାଇଁ ତର ନାହିଁ। ମୋବାଇଲରେ ସବୁ ସାନ୍ତ୍ୱନା, ଆଶ୍ୱାସନା ଦୁଇ ସେକେଣ୍ଡରେ ପଠାଇ ହେଉଛି। ମେଶିନ ସଂଖ୍ୟା ଘରେ ବଢୁଛି, ଲୋକ ସଂଖ୍ୟା କମୁଛି। ବନ୍ଧୁ ହେଉ କି ଘରର ଆସବାବ, ସବୁ ବିଦେଶୀ କରିବାରେ ଅନେକ ଦିନ ଆମେ ଗର୍ବ ଅନୁଭବ କରିବା ପରେ ଏବେ ଦେଶୀୟ ଖାଦ୍ୟ, ବସ୍ତ୍ର ଓ ଆଖପାଖ ମଣିଷଙ୍କ ମହତ୍ତ୍ୱ ହେଜୁଛୁ। ଯାନ୍ତ୍ରିକତାରେ ଜୀବନର ସବୁ ସୁଖ ଶାନ୍ତି ମିଳିପାରେ ନାହିଁ ବୋଲି ହୃଦୟଙ୍ଗମ କଲାବେଳେ, ଏବେ ଆମେ ଦେଶୀ ଆଡକୁ ମୁହାଁଉଛୁ। ଦେଶୀୟ ପଦ୍ଧତିରେ ଚାଷ କରୁଛୁ। ଉଜୁଡ଼ା ପ୍ରକୃତିକୁ ସଜାଡିବା ପାଇଁ ଅଣ୍ଟା ଭିଡୁଛୁ। ସହରଠୁ ଦୂର ଜାଗାରେ ଫାର୍ମହାଉସ୍ କରି ସେଠି ପ୍ରକୃତି ସହ ଅଧିକ ସମୟ ବିତାଉଛୁ। ମା, ମାଟି ଓ ପରିବେଶର ମୂଲ୍ୟ ବୁଝି ସେସବୁକୁ ସୁରକ୍ଷିତ ରଖିବାର ପ୍ରଚେଷ୍ଟା ଆରମ୍ଭ ହେଉଛି। ସୂର୍ଯ୍ୟଶକ୍ତି ବ୍ୟବହାର କରି ବିଦ୍ୟୁତ୍ ଉତ୍ପାଦନ ହେଉଛି। ପ୍ରକୃତି ଓ ଧରଣୀର ବିକାଶ ପାଇଁ ଆମେ ଏବେ ଅଧିକ ତତ୍ପର। ମଣିଷ ପ୍ରକୃତିରୁ ଦୂରେଇ ଅପ୍ରାକୃତିକ ସୁଖ ସ୍ୱାଚ୍ଛନ୍ଦ୍ୟରେ ବେଶି ଦିନ ତିଷ୍ଠି ପାରିବନି- ଏକଥା ଏବେ ସେ ବୁଝି ସାରିଲାଣି। ତେଣୁ ମଣିଷ ପୁଣି ପ୍ରକୃତି କୋଳକୁ ଫେରୁଛି।

**ଶାସ୍ତ୍ରୀନଗର, ଭୁବନେଶ୍ୱର**
bibhabatidash@gmail.com

## ଏଇ ଭାରତରେ

ତାମିଲନାଡୁର ଆର୍ଟିଷ୍ଟ ଏସ୍. ଜେୟା କ୍ରୁଜ୍ ଷଢ଼େଇର ପୁନଃଉପଯୋଗ କରି ଏହାକୁ ନାରୀ ସଶକ୍ତୀକରଣର ମାଧ୍ୟମରେ ପରିଣତ କରିଛନ୍ତି। ବଡ଼ କଥା ହେଉଛି ସେ ଷଢ଼େଇରେ ବିଭିନ୍ନ କଳାକୃତି ଓ ଗହଣା ତିଆରି କରି ଚର୍ଚ୍ଚାରେ ରହିଛନ୍ତି। ଜେୟା ଏଣେତେଣେ ଫିଙ୍ଗି ଦିଆଯାଉଥିବା ଷଢ଼େଇକୁ ସଂଗ୍ରହ କରି ସେଥିରେ ଭାରତର ବିଭିନ୍ନ କଳାକୃତିକୁ ଫୁଟାଇ ପାରୁଛନ୍ତି। ଉକ୍ତ କାର୍ଯ୍ୟରେ ପାଖାପାଖି ୫୦ ମହିଳାଙ୍କୁ ସେ ନିଯୁକ୍ତ କରିଛନ୍ତି। ଜେୟା ଏସ୍.ଭି. ହ୍ୟାଣ୍ଡିକ୍ରାଫ୍ଟ ନାମକ କମ୍ପାନୀ ଦ୍ୱାରା ଏହି କାର୍ଯ୍ୟ ଜାରି ରଖିଛନ୍ତି। ଉକ୍ତ କଳାକୁ ସେ ମାତ୍ର ୧୬ ବର୍ଷ ବୟସରେ ଜେଜେଙ୍କଠାରୁ ହାସଲ କରିଥିଲେ। ଷଢ଼େଇରେ ବିଭିନ୍ନ କଳାକୃତି କରିବା ସହ ସେ ଗହଣା, କପ୍, ଓ ବାସନ ଆଦି ତିଆରି କରୁଛନ୍ତି। ଷଢ଼େଇ କପ୍‌ର ଦାମ ରଖିଛନ୍ତି ୨୦ ଟଙ୍କା ଓ ବାସନର ମୂଲ୍ୟ ୨୫୦ ଟଙ୍କା। ତାଙ୍କ ଗହଣାର ମୂଲ୍ୟ ରହିଛି ୫୦ରୁ ୨,୫୦୦ ଟଙ୍କା ପର୍ଯ୍ୟନ୍ତ। ଏହିସବୁ ଉତ୍ପାଦକୁ ଜେୟା ଓ ତାଙ୍କ ଟିମ୍ ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ, ମଦୁରାଇ, କୋଏମ୍ବାଟୁର ଆଦି ସ୍ଥାନରେ ବିକ୍ରି କରୁଛନ୍ତି। ଏହା ବ୍ୟତୀତ ଜର୍ମାନୀ ଓ ଫ୍ରାନ୍ସରୁ ମଧ୍ୟ ଏହି ଜିନିଷ ଲାଗି ସେ ଅର୍ଡର ପାଇଛନ୍ତି ଓ ତାହା ଯୋଗାଇ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ମେ ୧୯୯୮

- ଟେଲିକମ ଦୁର୍ନୀତି ମାମଲାରେ ଅଭିଯୁକ୍ତ ହିମାଚଳ ପ୍ରଦେଶ ପୂର୍ବ ଓ ଶକ୍ତିମନ୍ତ୍ରୀ ସୁଖରାମଙ୍କ ରାଜ୍ୟ ମନ୍ତ୍ରୀ ପରିଷଦରୁ ଇସ୍ତଫା।
- ଦକ୍ଷିଣପୂର୍ବ ମେକ୍ସିକୋରେ ନିଶାମୁକ୍ତ ଔଷଧର ଚୋରା ବେପାରିମାନେ ଜଙ୍ଗଲରେ ନିଆଁ ଲଗାଇଦେବା ଯୋଗୁ ୨୩ ଚାଷୀଙ୍କ ମୃତ୍ୟୁ।
- ବାଂଲାଦେଶରେ ଧର୍ମୀୟ ସଦ୍‌ଭାବନା ପ୍ରତିଷ୍ଠା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଧାନମନ୍ତ୍ରୀ ଶେଖ୍ ହାସୀନା ‘ମହାତ୍ମା ଗାନ୍ଧୀ ପୁରସ୍କାର’ ପାଇବାକୁ ମନୋନୀତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | | |
| 7 | | | | | 5 | | | |
| | 8 | | 1 | 9 | | | | 2 |
| 6 | | | 7 | | | | | |
| | | 7 | | 3 | 8 | | | 6 |
| | | | 4 | | | 9 | 1 | |
| | | | | 2 | 4 | | | |
| 5 | | | | | | 8 | | 1 |
| | | 6 | | 1 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 5 | 4 | 9 | 8 | 7 | 1 | 3 |
| 7 | 9 | 3 | 6 | 1 | 5 | 8 | 4 | 2 |
| 8 | 4 | 1 | 7 | 3 | 2 | 6 | 5 | 9 |
| 2 | 5 | 6 | 8 | 7 | 9 | 1 | 3 | 4 |
| 4 | 3 | 8 | 1 | 5 | 6 | 2 | 9 | 7 |
| 9 | 1 | 7 | 3 | 2 | 4 | 5 | 8 | 6 |
| 5 | 7 | 9 | 2 | 8 | 3 | 4 | 6 | 1 |
| 3 | 6 | 2 | 5 | 4 | 1 | 9 | 7 | 8 |
| 1 | 8 | 4 | 9 | 6 | 7 | 3 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଞ୍ଚାୟତକୁ ସମ୍ପୂର୍ଣ୍ଣ କ୍ଷମତା ଦେବାରେ ବିଳମ୍ବ କାହିଁକି

ମହାଶୟ,

ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ପଞ୍ଚାୟତକୁ ପୂର୍ଣ୍ଣ କ୍ଷମତା ହସ୍ତାନ୍ତର କରାଯିବାକୁ ସମ୍ବିଧାନ ସଂଶୋଧନ ହୋଇଥିଲା। କିନ୍ତୁ ଦୀର୍ଘବର୍ଷ ପରେ ମଧ୍ୟ ୮ଟି ବିଷୟ ଏ ପର୍ଯ୍ୟନ୍ତ ହସ୍ତାନ୍ତର ହୋଇପାରି ନାହିଁ। ସମ୍ବିଧାନରେ ମୋଟ ୨୯ଟି ବିଷୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ କ୍ଷମତା ହସ୍ତାନ୍ତର ବ୍ୟବସ୍ଥା ରହିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ୨୧ଟି ବିଷୟ ହସ୍ତାନ୍ତର ହୋଇଛି। ହସ୍ତାନ୍ତରିତ ହୋଇ ନ ଥିବା ୮ଟି ବିଷୟରେ ରହିଛି ସାମାଜିକ ବନୀକରଣ, କ୍ଷୁଦ୍ରଶିଳ୍ପ ଖଦି, କୁଟୀରଶିଳ୍ପ ଜାଳେଣି ଓ ଖାଦ୍ୟ, ଗ୍ରାମ୍ୟ ବିଦ୍ୟୁତୀକରଣ, ତାଲିମ ଓ ଧନ୍ଦାମୂଳକ ଶିକ୍ଷା, ପାଠାଗାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି। ଲୋକ ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତକୁ ସମସ୍ତ ବିଷୟ ହସ୍ତାନ୍ତର କରିବାକୁ ମତ ପ୍ରକାଶ କରିଆସୁଛନ୍ତି। ଆଉ କାଳବିଳମ୍ବ ନ କରି ସରକାର ପଞ୍ଚାୟତକୁ ସଶକ୍ତ କରିବା ପାଇଁ ଅବଶିଷ୍ଟ ୮ଟି ବିଷୟ ହସ୍ତାନ୍ତର କରିବା ଉଚିତ।

**–ସାଗରିକା ଚୌଧୁରୀ, ସରପଞ୍ଚ, ରାଧାଦେଇପୁର, ବଡ଼ଚଣା, ଯାଜପୁର**

## ଚିରନ୍ତନୀ

ଆପଦ-ସଙ୍କୁଳ କରି ଖୋଜିନେଉ
ଜୀବନର ପଥ
ଦିଅ ତବ ଆଶୀର୍ବାଦ, ହେଉ ଧନ୍ୟ
ହେଉ ସତ୍ୟବ୍ରତ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କୁଲଡିହାରେ ମାଈ ହାତୀର ମୃତ୍ୟୁ

ନୀଳଗିରି,୭।୫(ଡି.ଏନ୍.ଏ.): ବାଲେଶ୍ୱର ଜିଲା ନୀଳଗିରିସ୍ଥିତ କୁଲଡିହା ଅଭୟାରଣ୍ୟର ହାତୀଖୋଲିଆ ସେକ୍ସନ ଅଧୀନରେ ଥିବା ଜଙ୍ଗଲରେ ରବିବାର ସନ୍ଧ୍ୟାରେ ଏକ ମାଈହାତୀର ମୃତ୍ୟୁ ହୋଇଛି। ହାତୀର ଗୋଟିଏ ଗୋଡ଼ରେ କ୍ଷତ ସୃଷ୍ଟି ହୋଇଥିବାରୁ ମାସେ ହେଲା ବନ ବିଭାଗ ତା'ର ଚିକିତ୍ସା କରିଆସୁଥିଲା। ତେବେ ସମସ୍ତ ଚେଷ୍ଟାସତ୍ତ୍ୱେ ଉକ୍ତ ହାତୀର ମୃତ୍ୟୁ ହୋଇଥିବା ବାଲେଶ୍ୱର ଡିଏଫ୍‌ଓ ଖୁସୱନ୍ତ ସିଂ ସୂଚନା ଦେଇଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଅଞ୍ଚଳରେ ବର୍ଷକ ମଧ୍ୟରେ ୯ ହାତୀଙ୍କ ମୃତ୍ୟୁ ହେଲାଣି।

# 'ନ୍ୟାୟ ବ୍ୟବସ୍ଥା ଅଧିକ ନାଗରିକ କୈନ୍ଦ୍ରିକ ହେବା ଉଚିତ'

କଟକ ଅଫିସ,୭।୫



ଜୁଡିସିଆଲ ଏକାଡେମୀରେ ଆୟୋଜିତ ଜାତୀୟ ସମ୍ମିଳନୀରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଅନ୍ୟମାନେ।

**ଜୁଡିସିଆଲ ଏକାଡେମୀରେ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ**

**ଆଗାମୀ ୩ ମାସରେ ଓଡ଼ିଶାର ୧୦୦ରୁ ଅଧିକ କୋର୍ଟ ପେପରଲେସ୍ ହେବ**

ଓଡ଼ିଶା ହାଇକୋର୍ଟ ପକ୍ଷରୁ କଟକସ୍ଥିତ ଜୁଡିସିଆଲ ଏକାଡେମୀଠାରେ ଆୟୋଜିତ ଦୁଇଦିନିଆ ଜାତୀୟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ପେପରଲେସ୍ କୋର୍ଟ ଉପରେ ଗୁରୁତ୍ୱାରୋପ କରି କହିଥିଲେ, ନ୍ୟାୟିକ ବ୍ୟବସ୍ଥାରେ ପେପରଲେସ୍ କୋର୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଗାମୀ ୩ ମାସରେ ଓଡ଼ିଶାରେ ୧୦୦ରୁ ଊର୍ଦ୍ଧ୍ୱ କୋର୍ଟ ପେପରଲେସ୍ କରାଯିବ ବୋଲି ସେ ଘୋଷଣା କରିଥିଲେ। ସୋସିଆଲ ମିଡିଆକୁ ଉପଯୋଗ କରିବା ଉପରେ ଜୁଡିସିଆଲ ଅଫିସରମାନେ ଚିନ୍ତା କରିବା ଉଚିତ। ନ୍ୟାୟ ବ୍ୟବସ୍ଥା ଅଧିକ ନାଗରିକ କୈନ୍ଦ୍ରିକ ହେବା ଉଚିତ ବୋଲି ସେ କହିଥିଲେ।

ସୁପ୍ରିମକୋର୍ଟ ବିଚାରପତି ଏ. ଏସ୍. ବୋପାନ୍ନା କହିଥିଲେ, ଦ୍ରୁତ ନ୍ୟାୟ ପ୍ରଦାନ ପାଇଁ ଆଭାସୀ ଶୁଣାଣିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରତି ଜିଲା କୋର୍ଟରେ ଆଭାସୀ ଶୁଣାଣି ସୁବିଧା ରହିବା ଉଚିତ୍ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ସୁପ୍ରିମକୋର୍ଟ ବିଚାରପତି କ୍ରିଷ୍ଣ ମୁରାରୀ କହିଥିଲେ, ଶିକ୍ଷା ଆହରଣ ପାଇଁ ବୟସ କେବେ ବାଧକ ନୁହେଁ। ଡିଜିଟାଲ ପ୍ରିଜରଭେସନ୍ ସି-ଡିଏସି ନିର୍ଦ୍ଦେଶକ, ଜି କୋ ମିଶନର ବୈଜ୍ଞାନିକ ତଥା ବରିଷ୍ଠ ନିର୍ଦ୍ଦେଶକ ଡ. ଦୀନେଶ କାତ୍ରେ ଯୋଗଦେଇ ଦେଶର ସମସ୍ତ ହାଇକୋର୍ଟ ଇ-ଇନିସିଏଟିଭ୍ ନିମନ୍ତେ ଆଇଏସ୍‌ଓ ସାର୍ଟିଫିକେଟ ହାସଲ କରିବାକୁ କହିଥିଲେ। ବାଙ୍ଗାଲୋର ଏଆଇ ଏଭାଞ୍ଜେଲିଷ୍ଟ ମୁଖ୍ୟ ବିବେକ ରାଘବନ ବକ୍ତବ୍ୟରେ ଆଇନ୍ କାଗଜାତଗୁଡ଼ିକ ଅନୁବାଦ ନିମନ୍ତେ ସୁଭାସ ଏବଂ ଭାସିନି ଅନୁବାଦ ସଫ୍ଟୱେରର ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ହାଇକୋର୍ଟ ବିଚାରପତି ଡ. ବି. ଆର୍. ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଓଡ଼ିଶା ହାଇକୋର୍ଟ ଭଳି ଦେଶର ସମସ୍ତ ହାଇକୋର୍ଟରେ ଇ-କୋର୍ଟ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିପାଇଁ ତୃତୀୟ ପର୍ଯ୍ୟାୟ ଆକ୍ସନ ପ୍ଲାନ କାର୍ଯ୍ୟକାରୀ କରିବା ନିମନ୍ତେ ବୈଷୟିକ ଜ୍ଞାନକୌଶଳର ଉପଯୋଗରେ ଡିଜିଟାଇଜେସନ, ପେପରଲେସ୍ କୋର୍ଟ ଆଣ୍ଡ ଇ-ଇନିସିଏଟିଭ୍‌ସ ଶୀର୍ଷକ ଏହି ସମ୍ମିଳନୀକୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼ ଶନିବାର ଉଦ୍‌ଘାଟନ କରିଥିଲେ। ଦେଶର ସବୁ ହାଇକୋର୍ଟରେ ବିଚାରପତି ଓ ବିଚାର ବିଭାଗୀୟ ଅଧିକାରୀ, ଭାରତ ସରକାରଙ୍କ ନ୍ୟାୟ ବିଭାଗ ଏବଂ ସୁପ୍ରିମକୋର୍ଟ ଇ-କମିଟିର ପ୍ରତିନିଧିମାନେ ଏଥିରେ ଯୋଗଦେଇଥିଲେ।

# ତ୍ରିଶୂଳିଆଠାରେ କାଠଯୋଡ଼ିରେ ହେବ ଦ୍ୱିତୀୟ ସେତୁ

■ ୨୨୦ କୋଟି ଟଙ୍କା ଅନୁଦାନରେ ୪ ଲେନ୍ ସେତୁ
■ ସେପ୍ଟେମ୍ବରରୁ ଆରମ୍ଭ, ୨୦୨୫ ସୁଦ୍ଧା ନିର୍ମାଣ ଶେଷ ଲକ୍ଷ୍ୟ

କଟକ ଅଫିସ,୭।୫

କଟକର ତ୍ରିଶୂଳିଆ ନିକଟ କାଠଯୋଡ଼ି ନଦୀ ଉପରେ ଖୁବ୍‌ଶୀଘ୍ର ଦ୍ୱିତୀୟ ସେତୁ ନିର୍ମାଣ ହେବ। ଏହି ସେତୁ ୪ ଲେନ୍ ବିଶିଷ୍ଟ ହେବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସେତୁ ନିକଟରେ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗରେ ଏହି ସେତୁ ନିର୍ମାଣ ହେବ। ଏହି କାର୍ଯ୍ୟ ଆସନ୍ତା ସେପ୍ଟେମ୍ବରରୁ ଆରମ୍ଭ ହୋଇ ୨୦୨୫ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିପାଇଁ ରାଜ୍ୟ ସରକାର ୨୨୦ କୋଟି ଟଙ୍କା ଅନୁଦାନ ବ୍ୟବସ୍ଥା କରିଥିବା ଜଣାପଡ଼ିଛି।

ଭୁବନେଶ୍ୱର-କଟକ ଦ୍ୱୈତନଗରୀ ମଧ୍ୟରେ ଗମନାଗମନର ସୁବ୍ୟବସ୍ଥା ନିମନ୍ତେ ରାଜ୍ୟ ସରକାର ଏହି ୪ ଲେନ୍ ସେତୁ ନିର୍ମାଣ ନିମନ୍ତେ ଯୋଜନା କରିଛନ୍ତି। ଦୁଇ ମହାନଗରୀ ମଧ୍ୟରେ ଉପୁଜୁଥିବା ଟ୍ରାଫିକ ସମସ୍ୟାକୁ ଏହି ସେତୁ ଦ୍ୱାରା ଅନେକାଂଶରେ ମୁକାବିଲା କରାଯାଇପାରିବ। ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକସନ୍ କର୍ପୋରେଶନ୍‌ର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ମାନସ ରଞ୍ଜନ ସେଠୀଙ୍କ ସୂଚନା ଅନୁଯାୟୀ, କର୍ପୋରେଶନ ପକ୍ଷରୁ ସେତୁ ନିର୍ମାଣ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଛି। ଟେଣ୍ଡର କାର୍ଯ୍ୟ ଶେଷ ହେବା ପରେ ସେପ୍ଟେମ୍ବରରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହି ସେତୁ ତ୍ରିଶୂଳିଆରୁ ବେଲ୍‌ଭ୍ୟୁ ଛକକୁ ସଂଯୋଗ କରିବ। ଏହି ନୂତନ ସେତୁରେ ଫୁଟ୍‌ପାଥ୍ ସହ ଉପଯୁକ୍ତ ଆଲୋକୀକରଣ ବ୍ୟବସ୍ଥା କରାଯିବ ବୋଲି ସେଠୀ କହିଛନ୍ତି। ଅପରପକ୍ଷରେ କଟକ ଜିଲା ପ୍ରଶାସନ ଓ କଟକ ମହାନଗର ନିଗମ(ସିଏମ୍‌ସି) ସେତୁର ଉଭୟ ପାର୍ଶ୍ୱ ଉନ୍ନତୀକରଣ ନିମନ୍ତେ ପଦକ୍ଷେପ ନେବେ। ଉଭୟ ପାର୍ଶ୍ୱରେ ଅବାଧ ଟ୍ରାଫିକ ପରିଚାଳନା ସୁବ୍ୟବସ୍ଥିତ ହେବା ଉପରେ ଯୋଜନା ପ୍ରସ୍ତୁତ କରାଯାଉଛି। ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ବେଲ୍‌ଭ୍ୟୁ ଛକର ଉନ୍ନତୀକରଣ ନିମନ୍ତେ ୮ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଠାରେ ଫୁଡ୍‌କୋର୍ଟ, ମୁକ୍ତାକାଶ ବ୍ୟାୟାମ କେନ୍ଦ୍ର ଆଦି ନିର୍ମାଣ ହେବାର ଯୋଜନା ପ୍ରସ୍ତୁତ ହୋଇଛି। ପୋଲିସ ହାଉସିଂ ବୋର୍ଡ କର୍ପୋରେଶନ୍ ଏହି ପ୍ରକଳ୍ପ ନିର୍ମାଣର ଦାୟିତ୍ୱ ନେଇଛି। ସୂଚନାଯୋଗ୍ୟ, ୨୦୧୭ରେ କାଠଯୋଡ଼ି ଉପରେ ତ୍ରିଶୂଳିଆ ଛକରୁ ବେଲ୍‌ଭ୍ୟୁ ଛକକୁ ସଂଯୋଗ କରୁଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସେତୁକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ୨.୮୮ କିଲୋମିଟର ଦୈର୍ଘ୍ୟର ଏହି ସେତୁ ଓଡ଼ିଶାର ଦୀର୍ଘତମ ସେତୁର ମାନ୍ୟତା ପାଇଛି।

# ହିଞ୍ଜିଳି, ଶେରଗଡ଼ରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବ


ହିଞ୍ଜିଳିକାଟୁରେ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କୁ ସ୍ୱାଗତ କରାଯାଉଛି।

ହିଞ୍ଜିଳିକାଟୁ/ଶେରଗଡ଼/ ୭।୫(ଡି.ଏନ୍.ଏ.)

୫-ଟି ସଚିବ ଭି. କେ. ପାଣ୍ଡିଆନ୍ ରବିବାର ହିଞ୍ଜିଳି ଓ ଶେରଗଡ଼ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଏବଂ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପାଣ୍ଡିଆନ୍ ପ୍ରଥମେ ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ବୁରୁପଡ଼ା ପଞ୍ଚାୟତସ୍ଥିତ ଶ୍ୟାମଳାଇ ମନ୍ଦିରରେ ପହଞ୍ଚି ମା'ଙ୍କୁ ଦର୍ଶନ କରି ଉନ୍ନୟନ କମିଟି ସଭ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଶେରଗଡ ବ୍ଲକର ବିଭିନ୍ନ ମନ୍ଦିର ବୁଲି ଦେଖିବା ସହ ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ମନ୍ଦିରର ସୌନ୍ଦର୍ଯ୍ୟକରଣ ଏବଂ ରୂପାନ୍ତରିତ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରିବା ନେଇ ଡିପିଆର୍ ପ୍ରସ୍ତୁତ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏହି ଦୁଇ ବ୍ଲକର ବିଭିନ୍ନ ସ୍କୁଲ ଓ ମହାବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରୀମାନଙ୍କ ଗୁଣାତ୍ମକ ଶିକ୍ଷାର ମାନ କିଭଳି ଉନ୍ନତ ହେବ ସେ ଦିଗରେ ସମସ୍ତ ଭିତ୍ତିଭୂମିର ବିକାଶ ଦିଗରେ ପଦକ୍ଷେପ ନେବା ପାଇଁ ଜିଲାପାଳ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ସ୍ଥାନରେ ଆୟୋଜିତ ମହିଳା ସମାବେଶରେ ଯୋଗଦେଇ ମିଶନ୍ ଶକ୍ତିର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଉତ୍ପାଦିତ ସାମଗ୍ରୀର ବିକ୍ରିବଟା କିଭଳି ଜିଲା ଓ ରାଜ୍ୟସ୍ତରରେ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବା ପାଇଁ ଜିଲାପାଳ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ, ଡିପିସି ମିଶନ୍ ଶକ୍ତି, ଜିଲା ଯୋଜନା ପରିଚାଳକ, ଓଡ଼ିଶା ଜୀବନ ଜୀବିକା ମିଶନଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟଠାରେ ମୋ ହସ୍ପିଟାଲ, ବ୍ଲକ୍ କାର୍ଯ୍ୟାଳୟ, ମିଶନ୍ ଶକ୍ତି କାଫେ, ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ସମୀକ୍ଷା ଏବଂ ଅଗ୍ରଗତିର ତଦାରଖ କରିଥିଲେ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର. ଭିନୀଲ କ୍ରିଷ୍ଣା, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ଜଗମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ।

# ମହାନଦୀ ସୁରକ୍ଷା ପାଇଁ 'ମହାନଦୀ ଜନ ଆୟୋଗ'



■ ମହାନଦୀର ପ୍ରାକୃତିକ ପ୍ରବାହ ବା ଇ-ଫ୍ଲୋ ନିର୍ଦ୍ଧାରଣ ହେବ
■ ୧୦ ତାରିଖରେ ହେବ ଗଣସତ୍ୟାଗ୍ରହ
■ ମହାନଦୀ କୂଳରେ ଆୟୋଜିତ ହେବ ନଦୀଯାତ୍ରା

ଭୁବନେଶ୍ୱର, ୭।୫ (ବ୍ୟୁରୋ)

ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ 'ମହାନଦୀ ଟ୍ରିବ୍ୟୁନାଲ ଓ ମହାନଦୀର ଭବିଷ୍ୟତ'କୁ ନେଇ ରବିବାର ସିୱାଇଏସ୍‌ଡିଠାରେ ଏକ ଆଲୋଚନାସଭା ଅନୁଷ୍ଠିତ ହୋଇଯାଇଛି। ମହାନଦୀର ସାମ୍ପ୍ରତିକ ପରିସ୍ଥିତି, ସଙ୍କଟର ଅନୁଧ୍ୟାନ ଓ ସମାଧାନ ପାଇଁ 'ମହାନଦୀ ଜନ ଆୟୋଗ' ଗଠନ ହୋଇଛି। ଏଥିରେ ପ୍ରାରମ୍ଭିକ ଭାବରେ ଡ. ଅରବିନ୍ଦ ବେହେରା, ଜଗଦାନନ୍ଦ, ଡ. ଭଗବାନ ପ୍ରକାଶ ଓ ପ୍ରଫେସର ଶିଶିରକାନ୍ତ ବେହେରାଙ୍କୁ ସଭ୍ୟ ଭାବେ ରଖାଯାଇଛି। ପରବର୍ତ୍ତୀ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ବିଶେଷଜ୍ଞଙ୍କୁ ଏଥିରେ ସାମିଲ କରାଯିବ। ଏଥିପାଇଁ ଏକ ଟର୍ମସ୍ ଅଫ୍ ରେଫରେନ୍ସ ପ୍ରସ୍ତୁତ ହେବ। ଗଙ୍ଗା ପରି ମହାନଦୀର ପ୍ରାକୃତିକ ପ୍ରବାହ ବା ଇ ଫ୍ଲୋ ନିର୍ଦ୍ଧାରଣ କରିବା ଏହି ଆୟୋଗର ପ୍ରଥମ କାର୍ଯ୍ୟ ହେବ ବୋଲି ସୂଚନା ଦିଆଯାଇଛି। ଏଥିସହ ଆସନ୍ତା ୧୦ରେ ମହାନଦୀ ଟ୍ରିବ୍ୟୁନାଲର ଓଡ଼ିଶା ପାର୍ଶ୍ୱରେ ମହାନଦୀ ପରିଦର୍ଶନ କାର୍ଯ୍ୟକ୍ରମ ରହିଛି। ସେହିଦିନ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଏକ ଗଣ ସତ୍ୟାଗ୍ରହ ଆୟୋଜନ କରାଯିବ। ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କୁ ଭେଟି ଏକ ଦାବିପତ୍ର ମଧ୍ୟ ଦିଆଯିବାର ଯୋଜନା ରହିଛି। ଏଥିସହ ମହାନଦୀ କୂଳେ କୂଳେ ମହାନଦୀ ଯାତ୍ରା ଆୟୋଜନ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକକୁ ଜଳପୁରୁଷ ଡ. ରାଜେନ୍ଦ୍ର ସିଂହ ଉଦ୍‌ଘାଟନ କରି କହିଲେ, ଟ୍ରିବ୍ୟୁନାଲ ଦ୍ୱାରା ମହାନଦୀ ସମସ୍ୟାର ସମାଧାନ ନ ଖୋଜି ଆପୋସ ଆଲୋଚନା ପାଇଁ କ୍ଷେତ୍ର ପ୍ରସ୍ତୁତ ହେବା ଦରକାର। ଏଥିପାଇଁ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଆଗ୍ରହ ପ୍ରକାଶ କରିବା ଉଚିତ। ଆବଶ୍ୟକ ପଡ଼ିଲେ ସେ ଏଥିପାଇଁ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଥିବା ଡ. ସିଂହ ପ୍ରକାଶ କରିଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୀପକ ମାଲବ୍ୟ ଯୋଗଦେଇ ନଦୀ ଓ ପାଣି କର୍ପୋରେଟ ହାତକୁ ଚାଲିଯାଉଥିବା କହି କ୍ଷୋଭ ପ୍ରକାଶ କରିଥିଲେ। ଏହାର ସୁରକ୍ଷା ପାଇଁ ନାଗରିକ ସମାଜ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ନିର୍ବାଚନ କମିଶନ୍‌ର ପୂର୍ବତନ ଉପଦେଷ୍ଟା ଡ. ପ୍ରକାଶ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ସଂଯୋଜନା କରିଥିଲେ। ଡ. ଅରବିନ୍ଦ ବେହେରା, ଜଗଦାନନ୍ଦ, ଡ. ଦିଲୀପ ଶ୍ରୀଚନ୍ଦନ, ପ୍ରଫେସର ଶିଶିରକାନ୍ତ ବେହେରା, ସିପିଏମ୍ ନେତା ସୁରେଶ ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ୍) ନେତା ଅଶୋକ ପ୍ରଧାନ, ସମାଜବାଦୀ ପାର୍ଟି ନେତା ସୁଦର୍ଶନ ପ୍ରଧାନ, ଏନ୍‌ସିପି ନେତା ବିକ୍ରମ ପ୍ରଧାନ, ଦୟା ବଞ୍ଚାଅ ଆନ୍ଦୋଳନର ସଚ୍ଚିକାନ୍ତ ପ୍ରଧାନ, ଧନୁଆ ଆନ୍ଦୋଳନର ନିରଦ ଖୁଣ୍ଟିଆ, ପ୍ରାଚୀ ଆନ୍ଦୋଳନର ଅଶ୍ୱିନୀ ମହାପାତ୍ର, ଚିଲିକା ବଞ୍ଚାଅ ଆନ୍ଦୋଳନର ବିଷ୍ଣୁପ୍ରିୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ।

# ଜୁନ୍ ୧ରୁ ସ୍କୁଲ ଖୋଲାଯାଉ

**ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର**

ଭୁବନେଶ୍ୱର,୭।୫(ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ତଳେ ତାପମାତ୍ରାରେ ଅହେତୁକ ବୃଦ୍ଧି କାରଣରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଖରାଛୁଟି ଘୋଷଣା କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପାଣିପାଗରେ ପରିବର୍ତ୍ତନ ଆସିବା ସହ ବର୍ଷା ଆରମ୍ଭ ହୋଇଥିଲା। ଫଳରେ ଏବେ ଖରା ସହ ତାପମାତ୍ରା କମିଛି। ତେଣୁ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ଜୁନ୍ ୧ରୁ ବିଦ୍ୟାଳୟ ଖୋଲିବା ସହ ନିୟମିତ ପାଠପଢ଼ା ଆରମ୍ଭ କରିବା ପାଇଁ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

ସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ରହିଛି। ଅନ୍ୟପଟେ ରାଜ୍ୟର ଘରୋଇ କୋଚିଂ ସେଣ୍ଟରରେ ପାଠପଢ଼ା ଚାଲିଛି। ସେହିପରି ଅନେକ ଘରୋଇ ବିଦ୍ୟାଳୟରେ ସମର କ୍ୟାମ୍ପ ଜାରି ରହିଛି। ତେଣୁ ଉକ୍ତ ସମୟରେ ସରକାରୀ ବିଦ୍ୟାଳୟର ପିଲାଙ୍କ ପାଠପଢ଼ା ଜାରି ରହୁ ବୋଲି ସଂଘ ଦର୍ଶାଇଛି। ବିଶେଷକରି ୮ମରୁ ଦ୍ୱାଦଶ ଶ୍ରେଣୀର ପିଲାମାନେ ଗଣିତ, ବିଜ୍ଞାନ ଓ ଇଂଲିଶରେ ଦୁର୍ବଳ ଥିବାରୁ ବିଦ୍ୟାଳୟ ଖୋଲାଯାଇ ପାଠପଢ଼ା ଜାରି ରଖାଯାଉ ବୋଲି ସଂଘ ଦର୍ଶାଇଛି। ଚଳିତବର୍ଷ ବିଭାଗ ପକ୍ଷରୁ ପ୍ରକାଶିତ ଶିକ୍ଷାବର୍ଷ କ୍ୟାଲେଣ୍ଡର ଅନୁଯାୟୀ, ମେ ୫ରୁ ଜୁନ୍ ୧୭ ଯାଏ ଖରାଛୁଟି। କିନ୍ତୁ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏପ୍ରିଲ ୨୧ରୁ ଆଗୁଆ ଖରାଛୁଟି ଘୋଷଣା କରିଥିଲେ।

# କେରଳରେ ବୋଟ୍ ଦୁର୍ଘଟଣା: ୧୮ ମୃତ

ମାଲାପୁରମ୍, ୭।୫

କେରଳର ମାଲାପୁରମ୍ ଜିଲା ଅନ୍ତର୍ଗତ ତାନୁର ଅଞ୍ଚଳରେ ଏକ ବୋଟ୍ ଦୁର୍ଘଟଣାରେ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ୬ ଜଣ ପିଲା। ସ୍କୁଲ୍ ଛୁଟି ଥିବାରୁ ସେମାନେ ବୋଟ୍ ଭ୍ରମଣର ମଜା ନେବାକୁ ଆସିଥିଲେ। ୪୦ ଯାତ୍ରୀଙ୍କୁ ନେଇ ଯାଉଥିବା ହାଉସ୍‌ବୋଟ୍‌ଟି ରବିବାର ସନ୍ଧ୍ୟା ୭ଟା ୩୦ରେ ତୁଭାଲଥିରାମ ବେଳାଭୂମି ନିକଟ ନଦୀରେ ଓଲଟି ପଡ଼ି ବୁଡ଼ିଯାଇଥିଲା। କେରଳ କ୍ରୀଡ଼ାମନ୍ତ୍ରୀ ଭି. ଅବଦୁରାହିମାନ ଏବଂ ପର୍ଯ୍ୟଟନ ମନ୍ତ୍ରୀ ପି.ଏ. ମହମଦ ରିୟାସ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ଓ ପୋଲିସ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକେ ସାମିଲ ହୋଇଛନ୍ତି।

# ଅଖାରେ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ

■ ଦାହ କରିବାକୁ ନେଉଥିଲେ ଶାଶୁଘର ଲୋକେ
■ ହତ୍ୟା ଅଭିଯୋଗ ଆଣିଲେ ବାପଘର

ରୂପ୍‌ସା/ବସ୍ତା,୭।୫(ଡି.ଏନ୍.ଏ.)

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପଞ୍ଚାୟତ ଅଧୀନ ପାଳସିଆ ଗ୍ରାମରେ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଏକ ଅଖାରେ ଭର୍ତ୍ତି କରି ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର ଓ ଦିଅର ଦାହ କରିବା ପାଇଁ ନେଉଥିବା ବେଳେ ବାପଘର ଲୋକେ ସେଠାରେ ପହଞ୍ଚି ସେମାନଙ୍କୁ ନିର୍ଘାତ୍ ମାଡ଼ ମାରିଛନ୍ତି। ସ୍ୱାମୀ ଏବଂ ଶ୍ୱଶୁର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଆହତ ଶାଶୁ ଏବଂ ଦିଅରଙ୍କୁ ପୋଲିସ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ଏ ସମ୍ପର୍କରେ ବସ୍ତା ଥାନାରେ ଏକ ହତ୍ୟା ମାମଲା (ନଂ.୧୫୪/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ୧୦ ବର୍ଷ ପୂର୍ବେ ସଦର ଥାନା ଅଧୀନ ସିନ୍ଧିଆ ପଞ୍ଚାୟତ ମୁରୁଡ଼ା ଗ୍ରାମର ରଘୁନାଥ ଦାସଙ୍କ ଝିଅ ମଧୁସ୍ମିତାଙ୍କ ସହ ବସ୍ତା ଥାନା ହଳଦୀପଦା ପଞ୍ଚାୟତ ପାଳସିଆ ଗ୍ରାମର ପର୍ଶୁରାମ ଦାସଙ୍କ ପୁଅ ପ୍ରଦୀପଙ୍କର ବିବାହ ହୋଇଥିଲା। ବିବାହ ପରଠାରୁ ଶାଶୁଘର ଲୋକେ ମଧୁସ୍ମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଶନିବାର ଶାଶୁଘର ଲୋକେ ମଧୁସ୍ମିତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ସ୍ୱାମୀ କଟୁରିରେ ଆକ୍ରମଣ କରିବା ପରେ ସେ ଜୀବନ ବିକଳରେ ଘର ଛାଡ଼ି ନିକଟସ୍ଥ ଟ୍ରେନ୍‌ଲାଇନ୍‌କୁ ଡେଇଁ ପଡ଼ିଥିବା ଟ୍ରେନ୍ ଡ୍ରାଇଭର ହଳଦୀପଦା ଷ୍ଟେସନରେ ଇନ୍‌ଫର୍ମ କରିଛନ୍ତି। ଅପରପକ୍ଷେ ସ୍ୱାମୀ, ଶାଶୁ, ଶ୍ୱଶୁର ଓ ଦିଅର ମିଶି ରେଳଧାରଣାରୁ ମୃତ ମହିଳାଙ୍କ ଖଣ୍ଡ ବିଖଣ୍ଡିତ ଶରୀରକୁ ଏକ ଅଖାରେ ଭର୍ତ୍ତି କରି ଦାହ କରିବାକୁ ନେଉଥିବା ବେଳେ ତାଙ୍କ ବାପଘର ଲୋକେ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ଘଟଣାକୁ ନେଇ ପାଳସିଆ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା।

# ରାଷ୍ଟ୍ରପତିଙ୍କ ହେଲିକପ୍ଟର ସହ ସେଲ୍‌ଫି ନେଲେ ଫାର୍ମାସିଷ୍ଟ

ବାରିପଦା ଅଫିସ,୭।୫


ରାଷ୍ଟ୍ରପତିଙ୍କୁ ନେଇ ଆସିଥିବା ହେଲିକପ୍ଟରରେ ଭରାଦେଇ ଫଟୋ ଉଠାଇଥିବା ଫାର୍ମାସିଷ୍ଟ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସମୟରେ ବିଦ୍ୟୁତ୍ ବିଭ୍ରାଟ ନେଇ ଆରୋପ ପ୍ରତ୍ୟାରୋପ ଚାଲିଥିବା ବେଳେ ସୁରକ୍ଷା ବ୍ୟବସ୍ଥାରେ ସାଂଘାତିକ ତ୍ରୁଟି ପରିଲକ୍ଷିତ ହୋଇଛି। ଗସ୍ତ ସମୟରେ ନିୟୋଜିତ ଥିବା ଜଣେ ଫାର୍ମାସିଷ୍ଟ ରାଷ୍ଟ୍ରପତିଙ୍କ ଗମନାଗମନରେ ନିୟୋଜିତ ହେଲିକପ୍ଟର ପାଖକୁ ଯାଇ ଫଟୋ ଉଠାଇଥିବା ଦେଖିବାକୁ ମିଳିଛି। ଫଟୋକୁ ଫେସ୍‌ବୁକ୍ ଆକାଉଣ୍ଟରେ ପୋଷ୍ଟ କରିବା ପରେ ବିବାଦୀୟ ସ୍ଥିତି ଉପୁଜିବା ଦେଖି ସେ ଫଟୋଗୁଡ଼ିକ ଡିଲିଟ କରିଦେଇଛନ୍ତି। ପ୍ରକାଶ ଯେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୩ଦିନିଆ ମୟୂରଭଞ୍ଜ ଜିଲା ଗସ୍ତର ଦ୍ୱିତୀୟ ଦିନ ଅର୍ଥାତ୍ ଶୁକ୍ରବାର ରାଷ୍ଟ୍ରପତି ଶିମିଳିପାଳ ବୁଲିବାକୁ ଯାଇଥିଲେ। ରାଇରଙ୍ଗପୁରରୁ ଯଶିପୁର ଛେଲିଗୁଡୁଲି ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚି ସେଠାରୁ ସଡ଼କ ପଥରେ ଯାଇଥିଲେ। ୪ ଘଣ୍ଟା ଧରି ହେଲିକପ୍ଟର ହେଲିପ୍ୟାଡ୍‌ରେ ଅଟକି ଥିଲା। ଏହି ସମୟରେ ଫାର୍ମାସିଷ୍ଟ ଯଶୋବନ୍ତ ବେହେରା ସୁରକ୍ଷା ବଳୟ ପାର୍ କରି ରାଷ୍ଟ୍ରପତିଙ୍କୁ ନେଇ ଆସିଥିବା ୩ଟି ହେଲିକପ୍ଟର ପାଖକୁ ଯାଇ ଗୋଟିଏରେ ସେଲ୍‌ଫି ନେବା ସହିତ ଅନ୍ୟ ଦୁଇ ହେଲିକପ୍ଟର ପାଖରେ ଫଟୋ ଉଠାଇଥିଲେ। ଦୁଇଟି ଫଟୋ ମଧ୍ୟରୁ ଗୋଟିକରେ ସେ ହେଲିକପ୍ଟରର ଏକ ଅଂଶରେ ବସିଥିବା ଦେଖାଯାଉଛି। ଅନ୍ୟଟିର ସମ୍ମୁଖ ଭାଗରେ ହାତରେ ଭରା ଦେଇ ଛିଡ଼ା ହୋଇଛନ୍ତି। ଦୁଇଟି ଫଟୋକୁ ଉଠାଇଥିବା ବ୍ୟକ୍ତି ଓ ଫାର୍ମାସିଷ୍ଟ ଜଣକ କିପରି ହେଲିକପ୍ଟର ପାଖକୁ ଗଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ଅବହେଳା କାରଣରୁ ଏପରି ଘଟିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

**ରାଷ୍ଟ୍ରପତିଙ୍କ ଅଭିଭାଷଣ ବେଳେ ବିଦ୍ୟୁତ୍ ବିଭ୍ରାଟ ପ୍ରସଙ୍ଗ**

# ଅବହେଳାରୁ ସାଂଘାତିକ ତ୍ରୁଟି

■ ମୟୂରଭଞ୍ଜ ବନ୍ଦ ଡାକରା ଦେଲା ଭଞ୍ଜସେନା
■ କୁଳପତି, ଜିଲାପାଳ ଓ ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

ବାରିପଦା ଅଫିସ,୭।୫

ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବରେ ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୀକ୍ଷାନ୍ତ ଭାଷଣ ଦେଉଥିବା ବେଳେ ବିଦ୍ୟୁତ୍ ବିଭ୍ରାଟକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଷ୍ଟ୍ରପତିଙ୍କ ସମେତ ନିମନ୍ତ୍ରିତ ଅତିଥି ଓ ଅଡିଟୋରିୟମରେ ବସିଥିବା ଛାତ୍ରୀଛାତ୍ର ୯ ମିନିଟ୍ ଧରି ଅନ୍ଧାରରେ ରହିବା ଘଟଣାକୁ ଜିଲାବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଦେଶର ସର୍ବୋଚ୍ଚ ଆସନରେ ଅଧିଷ୍ଠିତ ତଥା ମୟୂରଭଞ୍ଜ ମାଟିର ଝିଅ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଏହା ଅପମାନ ବୋଲି ଜିଲାବାସୀ ସ୍ୱର ଉତ୍ତୋଳନ କରିଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଏହା ଦାୟିତ୍ୱହୀନତା ନା ଅବହେଳା ବୋଲି ପ୍ରଶ୍ନ ଉଠାଇଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାର ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ଦାବି ଜୋର୍ ଧରିଛି।

ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ ଆରମ୍ଭ ହେବାର ୨ ଦିନ ପୂର୍ବରୁ ପରୀକ୍ଷାମୂଳକ ଭାବେ ବିଦ୍ୟୁତ୍ ବ୍ୟବସ୍ଥା ଯାଞ୍ଚ କରାଯାଇଥିଲା। ବିଦ୍ୟୁତ୍ ସରବରାହ ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜେନେରେଟର ବ୍ୟବସ୍ଥା କରାଯାଇଥିଲା। ଗୋଟିଏ ଜେନେରେଟର ଚାଲିଥିବା ବେଳେ ଅନ୍ୟ ଦୁଇଟି ରଖାଯାଇଥିଲା। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଟିପିଏନ୍‌ଓଡିଏଲ୍‌ର ଅଧିକାରୀମାନେ ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିଥିଲେ। ସମସ୍ତ ପ୍ରସ୍ତୁତି ଠିକ୍ ଭାବେ କରାଯାଇଥିବା ବେଳେ ଅଡିଟୋରିୟମରେ ବିଦ୍ୟୁତ୍ ତାର ବିଛା ହୋଇଥିବା ସ୍ଥାନରେ ତ୍ରୁଟି ଯୋଗୁ ଏପରି ବିଭ୍ରାଟ ହୋଇଥିଲା। କର୍ମଚାରୀଙ୍କ ଫୋନ୍ ଜବତ କରାଯାଇଥିବାରୁ ସେମାନଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ପରେ କର୍ମଚାରୀମାନଙ୍କୁ ତ୍ରୁଟି ସୁଧାରିବା ପାଇଁ ୯ ମିନିଟ୍ ସମୟ ଲାଗିଥିଲା ବୋଲି ନିଲମ୍ବିତ ଠିକା ବିଦ୍ୟୁତ୍ କର୍ମଚାରୀ ଜୟନ୍ତ ତ୍ରିପାଠୀ କହିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ସମୟରେ ଏଭଳି ବିଦ୍ୟୁତ୍ ବିଭ୍ରାଟକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିଯୋଗୁ ବିଶ୍ୱବିଦ୍ୟାଳୟର ଜଣେ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ୩ଜଣିଆ କମିଟିର ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି।

ତେବେ ଇଡ୍‌କୋ ପକ୍ଷରୁ ନିର୍ମାଣ ହୋଇଥିବା ଅଡିଟୋରିୟମରେ ପୂର୍ବରୁ ବାରମ୍ବାର ତ୍ରୁଟି ପରିଲକ୍ଷିତ ହୋଇଥିବା ନଜିର ରହିଛି ବୋଲି ପୁରାତନ ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି। ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏଭଳି ବିଭ୍ରାଟ ସୃଷ୍ଟି ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସମାବର୍ତ୍ତନ ଉତ୍ସବ ଆୟୋଜନର ସମସ୍ତ ଦାୟିତ୍ୱ ବିଶ୍ୱବିଦ୍ୟାଳୟ କୁଳପତି ନେଇଥିଲେ। ସେ ନିଜ ଇଚ୍ଛା ମୁତାବକ ବ୍ୟବସ୍ଥା କରିଥିବା ବେଳେ ଜିଲା ପ୍ରଶାସନକୁ ଏ ନେଇ କୌଣସି ସୂଚନା ପ୍ରଦାନ କରି ନ ଥିଲେ। ଏପରିକି ଜିଲାପାଳଙ୍କ ସହ ମଧ୍ୟ କୌଣସି ଆଲୋଚନା କରି ନ ଥିବା ଜିଲାର ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି। ରାଷ୍ଟ୍ରପତିଙ୍କ ୩ ଦିନିଆ ଜିଲା ଗସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ଚାଲିଥିବା ବେଳେ ବିଶ୍ୱବିଦ୍ୟାଳୟର ଏଭଳି ତ୍ରୁଟି ସମସ୍ତଙ୍କୁ ବ୍ୟଥିତ କରିଛି। ଏହାର ତଦନ୍ତ କରି ୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ୧୨ଘଣ୍ଟିଆ ମୟୂରଭଞ୍ଜ ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅପରପକ୍ଷେ ରବିବାର ଜିଲା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ବିଶ୍ୱବିଦ୍ୟାଳୟ କୁଳପତି, ଜିଲାପାଳ ଓ ଏସ୍‌ପିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

# ମାନ୍ୟତା ସତ୍ତ୍ୱେ ଅବହେଳିତ 'ମଣ୍ଡନଗିରି'

**ଖୋର୍ଦ୍ଧା ଅଫିସ, ୭।୫**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଙ୍ଗୁରିଆ ପଞ୍ଚାୟତର ସଂପୁର ଗ୍ରାମ ନିକଟରେ ରହିଛି ମୁଣ୍ଡିଆପଡ଼ା ବା ମଣ୍ଡନଗିରି ପାହାଡ଼। ପ୍ରାକୃତିକ ସବୁଜିମା ଭରା ପରିବେଶ ମଧ୍ୟରେ ଏହି ପାହାଡ଼ ଉପରେ ଶ୍ରୀରଘୁନାଥ ଜୀଉଙ୍କ ପୀଠ ଅବସ୍ଥିତ। ଏହା ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଲାଭ କରିଛି। ତଥାପି ଏହି ପୀଠ ଅବହେଳିତ ଅବସ୍ଥାରେ ରହିଛି। ଏହାର ଉନ୍ନତୀକରଣ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଗୋଟିଏ ପଟେ ସରକାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର, ମନ୍ଦିରର ଉନ୍ନତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ଅନ୍ୟପଟେ ଏଥିପ୍ରତି ଚରମ ଅବହେଳା କରାଯାଉଛି। ରାଜନୈତିକ ଇଚ୍ଛାଶକ୍ତି ଓ ଜିଲା ପ୍ରଶାସନର ଆନ୍ତରିକତା ଅଭାବ କାରଣରୁ ଏହି ପର୍ଯ୍ୟଟନ କ୍ଷେତ୍ର ଗୁରୁତ୍ୱ ହରାଉଛି।

ଖୋର୍ଦ୍ଧା ବନଖଣ୍ଡ ସଂରକ୍ଷିତ ଜଙ୍ଗଲଘେରା ଅଞ୍ଚଳ ମଧ୍ୟରେ ପାହାଡ଼ ଶିଖରରେ ବିଜେ କରିଛନ୍ତି ପ୍ରଭୁ ଶ୍ରୀରଘୁନାଥ। ଏଠାରେ ପ୍ରଭୁ ଶ୍ରୀରାମ, ଦେବୀ ସୀତା, ପ୍ରଭୁ ଲକ୍ଷ୍ମଣ ଏବଂ ହନୁମାନଙ୍କ ପ୍ରତିମୂର୍ତ୍ତି ପୂଜା ପାଉଛି। ବର୍ଷତମାମ ଏଠାରେ ପର୍ଯ୍ୟଟକ ଓ ଭକ୍ତଙ୍କ ଭିଡ଼ ରହିଥାଏ। ବିଶେଷତଃ କାର୍ତ୍ତିକ ମାସ, ଶ୍ରୀରାମ ନବମୀ, ହନୁମାନ ଜୟନ୍ତୀ ସମୟରେ ପ୍ରବଳ ସମାଗମ ହୁଏ। ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାନ ଅର୍ଥରେ ଏହି ମନ୍ଦିରର ନୀତିକାନ୍ତି ହୋଇଥାଏ। ଏହି ସ୍ଥାନର ନୈସର୍ଗିକ ପରିବେଶ ଏଠାକୁ ସମସ୍ତଙ୍କୁ ଟାଣିଆଣେ। ଯିଏ ଥରେ ଏହି ପରିବେଶକୁ ଆସିଛି, ପୁଣି ଥରେ ଏଠାକୁ ଆସିଥାଏ। ତେବେ ପର୍ଯ୍ୟଟକଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ତେବେ ପାହାଡ଼ ଉପରୁ ସକାଳ ସୂର୍ଯ୍ୟକିରଣ ଏବଂ ସୂର୍ଯ୍ୟାସ୍ତ ଦୃଶ୍ୟ ଅତି ଲୋଭନୀୟ। ଯିଏ ଥରେ ଏହାର ସାନ୍ନିଧ ପାଇଛି, ତାହା ପାଇଁ ସେ ଛବି ଅଭୁଲା ହୋଇ ରହିଯାଇଛି।

ଏଠାକୁ ଯିବା ପାଇଁ କେବଳ ପାଦଚଲା ରାସ୍ତାଟିଏ ରହିଛି। ସଂପୁର ପଟୁ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ପାହାଚ ନିର୍ମାଣ କରାଯାଇଛି। ପାହାଡ଼ ଉପରକୁ ଉଠିବାକୁ ସବୁଦିନିଆ ରାସ୍ତା, ପର୍ଯ୍ୟଟକଙ୍କ ସୁବିଧା ଦୃଷ୍ଟିରୁ ଆବଶ୍ୟକ ଭିତ୍ତିଭୂମି, ଉନ୍ନତୀକରଣ, ଆଲୋକୀକରଣ ଲାଗି ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି କରୁଛନ୍ତି। ଅନ୍ୟପକ୍ଷରେ ପାହାଡ଼କୁ ଘେରି ରହିଥିବା ମୂଲ୍ୟବାନ ଗଛ ଉପରେ ମାଫିଆଙ୍କ ନଜର ରହିଛି। ଗ୍ରାମବାସୀ ମିଳିତ ଭାବେ ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି। ତେବେ ପ୍ରଶାସନ ଅଥବା ପର୍ଯ୍ୟଟନ ବିଭାଗ ପକ୍ଷରୁ ସେଭଳି କୌଣସି ବ୍ୟବସ୍ଥା ନିଆଯାଇନାହିଁ ବୋଲି କେତେଜଣ ଗ୍ରାମବାସୀ ଗଣମାଧ୍ୟମ ଆଗରେ କହିଛନ୍ତି। ଏ ନେଇ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି, ମଣ୍ଡନଗିରି ଓ କୋଶଲାଶୁଣି ପୀଠର ଉନ୍ନତୀକରଣ ଲାଗି ପର୍ଯ୍ୟଟନ ଏବଂ ବନ ବିଭାଗକୁ ପୃଥକ ଭାବେ ଅନୁରୋଧ କରାଯାଇଛି। ଏହାର ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇ ବିଭାଗୀୟ ସଚିବ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ଖୁବଶୀଘ୍ର ଏହାର ଉନ୍ନତୀକରଣ କରାଯିବ।


ପୂଜା ପାଉଥିବା ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ଦେବୀ ସୀତା ଏବଂ ହନୁମାନଙ୍କ ପ୍ରତିମୂର୍ତ୍ତି।

## ସଂକ୍ଷେପରେ

### 'ଶ୍ରୀମନ୍ଦିର ବେଢ଼ାରେ ରହିଛି ୨୫ ଶିବ ମନ୍ଦିର'

ପୁରୀ ଅଫିସ, ୭।୫: ଶ୍ରୀନୀଳାଚଳ ତତ୍ତ୍ୱସନ୍ଧାନ ପରିଷଦର ମେ ମାସ ବୈଠକ ରବିବାର ବଲ୍ଲଭମଠ ପରିସରରେ ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସର ଆଲୋଚ୍ୟ ବିଷୟ ବସ୍ତୁ ରହିଥିଲା 'ଶ୍ରୀମନ୍ଦିର ବେଢ଼ାସ୍ଥ ଶିବ ମନ୍ଦିର ସମୂହ, ତନ୍ମଧ୍ୟରେ ବଳିପାତାଳ ମନ୍ଦିରର ବୈଶିଷ୍ଟ୍ୟ'। ଶ୍ରୀନିବାସ ଆଚାର୍ଯ୍ୟ ଓ ନାରାୟଣ ନନ୍ଦ ଉକ୍ତ ବିଷୟରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବଳିପାତାଳ ମନ୍ଦିର ଭିତର ବେଢ଼ାରୁ ଉତ୍ତର ଦ୍ୱାରକୁ ଯିବା ରାସ୍ତାର ବାମପାର୍ଶ୍ୱରେ ଅବସ୍ଥିତ। ଏହି ମନ୍ଦିର ଉତ୍ତର ପାର୍ଶ୍ୱସ୍ଥ ଏକ ସରଘରେ ତାଣ୍ଡବେଶ୍ୱର ମହାଦେବ ବିରାଜିତ। ମୁକ୍ତିମଣ୍ଡପର ପଶ୍ଚାତ ଭାଗରେ ମୁକ୍ତେଶ୍ୱର ମହାଦେବ ଦିବ୍ୟମାନ, ମୁକ୍ତେଶ୍ୱର ମନ୍ଦିର ସଂଲଗ୍ନ କ୍ଷେତ୍ରପାଳଙ୍କ ମନ୍ଦିର ରହିଛି। ବଟ ଗଣେଶଙ୍କ ଠାରୁ ସର୍ବମଙ୍ଗଳା ନିକଟକୁ ଆସିବା ମାର୍ଗରେ ବାମପାର୍ଶ୍ୱରେ ଶ୍ରୀଲୋକନାଥ, ଶ୍ରୀ ଯମେଶ୍ୱର, ଶ୍ରୀନୀଳକଣ୍ଠ, ଶ୍ରୀକପାଳମୋଚନ ଏବଂ ମାର୍କେଣ୍ଡଶ୍ୱର ମନ୍ଦିର ରହିଛି। ବଟଗଣେଶଙ୍କ ବାମପଟେ ବିମାନବଡୁ ଘରକୁ ଲାଗି ହରିସହଦେବ ମନ୍ଦିର ରହିଛି। ଉତ୍ତରଦ୍ୱାର ବାହାର ବେଢ଼ାରୁ ଆନନ୍ଦ ବଜାର ଯିବା ରାସ୍ତାରେ ଦକ୍ଷିଣ ପାର୍ଶ୍ୱରେ ଈଶାଣେଶ୍ୱର ମହାଦେବ ଚଟାଣର ବହୁ ନିମ୍ନରେ ବିରାଜିତ। ଉତ୍ତରଦ୍ୱାର ବାହାର ବେଢ଼ାରେ ଆନନ୍ଦ ବଜାରକୁ ଯିବା ମାର୍ଗର ବାମ ପାର୍ଶ୍ୱରେ ଧବଳେଶ୍ୱର ମନ୍ଦିର ରହିଛି। ଧବଳେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଯୋଡାଲିଙ୍ଗ ମହାଦେବ ପୂଜିତ ହୁଅନ୍ତି। ଉତ୍ତର ଦ୍ୱାର ଶ୍ରୀମନ୍ଦିର ଭିତରବେଢ଼ା ଓ ବାହାରବେଢ଼ାରେ ମୋଟ ପ୍ରାୟ ୨୫ଟି ଶିବ ମନ୍ଦିର ରହିଛି।

### ବି.ବି. ରକ୍ଷ୍ଟାର, ରିୟଲ ଫାଇଟର ବିଜୟୀ

**ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

ବୋଲଗଡ଼, ୭।୫(ଡି.ଏନ୍.ଏ.) ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ନବମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ବି.ବି. ରକ୍ଷ୍ଟାର ଓ ରାଇଜିଂ ଇଗଲ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବି.ବି. ରକ୍ଷ୍ଟାର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ବିନିମୟରେ ୮୩ରନ ସଂଗ୍ରହ କରିଥିଲା। ଜବାବରେ ଫିଲ୍ଡ ଫାଇଟର ଟିମ୍ ୧୨ ଓଭରରେ ୮ଉଇକେଟ ବିନିମୟରେ ୮୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମର ଖେଳାଳି ଟୁନିଆ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅଜୁ ସିଂ ଓ ବେବି ମହରାଣା ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଅନ୍ୟ ଏକ ମ୍ୟାଚ୍ ରିୟଲ ଫାଇଟର ଓ ବାବୁ ସୁପରକିଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ରିୟଲ ଫାଇଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ବିନିମୟରେ ୧୩୮ ରନ ସଂଗ୍ରହ କରିଥିଲା। ଜବାବରେ ବାବୁ ସୁପରକିଙ୍ଗ ଟିମ୍ ୧୧.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମ୍ର ମୋଗଲି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମାନସ ବିଶ୍ୱାଳ ଓ ଦେବରାଜ ଘଡେଇ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ବିପିଏଲ ଟୁର୍ନାମେଣ୍ଟ କମିଟି ପକ୍ଷରୁ ବବୁଲ, କାଳିଆ, ଗୁରୁକୃଷ୍ଣ, ହାପି, ଗୁଡୁ, ଟିଲ୍ଲା, ମଣ୍ଟୁ, ଦୀପନ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ଆସୁଛି ରଥଯାତ୍ରା: ୬ ନିୟମ ପାଳନ କରିବେ ଅଟୋଚାଳକ

**ପୁରୀ ଅଫିସ, ୭।୫**

ଘୋଷଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ସହରର ବିଭିନ୍ନ ଅଟୋ ଚାଳକ ସଂଘର ସଭାପତି ଓ ସମ୍ପାଦକଙ୍କୁ ନେଇ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଟିଓ ରବିନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ରଥଯାତ୍ରାରେ ଲକ୍ଷାଧିକ ଭକ୍ତ ଶ୍ରୀକ୍ଷେତ୍ରକୁ ଆସିବେ। ସେଥିପାଇଁ କିପରି ଅଟୋ ଚାଳକମାନେ ଶୃଙ୍ଖଳିତ ଭାବେ ଅତିଥିମାନଙ୍କୁ ଆତିଥ୍ୟତା ପ୍ରଦାନ କରିବେ ତାହା ଉପରେ ଦୃଷ୍ଟି ଦେଇ ବିଶେଷ ଆଲୋଚନା କରାଯାଇଥିଲା। ୬ଟି ନିୟମ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଅଟୋ ଚାଳକ ସଂଘଗୁଡ଼ିକର କର୍ମକର୍ତ୍ତାମାନେ ପ୍ରତିଶ୍ରୁତି ଦେଇଛନ୍ତି। ମଦ କିମ୍ବା ଅନ୍ୟାନ୍ୟ ନିଶା ସେବନ କରି ଅଟୋ ଚାଳନା କରିବେ ନାହିଁ। ଅଟୋ ଚଳାଇବା ବେଳେ ମୋବାଇଲ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରିବେ। ଅଟୋ ଡ୍ରାଇଭରମାନେ ଆଗରେ କୌଣସି ମହିଳାଙ୍କୁ ବସାଇବେ ନାହିଁ । ଓଭରଲୋଡ଼ କରି ଯାତ୍ରୀଙ୍କୁ ନେବେନାହିଁ, ଅଧିକ ଭଡ଼ା ଆଦାୟ କରିବେ ନାହିଁ ଏବଂ ଆର୍‌ଟିଓଙ୍କ ଦ୍ୱାରା ପ୍ରଦତ୍ତ ରେଟ୍ ଚାର୍ଟ ନିଜ ଅଟୋରେ ଲଗାଇବା ବାଧ୍ୟତାମୂଳକ ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା।

## ରାସ୍ତାରେ ଓଲଟିଲା ମୃଦୁ ପାନୀୟ ବୋଝେଇ ଗାଡ଼ି


**ନିରାକାରପୁର:** ଜଙ୍କିଆ ଥାନା ସମ୍ମୁଖ ରାଜପଥରେ ଟାଟା ଏସିଇ ଓଲଟି ପଡିବାରୁ ମୃଦୁ ପାନୀୟ ବୋତଲ ଭାଙ୍ଗି ଏଣେତେଣେ ପଡିଛି।

**ନିରାକାରପୁର,୭।୫(ଡି.ଏନ୍.ଏ.)**

ଖୋର୍ଦ୍ଧାରୁ ଟାଙ୍ଗୀ ଅଭିମୁଖେ ଯାଉଥିବା ଏକ ମୃଦୁ ପାନୀୟ ବୋଝେଇ ଟାଟା ଏସିଇ ରବିବାର ଭାରସାମ୍ୟ ହରାଇ ଜଙ୍କିଆ ଥାନା ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ଓଲଟି ପଡ଼ିଥିଲା। ଡ୍ରାଇଭର ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ବେଳେ ସେଥିରେ ଥିବା ଥଣ୍ଡା ପାନୀୟ ବୋତଲଗୁଡ଼ିକ ଭାଙ୍ଗି ରାସ୍ତାରେ ପଡ଼ିଯାଇଥିଲା। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଥିଲା। ରାସ୍ତା ସଫେଇ ହେବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ରାଧାମାଧବ ରଥଙ୍କ ୨ ପୁସ୍ତକ ଲୋକାର୍ପିତ

**ପୁରୀ ଅଫିସ, ୭।୫**

ଶିକ୍ଷାବିତ୍ ତଥା ଶିଶୁ ସାହିତ୍ୟକ ରାଧାମାଧବ ରଥଙ୍କ 'ଆସ ଚାଲଯିବା ଜଙ୍ଗଲ ବୁଲି' ଏବଂ 'ସରି କିଏ ହେବ ମା' ପରି' ଶିଶୁ କିଶୋର ପୁସ୍ତକର ଲୋକାର୍ପଣ ଉତ୍ସବ ଶନିବାର ପୁରୀ ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ପୁସ୍ତକ ପ୍ରକାଶକ ତଥା କବି ଦାମୋଦର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଏସ୍‌ଟି ମୁଖ୍ୟ କମିଶନର ତଥା ସାହିତ୍ୟିକ ପୀୟୂଷ କୁମାର ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଗାଳ୍ପିକ ପରେଶ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଶିଶୁ ସାହିତ୍ୟିକ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ନାଟ୍ୟକାର ଡ. ହେମନ୍ତ କୁମାର ଛୋଟରାୟ, ଶିଶୁ ସାହିତ୍ୟିକ ଲକ୍ଷ୍ମୀକାନ୍ତ ଦଳେଇ ଏବଂ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଯୋଗଦାନ କରିଥିଲେ। ଇଂ. ତାରା ନନ୍ଦିନୀ ଧନ୍ୟବାଦ ଦେଇଥିଲେ।

## ସଙ୍ଗୀତଜ୍ଞ ଭୁବନେଶ୍ୱର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ




**ଭୁବନେଶ୍ୱର,୭।୫(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ବିଶିଷ୍ଟ ସଙ୍ଗୀତଜ୍ଞ ଭୁବନେଶ୍ୱର ମିଶ୍ରଙ୍କ ୩୦ତମ ଶ୍ରାଦ୍ଧୋତ୍ସବ ରବିବାର ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ଗୁରୁଚରଣ ସାହୁ, ସୁଶାନ୍ତ ସାହୁ, ଗିରିଜା ଶଙ୍କର ମହାପାତ୍ର, ସତ୍ୟବ୍ରତ ଜେନା, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ଓଡ଼ିଶୀ ଗବେଷଣା କେନ୍ଦ୍ରର ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାରେ ଭୁବନେଶ୍ୱର ମିଶ୍ର, ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ, ସିଂହାରି ଶ୍ୟାମ ସୁନ୍ଦର କର, ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ଭଳି ସଙ୍ଗୀତ ପ୍ରତିଭାମାନେ ଆକାଶବାଣୀ ମାଧ୍ୟମରେ ସଙ୍ଗୀତ ପରିବେଷଣ କରିଥିଲେ। ଏହାସହ ସେମାନେ ନିଜ ତ୍ୟାଗ ଓ ସମର୍ପିତ ସାଧନା ଦ୍ୱାରା ବହୁତ ଉଚ୍ଚକୋଟୀର ସଙ୍ଗୀତ ପ୍ରତିଭା ସୃଷ୍ଟି କରିଯାଇଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ମିଥ୍ୟା ଅଭିଯୋଗକାରିଣୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଡାକ୍ତର ବିରୋଧରେ ମିଥ୍ୟା ଯୌନ ନିର୍ଯ୍ୟାତନା ମାମଲା**

**କଟକ ଅଫିସ,୭।୫**

କଟକ ଏସ୍‌ସିବି ମେଡିକାଲର ଜଣେ ଅବସରପ୍ରାପ୍ତ ଡାକ୍ତର ମିଥ୍ୟା ଅଭିଯୋଗ ଯୋଗୁ ଫସିଥିବା ଓ ହାଇକୋର୍ଟଙ୍କ ରାୟ ପରେ ସେ ଏବେ ମିଥ୍ୟା ଅଭିଯୋଗକାରିଣୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯ୍ୟାତନା ନିୟମ ୨୦୧୩ର ଦୁରୁପଯୋଗ କରାଯାଇ ତାଙ୍କୁ ଅପଦସ୍ଥ କରାଯାଇଛି। ଏହାଦ୍ୱାରା ତାଙ୍କର ସାମାଜିକ ପ୍ରତିଷ୍ଠା, ମାନସମ୍ମାନ କ୍ଷୁର୍ଣ୍ଣ ହେବା ସହ ମାନସିକ ଚାପଗ୍ରସ୍ତ ହୋଇ ହୃଦ୍‌ରୋଗରେ ପୀଡ଼ିତ ହୋଇଛନ୍ତି। ସେ ହେଲେ ଏସ୍‌ସିବି ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ତତ୍କାଳୀନ ବିଭାଗୀୟ ମୁଖ୍ୟ ଡା. ଶିବରାମ ପ୍ରସାଦ ସିଂହ। ବାଦାମବାଡ଼ିସ୍ଥିତ ଏକ ହୋଟେଲରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡା. ସିଂହ କହିଛନ୍ତି, ମୋତେ ବିନା କାରଣରେ ଲାଞ୍ଛିତ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର କେତେଜଣ ଅଧିକାରୀଙ୍କ ଏକପାଖିଆ ନିର୍ଦ୍ଦେଶ ମୋ ଉପରେ ଲଦି ଦିଆଯାଇଥିଲା। ସେ ଚାକିରିରୁ ଅବସର ନେଇ ସାରିଥିବାବେଳେ ତାଙ୍କ ବିରୋଧରେ ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣିଥିବା ମହିଳା ଡାକ୍ତର ଜଣକ ଏବେ ପ୍ରଫେସର ଭାବେ ପଦୋନ୍ନତି ପାଇଛନ୍ତି। ଯୌନ ନିର୍ଯ୍ୟାତନା ଅଭିଯୋଗ ପ୍ରମାଣିତ ହୋଇ ନ ପାରିବା କାରଣରୁ ତାଙ୍କ ବିରୋଧରେ ରାଜ୍ୟ ସରକାର ଦେଇଥିବା ଦଣ୍ଡବିଧାନମୂଳକ ନିର୍ଦ୍ଦେଶନାମାକୁ ହାଇକୋର୍ଟ ଗତ ଏପ୍ରିଲ ୨୪ ତାରିଖରେ ଖାରଜ କରିଦେଇଥିଲେ। ଫଳରେ ସେ ଦୋଷମୁକ୍ତ ହୋଇଥିଲେ। 'ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ' ବୋଲି ସେ କହିବା ସହ ଅଯଥାରେ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ପାଇଁ ଯେଉଁ ମହିଳା ଦାୟୀ ତାଙ୍କ ବିରୋଧରେ ଅନୁରୂପ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହାହେଲେ ଆଉ କେହି ଏପରି ମିଥ୍ୟା ଅଭିଯୋଗ ଆଣିବାକୁ ସାହସ କରିବେ ନାହିଁ ବୋଲି ଡା. ସିଂହ କହିଛନ୍ତି।

## ମାନସ ରଞ୍ଜନ ଥିଲେ ଆଦର୍ଶ ଆଇନଜୀବୀ

**ବେଗୁନିଆ,୭।୫(ଡି.ଏନ୍.ଏ.)**

ଆଇନଜୀବୀ ମାନସ ରଞ୍ଜନ ମହାପାତ୍ରଙ୍କ ସ୍ମୃତିଚାରଣ ସଭା ରବିବାର ଗୋଲାପାଟଣା ଗ୍ରାମସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫୁଲ୍ଲ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଜ୍ୟ ମାନବାଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାସ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଆଇନଜୀବୀ ପ୍ରଦୀପ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ବିଭୂତିଭୂଷଣ ମହାପାତ୍ର ସଂଯୋଜନା କରିଥିଲେ। ପଣ୍ଡିତ ବିନୋଦ ଦାଶ ବେଦ ପାଠ କରିଥିଲେ। ଏହି ଅବସରରେ ମାନସଙ୍କ ରଚିତ ଶିଶୁଗୀତିକା 'ମାନସ କପୋତ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ସାନ୍ତାଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କୁ ଜେମା-ସାମନ୍ତ ସୃଜନୀ ପୁରସ୍କାର

**ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ**

**କଟକ ଅଫିସ,୭।୫**


ସମାରୋହରେ ଡା. ନିତ୍ୟାନନ୍ଦ ସ୍ୱାଇଁ ଏବଂ ଡା. ନିରଞ୍ଜନ ତ୍ରିପାଠୀଙ୍କୁ ପୁରସ୍କୃତ କରାଯାଉଛି।

କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜର ୧୨୧ତମ ପ୍ରତିଷ୍ଠା ଦିବସ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରି କହିଥିଲେ, ଉତ୍କଳ ସାହିତ୍ୟ ସମାଜ ସ୍ଥାପନର ଉଦ୍ଦେଶ୍ୟ ଓଡ଼ିଆ ଭାଷା-ସାହିତ୍ୟର ଉନ୍ନତି ପାଇଁ ଅଭିପ୍ରେତ। ଏବେ ଭାଷା ପାଇଁ ଅନେକ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି।

ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ବକ୍ତା ଡ. ଖାରବେଳ ମହାନ୍ତି ଯୋଗଦେଇ ଉତ୍କଳ ସାହିତ୍ୟ ସମାଜ ଏକ ସାଧାରଣ ଅନୁଷ୍ଠାନ ନୁହେଁ, ଏହା ଏକ ଐତିହାସିକ ପ୍ରକ୍ରିୟା ବୋଲି କହିଥିଲେ। ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ଅନ୍ୟତମ ଉପସଭାପତି ମନୋଜ ପଟ୍ଟନାୟକ ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ଡ. ସୁଶୀଲ କୁମାର ବାଗ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟା ସରୋଜିନୀ ମିଶ୍ର ଓ କୋଷାଧ୍ୟକ୍ଷ ଶିବାଶିଷ କର ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କୁ ଜେମା-ସାମନ୍ତ ସୃଜନୀ ପୁରସ୍କାର ପ୍ରଦାନ କରାଯାଇଛି। ଡା. ସ୍ୱାଇଁ ପୁରସ୍କାର ବାବଦ ଅର୍ଥରାଶି ନଗଦ ୫୦ ହଜାର ଟଙ୍କା ଉତ୍କଳ ସାହିତ୍ୟ ସମାଜକୁ ଉପହାର ରୂପେ ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏଥିସହ ଡା. ନିରଞ୍ଜନ ତ୍ରିପାଠୀଙ୍କୁ ବରିଷ୍ଠ ସଦସ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ମୁରଲୀଧର ଶତପଥୀ ପୁରସ୍କାର ସମ୍ପର୍କରେ ସୂଚନା ଦେଇଥିଲେ। ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ବ୍ରହ୍ମାନନ୍ଦ ମହାନ୍ତି, ତପନ ସ୍ୱାଇଁ, ଦିଲୀପ କୁମାର ଦାସ, ରାଧାଶ୍ୟାମ ରାଉଳ, ସୁକାନ୍ତ ପ୍ରସାଦ ନନ୍ଦଙ୍କ ସମେତ ବୁଦ୍ଧିଜୀବୀ ଓ ସାରସ୍ୱତ ସ୍ରଷ୍ଟାମାନେ ଉପସ୍ଥିତ ଥିଲେ। ଅନୁଷ୍ଠାନ ପ୍ରତିଷ୍ଠା ଦିବସ ବିଭିନ୍ନ ଶାଖାରେ ମଧ୍ୟ ପାଳିତ ହୋଇଯାଇଛି। ଅଜୟ ମହାନ୍ତି, ଅଧ୍ୟାପକ କମଳ ମାହୁନ୍ତ, ରଶ୍ମିତା ସାମନ୍ତରାୟ ଓ ଦେବପ୍ରସାଦ ମିଶ୍ର ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯ୍ୟାତନାର ପ୍ରତିବାଦ

**ଭୁବନେଶ୍ୱର,୭।୫(ବ୍ୟୁରୋ)**




ଯେଉଁ ମହିଳା କୁସ୍ତିଯୋଦ୍ଧାମାନେ ନିଜ ଖେଳ ପ୍ରଦର୍ଶନ କରି ଦେଶର ସୁନାମ ବୃଦ୍ଧି କରୁଥିଲେ ଏବଂ ସ୍ୱୟଂ ପ୍ରଧାନମନ୍ତ୍ରୀ ତା'ର ଶ୍ରେୟ ନେଉଥିଲେ, ଏବେ ସେମାନଙ୍କ ପ୍ରତି ଭାରତୀୟ କୁସ୍ତି ମହାସଂଘର ସଭାପତି ତଥା ଭାଜପା ସାଂସଦ ବ୍ରିଜଭୂଷଣ ସିଂଙ୍କ ଯୌନ ନିର୍ଯ୍ୟାତନା ଘଟଣାରେ ଶାସକ ଭାଜପାର ନୀରବତା ଓ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଇବା ଦୁର୍ଭାଗ୍ୟଜନକ ବୋଲି ଭୁବନେଶ୍ୱର ନାଗରିକ ସମାଜ କହିଛି। ଏନେଇ ସଙ୍ଗଠନ ପକ୍ଷରୁ ରବିବାର ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ ସହ 'ଧିକ୍କାର ଦିବସ' ପାଳନ କରାଯାଇଛି। ପ୍ରତିବାଦକାରୀମାନେ ଅଭିଯୋଗ କରିଛନ୍ତି ଯେ, 'ବେଟି ପଢାଓ ଓ ବେଟି ବଢାଓ' ସ୍ଲୋଗାନ ଦେଉଥିବା ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାର ଦେଶର ସମ୍ମାନଙ୍କୁ ଅସମ୍ମାନିତ କରିବା ଓ ସେମାନଙ୍କୁ ଯୌନ ନିର୍ଯ୍ୟାତନା ଦେବା ଭଳି ଘଟଣା ସାରା ବିଶ୍ୱରେ ଭାରତର ଛବିକୁ ମଳିନ କରିଛି। ଏପରିକି ଅଭିଯୁକ୍ତ ବ୍ରିଜଭୂଷଣଙ୍କ ବିରୋଧରେ ଦିଲ୍ଲୀ ପୋଲିସ ଏତଲା ଗ୍ରହଣ ନ କରିବାରୁ ସେମାନଙ୍କୁ ସୁପ୍ରିମକୋର୍ଟ ଯିବାକୁ ପଡ଼ିଛି। ମାତ୍ର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ଏପରିକି ମହାସଂଘ ସଭାପତି ପଦରୁ ତାଙ୍କୁ ପଦଚ୍ୟୁତ କରାଯାଇନାହିଁ। ଅପରପକ୍ଷରେ ଖରା ଓ ଶୀତ କାକରରେ ନ୍ୟାୟ ପାଇଁ ଲଢେଇ କରୁଥିବା ମହିଳା କୁସ୍ତି ଯୋଦ୍ଧାମାନଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ଦିଲ୍ଲୀ ପୋଲିସ ରାତିରେ ଗୁଣ୍ଡା ଭଳି ସେମାନଙ୍କ ଉପରେ ଆକ୍ରମଣ କରିଥିବା ଆନ୍ଦୋଳନକାରୀମାନେ କହିଛନ୍ତି। କୃଷକମାନଙ୍କ ଆନ୍ଦୋଳନକୁ ଦମନ କରିବା ପରେ ଏବେ ଦେଶ ପାଇଁ ମେଡାଲ ଆଣିଥିବା ଆମ ଝିଅ ବା ମହିଳା କୁସ୍ତି ଖେଳାଳିଙ୍କ ଉପରେ ମଧ୍ୟ ମୋଦି ସରକାର ପୋଲିସ ଲଗାଇ ଆକ୍ରମଣ ଆରମ୍ଭ କରିଦେଇଛି କହି ଆନ୍ଦୋଳନକାରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରତିବାଦ ସଭାରେ ବୁଦ୍ଧିଜୀବୀ ଆଶା ହଂସ, ନାରୀନେତ୍ରୀ ତାପସୀ ପ୍ରହରାଜ, ପ୍ରାଧ୍ୟାପକ ବିଜୟ ବହିଦାର, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, କୃଷକ ନେତା ସୁରେଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ମହାନଦୀ ବଞ୍ଚାଅ ଆନ୍ଦୋଳନର ନେତା ସୁଦର୍ଶନ ଦାସ, ମାନବାଧିକାର କର୍ମୀ ନରେନ୍ଦ୍ର ମହାନ୍ତି, ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, ପ୍ରଭାତ ପାଣିଗ୍ରାହୀ, ଅଖିଳ ଭାରତ ଜନମଞ୍ଚର ପଞ୍ଚାନନ ସେନାପତି, ପ୍ରଭାସ ସାମନ୍ତରାୟ, ସାମ୍ବାଦିକ ସତୀଶ ମିଶ୍ର, ରାଷ୍ଟ୍ରୀୟ ଯୁବା ସଂଗଠନର ମାନସ ପଟ୍ଟନାୟକଙ୍କ ସମେତ ବିଭିନ୍ନ ଗଣସଙ୍ଗଠନ ପକ୍ଷରୁ ପ୍ରତିବାଦକାରୀ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ପାଣିମୋଟର ଚୋରି, ୨ ଗିରଫ

**କଣ୍ଟାପଡା, ୭।୫(ଡି.ଏନ୍.ଏ.):** ପାଣିମୋଟର ଚୋରି ଅଭିଯୋଗରେ ଗୋବିନ୍ଦପୁର ପୋଲିସ ୨ ଜଣଙ୍କୁ ଗିରଫକରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବ୍ରାହ୍ମଣବାଟି ଗ୍ରାମର ଜୀବନ ଭୋଇ ଓ ସାଇଲୋ ବଡବିଲି ଗ୍ରାମର ସୁନୀଲ ମହାପାତ୍ର। ସେମାନଙ୍କଠାରୁ ଚୋରି ପାଣିମୋଟର ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୨୮ ତାରିଖ ରାତିରେ ସାଇଲୋ ବଡବିଲ ଗ୍ରାମର ମାନସ ଆଚାର୍ଯ୍ୟଙ୍କ ଘରୁ ଅଭିଯୁକ୍ତ ଦ୍ୱୟ ଏକ ପାଣିମୋଟର ଚୋରି କରିଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୭୮/୨୩) ରୁଜୁ କରିଛି।

### ଶିବିରରୁ ୩୫ ୟୁନିଟ୍ ରକ୍ତ ସଂଗ୍ରହ




**ଚୌଦ୍ୱାର,୭।୫(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ଅଧୀନ ୧୩ନଂ. ୱାର୍ଡରେ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀ ନାରାୟଣ ଯୁବ ପରିଷଦ ଓ ରୋଟାରୀ କ୍ଲବ ଚୌଦ୍ୱାରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ମୋଟ ୩୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ପରିଷଦ ସଭାପତି ତ୍ରିଲୋଚନ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ କାଉନସିଲର ସୁଜାତା ସାହୁ, ନଗେନ୍ଦ୍ର ସାହୁ, ରୋଟାରିଆନ କ୍ଷିତେନ୍ଦ୍ର ନାଥ କାନୁନ୍‌ଗୋ, ଶରତ ଚନ୍ଦ୍ର ଖୁଣ୍ଟିଆ, ବିଶ୍ୱକଲ୍ୟାଣ ଦାସ, ପ୍ରତାପ ଶତପଥୀ, ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିକାଶ ଗିରି, ବସନ୍ତ କୁମାର ଦାସଙ୍କ ସମେତ କର୍ମକର୍ତ୍ତାମାନେ ଶିବିର ପରିଚାଳନା କରିଥିଲେ।

### ଗ୍ରୀଷ୍ମକାଳୀନ ବଲ୍ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର

**କଟକ ଅଫିସ,୭।୫:** କଟକ ଜିଲା ବଲ୍ ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ଦେୟମୁକ୍ତ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ରବିବାର ବିଡାନାସୀ ଖେଳପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଓଡ଼ିଶା ଆର୍ଚେରୀ ଆସୋସିଏଶନର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ, ସମ୍ମାନିତ ଅତିଥି ଭାବେ କଟକ କ୍ରୀଡ଼ା ଭାରତୀ ସମ୍ପାଦକ ତୁଷାରକାନ୍ତ ସିଂ ଯୋଗଦେଇଥିଲେ। ଏହି ଶିବିରରେ ଚତୁର୍ଥ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ତଥା ୧୪, ୧୬ ଏବଂ ୧୯ ବର୍ଷରୁ କମ୍ ମୋଟ ୧୦୨ ଜଣ ଖେଳାଳୀ ଯୋଗଦେଇଛନ୍ତି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ବିଡାନାସୀ ଖେଳପଡିଆ ଓ ଜଗତପୁର ଗ୍ରାମ ଖେଳପଡିଆରେ ପ୍ରତିଦିନ ସକାଳ ୬ଟାରୁ ୮ଟା ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ ବୋଲି ଜିଲା ସମ୍ପାଦକ ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି।

# ନୂଆ ରୂପ ନେଉଛି ସିଲଭର ସିଟି ବୋଟ୍ କ୍ଲବ୍

**କଟକ ଅଫିସ,୭।୫**

କଟକ ମାତାମଠସ୍ଥିତ ମହାନଦୀ କୂଳରେ ଥିବା ସିଲ୍‌ଭର ସିଟି ବୋଟ୍ କ୍ଲବ ଏବେ ନୂଆ ରୂପ ପାଇବାକୁ ଯାଉଛି। ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ଏହାର ପରିସରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ବିଶେଷକରି ବୋଟ୍ କ୍ଲବ୍ ପରିସରରେ ୮କୋଟି ଟଙ୍କା ବ୍ୟୟରେ ଓପନ୍‌ଏୟାର ଥିଏଟର୍, ଗ୍ଲାସ୍ ଡେକ୍, ଗେଷ୍ଟହାଉସ୍, ଫାଉଣ୍ଟେନ୍, ପିଲାଙ୍କ ପାଇଁ ପାର୍କ, ଟଏଲେଟ୍ ବ୍ଲକ୍ ଆଦି କାମ ଜାରି ରହିଛି। ଚଳିତମାସ ଶେଷ ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବାକୁ ଓଟିଡିସି ଲକ୍ଷ୍ୟ ରଖିଛି।


ସିଲ୍‌ଭର ସିଟି ବୋଟ୍ କ୍ଲବରେ ଜାରି ରହିଥିବା ଉନ୍ନୟନ କାର୍ଯ୍ୟ।

୨୦୨୧ ମସିହାରେ ୧.୩୫ କୋଟି ଟଙ୍କା ବ୍ୟୟରେ ଏହାର ପାର୍କ ନବୀକରଣ କରାଯାଇଥିଲା। ପର୍ଯ୍ୟଟକମାନଙ୍କୁ ମହାନଦୀରେ ଦୁଃସାହସିକ ଜଳକ୍ରୀଡ଼ା ସହ ମନୋରଞ୍ଜନର ସୁବିଧା ଯୋଗାଇ ଦେବା ନିମନ୍ତେ ଓଟିଡିସି ପକ୍ଷରୁ ଏହି ୱାଟର ସ୍ପୋର୍ଟସ ପାର୍କ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିଥିଲେ। ଏଠାରେ ପର୍ଯ୍ୟଟକମାନେ ମହାନଦୀର ମନୋରମ ଦୃଶ୍ୟକୁ ଉପଭୋଗ କରିବା ନିମନ୍ତେ ଏକ ଭ୍ୟୁ ପଏଣ୍ଟ, ସେଲ୍ଫି ଜୋନ୍ କରାଯାଇଛି। ସେହିପରି ବିଭିନ୍ନ ୱାଟର ସ୍ପୋର୍ଟସ ଯଥା, ଜେଟ୍, ସ୍କିଡ୍ ବୋଟ୍, କ୍ରୁଜ ବୋଟ୍, ପେଡାଲ ବୋଟ୍, ହାଉସ ବୋଟ୍ ଏବଂ ଫ୍ଲୋଟିଂ କାଫେ ବ୍ୟବସ୍ଥା ହୋଇଛି। ଏତଦ୍‌ବ୍ୟତୀତ ପର୍ଯ୍ୟଟକଙ୍କ ପାଇଁ ଓଟିଡିସି ପକ୍ଷରୁ ଏଠାରେ ଏକ ରେଷ୍ଟୁରାଣ୍ଟ କରାଯାଇଛି । ବିଶେଷକରି ପର୍ଯ୍ୟଟକଙ୍କୁ ଉନ୍ନତମାନର ସେବା ଯୋଗାଇ ଦେବା ପାଇଁ ନିଗମ ପକ୍ଷରୁ ଉଦ୍ୟମ ଜାରି ରହିଛି।

ଦ୍ୱିତୀୟ ପର୍ଯ୍ୟାୟରେ ୮ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହାର ପରିସରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯାଉଛି। ଅଧିକାଂଶ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୦୦ରୁ ଊର୍ଦ୍ଧ୍ୱ ଲୋକ ବସିବା ପାଇଁ ଓପନ୍‌ଏୟାର୍ ଥିଏଟର୍ ନିର୍ମାଣ କରାଯାଉଛି। ଏଠାରେ ବିଭିନ୍ନ ଉତ୍ସବ ଓ କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିବ। ସେହିପରି ମହାନଦୀ କୂଳରେ ଏକ ଗ୍ଲାସ୍ ଚଲାପଥ ନିର୍ମାଣ ଚାଲିଛି। ନଦୀ ମଧ୍ୟକୁ ଲୁହାର ଏକ ତାଜା ବାହାର କରାଯାଇଛି, ଯାହାର ତଳଭାଗରେ କାଚ ପକାଯିବ। ପର୍ଯ୍ୟଟକମାନେ କାଚ ଉପରେ ଛିଡ଼ା ହୋଇ ପାଦ ତଳେ ମହାନାଦୀର ପାଣିକୁ ଦେଖି ପାରିବେ। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ରଙ୍ଗର କାଚ ଏଥିରେ ବ୍ୟବହାର କରାଯିବ। ଶିଶୁଙ୍କ ପାଇଁ ଏକ ପାର୍କ ପ୍ରସ୍ତୁତ

### ଶେଷ ପର୍ଯ୍ୟାୟରେ ଉନ୍ନୟନମୂଳକ କାର୍ଯ୍ୟ

କରାଯାଉଛି, ସେଠାରେ ବିଭିନ୍ନ ଖେଳ ସାମଗ୍ରୀ ରଖାଯିବ। ସେହିପରି ଏହାର ପରିସରରେ ଏକ ଟଏଲେଟ୍ ବ୍ଲକ୍ ଓ ଖୋଲା ସ୍ଥାନରେ ବଗିଚା କରାଯାଇଛି। ବୋଟ୍ କ୍ଲବ୍ ପ୍ରବେଶପଥର ମୁଖ୍ୟ ଫାଟକକୁ ନୂତନ ଭାବେ ନିର୍ମାଣ କରାଯିବା ସହ ବାହାରେ ଗାଡି ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହ ବୋଟ୍ କ୍ଲବ୍‌କୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡିଥିବାରୁ ଏହାକୁ ନୂତନ ଭାବେ ନିର୍ମାଣ କରାଯାଇଛି ବୋଲି ଓଟିଡିସିର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଶେଖର ସ୍ୱାଇଁ ନାମକ ପର୍ଯ୍ୟଟକ କହିଛନ୍ତି, ସହରରେ ଏଭଳି ସ୍ଥାନ ଅନ୍ୟ କେଉଁଠି ନାହିଁ । ସନ୍ଧ୍ୟାରେ ଏହି ସ୍ଥାନରେ ବସିବାକୁ ଭଲ ଲାଗେ। ଏଭଳି ସ୍ଥାନ ଅନ୍ୟମାନଙ୍କୁ ନିଶ୍ଚିତ ଭାବେ ଆକୃଷ୍ଟ କରିବ। ସେହିପରି ସ୍ଥାନୀୟ ବାସିନ୍ଦା ସ୍ନେହାଶ୍ରୀ ପ୍ରିୟଦର୍ଶିନୀ କହିଛନ୍ତି, ସବୁ ବର୍ଗର ଲୋକଙ୍କ ମନୋରଞ୍ଜନ ପାଇଁ ଏହା ଉପଯୁକ୍ତ ସ୍ଥାନ।

## ମଦ, ଚୋରି ସାମଗ୍ରୀ ଜବତ, ୨ ଗିରଫ

**କଟକ ସଦର/ ଚୌଦ୍ୱାର, ୭।୫(ଡି.ଏନ୍.ଏ.)**

ଦେଶୀ ମଦ ଚୋରାରେ ବିକ୍ରି କରିବା ଅଭିଯୋଗରେ ୪୨ମୌଜା ପୋଲିସ ସମୀର ମଲ୍ଲିକ(୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୧୫ ଲିଟର ଦେଶୀ ମଦ ସହ ଏକ ସ୍କୁଟି ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୪୨/୨୩) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଶନିବାର ରାତିରେ ଅଭିଯୁକ୍ତ ଜଣଙ୍କ ସ୍କୁଟିରେ ଦେଶୀ ମଦ ଆଣି ଏହି ଥାନା ଅନ୍ତର୍ଗତ ରାଉତ୍ରାପୁରରେ ଅନ୍ୟ ଜଣଙ୍କୁ ବିକ୍ରି କରୁଥିବାବେଳେ ପୋଲିସ କାବୁ କରିଥିଲା। ଅଭିଯୁକ୍ତ ଜଣଙ୍କ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ାର ବିଭିନ୍ନ ସ୍ଥାନକୁ ଦେଶୀ ମଦ ଚାଲାଣ କରୁଥବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ଚୋରି ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ତାଳଚେର କୋଲିୟାରୀ ଥାନା ଅଧୀନ ଜିଲିଣ୍ଡା ଗ୍ରାମର ବରୁଣ ବେହେରା। ତାଙ୍କ ନିକଟରୁ କିଛି ରୁପା ପାଉଁଜୀ ଓ ସୁନାମୁଦି ଜବତ କରାଯାଇଛି। ଚୌଦ୍ୱାର ଥାନା ଅଧୀନ ନିର୍ଗୁଣ୍ଡି ଗ୍ରାମର ହିମାଂଶୁ ଭୁଷଣ ଜେନାଙ୍କ ଘରୁ ଚୋରି ହୋଇଥିଲା। ଏ ନେଇ ସେ ଗତ ୨୭ ତାରିଖରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୦୩/୨୩) ରୁଜୁକରିଥିଲା।

# 'ଦିଲ୍ଲୀ ୟୁନିଭର୍ସିଟିରେ ଓଡ଼ିଆ ଭାଷା-ସାହିତ୍ୟ ସ୍ନାତକୋତ୍ତର ବିଭାଗ ଖୋଲୁ'


କଟକ ଶତାବ୍ଦୀ ଭବନରେ ଅନୁଷ୍ଠିତ ବାର୍ଷିକ ସାରସ୍ୱତ ସମାରୋହରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୭।୫**

### ଓଡ଼ିଶା ପ୍ରତିଭା ପୂଜା ସଂସଦର ବାର୍ଷିକ ସାରସ୍ୱତ ସମାରୋହ

ଓଡ଼ିଶା ପ୍ରତିଭା ପୂଜା ସଂସଦର ୨୩ତମ ବାର୍ଷିକ ସାରସ୍ୱତ ସମାରୋହ କଟକ ଶତାବ୍ଦୀ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭା ସଦସ୍ୟ ଡ. ଅମର ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିବା ଗର୍ବ ଓ ଗୌରବର ବିଷୟ। ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅନ୍ୟାନ୍ୟ ଆଞ୍ଚଳିକ ଭାଷା ଭଳି ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କରେ ଅଧ୍ୟୟନ ଓ ଗବେଷଣା ପାଇଁ ସ୍ନାତକୋତ୍ତର ବିଭାଗ ଖୋଲାଯିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏ ସମ୍ପର୍କରେ ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଚିଠି ଲେଖିଥିବା କହିଛନ୍ତି। ମୁଖ୍ୟବକ୍ତା ଡ. ବିଜୟାନନ୍ଦ ସିଂହ ଓଡ଼ିଆ ଜାତିର ସମୃଦ୍ଧି ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସଭାପତି ଡ. ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁ, ସାମାଜିକ କର୍ମୀ ଡ. ଚିଦାତ୍ମିକା ଖଟୁଆ, ବୈଜ୍ଞାନିକ ରବି ନାରାୟଣ ବେହେରା ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦିଲୀପ କୁମାର ଦାସ ପ୍ରାରମ୍ଭିକ ସୂଚନା ଓ ରଜନୀକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ଗଳ୍ପ ସଙ୍କଳନ କଥା ଓ କଥାକାରର ଷୋଡ଼ଶ ଭାଗ ଉନ୍ମୋଚିତ ହୋଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାରସ୍ୱତ ସ୍ରଷ୍ଟାମାନଙ୍କୁ ସମ୍ମାନିତ କରାଯାଇଥିଲା।

ପୂର୍ବାହ୍ନରେ ଆୟୋଜିତ ଗଳ୍ପ ପାଠ, ଆଲୋଚନାଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସାହିତ୍ୟିକ ଉମାଶଙ୍କର ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ବରେଣ୍ୟ ଅତିଥି ଭାବେ ଡ. ଗିରିଜା ଶଙ୍କର ଶ୍ରୀଚନ୍ଦନ ମହାପାତ୍ର ଓ କବି ଅକ୍ଷୟ ପଣ୍ଡା ଯୋଗଦେଇଥିଲେ। କମଳାକାନ୍ତ ଦାଶ, ନାରାୟଣ ଶତପଥୀ, ପ୍ରଭାତ କୁମାର ଦାସ, ପ୍ରସନ୍ନ କୁମାର ଦାଶ, କୃଷ୍ଣଚନ୍ଦ୍ର ପ୍ରଧାନ ଓ ଦାମୋଦର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁରଲୀଧର ସାମଲ ଧନ୍ୟବାଦ ଦେଇଥିଲେ।

## ବେରୋଜଗାର ଯୋଗୁ ଅପରାଧ ବଢୁଛି

**କଟକ ଅଫିସ,୭।୫**

ଏବେ ବେରୋଜଗାର ଏକ ରାଷ୍ଟ୍ରୀୟ ସମସ୍ୟା ପାଲଟିଛି। ହେଲେ ଏନେଇ ସରକାର ଆଲୋଚନା କରୁନାହାନ୍ତି କିମ୍ବା କୌଣସି ଏମ୍‌ପି ଓ ବିଧାୟକ ଏହା ବିରୋଧରେ ସ୍ୱର ଉତ୍ତୋଳନ କରୁନାହାନ୍ତି। ଏହି କାରଣରୁ ଭାରତୀୟ ବେରୋଜଗାର ମୋର୍ଚ୍ଚା ଦ୍ୱାରା ବେରୋଜଗାରଙ୍କ ସଂସଦ ନାମକ କାର୍ଯ୍ୟକ୍ରମ ଦେଶରେ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ବେରୋଜଗାର ମୋର୍ଚ୍ଚା ପକ୍ଷରୁ ରବିବାର ବାଦାମବାଡିରୁ ବାଇକ ଶୋଭାଯାତ୍ରା ବାହାରି କଳାବିକାଶ କେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା। ଏଥିସହ କଳାବିକାଶ କେନ୍ଦ୍ରରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏ ନେଇ ରାଷ୍ଟ୍ରୀୟ ପ୍ରବକ୍ତା ସୌମ୍ୟ ରଞ୍ଜନ ପାଢ଼ୀ କହିଛନ୍ତି, ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଭାରତ ପ୍ରଗତୀ ଆଡକୁ କମ୍ ଏବଂ ଅବନତି ଆଡକୁ ବେଶି ଗତି କରୁଥିବା ପରିଲକ୍ଷିତ ହେଉଛି। ୩୫ କୋଟିରୁ ଊର୍ଦ୍ଧ୍ୱ ଯୁବକ ବର୍ତ୍ତମାନ ବେରୋଜଗାରୀ ସମସ୍ୟା ପରିସରଭୁକ୍ତ ହୋଇସାରିଛନ୍ତି। ଏହାକୁ ରୋକିବା ପାଇଁ କୌଣସି ଯୋଜନା କରାଯାଉନାହିଁ। ସେଥିପାଇଁ ଯୁବକମାନେ ନିରାଶାମୟ ଜୀବନ ବିତାଉଛନ୍ତି। ବେରୋଜଗାର ଯୋଗୁ ଦେଶରେ ଅପରାଧ ବୃଦ୍ଧି ପାଇବା ସହିତ ଯୁବକମାନେ ନିରାଶ ହୋଇ ଆତ୍ମହତ୍ୟା କରୁଛନ୍ତି। ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଏହି ସମ୍ମିଳନୀରେ ଜଗଦିଶ ଯାଦବ, ବିଜୟ ପ୍ରତାପ ଭାରତୀ, ସେବତୀ ସୋରେନ୍, କୃଷ୍ଣଚନ୍ଦ୍ର ନାୟକ ଓ ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତଥିଲେ।

## 'ତୃଣମୂଳସ୍ତରରୁ ସଙ୍ଗଠନକୁ ମଜବୁତ୍ କର'

**କଟକ ସଦର,୭।୫(ଡି.ଏନ୍.ଏ.)**

ନିମେଇସାପୁର ପଞ୍ଚାୟତ ଅଧୀନ ଦେଓପୁରଠାରେ କଟକ ସଦର ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର କଂଗ୍ରେସ ନେତା ସୀତାକାନ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଦଳର ବ୍ଲକ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ ଯୋଗଦେଇ ତୃଣମୂଳ ସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଦିଲୀପ କୁମାର ବାରିକଙ୍କୁ ନିମେଇସାପୁର ପଞ୍ଚାୟତ ସଭାପତି ଓ ଦୀପକ କୁମାର ନାୟକଙ୍କୁ ସମ୍ପାଦକ ଭାବରେ ମନୋନୀତ କରାଯାଇଥିଲା। ଏଥିରେ ଉଗ୍ରସେନ ଭୂୟାଁ, ରସିଦ ମହମ୍ମଦ, ନରହରି ବେହେରା, ମହେଶ୍ୱର ମହନ୍ତ, ବିଜୟ କୁମାର ସେଠୀ, ଶଶିଭୂଷଣ ରାଉତରାୟ, ପ୍ରଶାନ୍ତ କୁମାର ନାୟକ ଯୋଗଦେଇଥିଲେ। ଶୃତିକାନ୍ତ ମହନ୍ତ ଧନ୍ୟବାଦ ଦେଇଥିଲେ।

## ବାୟୋ ଟଏଲେଟ୍ ଉଦ୍‌ଘାଟିତ

**କଟକ ଅଫିସ,୭।୫**

ବାରବାଟି ଦୁର୍ଗସ୍ଥିତ ସତ୍ୟବ୍ରତ ଖେଳପଡ଼ିଆରେ ବାୟୋ ଟଏଲେଟ୍ ଉଦ୍‌ଘାଟିତ ହୋଇଯାଇଛି। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ବାୟୋ ଟଏଲେଟ୍ ନିର୍ମାଣ ପାଇଁ ମହାନଦୀ ୱାକିଂ ଓ ଲାଫିଂ କ୍ଲବ ପକ୍ଷରୁ ଦାବି ହୋଇଆସୁଥିଲା। ପଡ଼ିଆରେ ମର୍ଣ୍ଣିଂ ୱାକ୍ ପାଇଁ ଆସୁଥିବା ଲୋକଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ବିଧାୟକ ମୋକିମଙ୍କ ନିର୍ଦ୍ଦେଶକ୍ରମେ କ୍ରେଡ଼ାଇ କଟକ ସହାୟତାରେ ଏହି ବାୟୋ ଟଏଲେଟ୍ ନିର୍ମାଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାନଦୀ ୱାକିଂ ଓ ଲାଫିଂ କ୍ଲବ ସଭାପତି ଡ. ନିରଞ୍ଜନ ତ୍ରିପାଠୀ, ମୁଖ୍ୟ ଉପଦେଷ୍ଟା ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସମ୍ପାଦକ ସରୋଜ କୁମାର ସାହୁ, ଆଇନଜୀବୀ ବିଜୟ ରାଗଡା, ବିଚିତ୍ର ମୋହନ ମହପାତ୍ର, ସୂର୍ଯ୍ୟ ଦାସ, ରାମଚନ୍ଦ୍ର ଶାସମଲ, ରାକେଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


ବାୟୋ ଟଏଲେଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

# 'ସୁସାହିତ୍ୟିକ ହେବାକୁ ନୀରବଚ୍ଛିନ୍ନ ଅଧ୍ୟୟନ ଲୋଡ଼ା'

**କଟକ ଅଫିସ,୭।୫**

କାଠଯୋଡ଼ି ସାହିତ୍ୟ ସଂସଦର ଷଷ୍ଠବାର୍ଷିକ ଉତ୍ସବ ଖାନ୍‌ନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶାନ୍ତ୍ୱନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଉଦ୍‌ଘାଟନ କରି ସାହିତ୍ୟ, ସଙ୍ଗୀତ, ସଂସ୍କୃତି ଗୋଟିଏ ଜାତିର ପରିଚୟ ଦିଏ ବୋଲି କହିଥିଲେ। ମୁଖ୍ୟ ଅତିଥି ଗୀତିକବି ଗୌର ପଟ୍ଟନାୟକ କହିଥିଲେ, ସୁସାହିତ୍ୟିକ ହେବା ପାଇଁ ନୀରବଚ୍ଛିନ୍ନ ଅଧ୍ୟୟନ ଲୋଡ଼ା। ମୁଖ୍ୟ ବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀର କଟକ ପ୍ରତିନିଧି ମନୋଜ ପଟ୍ଟନାୟକ ଛନ୍ଦ କବିତା ଆମ ପରମ୍ପରାର ପ୍ରତୀକ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ମହିଳା ଦଳବେହେରା, ପଣ୍ଡିତ ଚୈତନ୍ୟ କୁମାର ସାହୁ, ଡା. ସୁନିଲ ରାଉତ, ଶରତ କୁମାର ସାହୁ, ପ୍ରମିଳା ପତି ଓ ପଞ୍ଚମୁଖୀ ହନୁମାନ ମନ୍ଦିର କମିଟି ସଭାପତି କ୍ଷେତ୍ରମୋହନ ସାହୁ ଯୋଗଦେଇଥିଲେ। ପୀତାମ୍ବର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସାହିତ୍ୟ ଓ ଚିତ୍ର କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ କବି ହରିବନ୍ଧୁ ମଙ୍ଗରାଜ, ଚିତ୍ରଶିଳ୍ପୀ ବଳଦେବ ମହାରଥା, ସୁଶାନ୍ତ ଦାଶ, ଇଂ. ସତ୍ୟବ୍ରତ ରଥ, ରଘୁନାଥ ମହାପାତ୍ର, ଡ. ଆଦିତ୍ୟ ପ୍ରତାପ ଧଳ, ନାଟ୍ୟ ନିର୍ଦ୍ଦେଶକ ଡ. କିଶୋର ମହାନ୍ତି, ଗୀତିକବି ଅଜୟ କୁମାର ବେହେରା, ଶିଶୁକବି ସୁଶାନ୍ତ କୁମାର ଦାଶ ଓ ପ୍ରମୋଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସଂସଦର ମୁଖପତ୍ର କାଠଯୋଡ଼ି ଓ ସ୍ନେହଲତା ସାହୁଙ୍କ ଗୀତି ସଂକଳନ ଭାବ ରସିଆ ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଗୀତିକବି ବିପିନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କବିମାନେ କବିତା ପାଠ କରିଥିଲେ। ବିଧୂଭୁଷଣ ମହାନ୍ତି, ସ୍ମୃତିରେଖା ମହାନ୍ତି, ସୌମେନ୍ଦ୍ର ମହାପାତ୍ର ଓ ଜୟନ୍ତୀ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇଂ. ଶେଷଦେବ ଜେନା ଓ ଅଧ୍ୟାପକ ହୃଷୀକେଶ ମହାରଣା ଉପସ୍ଥାପନା କରିଥିଲେ। ସଂସଦର ସମ୍ପାଦକ ବାବାଜୀ ଜେନା କାର୍ଯ୍ୟକ୍ରମ ସଞ୍ଚାଳନା ଓ ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।


କାଠଯୋଡ଼ି ସାହିତ୍ୟ ସଂସଦ ବାର୍ଷିକ ଉତ୍ସବରେ ଅତିଥିମାନେ ସଂସଦର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

# ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କୁ ଜେମା-ସାମନ୍ତ ସୃଜନୀ ପୁରସ୍କାର

**କଟକ ଅଫିସ,୭।୫**

କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜର ୧୨୧ତମ ପ୍ରତିଷ୍ଠା ଦିବସ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରି କହିଥିଲେ, ଉତ୍କଳ ସାହିତ୍ୟ ସମାଜ ସ୍ଥାପନର ଉଦ୍ଦେଶ୍ୟ ଓଡ଼ିଆ ଭାଷା-ସାହିତ୍ୟର ଉନ୍ନତି ପାଇଁ ଅଭିପ୍ରେତ। ଏବେ ଭାଷା ପାଇଁ ଅନେକ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି।

ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ବକ୍ତା ଡ. ଖାରବେଳ ମହାନ୍ତି ଯୋଗଦେଇ ଉତ୍କଳ ସାହିତ୍ୟ ସମାଜ ଏକ ସାଧାରଣ ଅନୁଷ୍ଠାନ ନୁହେଁ, ଏହା ଏକ ଐତିହାସିକ ପ୍ରକ୍ରିୟା ବୋଲି କହିଥିଲେ। ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ଅନ୍ୟତମ ଉପସଭାପତି ମନୋଜ ପଟ୍ଟନାୟକ ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ଡ. ସୁଶୀଲ କୁମାର ବାଗ


ସମାରୋହରେ ଡା. ନିତ୍ୟାନନ୍ଦ ସ୍ୱାଇଁ ଏବଂ ଡା. ନିରଞ୍ଜନ ତ୍ରିପାଠୀଙ୍କୁ ପୁରସ୍କୃତ କରାଯାଉଛି।

### ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ

ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟା ସରୋଜିନୀ ମିଶ୍ର ଓ କୋଷାଧ୍ୟକ୍ଷ ଶିବାଶିଷ କର ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କୁ ଜେମା-ସାମନ୍ତ ସୃଜନୀ ପୁରସ୍କାର ପ୍ରଦାନ କରାଯାଇଛି। ଡା. ସ୍ୱାଇଁ ପୁରସ୍କାର ବାବଦ ଅର୍ଥରାଶି ନଗଦ ୫୦ ହଜାର ଟଙ୍କା ଉତ୍କଳ ସାହିତ୍ୟ ସମାଜକୁ ଉପହାର ରୂପେ ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏଥିସହ ଡା. ନିରଞ୍ଜନ ତ୍ରିପାଠୀଙ୍କୁ ବରିଷ୍ଠ ସଦସ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ମୁରଲୀଧର ଶତପଥୀ ପୁରସ୍କାର ସମ୍ପର୍କରେ ସୂଚନା ଦେଇଥିଲେ। ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ବ୍ରହ୍ମାନନ୍ଦ ମହାନ୍ତି, ତପନ ସ୍ୱାଇଁ, ଦିଲୀପ କୁମାର ଦାସ, ରାଧାଶ୍ୟାମ ରାଉଳ, ସୁକାନ୍ତ ପ୍ରସାଦ ନନ୍ଦଙ୍କ ସମେତ ବୁଦ୍ଧିଜୀବୀ ଓ ସାରସ୍ୱତ ସ୍ରଷ୍ଟାମାନେ ଉପସ୍ଥିତ ଥିଲେ। ଅନୁଷ୍ଠାନ ପ୍ରତିଷ୍ଠା ଦିବସ ବିଭିନ୍ନ ଶାଖାରେ ମଧ୍ୟ ପାଳିତ ହୋଇଯାଇଛି। ଅଜୟ ମହାନ୍ତି, ଅଧ୍ୟାପକ କମଳ ମାହୁନ୍ତ, ରଶ୍ମିତା ସାମନ୍ତରାୟ ଓ ଦେବପ୍ରସାଦ ମିଶ୍ର ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଲାଣ୍ଡୁପଡ଼ାରେ ବୋମାମାଡ଼ ଘଟଣା: ୪ ଅଟକ

**ସାକ୍ଷୀଗୋପାଳ,୭।୫ (ସ୍ୱ.ପ୍ର./ଡି.ଏନ୍.ଏ.):** ସତ୍ୟବାଦୀ ଥାନା ଅଧୀନ ବିଶ୍ୱନାଥପୁର ପଞ୍ଚାୟତ ଲାଣ୍ଡୁପଡ଼ା ଗ୍ରାମରେ ଶନିବାର ରାତିରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗ୍ରାମର ସୁଷମା ବରାଳ, ସ୍ୱାମୀ ସତ୍ୟ ସୁନ୍ଦର ବରାଳଙ୍କ ଅଭିଯୋଗ କ୍ରମେ ପୋଲିସ ୧୫୩/୨୩ରେ ଏକ ମାମଲା ରୁଜୁ କରିଛି। ଅନ୍ୟପଟେ ମମତା ଜେନାଙ୍କ ସ୍ୱାମୀ ଦୁର୍ଯ୍ୟୋଧନ ଜେନାଙ୍କ ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା (୧୫୪/୨୩) ରୁଜୁ ହୋଇଛି।

### ପିପିଲି ପୋଲିସ ନାଁରେ ଅଭିଯୋଗ ଆଣିଲେ ଯୁଧିଷ୍ଠିର

**ପିପିଲି, ୭।୫ (ସ୍ୱ.ପ୍ର.):** ପିପିଲି ପୋଲିସ ଯୋଗୁ ଆଇନଶୃଙ୍ଖଳା ବିଗୁଡୁଛି ବୋଲି ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ ଗୁରୁତର ଅଭିଯୋଗ ଆଣିଛନ୍ତି। ସାମନ୍ତରାୟ କହିଛନ୍ତି, ଏ ସମ୍ପର୍କରେ ସେ ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଲୋଚନା ପାଇଁ ଗତ ୧ତାରିଖ ସ୍ଥିର ହୋଇଥିଲା। ପିପିଲିରେ ଆଇନଶୃଙ୍ଖଳା ବ୍ୟାହତ ନେଇ ପୋଲିସକୁ ଦାୟୀ କରି ସେ ଉକ୍ତଦିନ ସନ୍ଧ୍ୟାରେ ଏସ୍‌ଡିପିଓଙ୍କୁ ଜଣାଇଥିଲେ। ଏହାକୁ ନେଇ ସେଠାରେ ଥାନା ଅଧିକାରୀ ଏବଂ ଯୁଧିଷ୍ଠିରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଯୁଧିଷ୍ଠିର ପିପିଲି ପୋଲିସ ବିରୋଧରେ ଅଭିଯୋଗ ଆଣି ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଡିଜିପି, ଡିଆଇଜି ସେଣ୍ଟ୍ରାଲ ରେଞ୍ଜ କଟକ, ଏସ୍‌ପି ପୁରୀ, ଏସ୍‌ଡିପିଓ ପିପିଲିଙ୍କୁ ଲିଖିତ ପତ୍ର ଦେଇଛନ୍ତି। ଅନ୍ୟପକ୍ଷରେ ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକଙ୍କୁ ପଚାରିବାରେ କହିଛନ୍ତି, ଗତ ୧ ତାରିଖ ସନ୍ଧ୍ୟାରେ ଯୁଧିଷ୍ଠିର ସାମନ୍ତରାୟ ମୋ ବସ୍ ସମ୍ପର୍କରେ କେବଳ ଆଲୋଚନା କରିବା ପାଇଁ ଥାନାକୁ ଆସିଥିଲେ।

### ୧୪ରେ ରାଜ୍ୟସ୍ତରୀୟ ସାହିତ୍ୟ ଆସର

**କୋଣାର୍କ,୭।୫(ଡି.ଏନ୍.ଏ.):** କୋଣାର୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ୬ଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ସାହିତ୍ୟ ଆସର, କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ଆସନ୍ତା ୧୪ ତାରିଖରେ ଅର୍କଶ୍ରୀ ଶିଳ୍ପୀ ବାଟିକା ପରିସରରେ ଅନୁଷ୍ଠିତ ହେବ। ଏଥିରେ ବହୁ ସଂସ୍କୃତିପ୍ରେମୀ, ସାହିତ୍ୟିକ, ଯୋଗଦେବେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନର ସଭାପତି ପ୍ରଦୀପ ଛାଟୋଇ ଓ ସମ୍ପାଦକ ଭାଗୀରଥି ସ୍ୱାଇଁ ସୂଚନା ଦେଇଛନ୍ତି।

### ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଅସ୍ତରଙ୍ଗ,୭।୫(ଡି.ଏନ୍.ଏ.):** କେନ୍ଦ୍ରାପାଟି ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦାଶଙ୍କର ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ରବିବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରିୟଦର୍ଶୀ ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ, ମୁଖ୍ୟବକ୍ତା ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଅନିଲ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଦ୍ୟାଳୟ ପରିଦର୍ଶକ ପ୍ରମୋଦ ପୃଷ୍ଟି, ସିଆର୍‌ସିସି ରବୀନ୍ଦ୍ର ପରିଡ଼ା, ଗଣେଶ ନାୟକ, ପରିଚାଳନା କମିଟି ସଭାପତି ଯୋଗେନ୍ଦ୍ର ବେହେରା, ମୋ ସ୍କୁଲ ସଭାପତି ସୁବାସ ମହାପାତ୍ର ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀ ଦାଶଙ୍କ ଶିକ୍ଷାଦାନ, କୁନି ଛାତ୍ରୀଛାତ୍ରଙ୍କ ପ୍ରତି ତାଙ୍କ ସ୍ନେହ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ବାସଭବନ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା।

# ତାଲିକାରେ ନାଁ ନାହିଁ, ଅନେକ ବ୍ୟବସାୟୀ ନିରାଶ

**ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଘର ଆବଣ୍ଟନ ପ୍ରସଙ୍ଗ**

**ପୁରୀ ଅଫିସ, ୭।୫**

ପୁରୀ ସହରରେ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଉଥିବା ମାର୍କେଟ କମ୍ପ୍ଲେକ୍ସକୁ ବେଆଇନ ଭାବେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ହାତେଇଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ବିଶେଷକରି ମାର୍କେଟ ଛକସ୍ଥିତ ଦଇତାପଡ଼ାସାହି ମାର୍କେଟ କମ୍ପ୍ଲେକ୍ସ, ମୋଚି ସାହିସ୍ଥିତ ମହୋଦଧି ମାର୍କେଟ କମ୍ପ୍ଲେକ୍ସ ଏବଂ ଜେଲ ରୋଡସ୍ଥିତ ବହୁତଳ ପାର୍କିଂ ମାର୍କେଟ କମ୍ପ୍ଲେକ୍ସରେ ଥିବା ଦୋକାନ ଘର ଆବଣ୍ଟନ ନେଇ କିଛି ଦିନ ତଳେ ତାଲିକା ପ୍ରକାଶ ପାଇଥିଲା। ତେବେ ଉକ୍ତ ତାଲିକାରେ ଦୋକାନ ପାଇଥିବା ଯୋଗ୍ୟ ହିତାଧିକାରୀଙ୍କ ଅପେକ୍ଷା ଅନେକ ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ ରହିଛି। ଏହାକୁ ନେଇ କ୍ଷତିଗ୍ରସ୍ତ ହୋଇଥିବା ବ୍ୟବସାୟୀଙ୍କଠାରୁ ଆରମ୍ଭ କରି କ୍ଷୁଦ୍ର ଓ ଉଠାଦୋକାନୀ କ୍ଷୋଭ ପ୍ରକାଶ କରିଛନ୍ତି। ସେମାନଙ୍କୁ ମଧ୍ୟ ପ୍ରଶାସନ ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଘର ଦେବାକୁ ଦାବି କରିଛନ୍ତି। ଏପରିକି ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ତାଲିକା ବାତିଲ କରାଯାଇ ସ୍ୱଚ୍ଛତା ଅନୁଯାୟୀ ପୁନର୍ବାର ଦୋକାନ ଘର ଆବଣ୍ଟନ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଉ। ସେଥିରେ କ୍ଷତିଗ୍ରସ୍ତଙ୍କୁ ସାମିଲ କରିବା ସହ ସହରରେ ଥିବା ଉଠାଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ବଳକା ଦୋକାନ ଘର ଆବଣ୍ଟନ କରିବା ପାଇଁ ଏକ ମାନଦଣ୍ଡ ପ୍ରସ୍ତୁତ କରାଯାଉ। ଏହି ମାନଦଣ୍ଡ ଆଧାରରେ ଉଠାଦୋକାନୀ ଏବଂ କ୍ଷୁଦ୍ରବ୍ୟବସାୟୀଙ୍କୁ ସ୍ୱଚ୍ଛତା ଭିତ୍ତିରେ ଦୋକାନ ବଣ୍ଟନ କରାଯାଉ। ସେହିପରି ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଥିବା ତାଲିକାରୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଉ ବୋଲି ଅନେକ କ୍ଷୁଦ୍ର ବ୍ୟବସାୟୀ ଓ ଉଠା ଦୋକାନୀ ଦାବି କରିଛନ୍ତି। ଏନେଇ କ୍ଷୁଦ୍ର ବ୍ୟବସାୟୀ ଉମାଶଙ୍କର ମହାନ୍ତି କହିଛନ୍ତି, ସେ ଦୀର୍ଘ ୧୫ ବର୍ଷ ହେବ ମୋଚିସାହିସ୍ଥିତ ମହୋଦଧି ମାର୍କେଟରେ ଭଡ଼ା ସୂତ୍ରରେ ଦୋକାନ କରି ପରିବାର ଭରଣପୋଷଣ କରୁଥିଲେ। ତେବେ ପ୍ରଶାସନ ପକ୍ଷରୁ ମାର୍କେଟ ପୁନଃ ନିର୍ମାଣ କାର୍ଯ୍ୟ କରାଯିବାରୁ ତାଙ୍କ ଦୋକାନକୁ ଉଚ୍ଛେଦ କରାଯାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ ଜାରି ତାଲିକାରେ ତାଙ୍କ ନାମ ନାହିଁ। ତେଣୁ ସେ ଚିନ୍ତାରେ ପଡ଼ିଛନ୍ତି। ତାଙ୍କୁ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଥଇଥାନ କରାଯାଉ। ସେହିପରି ବ୍ୟବସାୟୀ ଅମୀୟ ରଞ୍ଜନ ଦାଶ କହିଛନ୍ତି, ସେ ୧୦ ବର୍ଷ ହେବ ମହୋଦଧି ମାର୍କେଟ କମ୍ପ୍ଲେକ୍ସରେ ଭଡ଼ା ସୂତ୍ରରେ କମ୍ପ୍ୟୁଟର ଦୋକାନ ଖୋଲିଥିଲେ। ପ୍ରଶାସନ ପକ୍ଷରୁ ଉଚ୍ଛେଦ ହେବା ପରେ ସେ ବର୍ତ୍ତମାନ ଜଣେ ଦୋକାନୀଙ୍କ ପାଖରେ କାର୍ଯ୍ୟ କରୁଛନ୍ତି। ତେବେ ପ୍ରଶାସନ ପକ୍ଷରୁ ମୌଖିକ ଭାବେ ତାଙ୍କୁ ଦୋକାନ ଘର ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ମାତ୍ର ତାଲିକାରେ ତାଙ୍କ ନାମ ନାହିଁ। ଏହା ତାଙ୍କୁ ମାନସିକ ଆଘାତ ଦେଇଛି। ତୁରନ୍ତ ତାଙ୍କ ନାମ ତାଲିକାରେ ସ୍ଥାନ ଦେବାକୁ ସେ ପ୍ରଶାସନକୁ ଗୁହାରି କରିଛନ୍ତି। ସେହିପରି ବଡ଼ଦାଣ୍ଡରେ ଉଠାଦୋକାନୀ କରି ପରବାର ପୋଷୁଥିବା ରାଜେନ୍ଦ୍ରଙ୍କ କହିବା ଅନୁଯାୟୀ ପ୍ରଶାସନ ପକ୍ଷରୁ ତାଙ୍କୁ ଥଇଥାନ କରା ନ ଗଲେ ସେ ଆହୁରି ଦୁର୍ଦ୍ଦଶା ଭିତରକୁ ଠେଲି ହୋଇଯିବେ।

## ଚକରେ ପଇ ସଂଯୋଗ, ତୁମ୍ବରେ ଠେକ ତୁଲିଆ



**ପୁରୀ ଅଫିସ, ୭।୫**

**ରଥଖଳାରୁ ...**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ବଡ଼ଦାଣ୍ଡସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ମହାରଣା, ରୂପକାର, କମାର, କରତି ଓ ଭୋଇ ସେବକମାନେ ରଥ ନିର୍ମାଣରେ ବ୍ୟସ୍ତ ରହିଛନ୍ତି। ଆଗାମୀ ଭଉଁରୀ ତିଥିରେ ଚକ-ଅଖ ଡେରା ନୀତି ସମ୍ପନ୍ନ ହେବ। ତେଣୁ ଚକ ନିର୍ମାଣ ପାଇଁ ଯନ୍ତାଗାଡ଼ରେ ତୁମ୍ବ ସହ ଅର ସଂଯୋଗ ପାଇଁ ସିଙ୍ଗଡ଼ା ବାଡ଼ିଆ ଚାଲିଛି। ଅନ୍ୟପଟେ ଚାଲିରେ ସମ୍ପୂର୍ଣ୍ଣ ଚକ ନିର୍ମାଣ ପାଇଁ ଅର ଉପରେ ପହି ପିନ୍ଧା କାମ ଚାଲିଛି। ଆସନ୍ତା ଭଉଁରୀ ଯାତ୍ରାରେ ଚକ ସହ ଅଖ ଡେରାଯିବାର ବିଧିବିଧାନ ରହିଥିବା ବେଳେ ଅଖ କାମ ଆରମ୍ଭ ହୋଇଛି। ରଥ ନିର୍ମାଣର ଚତୁର୍ଦ୍ଦଶ ଦିବସରେ ରବିବାର ତାଳଧ୍ୱଜ ରଥର ମୋଟ ଦୁଇଟି ନାହାକା ଚକ ନିର୍ମାଣ ସରିଛି। ତାଳଧ୍ୱଜ ରଥର ଦୁଇ ଚକର ପଇପିନ୍ଧା ଓ ଚକ କଳସା ପରେ ତୁମ୍ବରେ ଅଖ ବିନ୍ଧ ଖଳା ବା ଠେକ ତୁଲିଆ କାର୍ଯ୍ୟ ଜାରି ରହିଛି। ନାହାକା ଚକରୁ ଗୋଟିଏ ଚକ ପାଇଁ ପଇବିନ୍ଧ ଚାଲିଥିବା ବେଳେ ଅନ୍ୟ ଚକ ପାଇଁ ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ସରି ଅରସାଲ ବା ଅରରେ ପଇପିନ୍ଧା ପୂର୍ବରୁ ଅରଗୁଡ଼ିକର ବଳକା ଅଂଶ କଟାଯାଇ ସାଲକାର୍ଯ୍ୟ ସରିଛି। ସେହିପରି ଦର୍ପଦଳନ ରଥର ୪ଟି ନାହାକା ଚକରୁ ଦୁଇଟି ନିର୍ମାଣ ଶେଷ ହୋଇଛି। ଅନ୍ୟ ଦୁଇ ନାହାକା ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉକ୍ତ ଚକର କିଳା କଟା ବାକି ରହିଛି। ଏତତ୍‌ବ୍ୟତୀତ ଦର୍ପଦଳନ ରଥର ନାହାକା ଚକରୁ ଗୋଟିଏ ପଡ଼ି ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇ ଅରଗୁଡ଼ିକର ସାଲ କାର୍ଯ୍ୟ ପରେ ତୁମ୍ବରେ ଅଖବିନ୍ଧ ବା ଠେକ ତୁଲିଆ ଚାଲିଛି। ଅନ୍ୟ ପଡ଼ିନାହାକା ଚକ ପାଇଁ ପଇବିନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦିଘୋଷ ରଥର ମୋଟ ୪ଟି ନାହାକା ଚକରୁ ୨ଟି ନିର୍ମାଣ ଶେଷ ହୋଇ ଆଉ ଦୁଇ ନାହାକା ଚକରୁ ଗୋଟିକର ପଇ କଳସା ହେଉଥିବା ବେଳେ ଅନ୍ୟ ନାହାକା ଚକର ଠେକ ତୁଲିଆ ବା ତୁମ୍ବରେ ଅଖବିନ୍ଧ ଖୋଳା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦିଘୋଷ ରଥର ୪ଟି ପଡ଼ିନାହାକା ଚକରୁ ଗୋଟିଏ ଚକ ପାଇଁ ଆବଶ୍ୟକ ପଇଗୁଡ଼ିକରେ ବିନ୍ଧ କାର୍ଯ୍ୟ ଚାଲିଛି। ଅନ୍ୟ ପଡ଼ିନାହାକା ଚକରେ ପଇପିନ୍ଧା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ଯନ୍ତାଗାଡ଼ଠାରେ ତିନିରଥର ଆଉ ଗୋଟିଏ ଲେଖାଏ ଚକ ପାଇଁ ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଭୋଇ ସେବକମାନେ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ନାକାକା ଚକା ପାଇଁ ପନ୍ଦାରି ଓ ବକା ରଥଚାଳିକୁ ଯୋଗାଇଛନ୍ତି। ତିନିରଥର ପଡ଼ିନାହାକା ଚକର ତୁମ୍ବରେ ଲାଗିବା ପାଇଁ ପନ୍ଦାରି ଓ ବଳା ନିର୍ମାଣ ଚାଲିଛି।

# ଭାଇଚାରା ବାର୍ତ୍ତା ବାଣ୍ଟିବା ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ

**ଆଦର୍ଶ ଗ୍ରାମ ନୂଆଗାଁରେ ସ୍ୱରାଜ୍ୟ ଦ୍ୱିତୀୟା ଉତ୍ସବ**

**ସାକ୍ଷୀଗୋପାଳ,୭।୫(ସ୍ୱ.ପ୍ର./ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକ ଆଦର୍ଶ ଗ୍ରାମ ନୂଆଗାଁରେ ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ତିଥିରେ ସ୍ୱରାଜ୍ୟ ଦ୍ୱିତୀୟା ଉତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ସତ୍ୟବାଦୀ ସ୍ୱରାଜ୍ୟ ଆନ୍ଦୋଳନ, ଭୂଦାନ ସତ୍ୟାଗ୍ରହ ତଥା ମୁକ୍ତି ସଂଗ୍ରାମର ସ୍ମାରକୀ ଭାବେ ଦୀର୍ଘ ୭୭ବର୍ଷ ଧରି ଆଦର୍ଶ ଗ୍ରାମରେ ଆଡ଼ମ୍ବର ସହ ଏହି ପର୍ବ ପାଳିତ ହୋଇଆସୁଛି। ସ୍ୱଚ୍ଛ ପରିବେଶ, ନୈତିକ ଶିକ୍ଷା, ନିଶା ନିବାରଣ, ଅସ୍ପୃଶ୍ୟତା ନିବାରଣ ତଥା ଭାଇଚାରାର ସମ୍ମିଳିତ (ବସୁଧୈବ କୁଟୁମ୍ବକମ୍)ର ବାର୍ତ୍ତା ସମାଜରେ ବାଣ୍ଟିବା ହେଉଛି ଏହି ପର୍ବର ମୂଳ ଉଦ୍ଦେଶ୍ୟ। ଉକ୍ତ ଗ୍ରାମର ପ୍ରବାଦ ପୁରୁଷ ସଂଗ୍ରାମୀ ସ୍ୱର୍ଗତ କୃପାସିନ୍ଧୁ ହୋତା, ନାରୀନେତ୍ରୀ ସଂଗ୍ରାମୀ ସ୍ୱର୍ଗତା ସୁନାମଣି ଦେବୀଙ୍କ ନେତୃତ୍ୱରେ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଚାରି ଶାଖା ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର ଦାସ ଓ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଆନ୍ଦୋଳନର ଡାକରାରେ ଉଦ୍‌ବୁଦ୍ଧ ହୋଇ ଅଞ୍ଚଳର ଆଖପାଖ ଗ୍ରାମର ଲୋକ ସାମିଲ ହୋଇଥିଲେ। ଏହି ଅବସରରେ ଗ୍ରାମଦେବୀ ମା' ଜୟଦୁର୍ଗା, କନକ ଦୁର୍ଗା, ନୀଳକଣ୍ଠେଶ୍ୱର ଦେବ, ଶ୍ରୀକୃଷ୍ଣ ରାଧିକେ ଆଦି ଗ୍ରାମ ଦେବଦେବୀ



ଠାକୁରଙ୍କୁ ସୁସଜ୍ଜିତ ମଣି ବିମାନରେ ଗ୍ରାମ ପରିକ୍ରମା କରାଯାଉଛି।

ଏକ ସୁସଜ୍ଜିତ ମଣି ବିମାନରେ ରୋଶଣି ପଟୁଆରରେ ବିଜେ କରିଥିଲେ। ଗ୍ରାମରେ ଦ୍ୱାରୀ ଭୋଗପୂଜା ବନ୍ଦାପନା, ଗ୍ରାମ ପରିକ୍ରମା ପରେ ଗାଁ ଶେଷରେ ଥିବା ସ୍ୱରାଜ୍ୟ ମଣ୍ଡପରେ ବିଜେ କରିଥିଲେ। ସନ୍ଧ୍ୟାରେ ଠାକୁରଙ୍କ ନିକଟରେ ଅଞ୍ଚଳର ପ୍ରସିଦ୍ଧ ଚୁଡ଼ାଘଷା, ଡାଲମା, ଖିରି, କଦଳୀ ଚକଟା, ଖଇ, ଉଖୁଡା, ତାଲସଜ, ମୁଗ, ବୁଟ ଫଳମୂଳ ଆଦି ଛପନ ଭୋଗର ପୂଜା କରାଯାଇଥିଲା। ଆଳତି, ଦର୍ଶନ ନିମନ୍ତେ ସମସ୍ତ ଗ୍ରାମବାସୀ ଏକାଠି ହୋଇ ପ୍ରସାଦ ସେବନ କରିଥିଲେ। କୋଭିଡ କଟକଣା ପରେ ଚଳିତବର୍ଷ ଗ୍ରାମଟି ଉତ୍ସବମୁଖର ହୋଇଉଠିଛି। ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକକଳା ଯାତ୍ରା ପରିବେଷିତ ହୋଇଥିଲା। ଗ୍ରାମର ଯୁବକ ଓ ପିଲାଙ୍କ ସହ ଅଶୋକ ମିଶ୍ର, ବିଜୟ ମିଶ୍ର, ପ୍ରଦୀପ୍ତ ମିଶ୍ର, ଶିବ ପ୍ରସାଦ ମିଶ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## 'ଶ୍ରୀମନ୍ଦିର ବେଢାରେ ରହିଛି ୨୫ ଶିବ ମନ୍ଦିର'

**ପୁରୀ ଅଫିସ, ୭।୫**

ଶ୍ରୀନୀଳାଚଳ ତତ୍ତ୍ୱସନ୍ଧାନ ପରିଷଦର ମେ ମାସ ବୈଠକ ରବିବାର ବଲ୍ଲଭମଠ ପରିସରରେ ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସର ଆଲୋଚ୍ୟ ବିଷୟ ବସ୍ତୁ ରହିଥିଲା 'ଶ୍ରୀମନ୍ଦିର ବେଢାସ୍ଥ ଶିବ ମନ୍ଦିର ସମୂହ, ତନ୍ମଧ୍ୟରେ ବଳିପାତାଳ ମନ୍ଦିରର ବୈଶିଷ୍ଟ୍ୟ'। ଶ୍ରୀନିବାସ ଆଚାର୍ଯ୍ୟ ଓ ନାରାୟଣ ନନ୍ଦ ଉକ୍ତ ବିଷୟରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବଳିପାତାଳ ମନ୍ଦିର ଭିତର ବେଢାରୁ ଉତ୍ତର ଦ୍ୱାରକୁ ଯିବା ରାସ୍ତାର ବାମପାର୍ଶ୍ୱରେ ଅବସ୍ଥିତ। ଏହି ମନ୍ଦିର ଉତ୍ତର ପାର୍ଶ୍ୱସ୍ଥ ଏକ ସରଘରେ ତାଣ୍ଡବେଶ୍ୱର ମହାଦେବ ବିରାଜିତ। ମୁକ୍ତିମଣ୍ଡପର ପଶ୍ଚାତ ଭାଗରେ ମୁକ୍ତେଶ୍ୱର ମହାଦେବ ବିଦ୍ୟମାନ, ମୁକ୍ତେଶ୍ୱର ମନ୍ଦିର ସଂଲଗ୍ନ କ୍ଷେତ୍ରପାଳଙ୍କ ମନ୍ଦିର ରହିଛି। ବଟ ଗଣେଶଙ୍କ ଠାରୁ ସର୍ବମଙ୍ଗଳା ନିକଟକୁ ଆସିବା ମାର୍ଗରେ ବାମପାର୍ଶ୍ୱରେ ଶ୍ରୀଲୋକନାଥ, ଶ୍ରୀ ଯମେଶ୍ୱର, ଶ୍ରୀନୀଳକଣ୍ଠ, ଶ୍ରୀକପାଳମୋଚନ ଏବଂ ମାର୍କଣ୍ଡେଶ୍ୱର ମନ୍ଦିର ରହିଛି। ବଟଗଣେଶଙ୍କ ବାମପଟେ ବିମାନବଢୁ ଘରକୁ ଲାଗି ହରିସହଦେବ ମନ୍ଦିର ରହିଛି। ଭିତରବେଢା ଭୋଗବାଟ ପାର୍ଶ୍ୱରେ ଏକ କ୍ଷୁଦ୍ର ମନ୍ଦିରରେ ଅଗ୍ନିଶ୍ୱର ପୂଜିତ ହୁଅନ୍ତି। ଉତ୍ତରଦ୍ୱାର ବାହାର ବେଢାରୁ ଆନନ୍ଦ ବଜାର ଯିବା ରାସ୍ତାରେ ଦକ୍ଷିଣ ପାର୍ଶ୍ୱରେ ଈଶାଣେଶ୍ୱର ମହାଦେବ ଚଟାଣର ବହୁ ନିମ୍ନରେ ବିରାଜିତ। ଉତ୍ତରଦ୍ୱାର ବାହାର ବେଢାରେ ଆନନ୍ଦ ବଜାରକୁ ଯିବା ମାର୍ଗର ବାମ ପାର୍ଶ୍ୱରେ ଧବଳେଶ୍ୱର ମନ୍ଦିର ରହିଛି। ଧବଳେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଯୋଡାଲିଙ୍ଗ ମହାଦେବ ପୂଜିତ ହୁଅନ୍ତି। ଉତ୍ତର ଦ୍ୱାର ବାହାରବେଢା ବାମପାର୍ଶ୍ୱରେ ଉତ୍ତରାୟଣୀ ମନ୍ଦିର, ବେଢା ଲୋକନାଥ, ଉତ୍ତର ପାର୍ଶ୍ୱ ବାହାର ପାର୍ଶ୍ୱ ବାହାର ବେଢାରେ ପଶୁନାଥ ବା କାଶୀନାଥ ବିଜେ କରିଛନ୍ତି। ବାଇଶି ପାହାଚର ମୂଳରେ ବାମ ପାର୍ଶ୍ୱରେ କାଶୀନାଥ ପୂଜିତ ହେଉଛନ୍ତି। ଦେବୀ ବିମଳାଙ୍କ ମନ୍ଦିର ସଂଲଗ୍ନ ମଣ୍ଡଣି ମଣ୍ଡପରେ ଗୋପେଶ୍ୱର ବିରାଜିତ। ଏହିପରି ଶ୍ରୀମନ୍ଦିର ଭିତରବେଢା ଓ ବାହାରବେଢାରେ ମୋଟ ପ୍ରାୟ ୨୫ଟି ଶିବ ମନ୍ଦିର ରହିଛି। ଉକ୍ତ ଆଲୋଚନା ଚକ୍ରରେ ସତ୍ୟ ନାରାୟଣ ମିଶ୍ର, ଅଶୋକ ଆଢ୍ୟ, ଡ. କାଦମ୍ବିନୀ ଦାଶ, ଅନାମ ଚନ୍ଦ୍ର ସାହୁ, ଦେବରାଜ ପ୍ରଧାନ, ଭ୍ରମରବର ନାୟକ, ରଞ୍ଜିତା ମହାପାତ୍ର, ନକୁଳ ଚରଣ ସ୍ୱାଇଁ, ନବ କିଶୋର ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଆସୁଛି ରଥଯାତ୍ରା: ୬ ନିୟମ ପାଳନ କରିବେ ଅଟୋଚାଳକ

**ଆର୍‌ଟିଓ -ଅଟୋ ଚାଳକ ସଂଘର ବୈଠକ**

**ପୁରୀ ଅଫିସ, ୭।୫**

ଜୁନ୍ ୨୦ରେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏହାକୁ ଦୃଷ୍ଟିରେ ରଖି ପୁରୀ ଆର୍‌ଟିଓଙ୍କ କନ୍‌ଫରେନ୍ସ ହଲ୍‌ରେ ରବିବାର ସହରର ବିଭିନ୍ନ ଅଟୋ ଚାଳକ ସଂଘ ସହିତ ମହାସଂଘର ସଭାପତି ଓ ସମ୍ପାଦକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆର୍‌ଟିଓ ରବିନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଟ୍ରାଫିକ ଡିଏସ୍‌ପି ଟ୍ରାଫିକ, ଆଇଆଇସି, ଏମ୍‌ଭିଆଇ, ପୁରୀ ଅଟୋଚାଳକ ମହାସଂଘର ସଭାପତି ଦୁର୍ଗାଚରଣ ଖୁଣ୍ଟିଆଙ୍କ ସମେତ ଅନ୍ୟ ଅଟୋ ଚାଳକ ସଂଘର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ। ଆସନ୍ତା ରଥଯାତ୍ରାରେ ଲକ୍ଷାଧିକ ଭକ୍ତ ଶ୍ରୀକ୍ଷେତ୍ରକୁ ଆସିବେ। ସେଥିପାଇଁ କିପରି ଅଟୋ ଚାଳକମାନେ ଶୃଙ୍ଖଳିତ ଭାବେ ଅତିଥିମାନଙ୍କୁ ଆତିଥ୍ୟତା ପ୍ରଦାନ କରିବେ ତାହା ଉପରେ ଦୃଷ୍ଟି ଦେଇ ବିଶେଷ ଆଲୋଚନା କରାଯାଇଥିଲା। ୬ଟି ନିୟମ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଅଟୋ ଚାଳକ ସଂଘଗୁଡ଼ିକର କର୍ମକର୍ତ୍ତାମାନେ ପ୍ରତିଶ୍ରୁତି ଦେଇଛନ୍ତି। ମଦ କିମ୍ବା ଅନ୍ୟାନ୍ୟ ନିଶା ସେବନ କରି ଅଟୋ ଚାଳନା କରିବେ ନାହିଁ, ଅଟୋ ଚଳାଇବା ବେଳେ ମୋବାଇଲ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରିବେ, ଅଟୋ ଡ୍ରାଇଭରମାନେ ଆଗରେ କୌଣସି ମହିଳାଙ୍କୁ ବସାଇବେ ନାହିଁ, ଓଭରଲୋଡ଼ କରି ଯାତ୍ରୀଙ୍କୁ ନେବେନାହିଁ, ଅଧିକ ଭଡ଼ା ଆଦାୟ କରିବେ ନାହିଁ ଏବଂ ଆର୍‌ଟିଓଙ୍କ ଦ୍ୱାରା ପ୍ରଦତ୍ତ ରେଟ୍ ଚାର୍ଟ ନିଜ ଅଟୋରେ ଲଗାଇବା ବାଧ୍ୟତାମୂଳକ ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା।

## ନରେନ୍ଦ୍ର ପୁଷ୍କରିଣୀ ସ୍ୱଚ୍ଛ ରଖିବାକୁ ସଚେତନତା



ନରେନ୍ଦ୍ର ପୁଷ୍କରିଣୀ ସ୍ୱଚ୍ଛ ରଖିବାକୁ ସାହିଭାଇ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି।

**ପୁରୀ ଅଫିସ, ୭।୫**

ସାମାଜିକ ଅନୁଷ୍ଠାନ 'ସାହିଭାଇ' ପକ୍ଷରୁ ନରେନ୍ଦ୍ର ପୁଷ୍କରିଣୀକୁ ସ୍ୱଚ୍ଛ ରଖିବା ନେଇ ସଚେତନତା ବାର୍ତ୍ତା ଦିଆଯାଇଛି। ପବିତ୍ର ଅକ୍ଷୟ ତୃତୀୟାଠାରୁ ୨୧ ଦିନ ଧରି ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ନରେନ୍ଦ୍ର ପୁଷ୍କରିଣୀରେ ଜାରି ରହିଛି। ମହାପ୍ରଭୁଙ୍କ ଜଳକ୍ରୀଡ଼ା ଦେଖିବା ପାଇଁ ପ୍ରତ୍ୟେକ ଦିନ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ଭକ୍ତଙ୍କ ସମାଗମ ହେଉଛି। ତେବେ ଭକ୍ତମାନେ ବିଭିନ୍ନ ଖାଦ୍ୟ ଖାଇ ପୁଷ୍କରିଣୀ ପରିସରରେ ଆର୍ବଜନା ପକାଉଛନ୍ତି। ଫଳରେ ସାହିଭାଇ ଅନୁଷ୍ଠାନ ପକ୍ଷରୁ ଏନେଇ ଭକ୍ତମାନଙ୍କୁ ସଚେତନତା କରାଯାଇଛି। ରବିବାର ଅନୁଷ୍ଠାନର ସଦସ୍ୟମାନେ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ଉପସ୍ଥିତ ରହି ଭକ୍ତଙ୍କୁ ଆବର୍ଜନା ଏଣେତେଣେ ନ ଫିଙ୍ଗି ଡଷ୍ଟବିନରେ ପକାଇବା ପାଇଁ ସଚେତନ କରିବା ସହ ଆବର୍ଜନା ସଫା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଭକ୍ତମାନେ ମଧ୍ୟ ସ୍ୱେଚ୍ଛାସେବୀମାନଙ୍କୁ ସହଯୋଗ କରିଥିଲେ। ଏଥିସହ ସେଠାରେ ବୁଲା ବିକାଳି ମାନଙ୍କୁ ମଧ୍ୟ ସଚେତନ କରାଇ ଗୋଟିଏ ଗୋଟିଏ ଆବର୍ଜନା ମୁଣି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ ଲେଙ୍କା, ମହାରଥୀ ପ୍ରଧାନ, ଲକ୍ଷ୍ମୀଧର ବେହେରା, ତନ୍ମୟ ଚାଟାର୍ଜୀ ଏବଂ ଅଶୋକା ମଞ୍ଜରୀ ନାୟକ ପ୍ରମୁଖ ସାମିଲ ଥିଲେ। ଆଗାମୀ ଭଉଁରୀ ପର୍ଯ୍ୟନ୍ତ ଅନୁଷ୍ଠାନ ତରଫରୁ ଉପରୋକ୍ତ କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ କରାଯିବ ବୋଲି ସୂଚନା ଦିଆଯାଇଛି।

# ରାଧାମାଧବ ରଥଙ୍କ ୨ ପୁସ୍ତକ ଲୋକାର୍ପିତ



ଅତିଥିମାନେ ରାଧାମାଧବ ରଥଙ୍କ ଲିଖିତ ଦୁଇଟି ପୁସ୍ତକକୁ ଲୋକାର୍ପଣ କରୁଛନ୍ତି।

**ପୁରୀ ଅଫିସ, ୭।୫**

ଶିକ୍ଷାବିତ୍ ତଥା ଶିଶୁ ସାହିତ୍ୟିକ ରାଧାମାଧବ ରଥଙ୍କ 'ଆସ ଚାଲଯିବା ଜଙ୍ଗଲ ବୁଲି' ଏବଂ 'ସରି କିଏ ହେବ ମା' ପରି' ଶିଶୁ କିଶୋର ପୁସ୍ତକର ଲୋକାର୍ପଣ ଉତ୍ସବ ଶନିବାର ପୁରୀ ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ପୁସ୍ତକ ପ୍ରକାଶକ ତଥା କବି ଦାମୋଦର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଏସ୍‌ଟି ମୁଖ୍ୟ କମିଶନର ତଥା ସାହିତ୍ୟିକ ପୀୟୂଷ କୁମାର ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କାରପ୍ରାପ୍ତ ଗାଳ୍ପିକ ପରେଶ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଶିଶୁ ସାହିତ୍ୟିକ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ନାଟ୍ୟକାର ଡ. ହେମନ୍ତ କୁମାର ଛୋଟରାୟ, ଶିଶୁ ସାହିତ୍ୟିକ ଲକ୍ଷ୍ମୀକାନ୍ତ ଦଳେଇ ଏବଂ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଯୋଗଦାନ କରିଥିଲେ। ଶିଶୁ ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥ ଏବଂ ପ୍ରଶାନ୍ତ କୁମାର ମଙ୍ଗରାଜ ପୁସ୍ତକ ଦ୍ୱୟର ସମୀକ୍ଷା କରିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବକୁ କବି ମଞ୍ଜୁଶ୍ରୀ ମିଶ୍ର ଓ ମହେନ୍ଦ୍ର କୁମାର ଦାଶ ସଂଯୋଜନା କରିଥିଲେ। ଶିଶୁ କଣ୍ଠଶିଳ୍ପୀ କରନ୍ ରେଙ୍ଗୀ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଇଂ. ତାରା ନନ୍ଦିନୀ ଧନ୍ୟବାଦ ଦେଇଥିଲେ।

# ନିର୍ମାଣାଧୀନ ଟାଙ୍କିରୁ ବୋହିଯାଉଛି ପିଇବା ପାଣି

**ଯନ୍ତ୍ରୀ କହୁଛନ୍ତି ସବୁ ଠିକ୍ ଅଛି**

**ଗୋପ,୭।୫(ଡି.ଏନ୍.ଏ.)**

ରାଜ୍ୟ ସରକାର ଗ୍ରାମାଞ୍ଚଳରେ ପିଇବା ପାଣି ସମସ୍ୟା ଦୂରୀଭୂତ କରିବାକୁ ବସୁଧା ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କ ଖର୍ଚ୍ଚରେ ପାଣି ଯୋଗାଉଛନ୍ତି। ମାତ୍ର ଗୋପ ଗ୍ରାମପଞ୍ଚାୟତ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ନିକଟରେ ନିର୍ମାଣଧୀନ ବସୁଧା ପିଇବା ପାଣି ପ୍ରକଳ୍ପର ଟାଙ୍କିରୁ ପିଇବା ପାଣି ଲୋଡ ହେବା ପରେ ଝରୁଥିବା ଭଳି ଅଭିଯୋଗ ହୋଇଛି। ଦାୟିତ୍ୱରେ ଥିବା ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଗୋପାଳବଲ୍ଲଭ ପାଣିଗ୍ରାହୀଙ୍କୁ ଏନେଇ ପଚାରିବାରେ, ସବୁ ଠିକ୍ ଅଛି ବୋଲି ଉତ୍ତର ରଖିଛନ୍ତି।

ପ୍ରକାଶ ଯେ, ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ଏବେ ଗୋପ ବ୍ଲକର ୩୧ ଗୋଟି ପଞ୍ଚାୟତରେ ପିଇବା ପାଣି ସମସ୍ୟା



ଉତ୍କଟ ହେବାରେ ଲାଗିଛି। ଅନେକ ପଞ୍ଚାୟତରେ ନିର୍ମାଣଧୀନ ବସୁଧା ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ରହିଥିବାବେଳେ କେତେକ ପଞ୍ଚାୟତରେ ପିଇବା ପାଣି ମିଳୁନାହିଁ। ବ୍ଲକର ହେଡ଼କ୍ୱାଟର ଗୋପ ପଞ୍ଚାୟତରେ ଏହି ବସୁଧା ପ୍ରକଳ୍ପରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ପିଇବା ପାଣି ଠିକ୍ ଭାବରେ ପହଞ୍ଚି ପାରୁନି। ନିମ୍ନମାନର ପାଇପ ଲଗାଯାଇଥିବାବେଳେ କେତେକ ସ୍ଥାନରେ ପାଇପ୍ ଫାଟିବା ଓ ନିର୍ମାଣଧୀନ ଟାଙ୍କିରୁ ପିଇବା ପାଣି ଝରିବା ଅଭିଯୋଗ ହେଉଛି। କେତେକ ସ୍ଥାନରେ ପାଇପ୍ ଫାଟିବାରୁ ରାସ୍ତାରେ ପିଇବା ପାଣି ଜମା ହେଉଛି। ଆଉ ମଧ୍ୟ ଟାଙ୍କିରୁ ନାଲି ରଙ୍ଗର ପାଣି ବାହାରୁଛି। ଅନ୍ୟତ୍ର ପିଇବା ପାଣି ନ ମିଳିବାରୁ ବାଧ୍ୟ ହୋଇ ଲୋକେ ଏହି ରଙ୍ଗ ମିଶା ପାଣି ପିଉଛନ୍ତି। ଏପରି ଏକ ଅଭିଯୋଗରେ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରେ, ସବୁ ଠିକ୍ ହୋଇଯିବ ବୋଲି କହୁଛନ୍ତି। ଯନ୍ତ୍ରୀଙ୍କୁ ସାଧାରଣ ଲୋକେ ଅଭିଯୋଗ କରିବାକୁ ପ୍ରାୟ ସମୟରେ ଆସୁଥିଲେ ମଧ୍ୟ ନିରାଶ ହେଉଛନ୍ତି। ଏ ସମ୍ପର୍କରେ ରବିବାର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ସାଧାରଣ ଲୋକେ ଏକ ଅଭିଯୋଗପତ୍ର ଦେଇଥିବାବେଳେ ମନ୍ତ୍ରୀ ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେବାକୁ ଜିଲା ଜଳପରିମଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ସଂକ୍ଷେପରେ

'ଗୋଷ୍ଠୀଭିତ୍ତିକ ବିପର୍ଯ୍ୟୟ ପରିଚାଳନା' କର୍ମଶାଳା

### ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରିବା ଜରୁରୀ

ଭୁବନେଶ୍ୱର,୭।୫(ବ୍ୟୁରୋ)- ଉତ୍କଳ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗ ପକ୍ଷରୁ 'ଗୋଷ୍ଠୀଭିତ୍ତିକ ବିପର୍ଯ୍ୟୟ ପରିଚାଳନା' ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭୂଗୋଳ ବିଭାଗର ଛାତ୍ରୀଛାତ୍ର ବିପର୍ଯ୍ୟୟ ପରିଚାଳନା ବିଷୟବସ୍ତୁ ଉପରେ ଅଧିକରୁ ଅଧିକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରିବା ଜରୁରୀ ବୋଲି କୁଳପତି କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଦୁର୍ଗାଶଙ୍କର ପଟ୍ଟନାୟକ ସମ୍ମାନିତ ଅତିଥି ଏବଂ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ପରିଚାଳନା ନିର୍ଦ୍ଦେଶକ ଡ. ଜ୍ଞାନରଞ୍ଜନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଧିବଦ୍ଧ ଭାବେ ଗବେଷଣା କରିବାକୁ ଆହ୍ୱାନ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର କୃଷ୍ଣଚନ୍ଦ୍ର ରଥଙ୍କ ସଭାପତିତ୍ୱ ତଥା ଆବାହକତ୍ୱରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଦୁଇଟି ଅଧିବେଶନରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରୁଦ୍ରପ୍ରସନ୍ନ ରଥ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନାରେ ଯୁବପିଢ଼ିଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋରଞ୍ଜନ ମିଶ୍ର ବଜ୍ରପାତଜନିତ ବିପର୍ଯ୍ୟୟ ଦୁର୍ଘଟଣା ଓ ପରିଚାଳନା ସମ୍ପର୍କରେ ମତ ରଖିଥିଲେ। ଭୂତତ୍ତ୍ୱ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. କୀର୍ତ୍ତିରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ଲେଡିଜ୍ ହଷ୍ଟେଲରେ ଭଙ୍ଗାରୁଜା ଘଟଣା

### ଆଉ ୩ଜଣଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା

ଭୁବନେଶ୍ୱର,୭।୫(ବ୍ୟୁରୋ) - ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରାସାହିସ୍ଥିତ ଏକ ଲେଡିଜ୍ ହଷ୍ଟେଲରେ ଶୁକ୍ରବାର ରାତିରେ ଭଙ୍ଗାରୁଜା ସହ ଅନ୍ତେବାସୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଶନିବାର ଜଣଙ୍କୁ ଧରିଥିବା ବେଳେ ରବିବାର ଆଉ ୩ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରୁଛି। ଫଳରେ ଏହି ଘଟଣାରେ ପୋଲିସ ମୋଟ ୪ ଜଣଙ୍କୁ ଥାନାରେ ଅଟକ ରଖି ତଥ୍ୟ ହାସଲ କରୁଛି। ତେବେ ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ। ଏହାସହ ଏହି ଘଟଣାରେ ଏବେବି ଏକାଧିକ ଯୁବକ ଫେରାର ରହିଥିବାରୁ ସେମାନଙ୍କୁ ଧରିବାକୁ ଚେଷ୍ଟା ଜାରି ରଖିଛି ନୟାପଲ୍ଲୀ ଥାନା ପୋଲିସ। ସୂଚନାନୁସାରେ, ଶୁକ୍ରବାର ରାତି ସାଢେ ୯ଟାରେ ବେହେରାସାହିସ୍ଥିତ ଲେଡିଜ୍ ହଷ୍ଟେଲ ପାଖରେ ଯୁବତୀ ଲୀଲା ସ୍ୱାଇଁ ଫୋନ୍‌ରେ କଥା ହେଉଥିବାବେଳେ କେତେଜଣ ଯୁବକ ସେହି ବାଟ ଦେଇ ଯିବା ସହ କମେଣ୍ଟ ମାରିଥିଲେ। ଏନେଇ ଯୁବତୀ ଜଣକ ବିରୋଧ କରିବାରୁ ସେମାନେ ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳି ଗୁଲଜ କରିବା ସହ ହଷ୍ଟେଲ ଭିତରକୁ ଧସେଇ ପଶି ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ ହଷ୍ଟେଲର ଅନ୍ତେବାସୀ ଓ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଯୁବକମାନେ ହଷ୍ଟେଲକୁ ଟେକା ମାଡ଼ କରିଥିଲେ। ଘରର କାଚ ଓ ହଷ୍ଟେଲରେ ଥିବା ଗାଡି ମଧ୍ୟ ଭାଙ୍ଗିଯାଇଥିଲା। ହଷ୍ଟେଲ ମାଲିକାଣୀ ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ।

# ବଦଳିବ 'ମୋ ବସ୍ ଷ୍ଟପ୍'ର ରୂପ

ଭୁବନେଶ୍ୱର, ୭।୫ (ବ୍ୟୁରୋ)

## ସାଧାରଣ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଲା କ୍ରୁଟ୍

## କୀର୍ତ୍ତି ଓ ଆଲିସାଙ୍କ ଡିଜାଇନ୍ ଆଧାରରେ ନିର୍ମାଣ ହେବ




ବଦଳିବ 'ମୋ ବସ୍ ଷ୍ଟପ୍' ବା ୨ବସ୍ କ୍ୟୁ ସେଲ୍‌ଟର'ର ରୂପ। ସାଧାରଣଲୋକଙ୍କ ପସନ୍ଦ ଓ ସମସ୍ତଙ୍କୁ ସୁହାଇବା ପରି ହେବ ମୋ ବସ୍‌ଷ୍ଟାଣ୍ଡ। ଜନସାଧାରଣ 'ମୋ ବସ୍ ଷ୍ଟପ୍'କୁ କିଭଳି ରୂପରେ ଦେଖିବାକୁ ଚାହୁଁଛନ୍ତି ସେ ନେଇ ଲୋକଙ୍କଠାରୁ ଡିଜାଇନ୍ ଆହ୍ୱାନ କରାଯାଇଥିଲା। କ୍ରୁଟ୍ ପକ୍ଷରୁ ଏନେଇ ଡିଜାଇନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆସିଥିବା ଶହ ଶହ ଡିଜାଇନ୍ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଡିଜାଇନକୁ କ୍ରୁଟ୍ ପକ୍ଷରୁ ଚୟନ କରାଯାଇଛି। ଖୁବ୍‌ଶୀଘ୍ର ଏହି ଢଙ୍ଗରେ ମୋ ବସ୍ ଷ୍ଟପ୍‌ଗୁଡିକ ତିଆରି ହେବ ବୋଲି ଜଣାପଡିଛି। ଏପ୍ରିଲ ମାସରେ କ୍ରୁଟ୍ ପକ୍ଷରୁ 'ମୋ ବସ୍' ଓ 'ମୋ ବସ ପୋଲ' ଏଭଳି ଡିଜାଇନ ଆହ୍ୱାନ କରାଯାଇଥିଲା। ପ୍ରଥମେ ଏପ୍ରିଲ ୧୪ ପର୍ଯ୍ୟନ୍ତ ଡିଜାଇନ୍ ଆହ୍ୱାନ କରାଯାଇଥିଲା। ପରେ ଏହାକୁ ୧୯ ତାରିଖ ପର୍ଯ୍ୟନ୍ତ ଘୁଞ୍ଚା ଯାଇଥିଲା। ୪ଶହରୁ ଊର୍ଦ୍ଧ୍ୱ ଡିଜାଇନ ଲୋକମାନେ ପଠାଇଥିଲେ। ଏଥିରୁ ଶ୍ରେଷ୍ଠ ୩ଟି ଡିଜାଇନ୍ ଚୟନ କରି କ୍ରୁଟ ସେମାନଙ୍କୁ ପୁରସ୍କୃତ କରିଛି। ପ୍ରଥମ ସ୍ଥାନ ଗ୍ରହଣ କରିଥିବା ଦୁଇଜଣଙ୍କୁ ପୁରସ୍କାର ଦିଆଯାଇଛି। ସେମାନେ ହେଉଛନ୍ତି କୀର୍ତ୍ତି ମହାପାତ୍ର ଓ ଆଲିସା ତ୍ରିପାଠୀ। ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ୩ଜଣ ପ୍ରତିଯୋଗୀ ହେଉଛନ୍ତି ରିତା ମାର୍କମ, ସୁଷମା ରାଣୀ ଓ କାଜଲ ରଣା। ସେହିପରି ଦୁଇଜଣ ରୀତେଶ ମହାନ୍ତି ଓ ମୈତ୍ରେୟୀ ଜଗନ୍ନାଥ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି କୃତୀ ପ୍ରତିଯୋଗୀଙ୍କୁ କ୍ରୁଟ ପୁରସ୍କୃତ କରିଛି। ପ୍ରଥମ ପୁରସ୍କାର ଲାଭ କରିଥିବା କୀର୍ତ୍ତି ମହାପାତ୍ର ଓ ଆଲିସା ତ୍ରିପାଠୀଙ୍କ ଡିଜାଇନ ଢଙ୍ଗରେ ପ୍ରତ୍ୟେକ ବସ୍ ଷ୍ଟପ୍‌କୁ ନିର୍ମାଣ କରିବାକୁ ଯୋଜନା ହୋଇଛି। ସୂଚନାଯୋଗ୍ୟ, ମୋ ବସ୍ ଷ୍ଟପ୍‌କୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିଲା। ବସ୍ ଷ୍ଟପ୍ ଉପରେ ପାଣି ଜମୁଥିବାବେଳେ ବର୍ଷା ହେଲେ ଛିଡା ହୋଇଥିବା ଯାତ୍ରୀ ଓଦା ହେଉଥିଲା। ସେହିପରି ଦିବ୍ୟାଙ୍ଗମାନଙ୍କ ପାଇଁ ବିଶେଷ ସୁବିଧା ନ ଥିଲା। ଏପରିକି ଯେଉଁଠି ବସ୍ ଷ୍ଟପ୍ ନ ଥିଲା ସେଠାରେ ବସ୍ କେଉଁଠି ରହିବ ଯାତ୍ରୀ ଜାଣି ପାରୁ ନ ଥିଲେ। ଏଣୁ ସେଠାରେ ଏକ ପୋଲ୍ ପୋତାଯିବାକୁ ଯୋଜନା ହୋଇଥିଲା। ଏଣୁ ଯାତ୍ରୀଙ୍କ ସୁବିଧା ସହ ଲୋକଙ୍କ ପସନ୍ଦ ଅନୁଯାୟୀ ବସ୍ ଷ୍ଟପ୍ ନିର୍ମାଣ ପାଇଁ ସାଧାରଣ ଲୋକଙ୍କଠାରୁ ଏହି ଡିଜାଇନ ଆହ୍ୱାନ କରାଯାଇଥିଲା।

# ମହାବୀର ନଗର ରାସ୍ତା ପରିଦର୍ଶନ କଲେ ଏମ୍‌ଏମ୍‌ଏସ୍‌ୱାଇ ପରାମର୍ଶଦାତା



ଭୁବନେଶ୍ୱର, ୭।୫ (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ)ର ପରାମର୍ଶଦାତା ସବିତା ମହାପାତ୍ର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହାବୀର ନଗର ରାସ୍ତା ପରିଦର୍ଶନ କରିଛନ୍ତି। ସମ୍ପୃକ୍ତ ରାସ୍ତାର ଉନ୍ନତିକରଣ ସହିତ ରାସ୍ତାପାର୍ଶ୍ୱ ଡ୍ରେନ ନିର୍ମାଣ କାର୍ଯ୍ୟ, ଡ୍ରେନ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ଏଥିସହ ସ୍ଥାନୀୟ ପ୍ରତିନିଧି ଏବଂ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଜନପ୍ରତିନିଧି ଏବଂ ଉପସ୍ଥିତ ଲୋକମାନେ ୱାଟ୍‌କୋ କାମ ଏବଂ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର କାମ ଯଥାଶୀଘ୍ର ଶେଷ କରିବା ପାଇଁ ଦାବି କରିଥିଲେ। ଉପସ୍ଥିତ ଥିବା ୱାଟ୍‌କୋ ଏବଂ ଗ୍ରାମ୍ୟ ଉନ୍ନୟନ (ବିଦ୍ୟୁତ୍) ଅଧିକାରୀଙ୍କୁ ତୁରନ୍ତ କାମ ଶେଷ କରିବାକୁ ସବିତା ନିର୍ଦ୍ଦେଶ ଦେଇଥିଲେ। ଏମ୍‌ଏମ୍‌ଏସ୍‌ୱାଇ ଅନ୍ତର୍ଗତ ଜିପି ରାସ୍ତା ମହାବୀର ନଗର ରାସ୍ତାର ନିର୍ମାଣ କାର୍ଯ୍ୟ ୨୦୨୨ ମାର୍ଚ୍ଚ ୧୮ ରେ ଆରମ୍ଭ ହୋଇଥିଲା। ରାସ୍ତାର ଲମ୍ବ ୬.୯୮୦ କିଲୋମିଟର ଥିବାବେଳେ ନିର୍ମାଣାଧୀନ ଡ୍ରେନ୍‌ର ଲମ୍ବ .୪୨୦ କିଲୋମିଟର ରହିଛି। ଏଥିପାଇଁ ୬୩୫.୦୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖା ଯାଇଛି। ତେବେ ଚଳିତ ବର୍ଷ ମାର୍ଚ୍ଚ ୧୭ ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବାକୁ ସମୟ ଧାର୍ଯ୍ୟ ହୋଇଥିଲେ ବି ବିଭିନ୍ନ କାରଣ ପାଇଁ ତାହା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏଥିପାଇଁ ଆଉ ୪ମାସ ଲାଗିବ ବୋଲି ସୂଚନା ଦିଆଯାଇଛି। ମହାବୀର ନଗର ଠାରେ ପହଞ୍ଚିବା ପରେ ତାଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ବେହେରା, ସହକାରୀ ଯନ୍ତ୍ରୀ ସାହେବ କୁମାର ସାହୁ, ୱାର୍ଡ ନଂ ୫୫ର କର୍ପୋରେଟର ନୃପେଶ କୁମାର ନାୟକ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୯ ନଂ ଜୋନ୍‌ର ଜିଲା ପରିଷଦ ସଭ୍ୟ ସୁବାସ କୁମାର ସୁନ୍ଦରାୟ, ଶିଶୁପାଳଗଡ଼ ପଞ୍ଚାୟତ ସରପଞ୍ଚ ରଶ୍ମିରଞ୍ଜନ ଶ୍ରୀଚନ୍ଦନ, ସମିତି ସଭ୍ୟ ବିନୋଦ ରାଉତରାୟ, ମହାବୀର ନଗର ଉନ୍ନୟନ କମିଟି ସଭାପତି, ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।




ପେନ୍ ଇନ୍ ବୁକ୍ସ ଦ୍ୱାରା ପ୍ରକାଶିତ 'ଭୁବନେଶ୍ୱର@୭୫ : ପର୍ସ୍ପେକ୍ଟିଭ୍‌ସ' ପୁସ୍ତକକୁ ମେୟର ସୁଲୋଚନା ଦାସ ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଭୁବନେଶ୍ୱର ବିକାଶ ପାଇଁ ନାଗରିକ ସମାଜର ସହଭାଗିତା ଜରୁରୀ

ଭୁବନେଶ୍ୱର,୭।୫(ବ୍ୟୁରୋ)

## 'ଭୁବନେଶ୍ୱର@୭୫ : ପର୍ସ୍ପେକ୍ଟିଭ୍‌ସ' ପୁସ୍ତକ ଲୋକାର୍ପିତ

ବିଗତ ୧୦ ବର୍ଷ ଭିତରେ ଭୁବନେଶ୍ୱର ସହରର ଦ୍ରୁତ ବିକାଶ ଘଟିଛି। ତେବେ ସହରର ଉନ୍ନତିରେ ସରକାରଙ୍କର ଯେତିକି ଦାୟିତ୍ୱ, ନାଗରିକଙ୍କର ଦାୟିତ୍ୱ ମଧ୍ୟ ତତୋଧିକ। ଭୁବନେଶ୍ୱରର ବିକାଶ ପାଇଁ ନାଗରିକ ସମାଜର ସହଭାଗିତା ଜରୁରୀ ବୋଲି ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି। ରବିବାର ସୂଚନା ଭବନରେ ପେନ୍ ଇନ ବୁକ୍ସ ଦ୍ୱାରା ପ୍ରକାଶିତ 'ଭୁବନେଶ୍ୱର@୭୫ : ପର୍ସପେକ୍ଟିଭ୍‌ସ' ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମେୟର କହିଛନ୍ତି ଯେ ୭୫ ବର୍ଷ ଭିତରେ ଭୁବନେଶ୍ୱର ସହରର ଆଖିଦୃଶିଆ ପରିବର୍ତ୍ତନ ଘଟିଛି। ଲୋକଙ୍କ ସହଯୋଗ ମିଳିଲେ ଏ କାମରେ ଶୀଘ୍ର ସଫଳତା ମିଳିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଓଡ଼ିଶା ମିଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ଐତିହାସିକ କୈଳାଶ ଚନ୍ଦ୍ର ଦାଶ ଯୋଗଦେଇ ଭୁବନେଶ୍ୱର ସହରର ୨ହଜାର ବର୍ଷର ସାମାଜିକ ଓ ପ୍ରତ୍ନତାତ୍ତ୍ୱିକ ବିକାଶ ବାବଦରେ ବକ୍ତବ୍ୟ ରଖିଥିଲେ। ଭୁବନେଶ୍ୱର ଉପରେ ଅଧିକ ଗବେଷଣା ଜରୁରୀ ଏବଂ ଏହି ସହର ସମ୍ପର୍କିତ ସମସ୍ତ ତଥ୍ୟ, ନଥି ଓ ବହିକୁ ସାଇତିବା ପାଇଁ ମହାନଗର ନିଗମ ତରଫରୁ ଏକ ଅଭିଲେଖାଗାର ପ୍ରତିଷ୍ଠା ହେବା ଉଚିତ ବୋଲି ସେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଏଫଆଇଡିଆର୍‌ର ଅଧ୍ୟକ୍ଷ ଚାରୁଦତ୍ତ ପାଣିଗ୍ରାହୀ ଯୋଗଦେଇ ସହରର ଭବିଷ୍ୟତ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ପୁସ୍ତକ ବାବଦରେ ସୂଚନା ଦେଇ ବରିଷ୍ଠ ସାମ୍ବାଦିକ ଭାସ୍କର ପରିଚ୍ଛା କହିଥିଲେ ଯେ ଭୁବନେଶ୍ୱରର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ନେଇ ଏ ପୁସ୍ତକରେ ୨୬ଟି ଗବେଷଣାତ୍ମକ ନିବନ୍ଧ ରହିଛି। ସହର ଉପରେ ଗବେଷଣା ପାଇଁ ଏ ପୁସ୍ତକ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଅଭିଭାଷଣରେ କଥାଶିଳ୍ପୀ ତଥା ପେନ୍ ଇନ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା କହିଥିଲେ, ମଣିଷର ବୟସ ବଢ଼ିଲେ ବୃଦ୍ଧ ହେଉଥିବାବେଳେ ସହରଟିଏ ବୟସ ବଢ଼ିବା ସାଙ୍ଗକୁ ଦିନକୁ ଦିନ ଅଧିକ ତରୁଣ ହେଉଥାଏ। ଭୁବନେଶ୍ୱର ସହରରେ ପୂର୍ବ ଅପେକ୍ଷା ଅଧିକ ଯୌବନ ଭରିଛି ବୋଲି ସେ ମତ ଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୁସ୍ତକର ଲେଖକ ପ୍ରଦୋଷ ପଟ୍ଟନାୟକ, କୈଳାଶ ଚନ୍ଦ୍ର ଦାସ, ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ, ଭାସ୍କର ପରିଚ୍ଛା, ଆରତୀ ବିଶ୍ୱାଳ, ସୂର୍ଯ୍ୟ ମିଶ୍ର, ପ୍ରଦୀପ ବିଶ୍ୱାଳ, ଅନୀଲ ଧୀର, ଦେବାଶିଷ ପଟ୍ଟନାୟକ, କପିଳାସ ଭୂୟାଁ, ସୀମନ୍ତ ମହାନ୍ତି, ଜେ.ପି. ଜଗଦ୍ଦେବ, ସୁଲୋଚନା ଦାସ, ବିକାଶ ଚୌଧୁରୀ, ଦେବୀ ପ୍ରସନ୍ନ ପଟ୍ଟନାୟକ, ସୁଜାତା ପ୍ରହରାଜ, ଚାରୁଦତ୍ତ ପାଣିଗ୍ରହୀ, ସମ୍ବିତ ଦାସ, ବିଭୂତି ବାରିକ, ସରୋଜ କୁମାର ମହାପାତ୍ର, ଅଭୟ ନାରାୟଣ ନାୟକ, ଶୋଭନ କର, ପୀୟୁଷ ରଞ୍ଜନ ରାଉତ, କୃଷ୍ଣଚନ୍ଦ୍ର ମହାପାତ୍ର, ଅନୁଷ କେ ଚନ୍ଦ୍ରପ୍ପା ଓ ଯତୀନ୍ଦ୍ର କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମିଡିଆନ୍‌ରୁ ଶୋ' ଗଛ କାଟି ବ୍ୟବସାୟ, ସିଲ୍ ହେଲା ଦୋକାନ



ଭୁବନେଶ୍ୱର, ୭।୫ (ବ୍ୟୁରୋ)

ରାଜଧାନୀକୁ ସବୁଜ ସୁନ୍ଦର କରିବା ସହ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଗଛ ଲଗାଯାଇଛି। ଏହାର ନିୟମିତ ରକ୍ଷଣାବେକ୍ଷଣ ମଧ୍ୟ କରାଯାଉଛି। ମାତ୍ର କିଛି ଲାଭଖୋର୍ ବ୍ୟକ୍ତି ଏଥିରୁ ନିଜର ଫାଇଦା ଉଠାଇବାକୁ ପଛାଉ ନାହାନ୍ତି। ବିଏମ୍‌ସି ପକ୍ଷରୁ ସହରର ମିଡିଆନ୍‌ରେ ଲାଗିଥିବା ଶୋ' ଗଛକୁ କାଟି ଜଣେ ବ୍ୟକ୍ତି ବ୍ୟବସାୟ କରୁଥିବା ଦେଖିବାକୁ ମିଳିଥିଲା। ଘଟଣା ଜଣାପଡ଼ିବା ପରେ ବିଏମ୍‌ସି ପକ୍ଷରୁ ସମ୍ପୃକ୍ତ ଫୁଲ ଦୋକାନକୁ ସିଲ୍ କରାଯାଇଛି। ଏଜିଛକ ନିକଟରେ ଥିବା ବାଲୁଙ୍କେଶ୍ୱର ପୁଷ୍ପାଳୟ ଦୋକାନ ମାଲିକ ନିକଟରେ ଥିବା ମିଡିଆନ୍‌ରୁ ଶୋ' ଗଛ କାଟି ଆଣି ନିଜ ଦୋକାନରେ ରଖି ବିକ୍ରି କରୁଥିଲେ। ଘଟଣା ଜଣାପଡିବା ପରେ ସମ୍ପୃକ୍ତ ଦୋକାନକୁ ସିଲ୍ କରାଯାଇଛି। ସେହିପରି ବାପୁଜୀ ନଗର ସ୍ଥିତ ବିଭିନ୍ନ ଦୋକାନ ଉପରେ ଚଢାଉ କରାଯାଇ ଗୋଟିଏ ଦୋକାନକୁ ସିଲ୍ କରାଯାଇଛି। ଏଥିସହ ଅନ୍ୟ ୧୨ଟି ଦୋକାନରୁ ୧ଲକ୍ଷ ୨୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପୂର୍ବରୁ ଏହି ଅଞ୍ଚଳରେ କିଛି ଦୋକାନୀ ଅପରିଷ୍କାର କରିବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲା। ଏନେଇ ବିଏମ୍‌ସିର ଦକ୍ଷିଣ ପଶ୍ଚିମ ଜୋନ ସ୍କ୍ୱାର୍ଡ ବାରମ୍ବାର ସଚେତନ ଏବଂ ତାଗିଦ୍ କରି ଆସୁଥିଲେ। ମାତ୍ର ବ୍ୟବସାୟୀମାନେ ନିଜ ଆଚରଣରେ ପରିବର୍ତ୍ତନ ନ ଆଣିବାକୁ ଏଭଳି ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି।

# ମେୟରଙ୍କୁ ଡ୍ରେନ୍, ରାସ୍ତା ସମସ୍ୟା ଜଣାଇଲେ ୱାର୍ଡବାସିନ୍ଦା

ଭୁବନେଶ୍ୱର, ୭।୫ (ବ୍ୟୁରୋ)

ବିଏମ୍‌ସି ପକ୍ଷରୁ ଆୟୋଜିତ 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ ଶନିବାର ୱାର୍ଡ ନଂ ୬୪ରେ ଅନୁଷ୍ଠିତ ହୋଇଯାଇଛି। ଆର୍ଯ୍ୟଭିଲ୍ଲା କମ୍ୟୁନିଟି ସେଣ୍ଟରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକ ଉପସ୍ଥିତ ରହି ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ମେୟରଙ୍କୁ ଅବଗତ କରାଇଥିଲେ। ଜାଗମରା ଛକରୁ କସ୍‌ମୋପଲି ପର୍ଯ୍ୟନ୍ତ ଥିବା ରାସ୍ତାର ଉନ୍ନତି ଓ ପ୍ରଶସ୍ତୀକରଣ, ଏସିଆନ ପ୍ଲାଜା ଅଞ୍ଚଳରେ ଡ୍ରେନକୁ ମୁଖ୍ୟ ଡ୍ରେନ ସହ ସଂଯୋଗ, କୈବଲ୍ୟ ବିହାର ଅଞ୍ଚଳରେ ରାସ୍ତା ଆଲୋକୀକରଣ ଏବଂ ୩ଟି ଲେନରେ ପେଭରବ୍ଲକ ରାସ୍ତା କରିବା, ଭୋଇସାହି ଅଞ୍ଚଳରେ ରାସ୍ତାର ଉନ୍ନତି ଏବଂ କମ୍ୟୁନିଟି ହଲ୍ ପାଇଁ ପ୍ରସ୍ତାବ, ନୂଆ ଭୋଇସାହି ଅଞ୍ଚଳରେ ବିଦ୍ୟୁତ୍ ତାର ସଂଯୋଗର ଉନ୍ନତି ଆଣିବା, ବିପଦ ସଂକୁଳ ଅବସ୍ଥାରେ ଥିବା ତାରଗୁଡିକୁ ହଟାଇବା, ଯଦୁପୁର ଅଞ୍ଚଳରେ ଚାଲୁ ରହିଥିବା ପରିଚୟ ଗୃହ ଏବଂ ଖେଳପଡିଆ କାମ ସଂପୂର୍ଣ୍ଣ କରିବା, ପଞ୍ଚଶଖା ନଗର ଅଞ୍ଚଳରେ ପିଡବ୍ଲ୍ୟୁଡି ଡ୍ରେନର ପ୍ରଶସ୍ତୀକରଣ, ଡ୍ରେନ ନଂ ୯ ଉପରୁ ଜବରଦଖଲ ଉଚ୍ଛେଦ, ପଞ୍ଚଶଖା ନଗରରୁ ଆଇଟିଆର ଶିବ ମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ଆଦି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଅପରପକ୍ଷେ ବିଏମ୍‌ସି ପକ୍ଷରୁ ଏହି ୱାର୍ଡ ଉନ୍ନତୀକରଣ ପାଇଁ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ମେୟର ଆଲୋକପାତ କରିଥିଲେ। ଏଥିସହ ହେବାକୁ ଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁକ୍ତା ଯୋଜନା ଜରିଆରେ ନମ୍ରକାନୀ ମନ୍ଦିର ନିକଟରେ ଥିବା ପୁଷ୍କରିଣୀରେ ପ୍ରାଚୀର ଓ ଗାର୍ଡ ରୁମ୍ ନିର୍ମାଣ କରିବା, ମା' ତାରିଣୀ ମନ୍ଦିରଠାରୁ ସନ୍‌ସିଟି କମ୍ପ୍ଲେକ୍ସ ରାସ୍ତା ଓ ଡ୍ରେନ ନିର୍ମାଣ, ଏସବିଆଇ ଛକରୁ ଟାଙ୍ଗୀ ଛକ ପର୍ଯ୍ୟନ୍ତ ପ୍ରାୟ ୯୦୦ ମିଟର ସ୍ମାର୍ଟ ରାସ୍ତା ନିର୍ମାଣ, ରଘୁନାଥ ନଗର ଅଟୋଷ୍ଟାଣ୍ଡରୁ ଯଦୁପୁର ପ୍ରାଇମେରୀ ସ୍କୁଲ ଏବଂ ଯଦୁପୁର ମିନିଷ୍ଟାଡିୟମରୁ ପିଡବ୍ଲ୍ୟୁଡି ରାସ୍ତା ପର୍ଯ୍ୟନ୍ତ ସିଓର ରାସ୍ତା ନିର୍ମାଣ, ଜାଗା ମିଶନ ଅଧୀନରେ ୧କି.ମି. ଡ୍ରେନ ଓ ୧.୫ କିମି ରାସ୍ତା ନିର୍ମାଣ ଆଦି ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଥିବା ସୂଚନା ଦେଇଥିଲେ। ମେୟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଆସିଷ୍ଟାଣ୍ଟ କମିଶନର ମୃତ୍ୟୁଞ୍ଜୟ ମହାପାତ୍ର, ଜୋନାଲ ଡେପୁଟି କମିଶନର ରବି ନାରାୟଣ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭଦ୍ରକ ସମ୍ମିଳନୀର ୧୯ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୭।୫(ବ୍ୟୁରୋ)- ଭଦ୍ରକ ସମ୍ମିଳନୀ ଭୁବନେଶ୍ୱର ପକ୍ଷରୁ ରବିବାର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସଠାରେ ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ. ଗୋକୁଳାନନ୍ଦ ମହାପାତ୍ରଙ୍କ ଜୟନ୍ତୀର ଏକଶତ ବର୍ଷ ପାଳନ ପରିପ୍ରେକ୍ଷୀରେ ଭଦ୍ରକ ସମ୍ମିଳନୀ ଏହି ଉତ୍ସବର ଆୟୋଜନ କରିଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ବୈଜ୍ଞାନିକ ଡ. ସୁରେନ୍ଦ୍ର ବିଶ୍ୱାଳ, ପୂର୍ବତନ ଅର୍ଥ କମିଶନର ରବି ନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡ. ନିହାର ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ସମ୍ମିଳନୀର ସମ୍ପାଦକ ବଂଶୀଧର ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସମ୍ମିଳନୀର ମୁଖପତ୍ର 'ଉଦ୍ରା' ଉନ୍ମୋଚିତ ହୋଇଥିଲା। କୋଷାଧ୍ୟକ୍ଷ ଅଭିରାମ ବିଶ୍ୱାଳ, ଡ. ପ୍ରଭାତ କୁମାର ପାଢ଼ୀ ସହଯୋଗ କରିଥିଲେ। ବିମଳା ସିଂହ ସଂଯୋଜନା କରିଥିବାବେଳେ ସହସଂଗଠକ ନିରୋଦ କୁମାର ରାଉତ ଧନ୍ୟବାଦ ଜଣାଇଥିଲେ।



ଭଦ୍ରକ ସମ୍ମିଳନୀ ଭୁବନେଶ୍ୱରର ବାର୍ଷିକ ଉତ୍ସବରେ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

# କଳା, ସଂସ୍କୃତି କ୍ଷେତ୍ରରେ ଢେଙ୍କାନାଳ ସ୍ୱତନ୍ତ୍ର

## ଢେଙ୍କାନାଳ ଉତ୍ସବ

ଭୁବନେଶ୍ୱର,୭।୫(ବ୍ୟୁରୋ)




ଢେଙ୍କାନାଳ ଉତ୍ସବରେ ଅତିଥିମାନେ ସ୍ମରଣିକା 'ଅନନ୍ୟ ଢେଙ୍କାନାଳ'କୁ ଉନ୍ମୋଚନ କରୁଛନ୍ତି।

ଢେଙ୍କାନାଳ ସାଂସ୍କୃତିକ ପରିଷଦ ଭୁବନେଶ୍ୱର ପକ୍ଷରୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ରବିବାର ରବୀନ୍ଦ୍ର ମଣ୍ଡପଠାରେ ଢେଙ୍କାନାଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ଢେଙ୍କାନାଳ ଜିଲା କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ଓଡିଶାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସମ୍ମାନିତ ଅତିଥି ଭାବେ ନାଲ୍‌କୋର ନିର୍ଦ୍ଦେଶକ(କମର୍ସିଆଲ) ସଦାଶିବ ସାମନ୍ତରାୟ ଏବଂ ଢେଙ୍କାନାଳ ସାଂସ୍କୃତିକ ପରିଷଦର ଉପଦେଷ୍ଟା କୃଷ୍ଣଚନ୍ଦ୍ର ଆଇଚ ପ୍ରମୁଖ ଯୋଗଦେଇଥିଲେ। ପରିଷଦ ସଭାପତି ଡ. ସୌରେନ୍ଦ୍ର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଂସ୍କୃତିକ ସମାରୋହରେ ସମ୍ପାଦକ ପ୍ରେମାନନ୍ଦ ବିଶ୍ୱାଳ ଉତ୍ସବ ଆୟୋଜନ ସଂପର୍କରେ କହିଥିଲେ। ଏହି ଅବସରରେ ସ୍ମରଣିକା 'ଅନନ୍ୟ ଢେଙ୍କାନାଳ' ଉନ୍ମୋଚିତ ହୋଇଥିଲା। ଏଥିସହ ପଦ୍ମଶ୍ରୀ ପ୍ରଫେସର ଡ. ଆଦିତ୍ୟ ପ୍ରସାଦ ଦାଶ, ସାରସ୍ୱତ ସାଧକ ପଦ୍ମଶ୍ରୀ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର, ଚଳଚ୍ଚିତ୍ର ପ୍ରଯୋଜକ ଘନଶ୍ୟାମ ମହାପାତ୍ର, ଆସିକା ଆରକ୍ଷୀ ଅଧିକାରୀ ପ୍ରଶାନ୍ତ ସାହୁ, ପରିବେଶବିତ୍ ଶୁଭ୍ରାଂଶୁ ଶତପଥୀ, ସମାଜ ସେବିକା ଅଙ୍କିତା ସାହୁ ଏବଂ ସମାଜସେବୀ ଦଣ୍ଡଧର ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେମାନନ୍ଦ ବିଶ୍ୱାଳଙ୍କୁ 'ଢେଙ୍କାନାଳ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ଗୁରୁ ଗୌରୀଶଙ୍କର ଦାଶଙ୍କ ନିର୍ଦ୍ଦେଶନାରେ ଦେବାଂଶୀ ଏକାଡେମୀର କଳାକାରମାନେ ଓଡିଶୀ ନୃତ୍ୟ ଓ ଆଦିବାସୀ ନୃତ୍ୟ, ଡ. ଜୟଶ୍ରୀ ଧଳ, ଡ. ମୋନାଲିସା ପାଳ, ସୌମ୍ୟ ମହାନ୍ତିଙ୍କ ଦ୍ୱାରା କଣ୍ଠ ସଂଗୀତ, ରୂପାଲୀ ପାଣି ଓ ଆୟୁଷ୍ମାନ ମହାପାତ୍ରଙ୍କ ଦ୍ୱାରା ଆଧୁନିକ ନୃତ୍ୟ, ନବଜୀବନ ନାଟ୍ୟ ଶାସ୍ତ୍ର ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ, ଖେମୁଣ୍ଡି ଲୋକନାଟ୍ୟ ଏକାଡେମୀ ଦିଗପହଣ୍ଡି ଦ୍ୱାରା ମାଣିକ (ମୁଖା ନୃତ୍ୟ), ଶିବ ପାର୍ବତୀ ଗୋଟିପୁଅ ନାଟ୍ୟ ପରିଷଦ ସାକ୍ଷୀଗୋପାଳ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ବସନ୍ତ କୁମାର ପଟ୍ଟନାୟକ ହାସ୍ୟରସ ପରିବେଷଣ କରିଥିଲେ। ଢେଙ୍କାନାଳ ସାଂସ୍କୃତିକ ପରିଷଦର ରୁଦ୍ର ପ୍ରସାଦ ମହାପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଅବନୀକାନ୍ତ ମିଶ୍ର ମଞ୍ଚ ପରିଚାଳନା ଓ ସାମନ୍ତ ଜ୍ୟୋତି ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ୱାର୍ଡରେ ପାନୀୟଜଳ ସମସ୍ୟା

- ଦାବି ପୂରଣ ନ ହେଲେ ପଞ୍ଚାୟତ, ବିଡିଓଙ୍କ କାର୍ଯ୍ୟାଳୟରେ ତାଲାପଡିବ
- ଟ୍ୟାଙ୍କର ଯୋଗେ ଜଳ ଯୋଗାଇଲେ ୨ ୱାର୍ଡମେମ୍ବର

ମଙ୍ଗୁଳି-ଜଗତପୁର, ୭।୫(ଡି.ଏନ.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କୟଳପଡା ପଞ୍ଚାୟତର ୨୦ ଓ ୨୧ ନମ୍ବର ୱାର୍ଡରେ ପ୍ରାୟ ଏକବର୍ଷ ହେବ ପାନୀୟଜଳ ସମସ୍ୟା ଲାଗିରହିଛି। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ବିଡିଓ ଆଶୁତୋଷ ମିଶ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। ଫଳରେ ରବିବାର ୨୦ ନମ୍ବର ୱାର୍ଡର ୱାର୍ଡମେମ୍ବର ସତ୍ୟସୁନ୍ଦର ପ୍ରଧାନ ଓ ୨୧ ନମ୍ବର ୱାର୍ଡର ୱାର୍ଡମେମ୍ବର ଗେଲ୍ଲୀ ମହାନ୍ତି(୬୫) ଟ୍ୟାଙ୍କର ଯୋଗେ ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଇ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉପରୋକ୍ତ ଦୁଇଟି ୱାର୍ଡରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ଅଭିଯୋଗ ହେଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ। ଫଳରେ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପ୍ରଧାନ ଓ ଜିଲା ପରିଷଦ ସଦସ୍ୟ ଶ୍ରୀଧର ରାଉଳଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ଜନସାଧାରଣ ଗତମାସ ୨୫ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗରା, ମାଠିଆ ରଖି ଧାରଣା ଦେଇଥିଲେ। ଏକ ମାସ ମଧ୍ୟରେ ଏହାର ସ୍ଥାୟୀ ସମାଧାନ କରାଯିବ ଓ ଏହି ୧ ମାସ ମଧ୍ୟରେ ପଞ୍ଚାୟତ ପକ୍ଷରୁ ଉକ୍ତ ଦୁଇଟି ୱାର୍ଡକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ହେଲେ ଏହାପରେ ଉକ୍ତ ୱାର୍ଡ ଦୁଇଟିରେ ପାନୀୟଜଳ ଯୋଗାଇ ଦିଆଯାଇ ନ ଥିଲା। ଏ ନେଇ ପୂର୍ବତନ ସରପଞ୍ଚ ପ୍ରଧାନ କହିଛନ୍ତି, ବିଡିଓ ଦୁଇ ଦିନ ମଧ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଲକ୍ଷ୍ମୀଧର ପତ୍ରିଙ୍କୁ ନିର୍ଦ୍ଦେଶ ଦେବା ସହ ଉକ୍ତ ୱାର୍ଡ ଦ୍ୱୟକୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ ପାଇଁ ଚିଠି ଲେଖିଥିଲେ। ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ୍ୟ ବିଡିଓଙ୍କ ନିର୍ଦ୍ଦେଶ ପାଳନ କରାଯାଇନାହିଁ। ଆସନ୍ତା ୨ ଦିନ ମଧ୍ୟରେ ଦାବି ପୂରଣ କରା ନ ଗଲେ ପଞ୍ଚାୟତ କାର୍ଯ୍ୟାଳୟ ଓ ବିଡିଓଙ୍କ କାର୍ଯ୍ୟାଳୟରେ ତାଲା ପକାଇବୁ ବୋଲି ସେ କହିଛନ୍ତି। ଅପରପକ୍ଷରେ ପିଇଓ ପତ୍ରି କହିଛନ୍ତି, ବିଡିଓଙ୍କ ନିର୍ଦ୍ଦେଶରେ ପାଣି ଯୋଗାଇବା ପାଇଁ ସବୁ ବନ୍ଦୋବସ୍ତ କରାଯାଇଥିଲା। କିନ୍ତୁ ସ୍ଥାନୀୟ ସରପଞ୍ଚ କହିଲେ ପଞ୍ଚାୟତ ଟଙ୍କାରେ ଜଳଯୋଗାଣ କରାଯିବ ନାହିଁ। ଏଥିଯୋଗୁ ଜଳଯୋଗାଣ ହୋଇପାରିନାହିଁ। ଏ ନେଇ ସ୍ଥାନୀୟ ସରପଞ୍ଚ ଶୈଳବାଳା ନାୟକ କହିଛନ୍ତି, ପାଣି ପାଇଁ ନୂତନ ବୋରିଂ ଖୋଳାଯାଇ ସେଥିରେ ମୋଟର ସଂଯୋଗ କରାଯାଇଛି। କେବଳ ପାଇପ ବିଛା କାର୍ଯ୍ୟ ସରିଲେ ଆସନ୍ତା ୧୫ ତାରିଖ ମଧ୍ୟରେ ପାଣି ଯୋଗାଇ ଦିଆଯିବ। ସେଥିପାଇଁ ପଞ୍ଚାୟତ ଟଙ୍କା ଅଯଥାରେ ଖର୍ଚ୍ଚ କରାଯିବ ନାହିଁ ବୋଲି ପିଇଓଙ୍କୁ କହିଥିଲେ। ଅପରପକ୍ଷରେ ବିଡିଓଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ। ଗ୍ରାମର ଦୀପ୍ତି ବେଉରା, ଚତୁର୍ଭୁଜ ନାୟକ, ମନୋଜ ଲେଙ୍କା, ବସନ୍ତ ବରାଳ, ଅନିଲ ନାୟକ, ଦିଲୀପ ନାୟକ, ଜ୍ଞାନରଞ୍ଜନ ମହାନ୍ତି, ଜୟଦେବ ମହାନ୍ତି, ଅଞ୍ଜନ ସାହୁ, ସୁନାକର ବେଉରା, ଅକ୍ଷୟ ପ୍ରଧାନ ପ୍ରମୁଖ ପାନୀୟ ଜଳ ଯୋଗାଇବାରେ ୱାର୍ଡମେମ୍ବରଙ୍କୁ ସହଯୋଗ କରିଥିଲେ।


ୱାର୍ଡ ମେମ୍ବର ଗେଲ୍ଲୀ ମହାନ୍ତି ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦେଉଛନ୍ତି।

## ସଂକ୍ଷେପରେ

### ଆଇନ ସଚେତନତା ଶିବିର

ଚୌଦ୍ୱାର,୭।୫(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କଖଡି ପଞ୍ଚାୟତର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କଳ୍ପନା ଛତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ଆଇନଜୀବୀ ତଥା କଟକ ରୋଟାରୀ କ୍ଲବ୍‌ର ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ ଯୋଗଦେଇ ଆଇନ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଇନଜୀବୀ ସତ୍ୟନ କୁମାର ପଣ୍ଡା, ଆନ୍ତର୍ଜାତିକ ମାନବାଧିକାର ପରିଷଦର ରାଜ୍ୟ ସଭାପତି ସସ୍ମିତା ଦାସ ଯୋଗଦେଇଥିଲେ। ଏହି ଶିବିରରେ ୧୦ଟି ପାରିବାରିକ କଳହ, ଜମିବାଡି ଓ ଘରୋଇ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭୀମସେନ ବେହେରା, ଦିଲୀପ କୁମାର ଛତାର, ନରେନ୍ଦ୍ର କୁମାର ସାହୁ, ନୀଳମଣି ବାରିକ, ଗଙ୍ଗାଧର ବେହେରା, ବିଷ୍ଣୁ ଚରଣ ମହାରଣା, ସୁରେନ୍ଦ୍ର ନାଥ ମହାନ୍ତି, ପବିତ୍ର ନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ସାମୁଦ୍ରିକ ଜଳଜୀବଙ୍କ ଗତିବିଧି ସମ୍ପର୍କିତ ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର

ବାଙ୍କୀ,୭।୫(ସ୍ୱ.ପ୍ର.)- ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ପରିଭ୍ରମଣ ରବିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ସାମୁଦ୍ରିକ ଜଳଜୀବଙ୍କ ଗତିବିଧି ଓ ସେମାନଙ୍କର ପ୍ରକୃତି ସହ ଚଳପ୍ରଚଳ ସମ୍ପର୍କିତ ଜ୍ଞାନ ଆହରଣ କରିଥିଲେ। ଏନେଇ ସେମାନେ ପୁରୀସ୍ଥିତ ସମୁଦ୍ରକୂଳ ଓ ରାମଚଣ୍ଡୀ ଠାକୁରାଣୀଙ୍କ ନିକଟରେ ପହଞ୍ଚିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧାପକ ମନୋଜ ମହାପାତ୍ର ଏହାର ନେତୃତ୍ୱ ନେଇଥିଲେ। ନିରଞ୍ଜନ ରାଉତରାୟ, ଶ୍ୟାମଲାଲ ଭୋଏ ଓ କୁମୁଦ ରଞ୍ଜନ ମହାରଣା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସାମୁଦ୍ରିକ ଜୀବ ଉପରେ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ନୀଳପଲ୍ଲବୀ ଗୋଚ୍ଛି, ସୋନାଲିକା ସାହୁ, ରାତିକା ଚୌଧୁରୀ, ସୌମ୍ୟରଞ୍ଜନ, ବର୍ଷାରାଣୀ ଦାଶ, ପ୍ରଜ୍ଞା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

### 'ଜନସାଧାରଣଙ୍କୁ ବିଭ୍ରାନ୍ତ କରନ୍ତୁ ନାହିଁ'

#### ଆଠଗଡ଼ର ୫୭ ଗ୍ରାମକୁ ସିଡିଏରେ ମିଶ୍ରଣ ଘଟଣା

ଆଠଗଡ଼,୭।୫(ସ୍ୱ.ପ୍ର.): ଆଠଗଡ଼ ତହସିଲର ୫୭ଗ୍ରାମକୁ ସିଡିଏରେ ମିଶ୍ରଣ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିରୋଧୀ ଭାଜପା ସହ କିଛି ଅନୁଷ୍ଠାନ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଅପରପକ୍ଷେ ସରକାରଙ୍କ ପଦକ୍ଷେପକୁ ସମର୍ଥନ କରି ଯୁବ ବ୍ୟବସାୟୀ ରଞ୍ଜନ କୁମାର ଦାସ ରବିବାର ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, କଟକର ଆଖପାଖ ଉନ୍ନତି ପାଇଁ ସରକାର ଘରବାଡ଼ି ଓ ରାସ୍ତା ଘାଟ ନିର୍ମାଣ ପାଇଁ ସ୍ଥିର କରାଯାଇଛି। ଏନେଇ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅନୁମୋଦନ ନେଇ ଏକ ନୂତନ ଉନ୍ନତ ଅଞ୍ଚଳ ଗଠନ ପାଇଁ ଯୋଜନା ଆରମ୍ଭ କରାଯାଇଛି। ପ୍ରକୃତ ସତ୍ୟ କୁ ନ ଜାଣି କେତେଜଣ ଲୋକ ଅପପ୍ରଚାର ଆରମ୍ଭ କରିଛନ୍ତି। ଏହି ସରକାରୀ ଯୋଜନା ଫଳରେ ଆଠଗଡ଼ ଜନସାଧାରଣ, ଦେବଦେବୀ ମନ୍ଦିର କିମ୍ବା ଜମି, ଜଳ, ଜଙ୍ଗଲର କୌଣସି କ୍ଷତି ହେବନାହିଁ। ଏନେଇ ଜନସାଧାରଣଙ୍କୁ ବିଭ୍ରାନ୍ତ ନ କରିବା ପାଇଁ ସେ କହିଛନ୍ତି। ଏ ସମ୍ପର୍କରେ ପ୍ରଶାସନ, ସରକାରୀ ଦଳ ଓ ବିରୋଧୀଙ୍କ ପକ୍ଷରୁ ଖୋଲା ବିତର୍କ କରିବା ପାଇଁ ଦାସ ଆହ୍ୱାନ ଦେଇଛନ୍ତି।


ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମ କପାପଦା ସାହିରେ ସୋମବାର ଠାରୁ ଆରମ୍ଭ ହେବାକୁ ଥିବା ଶ୍ରୀ ରାମ ଚରିତ ମାନସ ଉପଲକ୍ଷେ ରବିବାର ଅପରାହ୍ନରେ ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

# ଚନ୍ଦନ ପୋଖରୀରେ ଚାପ ଖେଳିଲେ ଦେବଦେବୀ

ବଡ଼ମ୍ବା,୭।୫(ଡି.ଏନ୍.ଏ.)

ବଡ଼ମ୍ବାର ପ୍ରସିଦ୍ଧ ଚନ୍ଦନ ଯାତ୍ରା ରବିବାର ୧୫ ଦିନରେ ପହଞ୍ଚିଛି। ପ୍ରତିଦିନ ଭଳି ରବିବାର ପ୍ରଭୁ ଗୋପୀନାଥ ଦେବ, ଲୋକନାଥ ଦେବ, ଚନ୍ଦ୍ରଶେଖର ଦେବ, ରାଧାକାନ୍ତ ଦେବ, ସିଂଘନାଥ ଦେବ, ଭୂ ଦେବୀ ଓ ଶ୍ରୀଦେବୀଙ୍କ ପ୍ରତିମାଗୁଡ଼ିକୁ ସୁସଜ୍ଜିତ ପାଲିଙ୍କିରେ ଶୋଭା ଯାତ୍ରାରେ ଚନ୍ଦନ ପୋଖରୀ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ପୂଜାର୍ଚ୍ଚନା କରାଯାଇ ଡଙ୍ଗା ଯୋଗେ ଚାପଖେଳ କରାଯାଇଥିଲା । ପୁରୀର ନୀତି କାନ୍ତି ଅନୁଯାୟୀ ଚନ୍ଦନ ପୋଖରୀରେ ୧୫ ଥର (ଘେରା) ଚାପ ଖେଳା ଯାଇଥିଲା । ଚାପ ଖେଳ ସମୟରେ ହରିବୋଲ, ଖୋଳ ତାଳ, ମୃଦଙ୍ଗ, ଶଙ୍ଖ, ଘଣ୍ଟ ଆତସବାଜିରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବଡ଼ମ୍ବା ଦେବୋତ୍ତର ବିଭାଗ ଓ ଚନ୍ଦନ ମହୋତ୍ସବ କମିଟି ଆନୁକୂଲ୍ୟରେ ଉକ୍ତ ଚନ୍ଦନ ଯାତ୍ରା ଚାଲିଥିବା ବେଳେ କମିଟି ସଭାପତି ଚିନ୍ମୟ ପଟ୍ଟନାୟକ, ସମ୍ପାଦକ ଆଇନଜୀବୀ ଗିରିଜା ପ୍ରସାଦ ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଚନ୍ଦନ ଯାତ୍ରା ୨୧ ଦିନ ବ୍ୟାପୀ ହେବାକୁ ଥିବା ବେଳେ ଏହାର ଶେଷ ୫ ଦିନ ଅର୍ଥାତ ଆସନ୍ତା ମଙ୍ଗଳବାରଠାରୁ ଶନିବାର ପର୍ଯ୍ୟନ୍ତ ମହୋତ୍ସବ ଭାବେ ପାଳନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।


ଚନ୍ଦନ ପୋଖରୀରେ ଦେବଦେବୀଙ୍କୁ ସେବାୟତମାନେ ଚାପ ଖେଳାଉଛନ୍ତି।

## ନାଟ୍ୟକାର, ସଙ୍ଗୀତଜ୍ଞ ନରୋତ୍ତମ ଦାସଙ୍କ ପରଲୋକ

ସାଲେପୁର,୭।୫(ଡି.ଏନ୍.ଏ.): ସାଲେପୁର ବ୍ଲକ୍ ଅଧୀନ ଛାଣିପୁର ପଞ୍ଚାୟତ ଅନ୍ତର୍ଗତ ସାତବାଟି ଗ୍ରାମର ନାଟ୍ୟକାର,ସଙ୍ଗୀତଜ୍ଞ ନରୋତ୍ତମ ଦାସ(୯୫)ଙ୍କ ରବିବାର ପରଲୋକ ଘଟିଛି। ସେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ସଦ୍‌ଗୁରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

ତାଙ୍କର ତିନି ପୁଅ ଓ ଗୋଟିଏ ଝିଅ ଥିବାବେଳେ ବଡ଼ପୁଅ ଅରବିନ୍ଦ ଗ୍ରାମ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ। ନରୋତ୍ତମ ଜଣେ ମିଷ୍ଟଭାଷୀ ତଥା ଲୋକପ୍ରିୟ ନାଟ୍ୟକାର, ସଙ୍ଗୀତଜ୍ଞ ରୂପେ ସାଲେପୁର, ମାହାଙ୍ଗା ସମେତ ବିଭିନ୍ନ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଛାଣିପୁର, ସାତବାଟି, ବୋଦାମୁଣ୍ଡାଇ, ଶଙ୍କରପୁର, କରମୁଆଁ, ବାରବାରି ସମେତ ବିଭିନ୍ନ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ମୃତଦେହକୁ ଶୋଭାଯାତ୍ରାରେ ଶ୍ମଶାନ ପର୍ଯ୍ୟନ୍ତ ନିଆଯାଇଥିଲା। ନରୋତ୍ତମଙ୍କ ବିୟୋଗରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।



# ମିଥ୍ୟା ଅଭିଯୋଗକାରିଣୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ମିଥ୍ୟା ଅଭିଯୋଗରେ ଫସିଥିଲେ ଡାକ୍ତର**

କଟକ ଅଫିସ,୭।୫:

କଟକ ଏସ୍‌ସିବି ମେଡିକାଲର ଜଣେ ଅବସରପ୍ରାପ୍ତ ଡାକ୍ତର ମିଥ୍ୟା ଅଭିଯୋଗ ଯୋଗୁ ଫସିଥିବା ଓ ହାଇକୋର୍ଟଙ୍କ ରାୟ ପରେ ସେ ଏବେ ମିଥ୍ୟା ଅଭିଯୋଗକାରିଣୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ନିୟମ ୨୦୧୩ର ଦୁରୁପଯୋଗ କରାଯାଇ ତାଙ୍କୁ ଅପଦସ୍ଥ କରାଯାଇଛି। ଏହାଦ୍ୱାରା ତାଙ୍କର ସାମାଜିକ ପ୍ରତିଷ୍ଠା, ମାନସମ୍ମାନ କ୍ଷୁର୍ଣ୍ଣ ହେବା ସହ ମାନସିକ ଚାପଗ୍ରସ୍ତ ହୋଇ ହୃଦ୍‌ରୋଗରେ ପୀଡ଼ିତ ହୋଇଛନ୍ତି। ସେ ହେଲେ ଏସ୍‌ସିବି ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ତତ୍କାଳୀନ ବିଭାଗୀୟ ମୁଖ୍ୟ ଡା. ଶିବରାମ ପ୍ରସାଦ ସିଂହ। ବାଦାମବାଡ଼ିସ୍ଥିତ ଏକ ହୋଟେଲରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡା. ସିଂହ କହିଛନ୍ତି, ମୋତେ ବିନା କାରଣରେ ଲାଞ୍ଛିତ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର କେତେଜଣ ଅଧିକାରୀଙ୍କ ଏକପାଖିଆ ନିର୍ଦ୍ଦେଶ ମୋ ଉପରେ ଲଦି ଦିଆଯାଇଥିଲା। ସେ ଚାକିରିରୁ ଅବସର ନେଇ ସାରିଥିବାବେଳେ ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିବା ମହିଳା ଡାକ୍ତର ଜଣକ ଏବେ ପ୍ରଫେସର ଭାବେ ପଦୋନ୍ନତି ପାଇଛନ୍ତି। ଯୌନ ନିର୍ଯାତନା ଅଭିଯୋଗ ପ୍ରମାଣିତ ହୋଇ ନ ପାରିବା କାରଣରୁ ତାଙ୍କ ବିରୋଧରେ ରାଜ୍ୟ ସରକାର ଦେଇଥିବା ଦଣ୍ଡବିଧାନମୂଳକ ନିର୍ଦ୍ଦେଶନାମାକୁ ହାଇକୋର୍ଟ ଗତ ଏପ୍ରିଲ ୨୪ ତାରିଖରେ ଖାରଜ କରିଦେଇଥିଲେ। ଫଳରେ ସେ ଦୋଷମୁକ୍ତ ହୋଇଥିଲେ। 'ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ' ବୋଲି ସେ କହିବା ସହ ଅଯଥାରେ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ପାଇଁ ଯେଉଁ ମହିଳା ଦାୟୀ ତାଙ୍କ ବିରୋଧରେ ଅନୁରୂପ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହାହେଲେ ଆଉ କେହି ଏପରି ମିଥ୍ୟା ଅଭିଯୋଗ ଆଣିବାକୁ ସାହସ କରିବେ ନାହିଁ ବୋଲି ଡା. ସିଂହ କହିଛନ୍ତି।

# ନିଆଁ ଲାଗି ଗୋରୁ ମୃତ, ମହିଳା ଗୁରୁତର


ନିଆଁରେ ପୋଡ଼ିଯାଇଥିବା ଆସବାବପତ୍ର।

ସାଲେପୁର,୭।୫(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅନ୍ତର୍ଗତ ରଟିଲୋ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ନିଆଁ ଲାଗି ଗୋଟିଏ ଗାଈର ମୃତ୍ୟୁ ଘଟିଥିବାବେଳେ ଜଣେ ମହିଳା ପୋଡି ହୋଇ ଗୁରୁତର ହୋଇଛନ୍ତି। ଏଥିରେ ବାଛୁରୀ ସମେତ ଅନ୍ୟାନ୍ୟ ଗୋରୁ ପୋଡ଼ି ଆହତ ହୋଇଛନ୍ତି। ନିଆଁରେ ଘର ମାଲିକ ଦେବେନ୍ଦ୍ର ସାହୁ ସାମାନ୍ୟ ପୋଡ଼ି ଯାଇଥିବାବେଳେ ତାଙ୍କ ଝିଅ ବାସନ୍ତୀ ସାହୁ(୩୨) ଗୁରୁତର ହୋଇଛନ୍ତି । ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଇଛି। ସ୍ଥାନୀୟ ଗ୍ରାମବାସୀ ଏବଂ ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ଖବରପାଇ ଲୋକସେବା ଫାଉଣ୍ଡେଶନ ଅଧ୍ୟକ୍ଷ ହିମାଂଶୁ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ଆବଶ୍ୟକ ସହାୟତା ଯୋଗାଇ ଦେଇଛନ୍ତି।

# ବରିଷ୍ଠ ନାଗରିକଙ୍କ ଜୀବନ, ସମ୍ପତ୍ତିର ସୁରକ୍ଷା ନେଇ ଦାବିପତ୍ର

ବାଙ୍କୀ,୭।୫(ସ୍ୱ.ପ୍ର.)

ବରିଷ୍ଠ ନାଗରିକମାନଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ନେଇ ବାଙ୍କୀ ବୟୋଜେଷ୍ଠ ନାଗରିକ ସଂଘ ସଭାପତି ତଥା ଆଇନଜୀବୀ ବିରଞ୍ଚି ଦାସଙ୍କ ପକ୍ଷରୁ ସାମଜିକ ସୁରକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ଏବେ ଅନେକ ବୃଦ୍ଧ ମା'ବାପା, ବିଧବା, ସନ୍ତାନହୀନ ବରିଷ୍ଠ ନାଗରିକମାନେ ନିଜ ପୁଅବୋହୂ ଏବଂ ଅନ୍ୟ ସମ୍ପର୍କୀୟମାନଙ୍କ ଦ୍ୱାରା ଅତ୍ୟାଚାରିତ ହୋଇ ଜରାଶ୍ରମରେ ନିଃସଙ୍ଗ ଜୀବନ ଯାପନ କରୁଛନ୍ତି । ଆଉ କେତେଜଣ ଭୋକଉପାସରେ ଜୀବନ ହରାଇବାକୁ ଶ୍ରେୟ ମନେକରୁଛନ୍ତି। ଅର୍ଥାଭାବ ଓ ଶାରୀରିକ ଦୁରବସ୍ଥା ଯୋଗୁ ଉପଖଣ୍ଡସ୍ତରରେ ଗଠନ କରାଯାଇଥିବା 'ଭରଣ ପୋଷଣ ଟ୍ରିବ୍ୟୁନାଲ' ଅଥବା ନ୍ୟାୟାଳୟକୁ ଯିବାକୁ ବରିଷ୍ଠ ନାଗରିକମାନେ ଅସମର୍ଥ ହେଉଛନ୍ତି । ତେଣୁ ମା'ବାପାଙ୍କ ଭରଣପୋଷଣ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ନିୟମାବଳୀର ଧାରା ୧୯ ଅନୁଯାୟୀ, ଜିଲା ମାଜିଷ୍ଟ୍ରେଟ ବରିଷ୍ଠ ନାଗରିକମାନେ ସମାଜରେ ସମ୍ମାନର ସହ ନିରାପଦ ଜୀବନଯାପନ ଓ ସେମାନଙ୍କର ସମ୍ପତ୍ତିର ସୁରକ୍ଷା ନିଶ୍ଚିତ କରିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏନେଇ ସରକାରୀ ସ୍ତରରେ ଥିବା ଅଧିକାରୀମାନଙ୍କ ସହ ପଞ୍ଚାୟତ, ନଗର ନିଗମ ଓ ଶିକ୍ଷାନୁଷ୍ଠାନମାନଙ୍କ ଦ୍ୱାରା ଅବହେଳିତ ଓ ଅତ୍ୟାଚାରିତ ବରିଷ୍ଠ ନାଗରିକମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ନିରାପଦ ଜୀବନଯାପନ ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# 'କବି ନଟବର ରୀତି ଯୁଗୀୟ କବି, ପାଲାକାର ଭାବେ ପରିଚିତ'

ବାଙ୍କୀ,୭।୫(ସ୍ୱ.ପ୍ର.)

କବି ନଟବର ସାହିତ୍ୟ ସଂସଦ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଉତ୍ସବ ଓ ସାରସ୍ୱତ ମହାସମାରୋହ ବାଙ୍କୀ ଡମପଡ଼ା ଗଡ଼ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡମପଡ଼ା ମାଟିର ସୁପୁତ୍ର ସ୍ୱର୍ଗତ କବି ନଟବର ଧଳସାମନ୍ତ ଜଣେ ରୀତି ଯୁଗୀୟ କବି ଓ ପାଲାକାର ଭାବେ ପରିଚିତ ବୋଲି ଉତ୍ସବରେ ଅଖିଳ ବିହାରୀ ଧଳସାମନ୍ତ ସଭାପତିତ୍ୱ କରି କହିଥିଲେ। ମୁଖ୍ୟ ଅତିଥିଭାବେ କବି ତଥା ପୂର୍ବତନ ପ୍ରଶାସକ ମୀନକେତନ ଦାଶ ଯୋଗଦେଇ କବି ନଟବରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବେ ସାହିତ୍ୟ ଏକାଡେମୀର ସଭ୍ୟ ବାହାଦୁର ପାଟ୍ଟଶାଣୀ ଓ ସମ୍ମାନିତ ଅତିଥି ଭାବେ କବି ତଥା ଚିକିତ୍ସକ ଡା. ରବିନାରାୟଣ ପଣ୍ଡା ଯୋଗଦେଇ କବି ନଟବରଙ୍କ ଚଉତିଶା ଗାନ କରିବା ସହିତ ତାହାର ମାର୍ମିକ ଅର୍ଥ କହିଥିଲେ। ଅନୁଷ୍ଠାନ ସମ୍ପାଦକ କବି ଅମିୟ ଧଳସାମନ୍ତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ସଞ୍ଜୀବ ଦାସ ଅତିଥି ପରିଚୟ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କବି ହରିହର ସ୍ୱାଇଁ, ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ପ୍ରମୁଖ ଯୋଗଦେଇ କବି ନଟବରଙ୍କ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। ସଭାକୁ ଅଧ୍ୟାପକ ନିରାକାର ସାମନ୍ତରାୟ ପରିଚାଳନା କରିଥିଲେ। ଏହି ଅବସରରେ ଏକମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହେବା ସହ କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# 'ବୌଦ୍ଧ ସଂସ୍କୃତି, କୀର୍ତ୍ତିରାଜି ପାଇଁ ମାଣିଆବନ୍ଧ ଇତିହାସ ପୃଷ୍ଠା ମଣ୍ଡନ କରିଛି'

**ଏକାଦଶ ବୁଦ୍ଧ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ବଡ଼ମ୍ବା,୭।୫(ଡି. ଏନ. ଏ):

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ବୁଦ୍ଧ ପର୍ଯ୍ୟଟନ କେନ୍ଦ୍ର ପରିସରରେ ଚାଲିଥିବା ଏକାଦଶ ବୁଦ୍ଧ ମହୋତ୍ସବର ରବିବାର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମାଣିଆବନ୍ଧ ବୌଦ୍ଧ ସଂଘ ସଭାପତି ଚକ୍ରଧର ଦଳେଇ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ ବୌଦ୍ଧ ସଂସ୍କୃତି ଓ କୀର୍ତ୍ତିରାଜି ପାଇଁ ମାଣିଆବନ୍ଧ ଇତିହାସ ପୃଷ୍ଠା ମଣ୍ଡନ କରିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଜୟ କୁମାର ପଣ୍ଡା ଯୋଗଦେଇ ମାଣିଆବନ୍ଧର ସଂସ୍କୃତି ଉପରେ ବକ୍ତବ୍ୟ ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ରବୀନ୍ଦ୍ର କୁମାର ସାହୁ, ସଦାନନ୍ଦ ସ୍ୱାଇଁ, କୃପାସିନ୍ଧୁ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବୌଦ୍ଧ ସଂଘ କାର୍ଯ୍ୟକାରୀ ସଭାପତି ଅରକ୍ଷିତ ଦେବତା ସ୍ୱାଗତ ଭାଷଣ ଓ ସମ୍ପାଦକ ଆଇନଜୀବୀ ଅଜିତ ପ୍ରସାଦ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହୋତ୍ସବ ପଡିଆରେ ବିଭିନ୍ନ ଷ୍ଟଲଗୁଡ଼ିକରେ କିଣାବିକା ଲାଗି ମହିଳାମାନଙ୍କ ମଧ୍ୟରେ ନାହିଁ ନ ଥିବା ଭିଡ଼ ଲାଗି ରହୁଛି। ସୋମବାର ଏହି ମହୋତ୍ସବ ଉଦ୍‌ଯାପିତ ହେବ।


ଏକାଦଶ ବୁଦ୍ଧ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

**ଫୁଟବଲ ଖେଳାଳି ୟୁଜେନ ସିଂଙ୍କୁ ଶ୍ରଦ୍ଧାଞ୍ଜଳି**

ଜଟଣୀ (ଡି.ଏନ୍.ଏ.): ଜଟଣୀରେ ବରିଷ୍ଠ ଫୁଟବଲ ଖେଳାଳି ସ୍ୱର୍ଗତ ୟୁଜେନ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପୂର୍ବତଟ ରେଳପଥ ଖେଳପଡ଼ିଆ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଖୋର୍ଦ୍ଧାରୋଡ ରେଳମଣ୍ଡଳ ଖେଳ ସଙ୍ଗଠନର ସାଧାରଣ ସମ୍ପାଦକ ଏମ୍.ଡି. ଜାକିରଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସୁମନ ପଟ୍ଟନାୟକ, ସୁନୀଲ ମିତ୍ର, ଶୁଭେନ୍ଦୁ ସାହୁ, ସୁବାସ ଡାକୁଆ, ଉଲ୍ଲାସ ମଙ୍ଗରାଜ, ସଡିଆ ରାମ, ଶରତ ପ୍ରଧାନ, ବାହାନ ଘଡେଇଙ୍କ ସମେତ ବହୁ ଫୁଟବଲ ଖେଳାଳି ଯୋଗଦେଇ ସ୍ୱର୍ଗତ ସିଂଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସିଂ ନିଜ ଖେଳ କୌଶଳ ପାଇଁ ବହୁ ସମ୍ମାନ ପାଇବା ସହିତ କେତେକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ ବୋଲି ମତପ୍ରକାଶ ପାଇଥିଲା।

## ସଂକ୍ଷେପରେ

### ହନୁମାନ ମନ୍ଦିର ବାର୍ଷିକୋତ୍ସବ

ବୋଲଗଡ଼,୭।୫(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ବଜରଙ୍ଗବଲ୍ଲୀ ଯୁବ ସଂସଦ ପକ୍ଷରୁ ହନୁମାନ ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ତଥା ଅଖଣ୍ଡ ହନୁମାନ ଚାଳିଶା ନାମଯଜ୍ଞ ପଥରଚକଡାଠାରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ରବିବାର ୧୦୮ ଅଖଣ୍ଡ ହନୁମାନ ଚାଳିଶା ପାଠ ପରେ ପୂର୍ଣ୍ଣାହୂତି କାର୍ଯ୍ୟ ସମାପନ ହୋଇଥିଲା। ବରିଷ୍ଠ ପୁରୋହିତ ଗୋବର୍ଦ୍ଧନ ଷଡ଼ଙ୍ଗୀ, ମନ୍ଦିର ପୂଜକ ବ୍ରହ୍ମାନନ୍ଦ ପଣ୍ଡା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ବିଧାୟକଙ୍କ ପାଣ୍ଠିରୁ ୨ଲକ୍ଷ ଟଙ୍କା ଅନୁଦାନରେ ଜଗ୍ନମଣ୍ଡପ ନିର୍ମାଣ ପାଇଁ ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର ଶୁଭ ଦେଇଥିଲେ। ସନ୍ଧ୍ୟାରେ 'ଭକ୍ତ କାନ୍ଦୁଛି ବଡ଼ ଦାଣ୍ଡରେ' ନାଟକ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ଅଞ୍ଚଳର ବହୁ ବ୍ୟକ୍ତି ଯୋଗଦେଇଥିଲେ। ସୁକାନ୍ତ ଝପଟସିଂହ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

### ମା' ଭଗବତୀଙ୍କ ଦର୍ଶନ କଲେ ମନୋଜ

ଗମ୍ଭାରୀମୁଣ୍ଡା,୭।୫(ଡି.ଏନ୍.ଏ.): ଖୋର୍ଦ୍ଧାର ପୂର୍ବତନ ଏଡିଏମ୍ ତଥା ବର୍ତ୍ତମାନର ସ୍କୁଲ ଆଣ୍ଡ ମାସ୍ ଏଜୁକେଶନର ଆଡିଶନାଲ ସେକ୍ରେଟାରୀ ମନୋଜ କୁମାର ପାଢ଼ୀ ରବିବାର ବାଣପୁର ଗସ୍ତକରି ମା'ଭଗବତୀଙ୍କୁ ଦର୍ଶନ କରିଛନ୍ତି। ପାଢ଼ୀ ଭଗବତୀଙ୍କ ମନ୍ଦିର ନିକଟରେ ପହଞ୍ଚିବା ପରେ ବାଣପୁର ବିଜ୍ଞାପିତ ଅଞ୍ଚଳର ପରିଷଦ ଅଧ୍ୟକ୍ଷ ମିଟୁ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପାଢ଼ୀ ମା'ଭଗବତୀଙ୍କ ଦର୍ଶନ କରିବା ସହିତ କିପରି ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟ ହୋଇପାରିବ ସେନେଇ ଆଲୋଚନା କରିଥିଲେ।

### କ୍ରୀଡ଼ା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ(ଖୋର୍ଦ୍ଧା), ୭।୫(ଡି.ଏନ୍.ଏ.): ଟାଙ୍ଗୀ ଫୁଟବଲ କ୍ଲବ ଆନୁକୂଲ୍ୟରେ କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତଙ୍କୁ ଅବସରପ୍ରାପ୍ତ କର୍ମଚାରୀ ସଂଘ ପରିସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କର୍ମଚାରୀ ସଂଘ ସଭାପତି ଡା. ମଧୁସୂଦନ ସେନାପତି, ଖାଉଟି ଅଦାଲତର ପୂର୍ବତନ ସଭାପତି ନାରାୟଣ ମହାପାତ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ଡ.ଚନ୍ଦ୍ର ଶେଖର ଦାଶ, ଶିକ୍ଷାବିତ୍ ମହେଶ୍ୱର ପ୍ରଧାନ, ଅରୁଣ ରଞ୍ଜନ ମହାନ୍ତି, ରବୀନ୍ଦ୍ର ନାୟକ, ଫୁଟବଲ କ୍ଲବର ସଭାପତି ଗୁନଚନ୍ଦ୍ର ବେହେରା ଅତିଥିଭାବେ ଯୋଗଦେଇଥିଲେ। ବାଲୁଗାଁ କଲେଜରେ ବିଜୟ ୩୬ବର୍ଷ କ୍ରୀଡା ଶିକ୍ଷକଭାବେ କାର୍ଯ୍ୟ କରି ଗତ ଏପ୍ରିଲ ୩୦ରେ ଅବସର ଗ୍ରହଣ କରିଥିଲେ। ଟାଙ୍ଗୀ, ଚାନ୍ଦପୁର, ବଡପାରୀ, କାଲୁପଡା ଘାଟ ଓ କୁହୁଡି ଅଞ୍ଚଳରେ ବିଜୟ କ୍ରୀଡାର ବିକାଶ ସହ ବିଭିନ୍ନ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ ରଖିପାରିଛନ୍ତି। ଭଗବାନ ଚମ୍ପତି, ଗୋବିନ୍ଦ ଚନ୍ଦ୍ର ସାହୁ, କାହ୍ନୁଚରଣ ମିଶ୍ର, କୁନ୍ତଳା ସାହୁ, ବିଜୟିନୀ ସୁଦକ୍ଷିଣା ଦାଶ, ଅପର୍ତ୍ତି ବେହେରା, କମଳାକାନ୍ତ ସାମନ୍ତରାୟ, ପ୍ରଧାନ ଶିକ୍ଷକ ରମେଶ ବଳବନ୍ତରାୟ, ଶିକ୍ଷକ ସୁରେଶ ତ୍ରିପାଠୀ, ପୁରୀ ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ମହେନ୍ଦ୍ର ବିଶ୍ୱାଳ, ଖବରଦାତା ରଘୁନାଥ ସାହୁ, ମନୋଜ ପଟ୍ଟନାୟକ, ବିଶ୍ୱଜିତ ରାଉତରାୟ, ଅଜୟ ରାୟ ଉପସ୍ଥିତ ଥିଲେ। ନନ୍ଦ କିଶୋର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଜୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଭିନନ୍ଦନୀକା ଶୀର୍ଷକ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

# ମାନ୍ୟତା ସତ୍ତ୍ୱେ ଅବହେଳିତ 'ମଣ୍ଡନଗିରି'

ଖୋର୍ଦ୍ଧା ଅଫିସ, ୭।୫

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଙ୍ଗୁରିଆ ପଞ୍ଚାୟତର ସଂପୁର ଗ୍ରାମ ନିକଟରେ ରହିଛି ମୁଣ୍ଡିଆପଡ଼ା ବା ମଣ୍ଡନଗିରି ପାହାଡ଼। ପ୍ରାକୃତିକ ସବୁଜିମା ଭରା ପରିବେଶ ମଧ୍ୟରେ ଏହି ପାହାଡ଼ ଉପରେ ଶ୍ରୀରଘୁନାଥ ଜୀଉଙ୍କ ପୀଠ ଅବସ୍ଥିତ। ଏହା ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଲାଭ କରିଛି। ତଥାପି ଏହି ପୀଠ ଅବହେଳିତ ଅବସ୍ଥାରେ ରହିଛି। ଏହାର ଉନ୍ନତୀକରଣ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଗୋଟିଏ ପଟେ ସରକାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର, ମନ୍ଦିରର ଉନ୍ନତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ଅନ୍ୟପଟେ ଏଥିପ୍ରତି ଚରମ ଅବହେଳା କରାଯାଉଛି। ରାଜନୈତିକ ଇଚ୍ଛାଶକ୍ତି ଓ ଜିଲା ପ୍ରଶାସନର ଆନ୍ତରିକତା ଅଭାବ କାରଣରୁ ଏହି ପର୍ଯ୍ୟଟନ କ୍ଷେତ୍ର ଗୁରୁତ୍ୱ ହରାଉଛି।

ଖୋର୍ଦ୍ଧା ବନଖଣ୍ଡ ସଂରକ୍ଷିତ ଜଙ୍ଗଲଘେରା ଅଞ୍ଚଳ ମଧ୍ୟରେ ପାହାଡ଼ ଶିଖରରେ ବିଜେ କରିଛନ୍ତି ପ୍ରଭୁ ଶ୍ରୀରଘୁନାଥ। ଏଠାରେ ପ୍ରଭୁ ଶ୍ରୀରାମ, ଦେବୀ ସୀତା, ପ୍ରଭୁ ଲକ୍ଷ୍ମଣ ଏବଂ ହନୁମାନଙ୍କ ପ୍ରତିମୂର୍ତ୍ତି ପୂଜା ପାଉଛି। ବର୍ଷତମାମ ଏଠାରେ ପର୍ଯ୍ୟଟକ ଓ ଭକ୍ତଙ୍କ ଭିଡ଼ ରହିଥାଏ। ବିଶେଷତଃ କାର୍ତ୍ତିକ ମାସ, ଶ୍ରୀରାମ ନବମୀ, ହନୁମାନ ଜୟନ୍ତୀ ସମୟରେ ପ୍ରବଳ ସମାଗମ ହୁଏ। ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାନ ଅର୍ଥରେ ଏହି ମନ୍ଦିରର ନୀତିକାନ୍ତି ହୋଇଥାଏ। ଏହି ସ୍ଥାନର ନୈସର୍ଗିକ ପରିବେଶ ଏଠାକୁ ସମସ୍ତଙ୍କୁ ଟାଣିଆଣେ। ଯିଏ ଥରେ ଏହି ପରିବେଶକୁ ଆସିଛି, ପୁଣି ଥରେ ଏଠାକୁ ଆସିଥାଏ। ତେବେ ପର୍ଯ୍ୟଟକଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ତେବେ ପାହାଡ଼ ଉପରୁ ସକାଳ ସୂର୍ଯ୍ୟକିରଣ ଏବଂ ସୂର୍ଯ୍ୟାସ୍ତ ଦୃଶ୍ୟ ଅତି ଲୋଭନୀୟ। ଯିଏ ଥରେ ଏହାର ସାନ୍ନିଧ୍ୟ ପାଇଛି, ତାହା ପାଇଁ ସେ ଛବି ଅଭୁଲା ହୋଇ ରହିଯାଇଛି।

ଏଠାକୁ ଯିବା ପାଇଁ କେବଳ ପାଦଚଲା ରାସ୍ତାଟିଏ ରହିଛି। ସଂପୁର ପଟୁ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ପାହାଚ ନିର୍ମାଣ କରାଯାଇଛି। ପାହାଡ଼ ଉପରକୁ ଉଠିବାକୁ ସବୁଦିନିଆ ରାସ୍ତା, ପର୍ଯ୍ୟଟକଙ୍କ ସୁବିଧା ଦୃଷ୍ଟିରୁ ଆବଶ୍ୟକ ଭିତ୍ତିଭୂମି, ଉନ୍ନତୀକରଣ, ଆଲୋକୀକରଣ ଲାଗି ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି କରୁଛନ୍ତି। ଅନ୍ୟପକ୍ଷରେ ପାହାଡ଼କୁ ଘେରି ରହିଥିବା ମୂଲ୍ୟବାନ ଗଛ ଉପରେ ମାଫିଆଙ୍କ ନଜର ରହିଛି। ଗ୍ରାମବାସୀ ମିଳିତ ଭାବେ ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି। ତେବେ ପ୍ରଶାସନ ଅଥବା ପର୍ଯ୍ୟଟନ ବିଭାଗ ପକ୍ଷରୁ ସେଭଳି କୌଣସି ବ୍ୟବସ୍ଥା ନିଆଯାଇନାହିଁ ବୋଲି କେତେଜଣ ଗ୍ରାମବାସୀ ଗଣମାଧ୍ୟମ ଆଗରେ କହିଛନ୍ତି। ଏ ନେଇ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି, ମଣ୍ଡନଗିରି ଓ କୋଶଳାଶୁଣି ପୀଠର ଉନ୍ନତୀକରଣ ଲାଗି ପର୍ଯ୍ୟଟନ ଏବଂ ବନ ବିଭାଗକୁ ପୃଥକ ଭାବେ ଅନୁରୋଧ କରାଯାଇଛି। ଏହାର ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇ ବିଭାଗୀୟ ସଚିବ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ଖୁବଶୀଘ୍ର ଏହାର ଉନ୍ନତୀକରଣ କରାଯିବ।



ପୂଜା ପାଉଥିବା ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ଦେବୀ ସୀତା ଏବଂ ହନୁମାନଙ୍କ ପ୍ରତିମୂର୍ତ୍ତି।

## 'ପୋଲିସ-ଜନତାଙ୍କ ମଧ୍ୟରେ ସମନ୍ୱୟ ରହିଲେ ଅପରାଧ ରୋକିହେବ'

ବେଗୁନିଆ,୭।୫(ଡି.ଏନ.ଏ)

ବେଗୁନିଆ ଥାନା ପରିସରରେ ରବିବାର 'ଆମ ପୋଲିସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସତ୍ୟନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାମାଜିକ କର୍ମୀ ଭିକାରୀ ଚରଣ ସାହୁ, ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ଥାନା ଅଞ୍ଚଳର ବହୁ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ସରପଞ୍ଚମାନେ ଉପସ୍ଥିତ ଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ, ସହଯୋଗର ମନୋଭାବ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଅନ୍ୟପକ୍ଷରେ ପୋଲିସ ଓ ଜନତାଙ୍କ ମଧ୍ୟରେ ସମନ୍ୱୟ ରହିଲେ ଅଞ୍ଚଳରେ ଶୃଙ୍ଖଳା ରକ୍ଷା ଏବଂ ଅପରାଧ ମୂଳୋତ୍ପାଟନ କରିବା ସମ୍ଭବ ହେବ ବୋଲି ଥାନା ଅଧିକାରୀ ଶତପଥୀ କହିଥିଲେ। ରାଜନୈତିକ ଷଡ଼ଯନ୍ତ୍ରରେ ପୋଲିସ କେତେକ ମାମଲାକୁ ରଫାଦଫା କରିବା ଓ ମିଥ୍ୟା ମାମଲାରେ ଅଯଥା ଜନସାଧାରଣଙ୍କୁ ହଇରାଣ ନ କରୁ ବୋଲି ଉପସ୍ଥିତ ଅତିଥି ସାହୁ କହିଥିଲେ।



ନିରାକାରପୁର: ଜଙ୍କିଆ ଥାନା ସମ୍ମୁଖ ରାଜପଥରେ ଟାଟା ଏସିଇ ଓଲଟି ପଡିବାରୁ ମୃଦୁ ପାନୀୟ ବୋତଲ ଭାଙ୍ଗି ଏଣେତେଣେ ପଡିଛି।

## ରାସ୍ତାରେ ଓଲଟିଲା ମୃଦୁ ପାନୀୟ ବୋଝେଇ ଗାଡ଼ି

ନିରାକାରପୁର,୭।୫(ଡି.ଏନ୍.ଏ.)

ଖୋର୍ଦ୍ଧାରୁ ଟାଙ୍ଗୀ ଅଭିମୁଖେ ଯାଉଥିବା ଏକ ମୃଦୁ ପାନୀୟ ବୋଝେଇ ଟାଟା ଏସିଇ ରବିବାର ଭାରସାମ୍ୟ ହରାଇ ଜଙ୍କିଆ ଥାନା ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ଓଲଟି ପଡ଼ିଥିଲା। ଡ୍ରାଇଭର ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ବେଳେ ସେଥିରେ ଥିବା ଥଣ୍ଡା ପାନୀୟ ବୋତଲଗୁଡ଼ିକ ଭାଙ୍ଗି ରାସ୍ତାରେ ପଡ଼ିଯାଇଥିଲା। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଥିଲା। ରାସ୍ତା ସଫେଇ ହେବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ବେଧଡ଼କ ଚାଲିଛି କଫ୍ ସିରପ କାରବାର

ଖୋର୍ଦ୍ଧା ଅଫିସ,୭।୫

ଖୋର୍ଦ୍ଧା ସହରରେ ଏବେ କଫ୍ ସିରପ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏକାଧିକ ଔଷଧ ଦୋକାନରେ ବେଆଇନ ଭାବେ କଫ୍ ସିରପ ବିକ୍ରି ଚାଲିଛି। ବିଶେଷତଃ ଯୁବପିଢି ଏହାକୁ ବ୍ୟବହାର କରୁଥିବା ଜଣାପଡ଼ିଛି। ଏଥିପାଇଁ ସାଧାରଣରେ ଡ୍ରଗ୍ସ ବିଭାଗ ଏବଂ ଜିଲା ପ୍ରଶାସନ ନିଷ୍କ୍ରିୟତାକୁ ଦାୟୀ କରାଯାଉଛି। ପୂର୍ବରୁ କଟକ, ଭୁବନେଶ୍ୱର ଓ ପୁରୀରେ କଫସିରପ ବିକ୍ରି ଉପରେ ଚଢାଉ ଯୋଗୁ ଏବେ ଖୋର୍ଦ୍ଧାକୁ ଏହି କାରବାର ବ୍ୟାପିଛି। ଗୋଟିଏ ଟିମ୍ ପ୍ରଥମେ ସହରରେ ବୁଲି ଅର୍ଡର ସଂଗ୍ରହ କରୁଛନ୍ତି। ଅନ୍ୟ ଟିମ୍ ସାମଗ୍ରୀ ପହଞ୍ଚାଇବା ବ୍ୟବସ୍ଥା କରୁଛି। କଫସିରପ ଏଠାକୁ ଆସିବା ପରେ ବିଭିନ୍ନ ସ୍ଥାନକୁ ପଠାଯାଉଛି। ସହରର ବିଭିନ୍ନ ସ୍ଥାନରେ କଫସିରପ ବୋତଲ ପଡିଥିବା ଦେଖିବାକୁ ମିଳିଛି। କମ୍‌ଦାମରେ ଏହା ମିଳୁଥିବାରୁ ଯୁବପିଢିଙ୍କ ନିଶାରେ ପରିଣତ ହୋଇଛି। ଏହି କାରବାର ପଛରେ ସମ୍ପୃକ୍ତ ଥିବା ବେପାରୀଙ୍କୁ ତୁରନ୍ତ ଗିରଫ କରିବା ଲାଗି ବିଭିନ୍ନ ମହଲରେ ଦାବି ହୋଇଛି। ଏନେଇ ସାମାଜିକ କର୍ମୀ ଶୋଭନ ଘୋଷ କହିଛନ୍ତି, ଖୋର୍ଦ୍ଧା ସହରରେ ଧଳାଜହର ପରେ କଫସିରପ କାରବାର ଜୋରଦାର ଚାଲିଛି। ପୋଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଏସ୍‌ଡିପିଓ ଦିଲୀପ ଦାସ କୁହନ୍ତି, ଏହା ଉପରେ ପୋଲିସର ନଜର ରହିଛି। କୌଣସି ସ୍ଥାନରେ ବେଆଇନ ଭାବେ ବିକ୍ରି ଅଭିଯୋଗ ଆସିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କୋଶଳାଶୁଣୀ ପୀଠରେ ଭିତ୍ତିଭୂମି ଅଭାବ

ଖୋର୍ଦ୍ଧା ଅଫିସ, ୭।୫

**ପାନୀୟଜଳ, ଶୌଚାଳୟ ବ୍ୟବସ୍ଥା ନାହିଁ**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଆରିକମାରେ ରହିଛି ପର୍ଯ୍ୟଟନସ୍ଥଳ ମା' କୋଶଳାଶୁଣୀଙ୍କ ପୀଠ। ଏହି ପୀଠ ବାଘମାରୀ-କଣ୍ଟିଲୋ ୪୮ ନମ୍ବର ଜାତୀୟ ରାଜପଥ ଧଳାପଥରଠାରୁ ୪ କିମି ଏବଂ ବ୍ଲକ କାର୍ଯ୍ୟାଳୟ ଠାରୁ ୧୫ କିମି ଦୂରତାରେ ରହିଛି। ପର୍ଯ୍ୟଟନର ମାନ୍ୟତା ସତ୍ତ୍ୱେ ଏହାର ଭିତ୍ତିଭୂମି ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ପର୍ଯ୍ୟଟକଙ୍କ ପାଇଁ କୌଣସି ସୁବିଧା ନାହିଁ। ଶାଳ ଜଙ୍ଗଲ, ପ୍ରାକୃତିକ ପରିବେଶ ମଧ୍ୟରେ ମଧ୍ୟରେ ମା'ଙ୍କ ଅବସ୍ଥିତି ପର୍ଯ୍ୟଟକ ଓ ଭକ୍ତଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଶାନ୍ତ ବାତାବରଣ ଏବଂ ମା'ଙ୍କ ମହିମା ଶ୍ରଦ୍ଧାଳୁଙ୍କୁ ଏଠାକୁ ଟାଣିଆଣେ। ୧୯୯୮ ମସିହାରୁ ଏହି ପୀଠ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଛି। ତେବେ ୨୫ବର୍ଷ ବିତିବାକୁ ବସିଲାଣି, ଏହି ପୀଠ ଉନ୍ନତୀକରଣ ପାଇଁ ପଦକ୍ଷେପ ନିଆଯାଉ ନାହିଁ। ସବୁବେଳେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହୁଥିବାବେଳେ ମା'ଙ୍କ ବିଶେଷ ପର୍ବପର୍ବାଣିରେ ଭକ୍ତଙ୍କ ସମାଗମ ହୋଇଥାଏ। ତେବେ ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଉଦାସୀନତା କାରଣରୁ ଏହି ପୀଠ ଅବହେଳିତ ଅବସ୍ଥାରେ ରହିଛି। ଭକ୍ତଙ୍କ ଦାନ ଅର୍ଥ ଏବଂ ଗ୍ରାମବାସୀଙ୍କ ସହଯୋଗରେ ପୀଠର ଉନ୍ନତୀକରଣ ହୋଇଛି। ତେବେ ଜିଲା ପ୍ରଶାସନ ଅଥବା ପର୍ଯ୍ୟଟନ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ମା'ଙ୍କ ଦର୍ଶନ ସହ ଉନ୍ନତ ପରିବେଶରେ ଭୋଜିଭାତର ମଜା ଉଠାଇଥାନ୍ତି। ତେବେ ଏଠାରେ ପାନୀୟଜଳ ଓ ଶୌଚାଳୟ ବ୍ୟବସ୍ଥା ନାହିଁ। ଫଳରେ ମହିଳାମାନେ ହଇରାଣ ହେଉଛନ୍ତି। ଏହି ପୀଠର ସୌନ୍ଦର୍ଯ୍ୟକରଣ, ଭିତ୍ତିଭୂମି, ଉନ୍ନତୀକରଣ, ରାସ୍ତାଘାଟ, ଆନୁଷଙ୍ଗିକ ବ୍ୟବସ୍ଥା ଲାଗି ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି କରି ଆସୁଛନ୍ତି।

## ମାନସ ରଞ୍ଜନ ଥିଲେ ଆଦର୍ଶ ଆଇନଜୀବୀ

ବେଗୁନିଆ,୭।୫(ଡି.ଏନ୍.ଏ.)

ଆଇନଜୀବୀ ମାନସ ରଞ୍ଜନ ମହାପାତ୍ରଙ୍କ ସ୍ମୃତିଚାରଣ ସଭା ରବିବାର ଗୋଲାପାଟଣା ଗ୍ରାମସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫୁଲ୍ଲ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଜ୍ୟ ମାନବାଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାସ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଆଇନଜୀବୀ ପ୍ରଦୀପ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ବିଭୂତି ଭୂଷଣ ମହାପାତ୍ର ସଂଯୋଜନା କରିଥିଲେ। ପଣ୍ଡିତ ବିନୋଦ ଦାଶ ବେଦ ପାଠ କରିଥିଲେ। ଏହି ଅବସରରେ ମାନସଙ୍କ ରଚିତ ଶିଶୁଗୀତିକା 'ମାନସ କପୋତ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ବିରଞ୍ଚି କୁମାର ସାହୁ, କିଶୋର ପାତ୍ର, ପବିତ୍ର ମୋହନ ସାହୁ, ତ୍ରିଲୋଚନ ଗଡ଼ବାଡ଼ ପ୍ରମୁଖ ସ୍ୱର୍ଗତ ମାନସଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ଗାୟକ ହରିହର ମହାପାତ୍ର ସଙ୍ଗୀତ ଗାନ କରିଥିବା ବେଳେ ସାନ୍ତାଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସରକାରୀ ନିୟମକୁ ଅଣଦେଖା, ଖରାରେ କାମ କରୁଛନ୍ତି ଶ୍ରମିକ



ଖରାରେ ଶ୍ରମିକମାନେ କାମ କରୁଛନ୍ତି।

ନିରାକାରପୁର,୭।୫(ଡି.ଏନ୍.ଏ.)

ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ସରକାରଙ୍କ ଶ୍ରମ ନିୟମ ଅନୁଯାୟୀ ଏପ୍ରିଲ ପହିଲାରୁ ସମସ୍ତ ଶ୍ରମିକ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖରାରେ କାମ କରିବା ପାଇଁ ବାରଣ କରାଯାଇଛି। ତେବେ କେତେଜଣ ଅସାଧୁ ଠିକାଦାର ଏହି ନିୟମ ମାନୁନାହାନ୍ତି। ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କମାଗୁରୁ ପାନୀୟଜଳ ପ୍ରକଳ୍ପ ନିକଟରେ ଯାଇଥିବା ରାସ୍ତାର ସୁରକ୍ଷା ପାଚେରି ନିର୍ମାଣ ଚାଲିଥିବା ବେଳେ ଖରାରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ସରକାରୀ ନିୟମକୁ ନ ମାନି ଠିକାଦାର ଶ୍ରମିକମାନଙ୍କୁ ଖରାରେ କାମ କରାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି କୌଣସି ଶ୍ରମିକଙ୍କ ଶରୀର ଖରାପ ହୁଏ ଏଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖରାରେ କାର୍ଯ୍ୟ କରୁଥିବା ନେଇ ସେଠାରେ ନିୟୋଜିତ ଶ୍ରମିକଙ୍କୁ ପଚାରିବାରୁ କେହି କିଛି କହି ନ ଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ବାଲୁଗାଁ ଶ୍ରମ ଅଧିକାରୀ ଚନ୍ଦନ ମାଝି କହିଛନ୍ତି, ନିୟମ ମୁତାବକ ଏବେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକ ଖରାରେ କାମ କରିବା ପାଇଁ ବାରଣ କରାଯାଇଛି। ଯଦି କେହି ଠିକାଦାର ଅମାନିଆ ହୋଇ କାର୍ଯ୍ୟ କରାଉଛନ୍ତି ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ସ୍ୱାବଲମ୍ବୀ ହେବାକୁ ମହିଳାମାନଙ୍କୁ ପରାମର୍ଶ

ବୋଲଗଡ଼,୭।୫(ଡି.ଏନ୍.ଏ.)

ପାଟପୁର ଶାସନ ପଞ୍ଚାୟତର ସାନ ନୟାପଲ୍ଲୀ ସ୍ଥିତ ବ୍ୟୁପ୍ରାତ ପ୍ରସ୍ତୁତି ଓ ଯୁବାନୁଷ୍ଠାନ ଏବଂ ସାଧନା ଫାଉଣ୍ଡେଶନର ମିଳିତ ସହଯୋଗରେ 'ଗୋଷ୍ଠୀର ବିକାଶରେ ମହିଳାମାନଙ୍କ ଭୂମିକା' ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧନା ଫାଉଣ୍ଡେଶନର ଉଷା ଦେବୀ ଓ କାର୍ଡ଼ସଂସ୍ଥାର ବୀଣା ଭଉଣୀ ଅତିଥିଭାବେ ଯୋଗଦେଇ ମହିଳାମାନଙ୍କୁ ସାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ସାଧନା ଫାଉଣ୍ଡେଶନର ମୁଖ୍ୟ ସୁଜାତା ମହାପାତ୍ର ଅନେକ ସ୍ଥାନରେ ମହିଳାମାନେ ଆତ୍ମନିର୍ଭର ହେବାର ସଫଳ କାହାଣୀ ବଖାଣିବା ସହ ଏଥିପାଇଁ ଉପସ୍ଥିତ ମହିଳାମାନେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ମହାପାତ୍ର, ମାଷ୍ଟର ଧ୍ରୁବଚରଣ, ସୁରେଶ, ଭାଗୀରଥି ଦାସ ଆଦି ତାଲିମ ଶିବିରରେ ଯୋଗଦେଇଥିଲେ। ଧଳାପଥର ଓ ପାଟପୁର ଶାସନ ପଞ୍ଚାୟତର ଶତାଧିକ ମହିଳା ଯୋଗଦେଇଥିଲେ। ସରପଞ୍ଚ ଲକ୍ଷ୍ମୀପ୍ରିୟା ହୋତା, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରବି ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବି.ବି. ରକ୍‌ଷ୍ଟାର, ରିୟଲ ଫାଇଟର ବିଜୟୀ

ବୋଲଗଡ଼, ୭।୫(ଡି.ଏନ୍.ଏ.)

**ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ନବମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ବି.ବି. ରକ୍‌ଷ୍ଟାର ଓ ରାଇଜିଂ ଇଗଲ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବି.ବି. ରକ୍‌ଷ୍ଟାର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ବିନିମୟରେ ୮୩ରନ ସଂଗ୍ରହ କରିଥିଲା। ଜବାବରେ ଫିଲ୍ଡ ଫାଇଟର ଟିମ୍ ୧୨ ଓଭରରେ ୮ଉଇକେଟ ବିନିମୟରେ ୮୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମର ଖେଳାଳି ଟୁନିଆ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅଜୁ ସିଂ ଓ ବେବି ମହରାଣା ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଅନ୍ୟ ଏକ ମ୍ୟାଚ୍ ରିୟଲ ଫାଇଟର ଓ ବାବୁ ସୁପରକିଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ରିୟଲ ଫାଇଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ବିନିମୟରେ ୧୩୮ ରନ ସଂଗ୍ରହ କରିଥିଲା। ଜବାବରେ ବାବୁ ସୁପରକିଙ୍ଗ ଟିମ୍ ୧୧.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମ୍‌ର ମୋଗଲି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମାନସ ବିଶ୍ୱାଳ ଓ ଦେବରାଜ ଘଡେଇ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ବିପିଏଲ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ବବୁଲ, କାଳିଆ, ଗୁରୁକୃଷ୍ଣ, ହାପି, ଗୁଡ୍ଡୁ, ଚିଲ୍ଲା, ମଣ୍ଟୁ, ଦୀପନ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଟୁନିଆ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ସଫେଇ ହେଉନି ଡ୍ରେନ୍, ରାସ୍ତାରେ ଜମୁଛି ପାଣି

ଜଟଣୀ,୭।୫(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳରେ ଡ୍ରେନ୍ ସଫେଇ ନ ହେବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସହରବାସୀ। ଅସରାଏ ବର୍ଷା ହେଲେ ସହରର ସାହିବସ୍ତିରୁ ଆରମ୍ଭକରି ମୁଖ୍ୟ ରାସ୍ତାରେ ବର୍ଷା ପାଣି ଜମି ରହୁଛି। ଗତ ଶୁକ୍ରବାର କାଳବୈଶାଖୀ ପ୍ରଭାବରେ ବର୍ଷା ହେବାରୁ ଖୋର୍ଦ୍ଧା ଓ ପିପିଲିକୁ ସଂଯୋଗ କରୁଥିବା ହରିଭାଇନା ଛକସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ପାଣି ନିଷ୍କାସନ ହୋଇ ନ ପାରି ଜମି ରହିଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଡ୍ରେନ୍ ସଫେଇ ନ ହେବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

ପ୍ରକାଶ ଯେ, ସରକାର ପରିମଳ ବ୍ୟବସ୍ଥା ଓ ଗମନାଗମନ ସୁବିଧା ପାଇଁ ବିଭିନ୍ନ ଯୋଜନା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ପରିମଳ ଓ ସହରର ସୌନ୍ଦର୍ଯ୍ୟକରଣ ପାଇଁ ଜଟଣୀ ପୌର ପ୍ରଶାସନ ରାଜ୍ୟରେ କେବେ ଏକ ନମ୍ବର କେବେ ଦୁଇ ନମ୍ବର ଆଖ୍ୟା ପାଇଥିବା ବେଳେ ଏବେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଠିକ୍‌ଭାବେ ସହରର ମୁଖ୍ୟ ରାସ୍ତା ଠାରୁ ଆରମ୍ଭ କରି ସାହିବସ୍ତିରେ ଥିବା ଡ୍ରେନ ସଫେଇ ହେଉନାହିଁ। ଫଳରେ ଦୁର୍ଗନ୍ଧ ହେବା ସହିତ ମଶା, ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଅନ୍ୟପଟେ କେବେଳ ବର୍ଷା ଋତୁ ଆସିବା ପୂର୍ବରୁ ଲୋକଦେଖାଣିଆ ଭାବେ ସହର ମଧ୍ୟରେ ଥିବା କେତେକ ସ୍ଥାନରେ ଡ୍ରେନ୍ ସଫେଇ କରାଯାଇ ଫଟୋ ଉଠାଇ ପ୍ରଚାର କରାଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏନେଇ ପୌରାଧ୍ୟକ୍ଷ ଅନନ୍ତ ବେହେରା କୁହନ୍ତି, ଜଟଣୀ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଡ୍ରେନ ଆର୍ ଆଣ୍ଡ ବି ଅଧୀନରେ ରହିଛି। ଏହାର ରକ୍ଷଣାବେକ୍ଷଣ ଓ ପରିମଳ ବ୍ୟବସ୍ଥା ପାଇଁ ପୌର ପରିଷଦକୁ ଉକ୍ତ ବିଭାଗ ପକ୍ଷରୁ ଅନୁମତି ଏଯାବତ୍ ମିଳିନାହିଁ। ତେଣୁ ପୌର ପ୍ରଶାସନ ନିରୁପାୟ। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ଆର୍ ଆଣ୍ଡ ବି ସହିତ ମିଳିତଭାବେ ତର୍ଜମା କରି ପଦକ୍ଷେପ ଗ୍ରହଣ କରିବୁ ବୋଲି ସେ କହିଛନ୍ତି।



ରାସ୍ତାରେ ଜମି ରହିଥିବା ପାଣି।




୭।୫।୨୦୨୩

| | |
|---|---|
| ୫,୧୨,୭୪୭ ଟଙ୍କା | |
| ସୁନା | ୮.୪୦୦ ଗ୍ରାମ୍ |
| ରୁପା | ମିଳିନାହିଁ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭାରତୀୟ ରୋଡକ୍ରସ୍ ସୋସାଇଟି, ପୋଲିସ କମିଶନରେଟ୍ ଆଞ୍ଚଳିକ ଶାଖା ପକ୍ଷରୁ ବିଶ୍ୱ ରେଡକ୍ରସ୍ ଦିବସ, ସାଇବର ଥାନା ପରିସର, ଭିଏସ୍ଏସ୍ ନଗର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ପ୍ରଦାନ ସମାରୋହ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- 'ଜାନକୀବାବୁ ଓ ବସନ୍ତବାବୁଙ୍କ ଯୋଡ଼ି: ଓଡ଼ିଶା ରାଜନୀତିର ସୁବର୍ଣ୍ଣ ଯୁଗ' ସମ୍ପର୍କିତ ଆଲୋଚନା ଚକ୍ର, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ନାରଦ ଜୟନ୍ତୀ ଓ ନାରଦ ସମ୍ମାନ ସମାରୋହ- ୨୦୨୩, ସୂଚନା ଭବନ, ସନ୍ଧ୍ୟା ୬ଟା।

କଟକ

- ସୁବୋଧକୃଷ୍ଣ ମିଶନର ପକ୍ଷରୁ ଶ୍ରୀମଦ୍ ଭାଗବତ୍ ସପ୍ତାହ ପାରାୟଣ ଓ ପ୍ରବଚନର ଉଦ୍ଘାଟନ, ଆବାସିକ ସଂଘ, ଦୁର୍ଗା ମଣ୍ଡପ, ସେକ୍ଟର-୯, ସିଡିଏ, ସନ୍ଧ୍ୟା ୬ଟା ୩୦।

# 'ଜଗନ୍ନାଥ ଭୂମିରେ ପ୍ରତିଦିନ କଳା, ସଂସ୍କୃତିକୁ ଦେଖୁଛୁ'

## ଲୋକ ମହୋତ୍ସବ ଉଦ୍ଯାପିତ

ଭୁବନେଶ୍ୱର,୭।୫(ବ୍ୟୁରୋ)

ବିଶ୍ୱକୁ ଏକ କରିଛି କଳା, ସଂସ୍କୃତି। ଲୋକକଳା ମାଧ୍ୟମରେ ଆମେ ପ୍ରଭୁ ଜଗନ୍ନାଥଙ୍କୁ ମନେ ପକାଉଛୁ। ଜଗନ୍ନାଥ ଭୂମିରେ ପ୍ରତିଦିନ ଆମେ କଳା ସଂସ୍କୃତି ଦେଖିବାକୁ ପାଉଛୁ, ଯାହା ଓଡ଼ିଶାର ନାମକୁ ଆଗକୁ ନେଉଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। କଳାଞ୍ଜଳି ଆର୍ଟିଷ୍ଟ୍ରି ଟ୍ରଷ୍ଟ ପକ୍ଷରୁ ରାଜ୍ୟ ସରକାର ଓ ଇଭୋସ ବିଲ୍ଡକନ୍ର ମିଳିତ ସହଯୋଗରେ ଉତ୍କଳ ମଣ୍ଡପଠାରେ ଚାଲିଥିବା ଲୋକ ମହୋତ୍ସବର ରବିବାର ଉଦ୍ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ଉଦ୍ଘାଟକ ଭାବେ ଯୋଗଦେଇ ଏହା କହିଛନ୍ତି। ଏଥିସହ ସେ ଲୋକକଳାର ବିକାଶ ନିମନ୍ତେ ଟ୍ରଷ୍ଟ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି। ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ କହିଲେ, ଓଡ଼ିଶାର କଳା, ସଂସ୍କୃତି ଦେଖିବାକୁ କାହିଁ କେଉଁଆଡୁ ପର୍ଯ୍ୟଟକ ଆସୁଛନ୍ତି। କଳାର କ୍ଷୟ ନାହିଁ କି ବିଲୟ ନାହିଁ। ମୁଖ୍ୟ ବକ୍ତା ଭାବେ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ କହିଲେ, କେବଳ ସରକାର ଚାହିଁଲେ ଆମ କଳା ଓ ସଂସ୍କୃତିର ବିକାଶ ବା ପ୍ରଚାର ପ୍ରସାର ହୋଇପାରିବ ନାହିଁ। ଏଥିପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଭୁବନେଶ୍ୱର ମହାନଗର ନିଗମ କମିଶନର ବିଜୟ ଅମୃତା କୁଲାଙ୍ଗେ, କାଜୁ ବୋର୍ଡ ଅଧ୍ୟକ୍ଷ ସୁବାସ ମହାରଣା, ଇଭୋସର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ, ଟ୍ରଷ୍ଟ ସଭାପତି ପ୍ରଫେସର ବାଇ ଲ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କେଶୁ ଦାସଙ୍କ ସମେତ ବହୁ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଓଟିଡିସି ଅଧ୍ୟକ୍ଷ ଲେନିନ୍ ମହାନ୍ତି, ଷ୍ଟେଟ ବୋର୍ଡ ଚେୟାରପର୍ସନ ପ୍ରସନ୍ନ ପାଟ୍ଟଶାଣୀ, ଅଂଶୁମାନ ରଥ, ବି. ଶ୍ୱେତ କୁମାର ଦାସ, ବିନୋଦ କୁମାର ବେହେରା, ଅକ୍ଷୟ କୁମାର ନାୟକ, ଶିଶୁ ଶିକ୍ଷା ପରାମର୍ଶଦାତା ସଂଯୁକ୍ତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଲୋକକଳାର ପ୍ରଚାର ଓ ପ୍ରସାର ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯିବ ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା ରାମେଶ୍ୱରୀ ନନ୍ଦ କହିଥିଲେ। ଶେଷ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଦିବାସୀ ନୃତ୍ୟ, କୁଇ ନୃତ୍ୟ, ପାଇକ ଆଖଡ଼ା, ଝୁମର୍, ତାଣ୍ଡବ ନୃତ୍ୟ, କଣ୍ଢେଇ ନାଚ, ପଶୁମୁଖା ନୃତ୍ୟ, ହ୍ୟାଣ୍ଡଲୁମ ରାମ୍ପ୍ ଶୋ ସହ କଳାଞ୍ଜଳି ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।।



ଅନ୍ୟ ଅତିଥିଙ୍କ ଗହଣରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶିଳ୍ପୀ କେଶୁ ଦାସଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।


ଲୋକ ମହୋତ୍ସବର ଉଦ୍ଯାପନୀ ସନ୍ଧ୍ୟାରେ ପରିବେଷିତ ଲୋକକଳା।

# ସଚେତନତା ଦିଗରେ କାର୍ଟୁନର ପ୍ରଭାବ ଅଧିକ


ବିଶ୍ୱ କାର୍ଟୁନିଷ୍ଟ ଦିବସ ଉପଲକ୍ଷେ ଓଡ଼ିଶା କାର୍ଟୁନ ଏକାଡେମୀ ପକ୍ଷରୁ ରବିବାର ଭୁବନେଶ୍ୱର ନୀଳାଦ୍ରିବିହାର ବୁଦ୍ଧ ପାର୍କସ୍ଥିତ ବୁଦ୍ଧ ଆର୍ଟ ଗ୍ୟାଲେରୀରେ ଆୟୋଜିତ ଦ୍ୱିତୀୟ ରାଜ୍ୟସ୍ତରୀୟ କାର୍ଟୁନ ପ୍ରଦର୍ଶନୀକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟ ଅତିଥିମାନେ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୭।୫(ବ୍ୟୁରୋ)

ବିଶ୍ୱ କାର୍ଟୁନିଷ୍ଟ ଦିବସ ଉପଲକ୍ଷେ ଓଡ଼ିଶା କାର୍ଟୁନ ଏକାଡେମୀ ପକ୍ଷରୁ ରବିବାର ବିଶ୍ୱ କାର୍ଟୁନିଷ୍ଟ ଦିବସ ନୀଳାଦ୍ରିବିହାରସ୍ଥିତ ବୁଦ୍ଧ ଆର୍ଟ ଗ୍ୟାଲେରିଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ଓଡ଼ିଆ କାର୍ଟୁନିଷ୍ଟଙ୍କୁ ପ୍ରଶଂସା କରିଥିଲେ। ସେ କହିଥିଲେ, ଗୋଟିଏ କାର୍ଟୁନ ଶହେ ଶବ୍ଦର ଭାଷା ବଖାଣିଥାଏ। କାର୍ଟୁନିଷ୍ଟମାନେ ବିଭିନ୍ନ ଶିକ୍ଷାନୁଷ୍ଠାନରେ କର୍ମଶାଳା କଲେ ବହୁ କାର୍ଟୁନିଷ୍ଟ ସୃଷ୍ଟି ହୋଇପାରିବେ। ସେହିପରି ଲୋକ ସଚେତନତା ଦିଗରେ କାର୍ଟୁନ ହିଁ ବେଶି ପ୍ରଭାବ ପକାଇଥାଏ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ଭାବେ ଢେଙ୍କାନାଳ ଆଇଆଇଏମ୍ସି ଅଧ୍ୟକ୍ଷ ମୃଣାଳ ଚାଟାର୍ଜୀ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର ଓ ସସ୍ମିତ ସାହୁ ଯୋଗଦେଇଥିଲେ। ଏକାଡେମୀ ସଭାପତି ତଥା ବିଶିଷ୍ଟ କାର୍ଟୁନିଷ୍ଟ କମଳାକାନ୍ତ ରଥ ସଭାପତିତ୍ୱ କରିଥିବାବେଳେ ଉପସଭାପତି ଶିଳ୍ପୀ କେଶୁ ଦାସ ଅତିଥି ପରିଚୟ ଓ ସମ୍ପାଦକ ଦେବାଶିଷ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଶାର ବରିଷ୍ଠ କାର୍ଟୁନିଷ୍ଟ ସୁଧାଂଶୁ ଦେଓଙ୍କୁ ଜୀବନବ୍ୟାପୀ କାର୍ଟୁନ ସାଧନା ପାଇଁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା।

### କାର୍ଟୁନିଷ୍ଟ ସୁଧାଂଶୁ ଦେଓଙ୍କୁ 'ଜୀବନବ୍ୟାପୀ କାର୍ଟୁନ ସାଧନା ସମ୍ମାନ'

ଏହି ଉପଲକ୍ଷେ ରାଜ୍ୟସ୍ତରୀୟ କାର୍ଟୁନ ପ୍ରଦର୍ଶନୀରେ ଓଡ଼ିଶାର ୧୮ ଜଣ ବିଶିଷ୍ଟ ବ୍ୟଙ୍ଗଚିତ୍ରଶିଳ୍ପୀ ଅଂଶଗ୍ରହଣ କରି ସାମାଜିକ, ରାଜନୈତିକ, ପାରିପାର୍ଶ୍ୱିକ, ଆନ୍ତର୍ଜାତିକ ଆକର୍ଷଣୀୟ ଓ ସମାଲୋଚନାମୂଳକ ୨୦୦ରୁ ଉର୍ଦ୍ଧ୍ୱ ବ୍ୟଙ୍ଗଚିତ୍ର ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀରେ ସୁଧାଂଶୁ ଦେଓଙ୍କ ସମେତ ପରେଶ ନାଥ, ଜ୍ଞାନ ରଥ, ଅଶ୍ୱିନୀ-ଅବନୀ, ଶିଳ୍ପୀ କେଶୁ ଦାସ, କେକେ ରଥ, ଦେବାଶିଷ ସିଂ, ନନ୍ଦେଷ୍ଟୁ, ଉତ୍କଳ ଗୌରବ, ଚୂଡ଼ାମଣି ଦାସ, ପ୍ରଦ୍ୟୁମ୍ନ ନାଟୁଆ, ସୁଦାମ ଶେଖର, ଶେଖର ରାଓ, ପ୍ରଶାନ୍ତ ମାଝି, ପ୍ରଶାନ୍ତ ମହାକୁଡ଼, ବିବେକ ଦାସ, ଶିବ ନାରାୟଣ, ସୁନାରାମ ସିଂ ପ୍ରମୁଖଙ୍କ ବ୍ୟଙ୍ଗଚିତ୍ର ପ୍ରଦର୍ଶିତ ହୋଇଥିବାବେଳେ ଏହା ଆସନ୍ତା ୧୪ତାରିଖପର୍ଯ୍ୟନ୍ତଖୋଲାରହିବ।

### ରାଷ୍ଟ୍ରପତିଙ୍କ ସଭାସ୍ଥଳ ଅନ୍ଧାର ହେବା ଘଟଣା

## ଜିଲାପାଳଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

କଟକ ଅଫିସ,୭।୫

ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ଦୀକ୍ଷାନ୍ତ ଅଭିଭାଷଣ ଦେଉଥିବାବେଳେ ୯ ମିନିଟ୍ ପାଇଁ ଅଡିଟୋରିୟମରୁ ଆଲୁଅ ଚାଲିଯାଇଥିଲା। ଏଭଳି ଅଭାବନୀୟ ଘଟଣାକୁ ବାରବାଟି-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଘୋର ନିନ୍ଦା କରିବା ସହିତ ପ୍ରଶାସନିକ ଅବ୍ୟବସ୍ଥା ପାଇଁ ଖୋଦ୍ ଜିଲାପାଳ ଦାୟୀ ବୋଲି କହିଛନ୍ତି। ଜିଲାର ପ୍ରମୁଖ ଶାସନ ମୁଖ୍ୟ ଭାବେ ଜିଲାପାଳ ରାଷ୍ଟ୍ରପତିଙ୍କ ଆସିବା ପୂର୍ବରୁ ସମସ୍ତ ବିଭାଗ ସହିତ ବିଦ୍ୟୁତ୍ ବିଭାଗ ମୁଖ୍ୟଙ୍କ ସହିତ ନିଶ୍ଚିନ୍ତ ଭାବେ ଆଲୋଚନା କରିଥିବେ। ରାଷ୍ଟ୍ରପତିଙ୍କ ଆସିବା ପୂର୍ବରୁ ଯିବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ଜିଲା ମୁଖ୍ୟ ଭାବେ ଜିଲାପାଳଙ୍କ ତତ୍ତ୍ୱାବଧାନରେ ଥାଏ। ଏପରି ଅବ୍ୟବସ୍ଥା ପାଇଁ ଜିଲାପାଳଙ୍କ ଦାୟିତ୍ୱହୀନତା ଓ ବେପରୁଆ ମନୋଭାବ ଅତ୍ୟନ୍ତ ଅକ୍ଷମଣୀୟ। ଏଥିପାଇଁ ସାରା ଦେଶରେ ଓଡ଼ିଶାକୁ ନିନ୍ଦିତ ହେବାକୁ ପଡ଼ିଛି। ଏତାଦୃଶ ଘଟଣାରେ ଜଣେ ସାଧାରଣ କର୍ମଚାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଜିଲାପାଳଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଧାୟକ ମୋକିମ ଦାବି କରିଛନ୍ତି।

## ଦୋକାନ ଭିତରେ ଦୋକାନୀଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୭।୫ (ବ୍ୟୁରୋ):** ନିଜ ଦୋକାନ ଭିତରେ ଜଣେ ଦୋକାନୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଲିଙ୍ଗରାଜ ଥାନା ଅନ୍ତର୍ଗତ କପିଳେଶ୍ୱର ବଢେଇସାହିର ପୂର୍ଣ୍ଣ ଚନ୍ଦ୍ର ହଜାରୀ। ଖବର ପାଇ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୮/୨୩) ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ସେ କାହିଁକି ଆତ୍ମହତ୍ୟା କଲେ ତାହାର କାରଣ ଜାଣିବା ଲାଗି ପରିବାର ଲୋକଙ୍କୁ ପଚରାଉଚରା କରୁଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାନୁସାରେ ପୂର୍ଣ୍ଣଚନ୍ଦ୍ରଙ୍କର ସାମନ୍ତାରପୁରରେ ଏକ ଓମ୍ଫେଡ ଦୋକାନ ରହିଛି। ରବିବାର ସକାଳେ ଦୋକାନ ଖୋଲିବା ପରେ କିଣିଥିବା ମାଛ ଘରେ ଦେଇ ଆସିଥିଲେ। ପୂର୍ବାହ୍ନ ୧୧ଟାରେ ସେ ଏକ ପ୍ଲାଷ୍ଟିକ ରଶି ଦ୍ୱାରା ଆତ୍ମହତ୍ୟା କରିଥିବା ଦୋକାନକୁ ଆସିଥିବା କେତେଜଣ ଗ୍ରାହକ ଦେଖିବା ପରେ ତାଙ୍କ ଘରେ ଖବର ପହଞ୍ଚିଥିଲା। ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ଘଟଣା ସଂକ୍ରାନ୍ତରେ ଥାନାକୁ ଖବର ଦିଆଯାଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବିଭୂତି


@ ଲକ୍ଷ୍ମୀଧର


@ ବିଶ୍ୱଜିତ୍


@ କିଶୋର


@ ପବିତ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ସହ ରତ୍ନ ଅଳଙ୍କାର ଗଣତି କରାଯିବା ଦାବିରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ରବିବାର ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

# ଅନୁବାଦ ଦ୍ୱାରା ସାହିତ୍ୟ ପରିବ୍ୟାପ୍ତ ହୋଇପାରିବ

ଭୁବନେଶ୍ୱର,୭।୫(ବ୍ୟୁରୋ)

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୨ତମ ଜୟନ୍ତୀ ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପସ୍ଥିତ ତାଙ୍କ ପ୍ରତିମୂର୍ତ୍ତିଠାରେ ରବିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଧାୟକ ପ୍ରଫୁଲ୍ଲ ସାମଲ, ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାଟଳସିଂହ, ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ସୁଶାନ୍ତ ସାହୁ, ଗୁରୁଚରଣ ସାହୁ, ସତ୍ୟବ୍ରତ ଜେନା, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ। ଅନୁବାଦ ସାହିତ୍ୟ ଦ୍ୱାରା ବିଭିନ୍ନ ଭାଷାରେ ରଚିତ ସାହିତ୍ୟକୃତି ବିଶ୍ୱପାଠକଙ୍କ ନିକଟରେ ପହଞ୍ଚି ପାରିବ। ସେଥିପାଇଁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥଙ୍କ ସହ ପ୍ରତିଷ୍ଠିତ ଲେଖକଙ୍କ ରଚନାର ଅନୁବାଦ ହେବା ଆବଶ୍ୟକ। ଅନୁବାଦ ଦ୍ୱାରା ସାହିତ୍ୟ ପରିବ୍ୟାପ୍ତ ହେବ ବୋଲି ଅତିଥିମାନେ କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ରାଉତରାଏ କହିଲେ, ଆଗାମୀ ଦିନରେ ସାହିତ୍ୟକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ଉଦ୍ୟମ ଆରମ୍ଭ ହେବ। ଓଡ଼ିଆ ପୁସ୍ତକକୁ ଅନ୍ୟ ଭାଷାରେ ଏବଂ ଅନ୍ୟ ପ୍ରସିଦ୍ଧ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରିବାକୁ ବ୍ୟବସ୍ଥା କରାଯିବ। ସ୍ୱାଧୀନତା ପୂର୍ବର ଗଡ଼ଜାତ ଆନ୍ଦୋଳନ ନେତା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଧର୍ମପତ୍ନୀ ବିଶିଷ୍ଟ ଲେଖିକା ଓ ଚିତ୍ରଶିଳ୍ପୀ ଫ୍ରିଡାଙ୍କ ମ୍ୟାରେଜ ଟୁ ଇଣ୍ଡିଆ ପୁସ୍ତକର ଓଡ଼ିଆ ଅନୁବାଦ କରାଯିବ। ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଓଡିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୨ତମ ଜୟନ୍ତୀ



ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।




ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ମୁମ୍ବାଇଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୟୁବିଆଇର ବାର୍ଷିକ ଫଳାଫଳ ଏବଂ ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଥିଲା। ଏହି ଅବସରରେ ୟୁବିଆଇର ଏମ୍‌ଡି ତଥା ସିଇଓ ଏ. ମଣିମେଖାଲାଇଙ୍କ ସମେତ ୟୁବିଆଇର ବରିଷ୍ଠ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିତେଶ ରଞ୍ଜନ, ନିଧୁ ସାକ୍ସେନା ଏବଂ ରାମସୁବ୍ରମଣ୍ୟମ ଏସ୍ ଫଳାଫଳ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରୁଛନ୍ତି।

## ଟିସିଏନ୍‌ଏସ୍ କ୍ଲୋଥିଂକୁ ଅଧିଗ୍ରହଣ କରିବ ଏବିଏଫ୍‌ଆର୍‌ଏଲ୍

**ନୂଆଦିଲ୍ଲୀ,୭।୫**

ଆଦିତ୍ୟ ବିର୍ଲା ଗ୍ରୁପର ଫେଶନ୍ ଓ ପୋଷାକ କମ୍ପାନୀ ଏବିଏଫ୍‌ଆର୍‌ଏଲ୍ ପକ୍ଷରୁ ଟିସିଏନ୍‌ଏସ୍ କ୍ଲୋଥିଂକୁ ଅଧିଗ୍ରହଣ କରିବା ଲାଗି ଏକ ବୁଝାମଣାପତ୍ର ସ୍ୱାକ୍ଷର ସହ ଚୁକ୍ତିନାମା ମଧ୍ୟ କରାଯାଇଛି। ଏପରିକି ଉକ୍ତ ବୁଝାମଣା ଅନୁସାରେ ପ୍ରତିଷ୍ଠାତାଙ୍କ ଅଂଶଧନକୁ ଅଧିଗ୍ରହଣ କରିବା ପରେ ଏକ ପବ୍ଲିକ୍ ଓପନ୍ ଅଫର ଜାରି କରାଯିବ। ଏହା ପରେ ଆଇନ ଅନୁଯାୟୀ ଉଭୟ ସଂସ୍ଥା ମଧ୍ୟରେ ମିଶ୍ରଣ ହେବ। ସେହିଭଳି ପ୍ରତିଷ୍ଠାତାଙ୍କ ଅଂଶଧନ ଓ ଓପନ୍ ଅଫରର ମୂଲ୍ୟ ୫୧% ଅଂଶଧନ ଅନୁସାରେ ୧୬୫୦ କୋଟି ଟଙ୍କା ରହିଛି। ଏହାକୁ ଭାରତୀୟ ଫେଶନ୍ କ୍ଷେତ୍ରରେ ସର୍ବବୃହତ ଡିଲ୍ ବୋଲି କୁହାଯାଉଛି। ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାରମଙ୍ଗଳମ୍ ବିର୍ଲା କହିଛନ୍ତି, ଭାରତୀୟ ଉପଭୋକ୍ତା ଅର୍ଥନୀତିର ଚମତ୍କାରିତା ଓ ବ୍ୟାପକତା ଉପରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ରହିଥିବା ବିଶ୍ୱାସର ଆଉ ଏକ ସ୍ୱୀକୃତି ହେଉଛି ଏହି ବୁଝାମଣା।

## ଇଣ୍ଡିଆନ୍ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ

**ଭୁବନେଶ୍ୱର,୭।୫**


ପ୍ରଦୀପ୍ତ କୁମାର ରଥ

ଇଣ୍ଡିଆନ୍ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ପ୍ରଦୀପ୍ତ କୁମାର ରଥ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ରଥ ଆଲ୍ଲାହାବାଦସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ଆଞ୍ଚଳିକ ପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ। ଉଲ୍ଲେଖଯୋଗ୍ୟ, ୧୯୯୩ ରେ ରଥ ବ୍ୟାଙ୍କରେ ଯୋଗଦେବା ସହ ପଶ୍ଚିମବଙ୍ଗ, ଓଡ଼ିଶା, କର୍ଣାଟକ, କେରଳ ଓ ଉତ୍ତର ପ୍ରଦେଶ ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟକରି ଅଭିଜ୍ଞତା ହାସଲ କରିଛନ୍ତି। ସେହିଭଳି ରଥ ତାଙ୍କର ୩୦ ବର୍ଷ କାର୍ଯ୍ୟକାଳ ମଧ୍ୟରେ ପ୍ରାୟ ୨୫ ବର୍ଷ ଶାଖା ସ୍ତରରେ କାର୍ଯ୍ୟକରି ଗ୍ରାହକମାନଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିପାରିଛନ୍ତି। ଏପରିକି ସେ ରିଟେଲ, କୃଷି, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ଉନ୍ନତମାନର ଗ୍ରାହକ ସେବା ଯୋଗାଇ ଦେବା ତାଙ୍କର ମୂଳଲକ୍ଷ୍ୟ ହେବ ବୋଲି ରଥ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ବ୍ୟାଙ୍କର ୫୩ଟି ଶାଖା ରହିଛି।

## ସାମ୍‌ସଙ୍ଗ୍‌ର କ୍ୟୁଏଲ୍‌ଇଡି ଟିଭିର ଶୁଭାରମ୍ଭ

**ନୂଆଦିଲ୍ଲୀ,୭।୫**

ଦେଶର ପ୍ରମୁଖ ଟେଲିଭିଜନ ବ୍ରାଣ୍ଡ ସାମ୍‌ସଙ୍ଗ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୨୦୨୩ ନିଓ କ୍ୟୁଏଲ୍‌ଇଡି ଟିଭି ସିରିଜର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୫୦ ଇଞ୍ଚରୁ ୯୮ ଇଞ୍ଚ ସାଇଜ ବର୍ଗରେ ସାମ୍‌ସଙ୍ଗ୍ ଅଲଟ୍ରା ପ୍ରିମିୟମ ୨୦୨୩ ନିଓ କ୍ୟୁଏଲ୍‌ଇଡି ୮କେ ଟିଭି ଏବଂ ନିଓ କ୍ୟୁଏଲ୍‌ଇଡି ୪କେ ଟିଭିର ବଜାର ପ୍ରବେଶ ମଧ୍ୟ କରାଯାଇଛି। ଏ ସମ୍ପର୍କରେ ସାମ୍‌ସଙ୍ଗ୍ ସାଉଥୱେଷ୍ଟ ଏସିଆର ଅଧ୍ୟକ୍ଷ ଓ ସିଇଓ ଜେ.ବି. ପାର୍କ କହିଛନ୍ତି, ୨୦୨୩ରେ ଆମେ ଉପଭୋକ୍ତାଙ୍କୁ କେବଳ ପ୍ରିମିୟମ ପିକ୍ଚର କ୍ୱାଲିଟି ନୁହେଁ ବରଂ ସେମାନେ ନିଜର କନେକ୍ଟେଡ୍ ଘର ପାଇଁ ଆବଶ୍ୟକ କରୁଥିବା ପ୍ରିମିୟମ ଡିଜାଇନ ଯୋଗାଇଦେବୁ। ସେହିଭଳି ଗ୍ରାହକଙ୍କୁ ଏକ ଆକର୍ଷଣୀୟ ଅନୁଭୂତି ପ୍ରଦାନ କରିବା ଲାଗି ବ୍ରାଣ୍ଡର ଉଦ୍ଭାବନ ପ୍ରତିବନ୍ଧକଗୁଡିକୁ ମଧ୍ୟ ହଟାଇଛୁ। ଏପରିକି ଆମର ନୂଆ ନିଓ କ୍ୟୁଏଲ୍‌ଇଡି ଟିଭିଗୁଡିକ ପୂର୍ବାପେକ୍ଷା ଅଧିକ ଉତ୍କୃଷ୍ଟ ରହିଛି। ବିଶେଷକରି ଏକ ବିଶାଳ ସ୍କ୍ରିନ୍, ୮କେ ରିଜୋଲ୍ୟୁଶନ, ପରବର୍ତ୍ତୀ ସ୍ତରର ଫଟୋ ଓ ସାଉଣ୍ଡ କ୍ୱାଲିଟି ସହିତ ଆମେ ନିଶ୍ଚିତ ଯେ, ନିଓ କ୍ୟୁଏଲ୍‌ଇଡି ଟିଭିଗୁଡିକ ଭାରତରେ ପ୍ରିମିୟମ ଟିଭି ବଜାରରେ ଆମର ନେତୃତ୍ୱକୁ ଅଧିକ ସୁଦୃଢ଼ କରିବ। ଏହି ଟିଭିଗୁଡ଼ିକ ସମସ୍ତ ସାମ୍‌ସଙ୍ଗ୍ ରିଟେଲ ଷ୍ଟୋର, ପ୍ରମୁଖ ଉପଭୋକ୍ତା ଇଲେକ୍ଟ୍ରୋନିକ ଷ୍ଟୋର ଏବଂ ସମସ୍ତ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ସମେତ ସାମ୍‌ସଙ୍ଗ୍ ଶପ୍‌ରେ ଉପଲବ୍ଧ । ମେ' ୨୫ ତାରିଖ ୨୦୨୩ ସୁଦ୍ଧା ନିଓ କ୍ୟୁଏଲ୍‌ଇଡି ଟିଭି କ୍ରୟ କରୁଥିବା ଗ୍ରାହକମାନେ ବଛାବଛା ନିଓ କ୍ୟୁଏଲ୍‌ଇଡି ୮କେ ଟିଭି ସହିତ ୯୯,୯୯୦ ଟଙ୍କା ମୂଲ୍ୟର ଏକ ମାଗଣା ସାମ୍‌ସଙ୍ଗ୍ ସାଉଣ୍ଡବାର୍ ଏଚ୍‌ଡବ୍ଲ୍ୟୁ-କ୍ୟୁ୯୯୦ ଏବଂ ନିଓ କ୍ୟୁଏଲ୍‌ଇଡି ୪କେ ଟିଭି ସହିତ ୪୪,୯୯୦ଟଙ୍କା ମୂଲ୍ୟର ସାମ୍‌ସଙ୍ଗ୍ ସାଉଣ୍ଡବାର୍ ଏଚ୍‌ଡବ୍ଲ୍ୟୁ-କ୍ୟୁ୮୦୦ ମାଗଣାରେ ପାଇପାରିବେ । ଉଲ୍ଲେଖଯୋଗ୍ୟ, ନିଓ କ୍ୟୁଏଲ୍‌ଇଡି ୮କେ ଟିଭିର ମୂଲ୍ୟ ୩,୧୪,୯୯୦ଟଙ୍କାରୁ ଆରମ୍ଭ ହେଉଥିବାବେଳେ ନିଓ କ୍ୟୁଏଲ୍‌ଇଡି ୪କେ ଟିଭିର ମୂଲ୍ୟ ୧,୪୧,୯୯୦ଟଙ୍କାରୁ ଆରମ୍ଭ ହେଉଛି।

## ସୋନିର ଓଏଲ୍‌ଇଡି ସିରିଜ୍ ଟିଭି ଉନ୍ମୋଚିତ

**ନୂଆଦିଲ୍ଲୀ,୭।୫**

ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ସୋନି ଇଣ୍ଡିଆ ପକ୍ଷରୁ ନିକଟରେ ସୋନିର ଓଏଲ୍‌ଇଡି ସିରିଜ୍ ଟିଭିର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷ କରି କଗ୍ନିଟିଭ୍ ପ୍ରୋସେସର ଏକ୍ସଆର୍ ଥିବା ନ୍ୟୁ ସୋନି ବ୍ରାଭିଆ ଏକ୍ସଆର୍ ଏ୮୦ଏଲ୍ ଓଏଲ୍‌ଇଡି ଟିଭିର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ଏହି ଓଏଲ୍‌ଇଡି ସିରିଜ୍‌ରେ ସଦ୍ୟତମ ଏକ୍ସଆର୍ ୪କେ ଅପ୍‌ସ୍କେଲିଂ, ଏକ୍ସଆର୍ କ୍ଲିୟର ଇମେଜ୍ ଓ ଏକ୍ସଆର୍ ଓଏଲ୍‌ଇଡି ମୋଶନ ପ୍ରଯୁକ୍ତି ଆଦି ରହିଛି, ଯାହା ଜରିଆରେ ଉପଭୋକ୍ତା ସୁବିଧାର ସହ ଉଜ୍ଜ୍ୱଳ ଏବଂ ବିନା ଝାପ୍‌ସାରେ ସ୍ୱଷ୍ଟ ଚିତ୍ର ଦେଖିବାର ମଜା ନେଇପାରିବେ। ଏଥିରେ ଥିବା ଟ୍ରିଲୁମିନଓ ପ୍ରୋ ପ୍ରଯୁକ୍ତି ପ୍ରତିଟି ବିବରଣୀ ପ୍ରଦାନ କରିବ ଏବଂ ଏକ୍ସ-ୱାଇଡ୍ ଆଙ୍ଗେଲ ଯେ କୌଣସି ଦିଗରୁ ସୁନ୍ଦର ରଙ୍ଗ ପ୍ରଦାନ କରିବ। ସେହିପରି ସୁପର ଫ୍ଲୁଇଡ୍ ଗୁଗଲ୍ ଟିଭି ୟୁଜର ଇଣ୍ଟରଫେସ୍ ସହିତ ହାଣ୍ଡସ୍‌ଫ୍ରି ଭଏସ୍ ସର୍ଚ୍ଚ ଜରିଆରେ ୧୦,୦୦୦ରୁ ଅଧିକ ଆପ୍ ଓ ଗେମ୍ ଏବଂ ୭,୦୦,୦୦୦ ସିନେମା ଓ ଟିଭି ସିରିଜ୍ ମାଧ୍ୟମରେ ଅସୀମିତ ମନୋରଞ୍ଜନ ହାସଲ କରିହେବ। ଆପଲ୍ ଏୟାରପ୍ଲେ ୨ ଓ ହୋମ୍ କିଟ୍‌ରେ ମଧ୍ୟ ଏହା ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବ। ଅଟୋ ଜୁନିୟର ପିକ୍ଚର ମୋଡ୍, ଅଟୋ ଏଚ୍‌ଡିଆର୍ ଟୋନ୍, ଏଚ୍‌ଡିଏମ୍‌ଆଇ ୨.୧, ୪କେ ୧୨୦ ଏଫ୍‌ପିଏସ୍, ଭିଆରଆର, ଏଏଲ୍‌ଏଲ୍‌ଏମ୍ ଶ୍ରେଷ୍ଠ ଗେମିଂ ଅନୁଭୂତି ପ୍ରଦାନ କରିବ। ଏଥିରେ ୩ଡି ସରାଉଣ୍ଡ ସାଉଣ୍ଡ, ଅକୋଷ୍ଟିକ୍ ଅଟୋ କାଲିବ୍ରେସନ୍ ପ୍ରଯୁକ୍ତି ଆଦି ରହିଛି। ଏକ୍ସଆର୍-୫୫ଏ୮୦ଏଲ୍, ଏକ୍ସଆର୍ ୭୭ଏ୮୦ଏଲ୍, ଏକ୍ସଆର୍-୮୩ଏ୮୦ଏଲ୍‌ର ଦାମ୍ ଘୋଷଣା ହେବାକୁ ବାକି ଥିବା ବେଳେ ଏକ୍ସଆର୍-୬୫ଏ୮୦ଏଲ୍‌ର ଦାମ୍ ୩,୪୯,୯୦୦ ଟଙ୍କା ରହିଛି।

## ଡିସିବିଏଲ୍‌ର ନୂତନ ଉତ୍ପାଦ 'ଡାଲମିଆ ସୁପ୍ରିମ ସିମେଣ୍ଟ'

**ନୂଆଦିଲ୍ଲୀ,୭।୫**

ଦେଶର ପ୍ରମୁଖ ସିମେଣ୍ଟ କମ୍ପାନୀ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ (ଡିସିବିଏଲ) ର ନୂତନ ଉତ୍ପାଦ 'ଡାଲମିଆ ସୁପ୍ରିମ ସିମେଣ୍ଟ'ର ଶୁଭାରମ୍ଭ ଓ ବଜାର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି କମ୍ପାନୀ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଉକ୍ତ ଉତ୍ପାଦଗୁଡିକୁ ନିକଟରେ ବଜାର ପ୍ରବେଶ କରାଇଛି। ଏପରିକି ୨୦୨୩ ମେ ମାସରୁ ଉକ୍ତ ଉତ୍ପାଦ ପଶ୍ଚିମବଙ୍ଗ, ଓଡ଼ିଶା, ବିହାର ଏବଂ ଝାଡଖଣ୍ଡ ଭଳି ରାଜ୍ୟର ଖୁଚୁରା ଗ୍ରାହକଙ୍କ ନିମନ୍ତେ ମଧ୍ୟ ଉପଲବ୍ଧ ହେଉଛି। ଏହି ପ୍ରିମିୟମ ଉତ୍ପାଦ ଏକ ଉଚ୍ଚମାନର ପୋର୍ଟଲ୍ୟାଣ୍ଡ ପୋଜୋଲାନା ସିମେଣ୍ଟ (ପିପିସି) ଉତ୍ପାଦ, ଯାହା ଉଚ୍ଚତର ମଜଭୁତପଣ, ଦ୍ରୁତତର ସେଟିଂ ଏବଂ ଉତ୍ତମ କାର୍ଯ୍ୟକାରିତା ଭଳି ତିନିଟି




ଫାଇଦା ଉପଭୋକ୍ତାଙ୍କୁ ଯୋଗାଉଛି। ଏ ସମ୍ପର୍କରେ ଡିସିବିଏଲର ସିନିୟର ଏକଜିକ୍ୟୁଟିଭ ଡାଇରେକ୍ଟର ଏବଂ ହେଡ ସେଲ୍ସ ଲଜିଷ୍ଟିକ୍ସ ଟେକନିକାଲ ସର୍ଭିସେସ ଆଣ୍ଡ ମାର୍କେଟିଂ ରାଜୀବ ପ୍ରସାଦ କହିଥିଲେ, ପୂର୍ବାଞ୍ଚଳ ବଜାରରେ ଡାଲମିଆ ସୁପ୍ରିମ ସିମେଣ୍ଟ ପ୍ରଚଳନ ନେଇ ଆମେ ଅତ୍ୟନ୍ତ ଉଲ୍ଲସିତ ଅଛୁ। କମ୍ପାନୀର ଗ୍ରାହକ କୈନ୍ଦ୍ରିକ ଆଭିମୁଖ୍ୟ ଧାରାରେ ଏହି ନୂଆ ଉତ୍ପାଦ ବେଶ୍ ମଜଭୁତ, ଦ୍ରୁତତର ଏବଂ ଉତ୍ତମ ନିର୍ମାଣ ନିମନ୍ତେ ଏକ ସ୍ୱତନ୍ତ୍ର ଉତ୍ପାଦର ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବ। ଏହାର ଉଚ୍ଚତର ମଜଭୁତପଣ ଏବଂ ଦୀର୍ଘସ୍ଥାୟିତ୍ୱ ପାଇଁ ଡାଲମିଆ ସୁପ୍ରିମ ସିମେଣ୍ଟ ଗୃହ ନିର୍ମାଣ ପ୍ରକଳ୍ପଗୁଡିକ ନିମନ୍ତେ ଉପଯୋଗୀ ବିବେଚିତ ହେଉଛି। ଏହି ନୂଆ ବ୍ରାଣ୍ଡ ଆମର ପୂର୍ବରୁ ରହିଥିବା ପ୍ରତିଷ୍ଠିତ ବ୍ରାଣ୍ଡ ଯଥା ଡାଲମିଆ ସିମେଣ୍ଟ, ଡାଲମିଆ ଡିଏସ୍‌ପି ସିମେଣ୍ଟ, କୋଣାର୍କ ସିମେଣ୍ଟ ଏବଂ ଡାଲମିଆ ଇନ୍‌ଫ୍ରା ପ୍ରୋ ସହିତ ଆଉ ଏକ ଯୋଗ ହୋଇଛି।

## ଫୁରସତ୍

# ବିଶ୍ୱ ଶାନ୍ତି ପାଇଁ ରେଡ୍‌କ୍ରସ

**ବିଶ୍ୱ ରେଡ୍ କ୍ରସ ଦିବସ**




**ବି**ଶ୍ୱ ରେଡ୍ କ୍ରସ ଏବଂ ରେଡ୍ କ୍ରିସେଣ୍ଟ ଦିବସ ହେଉଛି ଅନ୍ତର୍ଜାତୀୟ ରେଡ୍ କ୍ରସ ଏବଂ ରେଡ୍ କ୍ରିସେଣ୍ଟ ଆନ୍ଦୋଳନର ସିଦ୍ଧାନ୍ତର ବାର୍ଷିକ ଉତ୍ସବ। ବିଶ୍ୱ ରେଡ୍ କ୍ରସ ଦିବସ ପ୍ରତିବର୍ଷ ୮ ମେରେ ପାଳନ କରାଯାଇଥାଏ। ଏହି ତାରିଖ ହେଉଛି ଜାନ-ହେନେରୀ ଡୁନାଣ୍ଟଙ୍କ ଜନ୍ମ ବାର୍ଷିକୀ। ସେ ୮ ମେ ୧୮୨୮ ରେ ଜନ୍ମଗ୍ରହଣ କରିଥିଲେ। ସେ ରେଡ୍‌କ୍ରସ ଇଣ୍ଟରନ୍ୟାଶନାଲ କମିଟି (ଆଇସିଆରସି)ର ପ୍ରତିଷ୍ଠାତା ତଥା ପ୍ରଥମ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ। ବିଶ୍ୱ ଶାନ୍ତି ପାଇଁ ରେଡ୍‌କ୍ରସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରଥମ ବିଶ୍ୱଯୁଦ୍ଧ ପରେ ଆରମ୍ଭ କରାଯାଇଥିଲା। ସେତେବେଳେ ଏହା "ରେଡ୍ କ୍ରସ ଟ୍ରୁସ" ଭାବରେ ଜଣାଶୁଣାଥିଲା। । ରେଡ୍ କ୍ରସର ୧୪ ତମ ଅନ୍ତର୍ଜାତୀୟ ସମ୍ମିଳନୀରେ ଏକ ଅନ୍ତର୍ଜାତୀୟ ଆୟୋଗ ଗଠନ କରାଯାଇଥିଲା। ୧୮୩୪ ମସିହାରେ ଟୋକିଓରେ ରେଡ୍ କ୍ରସର ୧୫ ତମ ଅନ୍ତର୍ଜାତୀୟ ସମ୍ମିଳନୀରେ ଉପସ୍ଥାପିତ ହୋଇଥିବା ଏହାର ରିପୋର୍ଟକୁ ଅନୁମୋଦନ କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ, ୧୯୪୬ ମସିହାରେ, ଟୋକିଓର ପ୍ରସ୍ତାବ ଲିଗ ଅଫ ରେଡ୍ କ୍ରସ ସୋସାଇଟିସ (ଏଲଆରସିଏସ) ଦ୍ୱାରା ଏହାକୁ ଅଧ୍ୟୟନ କରାଯାଇ ୫ ମେ ୧୯୧୯ରେ ଅନ୍ତର୍ଜାତୀୟ ଫେଡେରେଷନ ଅଫ ରେଡ୍ କ୍ରସ ଏବଂ ରେଡ୍ କ୍ରିସେଣ୍ଟ ସୋସାଇଟିସ (ଆଇଏଫଆରସି) ନାମରେ ନାମିତ ହୋଇଥିଲା। ଦୁଇ ବର୍ଷ ପରେ, ଚୁକ୍ତିନାମାର ନୀତି ଏବଂ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଏହାର ପ୍ରଯୁଜ୍ୟତାକୁ ବିବେଚନା କରାଯାଇଥିଲା। ବାର୍ଷିକ ଅନ୍ତର୍ଜାତୀୟ ରେଡ୍ କ୍ରସ ଦିବସର ପ୍ରସ୍ତାବ ଗ୍ରହଣ କରାଯାଇଥିଲା ଏବଂ ପ୍ରଥମ ରେଡ୍ କ୍ରସ ଦିବସ ୮ ମଇ ୧୯୪୮ ରେ ପାଳନ କରାଯାଇଥିଲା। ସମୟ ସହିତ ଏହି ଦିନର ସରକାରୀ ଆଖ୍ୟା ବଦଳି ଯାଇଥିଲା ଏବଂ ୧୯୪୮ ରେ "ୱାର୍ଲ୍ଡ ରେଡ୍ କ୍ରସ ଏବଂ ରେଡ୍ କ୍ରିସେଣ୍ଟ ଡେ" ଭାବେ ଏହାକୁ ପାଳନ କରାଯାଇଥିଲା।

ରେଡ୍‌କ୍ରସର ଅନ୍ତର୍ଜାତୀୟ କମିଟି (ଆଇସିଆରସ) ୧୭ ଫେବୃୟାରୀ ୧୮୬୩ ରେ ପ୍ରତିଷ୍ଠା କରାଯାଇଥିଲା। ଏହାର ମୁଖ୍ୟାଳୟ ସ୍ୱିଜରଲାଣ୍ଡର ଜେନେଭାରେ ଅବସ୍ଥିତ। ପ୍ରଥମ ବିଶ୍ୱଯୁଦ୍ଧ ପରେ ଘଟିଥିବା ଘଟଣା ପରେ ଏହି ସଙ୍ଗଠନର ଆବଶ୍ୟକ ହୋଇଥିଲା। ରେଡ୍ କ୍ରସ ଏବଂ ରେଡ୍ କ୍ରିସେଣ୍ଟ ଆନ୍ଦୋଳନ ହେଉଛି ଏକ ବିଶ୍ୱସ୍ତରୀୟ ମାନବିକ ନେଟୱାର୍କ ଯାହା ବିଶ୍ୱର ପ୍ରାୟ ପ୍ରତ୍ୟେକ ଦେଶରେ କାର୍ଯ୍ୟ କରେ ଏବଂ ଜରୁରୀକାଳୀନ ପରିସ୍ଥିତି, ବିପର୍ଯ୍ୟୟ, ଯୁଦ୍ଧ ଏବଂ ଅନ୍ୟାନ୍ୟ ସଙ୍କଟ ସମୟରେ ଏହା ଲୋକଙ୍କୁ ସହାୟତା ଯୋଗାଇଥାଏ। ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମନୁଷ୍ୟର ଦୁଃଖ ଦୂର କରିବା, ମାନବିକ ସମ୍ମାନ ରକ୍ଷା କରିବା। ଶାନ୍ତି, ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ଏହା କାର୍ଯ୍ୟ କରିଥାଏ ।ରେଡ୍‌କ୍ରସର ଆନ୍ତର୍ଜାତୀୟ କମିଟି (ଆଇସିଆରସି)ର ପ୍ରତିଷ୍ଠାତା ତଥା ପ୍ରଥମ ନୋବେଲ ଶାନ୍ତି ପୁରସ୍କାର ପ୍ରାପ୍ତ ହେନେରୀ ଡୁନାଣ୍ଟଙ୍କ ଉଦ୍ୟମରେ ବିଶ୍ୱ ରେଡ୍ କ୍ରସ ଦିବସର ଉତ୍ପତ୍ତି ରହିଛି। ବିଶ୍ୱ ରେଡ୍ କ୍ରସ ଦିବସର ଇତିହାସ ରେଡ୍ କ୍ରସ ଆନ୍ଦୋଳନର ପ୍ରତିଷ୍ଠାଠାରୁ ଆରମ୍ଭ ହୋଇଥିଲା। ୧୮୫୯ରେ ହେନେରୀ ଡୁନାଣ୍ଟ ଦ୍ୱିତୀୟ ଇଟାଲୀ ସ୍ୱାଧୀନତା ଯୁଦ୍ଧ ସମୟରେ ଇଟାଲୀର ସୋଲଫେରିନୋ ଯୁଦ୍ଧକ୍ଷେତ୍ରରେ ଆହତ ସୈନିକମାନଙ୍କ ଦୁଃଖର ସାକ୍ଷୀ ହୋଇଥିଲେ। ଚିକିତ୍ସା ସେବା ଏବଂ ସହାୟତା ପାଇଁ ସେ ସ୍ଥାନୀୟ ନାଗରିକଙ୍କୁ ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଆହତମାନଙ୍କୁ ସହାୟତା ଯୋଗାଇବା ପାଇଁ ସଂଗଠିତ କରିଥିଲେ।

ଏହି ଅଭିଜ୍ଞତା ଡୁନାଣ୍ଟଙ୍କୁ "ମେମୋରୀ ଅଫ୍ ସୋଲଫେରିନୋ" ପୁସ୍ତକ ଲେଖିବାରେ ସାହାଯ୍ୟ କରିଥିଲା। ୧୮୬୩ରେ ତାଙ୍କ ପ୍ରୟାସରେ ଆହତମାନଙ୍କୁ ସହାୟତା ପାଇଁ ଅନ୍ତର୍ଜାତୀୟ କମିଟି ଗଠନ କରାଯାଇଥିଲା, ଯାହା ପରେ ରେଡ୍‌କ୍ରସ ଇଣ୍ଟରନ୍ୟାଶନାଲ କମିଟି ଭାବରେ ଜଣାଶୁଣା ହୋଇଥିଲା। ଯୁଦ୍ଧ ସମୟରେ ନିରପେକ୍ଷ ମାନବିକ ସହାୟତା ପ୍ରଦାନ କରିବାକୁ ଆଇଆରସିସି ଲକ୍ଷ୍ୟ ରଖିଥିଲା। ୧୯୨୦ରେ ବିଶ୍ୱ ରେଡ୍ କ୍ରସ ଦିବସର ଧାରଣା ପ୍ରସ୍ତାବିତ ହୋଇଥିଲା ଏବଂ ପରବର୍ତ୍ତୀ ବର୍ଷରେ ଏନେଇ କାର୍ଯ୍ୟଧାରା ଜାରି ରହିଥିଲା। ୧୯୩୩ରେ ଟୋକିଓରେ ରେଡ୍ କ୍ରସର ୨୦ତମ ଆନ୍ତର୍ଜାତୀୟ ସମ୍ମିଳନୀରେ ଏହା ପ୍ରତିଷ୍ଠିତ ହୋଇଥିଲା। ହେନେରୀ ଡୁନାଣ୍ଟଙ୍କ ଜନ୍ମକୁ ସ୍ମରଣ କରିବା ଏବଂ ରେଡ୍‌କ୍ରସ ଆନ୍ଦୋଳନର ମାନବିକ କାର୍ଯ୍ୟକୁ ସମ୍ମାନ ଦେବା ପାଇଁ ଏହି ସମ୍ମିଳନୀ ମେ' ୮କୁ ଦିବସ ପାଳନ ଭାବରେ ସ୍ଥିର କରିଥିଲା। ସେବେଠାରୁ ବିଶ୍ୱ ରେଡ୍‌କ୍ରସ ଦିବସ ପ୍ରତିବର୍ଷ ମେ' ୮ରେ ପାଳନ କରାଯାଇ ଆସୁଛି।

ବିଶ୍ୱ ରେଡ୍ କ୍ରସ ଦିବସର ଉଦ୍ଦେଶ୍ୟ ହେଉଛି ବିଶ୍ୱବ୍ୟାପୀ ରେଡ୍ କ୍ରସ ଏବଂ ରେଡ୍ କ୍ରିସେଣ୍ଟ ଆନ୍ଦୋଳନ ଦ୍ୱାରା କରାଯାଇଥିବା ମାନବିକ କାର୍ଯ୍ୟକୁ ସମ୍ମାନିତ କରିବା। ଏହା ସଂଗଠନର ନୀତି, ମିଶନ, ଏବଂ କାର୍ଯ୍ୟକଳାପ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଏହାର ସ୍ୱେଚ୍ଛାସେବୀ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତତା ଏବଂ ସାହସକୁ ଚିହ୍ନିବା ପାଇଁ ଏକ ସୁଯୋଗ ଭାବରେ କାର୍ଯ୍ୟ କରେ। ବିଶ୍ୱ ରେଡ୍ କ୍ରସ ଦିବସ ସଙ୍କଟ ସମୟରେ ମାନବିକତା, କରୁଣା ଏବଂ ଏକତାର ମହତ୍ତ୍ୱର ସ୍ମାରକ ଭାବରେ କାର୍ଯ୍ୟ କରେ। ୧୯୨୦ରେ ସଂସଦୀୟ ଅଧିନିୟମ ଅନୁଯାୟୀ ଭାରତରେ ଇଣ୍ଡିଆନ ରେଡ୍ କ୍ରସ ସୋସାଇଟି ଗଠନ କରାଯାଇଥିଲା। ସେବେଠାରୁ ଦେଶର ସମସ୍ତ ବିପର୍ଯ୍ୟୟରେ ରେଡ୍‌କ୍ରସର ସ୍ୱେଚ୍ଛାସେବୀମାନେ ସେବା କରିଆସୁଛନ୍ତି। ବର୍ତ୍ତମାନ ଦେଶର ବିଭିନ୍ନ ସ୍ଥାନରେ ୭୫୦ରୁ ଅଧିକ ଶାଖା ଅଛି।

ରେଡ୍ କ୍ରସ ଦିବସର ମୁଖ୍ୟ ନୀତି ହେଉଛି ନିରପେକ୍ଷତା, ମାନବିକତା, ସ୍ୱାଧୀନତା, ଏକତା, ସାର୍ବଭୌମିକତା, ସ୍ୱେଚ୍ଛାସେବୀ ଆଦି। ପ୍ରତିବର୍ଷ ଏହି ଦିବସର ଏକ ସ୍ୱତନ୍ତ୍ର ଥିମ୍ ରହିଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ଥିମ୍ ହେଉଛି ପ୍ରତିଟି କାର୍ଯ୍ୟ ଯାହା ଆମେ କରୁ ତାହା ହୃଦୟରୁ କରିଥାଉ (ଏଭ୍ରିଥିଙ୍ଗ୍ ୱିଇ ଡୁ କମ୍‌ସ ଫ୍ରମ୍ ଦି ହାର୍ଟ)।

## ଜୁନ୍ ୧୬ରେ ବିବାହ କରିବେ କରନ

**ମୁମ୍ବାଇ**



ବଲିଉଡ୍‌ର ଚର୍ଚ୍ଚିତ ଦେୱଲ ପରିବାରରେ ଖୁବ୍‌ଶୀଘ୍ର ଏକ ବିବାହ ଉତ୍ସବ ହେବାକୁ ଯାଉଛି। ଅଭିନେତା ସନି ଦେୱଲଙ୍କ ପୁଅ ତଥା ଅଭିନେତା କରନ ଦେୱଲ ଦ୍ରିଶା ଆଚାର୍ଯ୍ୟଙ୍କ ହାତ ଧରିବାକୁ ଯାଉଛନ୍ତି। ଏନେଇ କିଛିଦିନ ହେବ କରନଙ୍କ ବିବାହ ଖବର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏବେ ତାଙ୍କର ବିବାହ ତାରିଖ ସାମ୍ନାକୁ ଆସିଯାଇଛି। ରିପୋର୍ଟ ମୁତାବକ, କିଛି ମାସ ପୂର୍ବରୁ ଦ୍ରିଶା ଏବଂ କରନଙ୍କ ଏନ୍‌ଗେଜ୍‌ମେଣ୍ଟ ସରିଥିଲା। ଚଳିତ ବର୍ଷ ଜୁନ୍ ୧୬ରୁ ୧୮ ପର୍ଯ୍ୟନ୍ତ ମୁମ୍ବାଇରେ ବିବାହ ଉତ୍ସବ ଅନୁଷ୍ଠିତ ହେବ। ପୂର୍ବରୁ ଦୁହେଁ ୬ ବର୍ଷ ହେବ ରିଲେଶନ୍‌ଶିପ୍‌ରେ ଅଛନ୍ତି। ଉଭୟ ଦୁବାଇରେ ଭାଲେଣ୍ଟାଇନ୍ ଦିବସ ପାଳନ କରିବା ପରେ ଫେବୃୟାରୀ ୧୮ରେ ଏନ୍‌ଗେଜ୍‌ମେଣ୍ଟ ହୋଇଥିଲା। ପରିବାର ସଦସ୍ୟ ଏହି ବିବାହକୁ ଗୁପ୍ତ ରଖିବାକୁ ଚାହୁଁଥିବାରୁ ଏନ୍‌ଗେଜ୍‌ମେଣ୍ଟ ସମ୍ପର୍କରେ ମିଡିଆରେ ଜଣାଇ ନ ଥିଲେ।

## ବଡ଼ ଇୟରପଡ୍ ସ୍ପିକରରେ ବୁଦ୍ଧଙ୍କୁ ପ୍ରାର୍ଥନା



**ବେଜିଂ:** ଲୋକେ ତାଙ୍କ ମନସ୍କାମନା ପୂରଣ କରିବାକୁ କେତେ କ'ଣ କରିଥା'ନ୍ତି। ନିକଟରେ ଜଣେ ବ୍ୟକ୍ତି ତାଙ୍କ ଗର୍ଲଫ୍ରେଣ୍ଡ ପାଇଁ ୨୦୦୦ କି.ମି. ଦୂର ମନ୍ଦିର ଆସି ଠାକୁରଙ୍କୁ ମନକଥା କହିଛନ୍ତି। ସେ ବଡ଼ ଇୟରପଡ୍ ଆକାରର ସ୍ପିକର ଧରି ବୁଦ୍ଧ ମୂର୍ତ୍ତିଙ୍କ କାନରେ ମନକଥା କହିଥିଲେ। ସେ ଗର୍ଲଫ୍ରେଣ୍ଡ ସହିତ କୋଟିପତି ହେବାକୁ ପ୍ରାର୍ଥନା କରିଛନ୍ତି, ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ରିପୋର୍ଟ ମୁତାବକ, ଭିଡିଓଟିକୁ ଝାଙ୍ଗ୍ ନାମକ ଜଣେ ବ୍ୟକ୍ତି ସୋସିଆଲ ମିଡିଆରେ ଛାଡ଼ିଥିଲେ। ଝାଙ୍ଗ ନାମକ ଏହି ବ୍ୟକ୍ତି ଝେଜିଆଙ୍ଗ ପ୍ରାନ୍ତରୁ ୨୦୦୦ କି.ମି. ଅତିକ୍ରମ କରି ସିଚୁଆନରେ ପହଞ୍ଚିଥିଲେ, ଯେଉଁଠାରେ ୭୧ ମିଟର ଉଚ୍ଚତା ବିଶିଷ୍ଟ ବୁଦ୍ଧଙ୍କ ବିଶାଳ ମୂର୍ତ୍ତି ରହିଛି। ଝାଙ୍ଗ୍ ଏକ ଇୟରପଡ୍ ଆକାରର ସ୍ପିକର ବୁଦ୍ଧଙ୍କ କାନ ପାଖରେ ରଖି ତାଙ୍କ ପ୍ରାର୍ଥନା ଶୁଣାଇଲେ। ସେ କହିଲେ, ତାଙ୍କୁ ଏବେ ୨୭ ବର୍ଷ, ହେଲେ ତାଙ୍କ ପାଖରେ ଘର, କାର୍ ଏବଂ ଗର୍ଲଫ୍ରେଣ୍ଡ କିଛି ବି ନାହିଁ। ସର୍ବପ୍ରଥମେ ସେ କୋଟିପତି ହେବାକୁ ଚାହୁଁଛନ୍ତି। ତାଙ୍କୁ କେବଳ ୧୦ ମିଲିୟନ ୟୁଆନ୍ ଅର୍ଥାତ୍ ପାଖାପାଖି ୧୨ କୋଟି ଟଙ୍କା ଦରକାର। ଏଥିସହ ତାଙ୍କୁ ଏକ ଗର୍ଲଫ୍ରେଣ୍ଡ ଦରକାର, ଯିଏ ତାଙ୍କ ପଇସା ବଦଳରେ ତାଙ୍କୁ ବେଶି ଭଲ ପାଉଥିବ। ଝାଙ୍ଗ୍‌ଙ୍କ ବୁଦ୍ଧ ଗ୍ରହ ଠିକ୍ ସ୍ଥାନରେ ନ ଥିବାରୁ ସେ ତାଙ୍କ ଦୋଷ କାଟିବାକୁ ବୁଦ୍ଧଙ୍କୁ ପ୍ରାର୍ଥନା କରିବାକୁ ଆସିଥିବା କହିଛନ୍ତି।

# ମଦ ପିଇ ଜଙ୍ଗଲରେ ୫ ଦିନ

**କାନବେରା:** ଯଦି କୌଣସି ସ୍ଥାନକୁ ବୁଲିବାକୁ ଯାଉଛେ, ତେବେ ସାଙ୍ଗରେ କିଛି ଆବଶ୍ୟକ ସାମଗ୍ରୀ ନେବା ଉଚିତ୍। କାରଣ ପରିସ୍ଥିତି କୌଣସି ମୁହୂର୍ତ୍ତରେ ବି ବଦଳିଯାଇପାରେ। ଅଷ୍ଟ୍ରେଲିଆର ଜଣେ ମହିଳା ଏକ ଜଙ୍ଗଲ ବୁଲିବାକୁ ଯାଇ ଏହି ଶିକ୍ଷା ପାଇଛନ୍ତି। ରିପୋର୍ଟ ମୁତାବକ, ୪୮ ବର୍ଷୀୟା ଲିଲିଆନ୍ ଦିନିକିଆ ଯାତ୍ରାରେ ଭିକ୍ଟୋରିଆର ହାଇ କଣ୍ଟ୍ରିକୁ ବୁଲିବାକୁ ଯାଇଥିଲେ। ରାସ୍ତାରେ ଏକ ଘଞ୍ଚ ଜଙ୍ଗଲ ପଡ଼ିଲା। ତା' ଭିତରେ ଏକ ସ୍ଥାନରେ ମହିଳା ଜଣଙ୍କ ରାସ୍ତା ଭୁଲିଗଲେ। ସେ ତାଙ୍କ କାର୍‌କୁ ବୁଲେଇବାକୁ ଚେଷ୍ଟା କରିବା ସମୟରେ ବୁଦା ଭିତରେ ଥିବା କାଦୁଅରେ ସେ ଫସିଗଲେ। ସେଠାରେ ନେଟ୍‌ୱର୍କ ନ ଥିବାରୁ ସେ କାହାରିକୁ ବି ଫୋନ୍ କରିପାରିଲେନି ଏବଂ ତାଙ୍କ ଗାଡ଼ି ବୁଦା ଭିତରେ ଫସି ଯାଇଥିବାରୁ ସେ କାହାକୁ ସାହାଯ୍ୟ ମାଗି ପାରିଲେନି। ଲିଲିଆନ୍ ଯେତେବେଳେ ଘରକୁ ନ ଫେରିଲେ ପରିବାର ଲୋକେ ପୋଲିସକୁ ତାଙ୍କ ନିଖୋଜ ଖବର ଦେଇଥିଲେ। ପୋଲିସ ହେଲିକପ୍ଟର ସାହାଯ୍ୟରେ ଜଙ୍ଗଲର ସମସ୍ତ ଅଞ୍ଚଳ ଖୋଜିଥିଲା। ୫ ଦିନ ଖୋଜାଖୋଜି କରିବା ପରେ ଏକ ବୁଦାମୂଳେ ତାଙ୍କ କାର୍ ଥିବା ଦେଖିଥିଲେ। ସେଥିରେ ଲିଲିଆନ୍ ଥିବା ଦେଖିବାକୁ ପାଇଥିଲେ। ତା'ପରେ ତାଙ୍କୁ ସେଠାରୁ ଉଦ୍ଧାର କରାଯାଇଥିଲା। ପୋଲିସ କହିବା ମୁତାବକ, ୫ ଦିନ ଜଙ୍ଗଲରେ ଲିଲିଆନ୍ ହିଂସ୍ରଜନ୍ତୁଙ୍କ ଗହଣରେ କଟାଇଥିଲେ। ତାଙ୍କ ପାଖରେ କିଛି ଖାଇବାକୁ ନ ଥିଲା। କେବଳ ମଦ ଥିଲା, ଯାହାକୁ ସେ ୫ ଦିନ କାଳ ପିଇ ବଞ୍ଚିଥିଲେ। ସେ ଆଗରୁ କେବେ ମଦ ପିଇ ନ ଥିଲେ। ହେଲେ ସେ ସେହି ମଦକୁ ନିଜ ମା'ଙ୍କୁ ଗିଫ୍ଟ ଦେବା ପାଇଁ କିଣିଥିଲେ। ଏଥିସହ ତାଙ୍କ ପାଖରେ କିଛି ଲଲିପପ୍



ଥିଲା। ଜଙ୍ଗଲରୁ ଉଦ୍ଧାର ହେବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡ଼ିଥିଲା। ଏବେ ସେ ସୁସ୍ଥ ଅଛନ୍ତି।

**୫ କେ.ଜି. ଆଇଇଡି ସହ ଆତଙ୍କବାଦୀ ଗିରଫ**

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରୁ ସୁରକ୍ଷା ବଳ ୫ କିଲୋଗ୍ରାମ ଆଇଇଡି ସହ ଜଣେ ଆତଙ୍କବାଦୀଙ୍କୁ ଗିରଫ କରିଛି। ଫଳରେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣକୁ ପଣ୍ଡ କରିଦିଆଯାଇଥିବା ଜମ୍ମୁ-କଶ୍ମୀର ପୋଲିସ ଦାବି କରିଛି। ଗିରଫ ଆତଙ୍କବାଦୀ ଇଶ୍ଫାକ୍ ଅହମଦ ୱାନି ବଡ଼୍‌ଗାମ ବାସିନ୍ଦା। ତାଙ୍କ ବିରୋଧରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ରାଜ୍ୟାଭିଷେକ ଭୋଜି ଆୟୋଜନ କଲେ ବ୍ରିଟେନ ପ୍ରଧାନମନ୍ତ୍ରୀ

**ଲଣ୍ଡନ, ୭।୫:** କିଙ୍ଗ ଚାର୍ଲ୍ସ ୩ୟ ଓ ରାଣୀ କାମିଲାଙ୍କ ରାଜ୍ୟାଭିଷେକ ଅବସରରେ ରବିବାର ପ୍ରଧାନମନ୍ତ୍ରୀ ଋଷି ସୁନକ ଓ ତାଙ୍କ ସ୍ତ୍ରୀ ଅକ୍ଷତା ମୂର୍ତ୍ତି ଲଣ୍ଡନର ଡାଉନିଂ ଷ୍ଟ୍ରିଟ୍‌ରେ ବିଶାଳ ଭୋଜିର ଆୟୋଜନ କରିଥିଲେ। ରାଜ୍ୟାଭିଷେକରେ ସାମିଲ ଥିବା କମ୍ୟୁନିଟି ହୀରୋମାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଭୋଜିରେ ସାମିଲ ହୋଇଥିଲେ। ଆମେରିକାର ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ମଧ୍ୟ ଭୋଜିରେ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ, ୟୁକ୍ରେନ୍ ଶରଣାର୍ଥୀଙ୍କଠାରୁ ଆରମ୍ଭ କରି ଯୁବଗୋଷ୍ଠୀମାନଙ୍କ ପାଇଁ ଡାଉନିଂ ଷ୍ଟ୍ରିଟ୍‌କୁ ଉନ୍ମୁକ୍ତ ରଖାଯାଇଥିଲା। ସେହିପରି ୱିଣ୍ଡସର ଗ୍ରେଟ୍ ପାର୍କଠାରେ ପ୍ରିନ୍ସ ଓ ପ୍ରିନ୍ସେସ୍ ଅଫ୍ ୱେଲ୍‌ସ ବିଗ୍ ଲଞ୍ଚରେ ସାମିଲ ହୋଇଥିଲେ।

### ସ୍ୱର୍ଣ୍ଣମନ୍ଦିର ନିକଟରେ ବିସ୍ଫୋରଣ: ଅନେକେ ଆହତ

**ଅମୃତସର, ୭।୫:** ପଞ୍ଜାବର ଅମୃତସରରେ ଥିବା ସ୍ୱର୍ଣ୍ଣମନ୍ଦିର ନିକଟରେ ଶନିବାର ବିଳମ୍ବିତ ରାତିରେ ବିସ୍ଫୋରଣ ଘଟି ୬ରୁ ଅଧିକ ଲୋକ ଆହତ ହୋଇଛନ୍ତି। ହେରିଟେଜ୍ ଷ୍ଟ୍ରିଟ୍‌ର ସାରାଗଡ଼ି ସରାଇ ସମ୍ମୁଖ ପାର୍କିଂ ସ୍ଥାନରେ ଏହି ବିସ୍ଫୋରଣ ଘଟିଥିଲା। ଏହି ସମୟରେ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ରାସ୍ତାରେ ଚଲାବୁଲା କରୁଥିଲେ। ବିସ୍ଫୋରଣରେ ହେରିଟେଜ୍ ଷ୍ଟ୍ରିଟ୍‌ର ପଦଚାରୀମାନେ ଆହତ ହେବା ସହ ନିକଟରେ ଥିବା ଏକ ରେଷ୍ଟୁରାଣ୍ଟର ୱିଣ୍ଡୋପ୍ୟାନ୍ କ୍ଷତିଗ୍ରସ୍ତ ହୋଇଛି। ଏକ ଅଟୋରିକ୍ସାରେ ଥିବା ୬ ଜଣ ଝିଅ ଓ ନିକଟବର୍ତ୍ତୀ ବେଞ୍ଚରେ ବସିଥିବା ଜଣେ ବ୍ୟକ୍ତି ସାମାନ୍ୟ ଆହତ ହୋଇଛନ୍ତି। ଆତଙ୍କବାଦୀ ଆକ୍ରମଣ ଆଶଙ୍କାରେ ଲୋକେ ଭୟଭୀତ ହୋଇଯାଇଥିଲେ।

### କର୍ଣ୍ଣାଟକରେ ଛାପା ବିଜ୍ଞାପନ ଉପରେ ଇସିଙ୍କ କଟକଣା

**ନୂଆଦିଲ୍ଲୀ, ୭।୫(ପି.ଟି.):** କର୍ଣ୍ଣାଟକରେ ଭୋଟ ଓ ଏହାର ପୂର୍ବଦିନ ଛାପା ଗଣମାଧ୍ୟମରେ ବିଜ୍ଞାପନ ପ୍ରକାଶନ ଉପରେ ନିର୍ବାଚନ କମିଶନ (ଇସି) କଟକଣା ଲଗାଇଛନ୍ତି। ମିଡିଆ ସାର୍ଟିଫିକେସନ ଏବଂ ମନିଟରିଂ କମିଟିର ମଞ୍ଜୁରୀ ବିନା ଉକ୍ତ ଦୁଇ ଦିନ କୌଣସି ଦଳ କିମ୍ବା ପ୍ରାର୍ଥୀ ଛାପା ଗଣମାଧ୍ୟମରେ ବିଜ୍ଞାପନ ଦେଇପାରିବେ ନାହିଁ। ୧୦ ତାରିଖରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ସୋମବାର ଅପରାହ୍ନରେ ପ୍ରଚାର ଶେଷ ହେବ। ଏହା ପୂର୍ବରୁ ଇସି ଆଡଭାଇଜରି ଜାରି କରିଛନ୍ତି। କର୍ଣ୍ଣାଟକ ଖବରକାଗଜଗୁଡ଼ିକର ସମ୍ପାଦକଙ୍କୁ ନିର୍ବାଚନ କମିଶନ ପତ୍ର ଲେଖି ସେମାନଙ୍କୁ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ସାମ୍ବାଦିକତା ଆଚରଣ ନିୟମାବଳୀ ସମ୍ପର୍କରେ ସତର୍କ କରାଇଦେଇଛନ୍ତି। ଖବରକାଗଜରେ ବିଜ୍ଞାପନ ସମେତ ସମସ୍ତ ବିଷୟ ପ୍ରକାଶନ ପାଇଁ ସେମାନେ ଦାୟୀ ରହିବେ ବୋଲି ପତ୍ରରେ କୁହାଯାଇଛି।



ବ୍ରିଟେନ୍ ରାଜା ଚାର୍ଲ୍ସ ୩ୟଙ୍କ ରାଜ୍ୟାଭିଷେକକୁ ବିରୋଧ କରି ଲଣ୍ଡନରେ ବିକ୍ଷୋଭ ପ୍ରଦର୍ଶନ।

# ପରେଡ୍‌ରେ କେବଳ ମହିଳା କଣ୍ଟିଜେଣ୍ଟ ଭାଗନେବେ

**ନୂଆଦିଲ୍ଲୀ, ୭।୫ (ପି.ଟି.)**

## ୨୦୨୪ ସାଧାରଣତନ୍ତ୍ର ଦିବସ



ଆସନ୍ତାବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ବେଳେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥ ପରେଡରେ କେବଳ ମହିଳା ମାର୍ଚ୍ଚିଂ ଓ ବ୍ୟାଣ୍ଡ କଣ୍ଟିଜେଣ୍ଟଙ୍କୁ ଦେଖିବାକୁ ମିଳିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଉଛି। ଗତ ମାର୍ଚ୍ଚରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୩ ବାହିନୀ ସମେତ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗକୁ ଏହି ମର୍ମରେ ପତ୍ର ପଠାଯାଇଥିଲା। ଫେବୃୟାରୀରେ ପ୍ରତିରକ୍ଷା ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ ବସି ଆଗାମୀ ସାଧାରଣତନ୍ତ୍ର ଦିବସ ପରେଡରେ କେବଳ ମହିଳା କଣ୍ଟିଜେଣ୍ଟମାନଙ୍କୁ ସାମିଲ କରିବା ପାଇଁ ପ୍ରସ୍ତାବ ଉପରେ ନିଷ୍ପତ୍ତି ନିଆଯାଇଥିଲା। ପରେଡରେ ମହିଳା ମାର୍ଚ୍ଚିଂ ଓ ବ୍ରାଣ୍ଡ କଣ୍ଟିଜେଣ୍ଟ ସମେତ ପ୍ରଜ୍ଞାପନ ମେଢ଼ ଓ ଅନ୍ୟାନ୍ୟ ପ୍ରଦର୍ଶନରେ ମଧ୍ୟ ମହିଳାମାନଙ୍କୁ ସାମିଲ କରାଯିବ ବୋଲି ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଥିଲା। ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଦେଶର ସାମରିକ ସାମର୍ଥ୍ୟ ଏବଂ ଗୌରବମୟ ସାଂସ୍କୃତିକ ଐତିହ୍ୟର ପ୍ରଦର୍ଶନ କରାଯାଇଥିଲା, ଯେଉଁଥିରେ ନାରୀଶକ୍ତି ପ୍ରମୁଖ ପ୍ରସଙ୍ଗ ଥିଲା। ବାୟୁସେନାର ୧୪୪ ଯବାନମାନଙ୍କ ମାର୍ଚ୍ଚିଂ କଣ୍ଟିନେଣ୍ଟର ନେତୃତ୍ୱ ଜଣେ ମହିଳା ଅଫିସର ନେଇଥିଲେ। କେରଳ, କର୍ଣ୍ଣାଟକ, ତାମିଲନାଡୁ, ମହାରାଷ୍ଟ୍ର ଓ ତ୍ରିପୁରାର ପ୍ରଜ୍ଞାପନ ମେଢ଼ର ମୁଖ୍ୟ ବିଷୟ ଥିଲା ନାରୀଶକ୍ତି।

## ବିପଦ ସାଜିଛି ବନ୍ଧୁକ ସଂସ୍କୃତି

# ଟେକ୍ସାସ୍‌ରେ ଗୁଳି: ୯ ମୃତ


ମଲ୍‌ରେ ଗୁଳିକାଣ୍ଡ ପରେ ଭୟରେ ପଳାୟନ କରୁଛନ୍ତି ଗ୍ରାହକ।

**ହ୍ୟୁଷ୍ଟନ୍,୭।୫**

ଆମେରିକାର ଟେକ୍ସାସ୍ଥିତ ଡୋଲ୍ଲାସ ସହରର ଏକ ବ୍ୟସ୍ତବହୁଳ ମଲ୍‌ରେ ଶନିବାର ଗୁଳିକାଣ୍ଡ ଘଟିଛି। ଜଣେ ବନ୍ଧୁକଧାରୀ ଆଖିବୁଜା ଗୁଳି ଚଳାଇବାରୁ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୁରକ୍ଷା କର୍ମୀଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ସେ ମଧ୍ୟ ନିହତ ହୋଇଛନ୍ତି। ଦେଶରେ ଚଳିତ ବର୍ଷ ଘଟିଥିବା ୧୯୮ଟି ଗୁଳିକାଣ୍ଡରେ ପ୍ରାୟ ୧୪,୦୦୦ ଜଣଙ୍କ ଜୀବନ ଗଲାଣି, ଯାହାକି ୨୦୧୬ ପରଠୁ ସର୍ବାଧିକ। ବନ୍ଧୁକ ହିଂସାଜନିତ ଏହି ମୃତ୍ୟୁର ଅର୍ଦ୍ଧାଧିକ ଆତ୍ମହତ୍ୟା ବୋଲି ଗନ୍ ଭାଓଲେନ୍ସ ଆର୍କାଇଭ୍ ତଥ୍ୟରୁ ପ୍ରଘଟ ହେବା ପରେ ଦେଶରେ ବନ୍ଧୁକ ନିୟନ୍ତ୍ରଣ ଆଇନକୁ ନେଇ ପ୍ରଶ୍ନ ଉଠିଛି।

ବିଶ୍ୱର କେତେଜଣଙ୍କ ପାଖରେ ବନ୍ଧୁକ ରହିଛି ତାହା କହିବା ସହଜ ନୁହେଁ। ତେବେ ଆମେରିକାରେ ଦୁନିଆର ସର୍ବାଧିକ ବନ୍ଧୁକ ମାଲିକ ଅଛନ୍ତି। ଆମେରିକା ସମ୍ବିଧାନର ଦ୍ୱିତୀୟ ସଂଶୋଧନ ସେମାନଙ୍କୁ ବନ୍ଧୁକ ଧାରଣର ସୁରକ୍ଷା ଦେଇଥାଏ। ଆତ୍ମରକ୍ଷା, ଶିକାର ଓ ଅବସର ବିନୋଦନ ପାଇଁ ବନ୍ଧୁକ ବ୍ୟବହାର ସେଠାରେ ସାଧାରଣ କଥା। କିନ୍ତୁ ଏହି ସୁବିଧା ଆମେରିକୀୟଙ୍କୁ ମୃତ୍ୟୁ ଆଡ଼କୁ ଟାଣିନେଉଛି। କାରଣ ଟାର୍ଗେଟ ଶୁଟିଂ ମଧ୍ୟ ବଢ଼ିଚାଲିଛି। ଏହି କ୍ରମରେ ଶନିବାର ସ୍ଥାନୀୟ ସମୟ ଅପରାହ୍ନ ୩ଟା ୩୦ରେ ଡୋଲ୍ଲାସ୍‌ର ଆଲେନ୍ ପ୍ରିମିୟମ୍ ଆଉଟ୍‌ଲେଟ୍‌ରେ ଏକ ଟାର୍ଗେଟ କିଲିଂ ହୋଇଛି। ଲୋକେ ଉକ୍ତ ଶପିଂ ମଲ୍‌ରେ କିଣାକିଣିରେ ବ୍ୟସ୍ତ ଥିବାବେଳେ ହଠାତ୍ ଜଣେ ବନ୍ଧୁକଧାରୀ ସେଠାକୁ ଧସେଇ ପଶିଥିଲେ। ସେ ଗ୍ରାହକମାନଙ୍କୁ ଅବିଚାରିତ ଭାବେ ଗୁଳିମାଡ଼ କରିଥିଲେ। ଗୁଳି ଶବ୍ଦରେ ଆତଙ୍କିତ କେତେଜଣ ଗ୍ରାହକ ଓ ମଲ୍ କର୍ମଚାରୀ ପ୍ରାଣ ବିକଳରେ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେଇଥିଲେ। ତଥାପି ଏହି ଆକ୍ରମଣରେ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ପୋଲିସ ସହ କିଛି ସମୟର ଗୁଳି ବିନିମୟ ପରେ ବନ୍ଧୁକଧାରୀଙ୍କ ମୃତ୍ୟୁ ଘଟିଛି। ପୋଲିସ ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ମଲ୍‌କୁ ୨ ଘଣ୍ଟା ପରେ ବିପଦମୁକ୍ତ ଘୋଷଣା କରିଛି। ଗଭର୍ନର ଗ୍ରେଗ୍ ଆବ୍ବୋଟ୍ଟ ଏହି ଶୁଟିଂକୁ ଏକ 'ଅକଥନୀୟ ଟ୍ରାଜେଡି' ବୋଲି ଅଭିହିତ କରିଛନ୍ତି। ଗୁଳିକାଣ୍ଡ ସମ୍ପର୍କରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଅବଗତ କରାଯାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।

### କାହିଁକି ବଢ଼ୁଛି ବନ୍ଧୁକ ହିଂସା

ଗନ୍ ଭାଓଲେନ୍ସ ଆର୍କାଇଭ୍ ତଥ୍ୟାନୁସାରେ ଗତ ୧ ତାରିଖ ସୁଦ୍ଧା ଆମେରିକାର ୧୩,୯୫୯ ଜଣ ବନ୍ଧୁକ ହିଂସାରେ ପ୍ରାଣ ହରାଇଛନ୍ତି। ଅର୍ଥାତ୍ ଗୁଳିମାଡ଼ରେ ଦୈନିକ ୧୧୫ ଜଣଙ୍କ ମୃତ୍ୟୁ ଘଟୁଛି। ଏବର୍ଷର ମୃତକଙ୍କ ମଧ୍ୟରୁ ୪୯୧ ସ୍ୱଳ୍ପବୟସ୍କ ହୋଇଥିବାବେଳେ ୮୫ ଜଣ ହେଉଛନ୍ତି ଶିଶୁ। ସେହିପରି ମୋଟ ମୃତ୍ୟୁସଂଖ୍ୟାର ୬୬% ଆତ୍ମହତ୍ୟା। ଟେକ୍ସାସ୍, କାଲିଫର୍ନିଆ, ନର୍ଥ କାରୋଲିନା, ଫ୍ଲୋରିଡା, ଜର୍ଜିଆ, ଇଲିନୋଇସ୍ ଓ ଲୁଇସିଆନାରେ ସର୍ବାଧିକ ଗୁଳିକାଣ୍ଡ ଦେଖିବାକୁ ମିଳିଛି। ବନ୍ଧୁକ ହିଂସାଜନିତ ହିଂସାରେ ୨୦୧୪ ପରଠୁ ଅଦ୍ୟାବଧି ୩୯,୦୦୦ ଜଣଙ୍କ ମୃତ୍ୟୁ ଘଟିଲାଣି। ୨୦୨୧ରେ ଏହି ସଂଖ୍ୟା ୪୮,୮୩୦ ଥିବାବେଳେ ୨୦୨୨ରେ ୪୪,୩୧୦ ଥିଲା। ୟୁଏସ୍ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନର ତଥ୍ୟାନୁସାରେ ୨୦୧୯ରେ ଦେଶରେ ବନ୍ଧୁକ ଗୁଳିରେ ୩୮,୩୫୫ ଏବଂ ୨୦୨୦ରେ ୪୫,୦୦୦ରୁ ଉର୍ଦ୍ଧ୍ୱ ପ୍ରାଣ ହରାଇଥିଲେ। ଆମେରିକାରେ ବନ୍ଧୁକ ହିଂସାରେ କ୍ରମବର୍ଦ୍ଧିଷ୍ଣୁ ମୃତ୍ୟୁସଂଖ୍ୟା ପାଇଁ ନ୍ୟାଶନାଲ ରାଇଫଲ ଆସୋସିଏଶନ (ଏନ୍‌ଆର୍‌ଏ)କୁ ଅନେକ ସମୟରେ ଦାୟୀ କରାଯାଇଥାଏ। କାରଣ ଏହି ସଙ୍ଗଠନ ବନ୍ଧୁକ ନିୟନ୍ତ୍ରଣକୁ ବିରୋଧ କରେ। ଏନ୍‌ଆର୍‌ଏ ମତରେ ଲୋକଙ୍କ ହାତରେ ଯେତେ ଅଧିକ ବନ୍ଧୁକ ରହିବ ଆମେରିକା ସେତେ ସୁରକ୍ଷିତ ରହିବ। ଆମେରିକାରେ ଏହା ହେଉଛି ସବୁଠୁ ପ୍ରଭାବଶାଳୀ ସ୍ପେଶାଲ ଇଣ୍ଟ୍ରେଷ୍ଟ ଲବି ଗ୍ରୁପ୍, ଯାହା ପାଖରେ ବନ୍ଧୁକ ନୀତି ଉପରେ କଂଗ୍ରେସ ସଦସ୍ୟମାନଙ୍କୁ ପ୍ରଭାବିତ କରିବା ପାଇଁ ସ୍ୱତନ୍ତ୍ର ବଜେଟ ରହିଛି। ଦେଶରେ ବନ୍ଧୁକ ନିୟନ୍ତ୍ରଣ ପାଇଁ କଠୋର ଆଇନର ଆବଶ୍ୟକତା ଥିବା ନେଇ ସମସ୍ତେ ସଚେତନ। ୫୭



ପ୍ରତିଶତଙ୍କ ମତରେ କଡ଼ା ଆଇନ ଅଣାଯିବା କଥା। ୩୨% କୁହନ୍ତି, ଯାହା ଅଛି ଠିକ୍ ଅଛି। ୧୦% ଆଇନକୁ ଆହୁରି କୋହଳ କରାଯିବା ଉପରେ ଗୁରୁତ୍ୱ ଦିଅନ୍ତି। ତେବେ ରାଜନୈତିକ ସ୍ୱାର୍ଥ ଆଗରେ ସମ୍ଭାବ୍ୟ କଠୋର ଆଇନ ବଳି ପଡ଼ିଥାଏ। ଶାସକ ଡେମୋକ୍ରାଟିକ୍ ପାର୍ଟିର ୯୧% କଡ଼ା ବନ୍ଧୁକ ଆଣିବା ପାଇଁ ମତ ଦେଉଥିବାବେଳେ ବିରୋଧୀ ରିପବ୍ଲିକାନ୍ସଙ୍କ ମଧ୍ୟରୁ ୨୫% ଏହାକୁ ସମର୍ଥନ କରିଥାନ୍ତି। ତେଣୁ ଏହା ଉପରେ ରାଜନୈତିକ ସହମତି ପ୍ରକାଶ ପାଇପାରୁ ନାହିଁ।

### ଜମ୍ମୁ-କଶ୍ମୀରରେ ନିର୍ବାଚନ ବିଳମ୍ବକୁ ନେଇ ପ୍ରଶ୍ନ ଉଠାଇଲେ ଫାରୁକ୍



**ଶ୍ରୀନଗର, ୭।୫**

ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ବିଳମ୍ବ ହେବା ପଛର କାରଣକୁ ନେଇ ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା ରବିବାର ପ୍ରଶ୍ନ ଉଠାଇଛନ୍ତି। ଜମ୍ମୁ-କଶ୍ମୀରରେ ତୁରନ୍ତ ଏକ ନିର୍ବାଚିତ ସରକାର ଆବଶ୍ୟକ ଥିବା ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ କହିଛନ୍ତି। ଭାଜପା ନେତା ୫୦ ପ୍ରତିଶତ ଆସନ ଜିତିବେ ବୋଲି ଖୋଲାଖୋଲି ଘୋଷଣା କରୁଥିବାବେଳେ ନିର୍ବାଚନ କରାଇବାରେ କିଏ ଅଟକାଉଛି ବୋଲି ଫାରୁକ୍ ପ୍ରଶ୍ନ କରିଛନ୍ତି। ଉପମହାଦେଶରେ ସ୍ଥାୟୀ ଶାନ୍ତି ସୁନିଶ୍ଚିତ କରିବା ଲାଗି ପାକିସ୍ତାନ ସହ ଆଲୋଚନା ଆରମ୍ଭ କରିବା ଉପରେ ଅବଦୁଲ୍ଲା ଜୋର୍ ଦେଇଥିଲେ। ଦେଶରେ ମାନବାଧିକାରରେ ଅବନତି ଦେଖାଦେବା ସହ ଧର୍ମୀୟ ଅସହିଷ୍ଣୁତା ଓ ଦୁର୍ନୀତି ବଢ଼ିଚାଲିଛି। ଭାରତ ଭଳି ମହାନ ଦେଶ ପାଇଁ ଏସବୁ ଶୁଭ ସଙ୍କେତ ନୁହେଁ। ଜମ୍ମୁ-କଶ୍ମୀରରେ ଯଦି ସବୁକିଛି ଠିକ୍ ଚାଲିଛି, ତେବେ ନିର୍ବାଚନ କରାଇବାରେ ବିଳମ୍ବ କାହିଁକି। ଜମ୍ମୁ-କଶ୍ମୀରରେ ଜଣେ ଉପରାଜ୍ୟପାଳ ଓ ତାଙ୍କର ଉପଦେଷ୍ଟାମାନେ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିପାରିବେ ନାହିଁ। ଏହା ଏକ ଅମଲାତାନ୍ତ୍ରିକ ସରକାରରେ ପରିଣତ ହୋଇଥିବା ଫାରୁକ୍ କହିଛନ୍ତି।

# ଛତିଶଗଡ଼ରେ ୨,୦୦୦ କୋଟିର ମଦ ଦୁର୍ନୀତି

**ରାୟପୁର, ୭।୫**

ଛତିଶଗଡ଼ରେ ବେଆଇନ ମଦ ସିଣ୍ଡିକେଟ୍ ପଛରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ର ଜଣେ ଅଧିକାରୀ କିଙ୍ଗ୍‌ପିନ୍ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଭିଯୋଗ କରିଛି। ଆଇଏଏସ୍ ଅଫିସର ଅନିଲ ଟୁଟେଜା ମଦ ବ୍ୟବସାୟୀ ଅନୱର ଧେବାରଙ୍କ ସହ ମିଶି ଏହି ବେଆଇନ କାରବାର ଚଳାଇଥିଲେ। ଦୁର୍ନୀତିରୁ ଉପାର୍ଜିତ ଅର୍ଥକୁ ନିର୍ବାଚନ ପ୍ରଚାରରେ ଖର୍ଚ୍ଚ କରାଯାଉଥିଲା ବୋଲି ଇଡି କହିଛି। ଛତିଶଗଡ଼ରେ ୨୦୧୯ରୁ ୨୦୨୨ ମଧ୍ୟରେ ବିକ୍ରି ହୋଇଥିବା ମୋଟ ମଦରୁ ୩୦ରୁ ୪୦ ପ୍ରତିଶତ ହେଉଛି ହିସାବ ବହିର୍ଭୂତ ବେଆଇନ ମଦ ବୋଲି ଇଡି ତଦନ୍ତରୁ ଜାଣିବାକୁ ପାଇଛି। ରାଜ୍ୟରେ ଉଚ୍ଚସ୍ତରୀୟ ସରକାରୀ ଅଧିକାରୀ, ଘରୋଇ ବ୍ୟକ୍ତିବିଶେଷ ଏବଂ ରାଜନୈତିକ ପଦାଧିକାରୀମାନଙ୍କୁ ନେଇ ବେଆଇନ ମଦ ବ୍ୟବସାୟର ସିଣ୍ଡିକେଟ୍ ଚାଲିଥିଲା। ଏହି ଦୁର୍ନୀତିରୁ ୨,୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆୟ କରାଯାଇ ନିର୍ବାଚନରେ ଖର୍ଚ୍ଚ କରାଯାଇଥିଲା। ଅନୱର ହେଉଛନ୍ତି କଂଗ୍ରେସ ନେତା ତଥା ରାୟପୁର ମେୟର ଐଜାଜ୍ ଧେବରଙ୍କ ବଡ଼ଭାଇ। ୨୦୦୩ ବ୍ୟାଚ୍‌ର ଆଇଏଏସ୍ ଅଫିସର ଟୁଟେଜା ଏବେ ଛତିଶଗଡ଼ ସରକାରରେ ଶିଳ୍ପ ଓ ବାଣିଜ୍ୟ ବିଭାଗ ଯୁଗ୍ମ ସଚିବ ଅଛନ୍ତି। ଶନିବାର ଅନୱରଙ୍କୁ ଗିରଫ କରାଯିବା ପରେ ୪ ଦିନିଆ ଇଡି ରିମାଣ୍ଡରେ ପଠାଯାଇଛି।

## ଆଇଏଏସ୍ ଅଫିସର କିଙ୍ଗ୍‌ପିନ୍


ଅନିଲ ଟୁଟେଜା

# ମଣିପୁର ହିଂସା: ଉଦ୍ଧାର ହେଲେଣି ୨୩ ହଜାର

**ଇମ୍ଫାଲ, ୭।୫**

ମଣିପୁରରେ ଗତ କିଛିଦିନର ହିଂସାକାଣ୍ଡ ଓ ରକ୍ତାକ୍ତ ଜାତିଗତ ସଂଘର୍ଷ ପରେ ରବିବାର ଜୀବନଯାତ୍ରା ସ୍ୱାଭାବିକ ସ୍ଥିତିକୁ ଫେରୁଥିବା ଦେଖାଯାଇଛି। ସୈନ୍ୟବାହିନୀ ପକ୍ଷରୁ ହିଂସାପ୍ରବଣ ଅଞ୍ଚଳରେ ଡ୍ରୋନ୍ ଏବଂ ହେଲିକପ୍ଟର ସହାୟତାରେ ଆକାଶ ମାର୍ଗରୁ ତୀକ୍ଷ୍ଣ ନଜର ରଖାଯାଇଛି। ରବିବାର ରାଜ୍ୟର ବିଭିନ୍ନ ଭାଗରେ କର୍ଫ୍ୟୁ କୋହଳ କରାଯାଇଛି। ଇତିମଧ୍ୟରେ ସେନା ଓ ଆସାମ ରାଇଫଲ୍ସର ଯବାନମାନେ ହିଂସାଗ୍ରସ୍ତ ଅଞ୍ଚଳରୁ ୨୩,୦୦୦ ସାଧାରଣ ନାଗରିକଙ୍କୁ ଉଦ୍ଧାର କଲେଣି। ସେମାନଙ୍କୁ ସୁରକ୍ଷିତ ସେନା ବେସ୍‌କୁ ପଠାଯାଇଛି।

ଦଙ୍ଗାଗ୍ରସ୍ତ ଚୁରାଚାନ୍ଦପୁର ଜିଲାରେ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯିବା ପରେ ବହୁସଂଖ୍ୟାରେ ଲୋକେ ଘରୁ ବାହାରି ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ କିଣୁଥିବା ଦେଖାଯାଇଥିଲା। ୧୦ଟା ପରେ ସେନା ଏବଂ ଆସାମ ରାଇଫଲ୍ସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା।


ହିଂସା ପ୍ରଭାବିତ ମଣିପୁର ବାସିନ୍ଦା ସୁରକ୍ଷିତ ସ୍ଥାନକୁ ପଳାୟନ କରୁଛନ୍ତି।

ଦଙ୍ଗା କ୍ଷତିଗ୍ରସ୍ତ ଅଞ୍ଚଳରେ ୧୦ ହଜାର ସୈନ୍ୟ, ଅର୍ଦ୍ଧସାମରିକ ଯବାନ ଏବଂ କେନ୍ଦ୍ରୀୟ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ତୃଣମୂଳ ସ୍ତରରେ ଶାନ୍ତି ସୁନିଶ୍ଚିତ କରିବା ନିମନ୍ତେ ପ୍ରତି ନିର୍ବାଚନ ମଣ୍ଡଳୀରେ ଶାନ୍ତି କମିଟି ଗଢ଼ାଯିବ ବୋଲି ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ କହିଛନ୍ତି।

ମଣିପୁରର ହିଂସାପ୍ରବଣ ଅଞ୍ଚଳରେ ଫସିରହିଥିବା ଲୋକମାନଙ୍କୁ ଉଦ୍ଧାର କରିବା ଲାଗି ବିଭିନ୍ନ ରାଜ୍ୟ ସ୍ୱତନ୍ତ୍ର ବିମାନର ଆୟୋଜନ କରିଛନ୍ତି। ଓଡ଼ିଶାର ୧୦ ଜଣ ଛାତ୍ରୀଛାତ୍ର ମଣିପୁରରୁ ଫେରିଥିବାବେଳେ ଅନ୍ୟମାନଙ୍କୁ ଫେରାଇ ଆଣିବାକୁ ଉଦ୍ୟମ ହେଉଛି। ମହାରାଷ୍ଟ୍ରର ୨୨ ଜଣ ଶିକ୍ଷାର୍ଥୀଙ୍କୁ ଫେରାଇ ଆଣିବା ଲାଗି ପଦକ୍ଷେପ ନିଆଯାଉଥିବା ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ଆନ୍ଧ୍ରପ୍ରଦେଶ ସରକାର ମଣିପୁରରୁ ଛାତ୍ରୀଛାତ୍ରଙ୍କୁ ଫେରାଇ ଆଣିବା ଲାଗି ଶନିବାର ହେଲ୍ପଲାଇନ ଖୋଲିବା ସହ ନୂଆଦିଲ୍ଲୀରେ କଣ୍ଟ୍ରୋଲ ରୁମ୍ ଖୋଲିଥିଲେ। ସେହିପରି ପଶ୍ଚିମବଙ୍ଗ ଛାତ୍ରୀଛାତ୍ରଙ୍କୁ ମଣିପୁରରୁ ଫେରାଇ ଆଣିବା ଲାଗି ଉଦ୍ୟମ ଜାରି ରହିଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି।

### ମେଇତିଙ୍କୁ ଏସ୍‌ଟି ମାନ୍ୟତା ବିରୋଧରେ ସୁପ୍ରିମକୋର୍ଟ ଗଲେ ଭାଜପା ବିଧାୟକ

**ନୂଆଦିଲ୍ଲୀ, ୭।୫ (ପି.ଟି.)**

ମଣିପୁର ସ୍ଥିତିକୁ ନେଇ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଛି। ମେଇତି ସମ୍ପ୍ରଦାୟଙ୍କୁ ଅନୁସୂଚିତ ଜନଜାତି ମାନ୍ୟତା ପ୍ରଦାନ ଲାଗି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଭାଜପା ବିଧାୟକ ତଥା ପାର୍ବତ୍ୟାଞ୍ଚଳ କମିଟି (ଏଚ୍‌ଏସି) ଅଧ୍ୟକ୍ଷ ଡିଙ୍ଗାଙ୍ଗଲୁଙ୍ଗ ଗଙ୍ଗମେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମଣିପୁର ହିଂସାର ଏସ୍‌ଆଇଟି ତଦନ୍ତ ଲାଗି ନିର୍ଦ୍ଦେଶ ଦେବାକୁ ମଣିପୁର ଟ୍ରାଇବାଲ ଫୋରମ ପକ୍ଷରୁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ସୋମବାର ପିଟିଶନଗୁଡ଼ିକର ଶୁଣାଣି ହେବ।

ମେଇତିମାନଙ୍କୁ ଅନୁସୂଚିତ ଜନଜାତି ମାନ୍ୟତା ପ୍ରଦାନ ଲାଗି ଗତ ମାର୍ଚ୍ଚ ୨୭ରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବିରୋଧ କରି ଚୁରାଚାନ୍ଦପୁର ଜିଲାରେ ଗତ ବୁଧବାର ଅନ୍ୟ ଆଦିବାସୀ ସମ୍ପ୍ରଦାୟ ବିକ୍ଷୋଭକୁ ଓହ୍ଲାଇଥିଲେ, ଯାହା ହିଂସାତ୍ମକ ରୂପ ନେଇଥିଲା। ଗଙ୍ଗମେଇଙ୍କ କହିବା ଅନୁଯାୟୀ, ମେଇତିମାନଙ୍କୁ ଏସ୍‌ଟି ମାନ୍ୟତା ପ୍ରଦାନ ଲାଗି ହାଇକୋର୍ଟ ନିଷ୍ପତ୍ତି ନେବା ବେଳେ ଏଚ୍‌ଏସିକୁ ପକ୍ଷ ଭାବେ ଗ୍ରହଣ କରି ନ ଥିଲେ। ଏପରିକି ହାଇକୋର୍ଟ ଏଚ୍‌ଏସିକୁ ନୋଟିସ ନ କରି ମେଇତିମାନଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଉଭୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନାରୁ ହିଂସାକାଣ୍ଡ ଘଟି ୧୯ ଆଦିବାସୀଙ୍କ ଜୀବନ ଗଲା ବୋଲି ଗଙ୍ଗମେଇ କହିଛନ୍ତି।


ଜୟପୁରଠାରେ ଅନୁଷ୍ଠିତ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଜଣେ ରାଜସ୍ଥାନ ରୟାଲ୍ସ ସମର୍ଥକ।

# ସନରାଇଜର୍ସର ରୋମାଞ୍ଚକ ବିଜୟ

**ଜୟପୁର,୭।୫**

ଅନ୍ତିମ ବଲରେ ଛକା ମାରି ଅବଦୁଲ୍ ସମଦ(୭ ବଲ୍ ୧୭ ରନ୍) ରବିବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦକୁ ବିଜୟ ସ୍ୱାଦ ଚଖାଇଛନ୍ତି। ବିଭିନ୍ନ ସମୟରେ ନାଟକୀୟ ମୋଡ଼ ନେବାପରେ ଶେଷରେ ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ୨୦ ଓଭରରେ ୨ ଉଇକେଟ ହରାଇ ୨୧୪ ରନ୍ ସଂଗ୍ରହ କରିଥିଲା। ଜବାବରେ ହାଇଦ୍ରାବାଦ ୨୦ ଓଭରରେ ୬ ଉଇକେଟରେ ୨୧୭ ରନ୍ କରି ବିଜୟୀ ହୋଇଥିଲା। ଅନ୍ତିମ ଓଭରରେ ୧୭ ରନ୍ ଆବଶ୍ୟକ ଥିବା ବେଳେ ପ୍ରଥମ ୫ ବଲ୍‌ରୁ ୧୨ ରନ୍ ସଂଗୃହୀତ ହୋଇଥିଲା। ଶେଷ ବଲରେ ୫ ରନ୍ ଆବଶ୍ୟକ ଥିବା ବେଳେ ସନ୍ଦୀପ ଶର୍ମା ନୋ ବଲ୍ ପକାଇଥିଲେ। ଅନ୍ତିମ ବଲ୍‌ରୁ ୪ ରନ୍ ଦରକାର ଥିବା ବେଳେ ଅବଦୁଲ ସମଦ ଛକା ମାରି ଦଳକୁ ଜିତାଇଥିଲେ। ରାଜସ୍ଥାନ ପକ୍ଷରୁ ଜୋସ୍ ବଟଲର ୯୫ ଓ ଅଧିନାୟକ ସଞ୍ଜୁ ସାମସନ୍ ୬୬ ରନ୍ କରିଥିଲେ। ସନରାଇଜର୍ସ ପକ୍ଷରୁ ଅଭିଷେକ ଶର୍ମା ୫୫ ଓ ରାହୁଲ ତ୍ରିପାଠୀ ୪୭ ରନ୍‌ର ଇନିଂସ ଖେଳିଥିଲେ। ଯୁଜବେନ୍ଦ୍ର ଚହଲ ୪ ଉଇକେଟ ସହିତ ଆଇପିଏଲ୍‌ର ସର୍ବାଧିକ ଉଇକେଟ ହାସଲକାରୀ ପାଲଟିଥିଲେ।

ସୱାଇ ମାନସିଂହ ଷ୍ଟାଡିୟମରେ ରାଜସ୍ଥାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲା। ଜୋସ୍ ବଟଲର ଏବଂ ଯଶସ୍ୱୀ ଜୟସ୍ୱାଲ ଇନିଂସ ଆରମ୍ଭ କରି ୫୪ ରନ୍ ଯୋଡିଥିଲେ। ଦ୍ରୁତ ବ୍ୟାଟିଂ କରି ଜୟସ୍ୱାଲ ୧୮ ବଲ୍‌ରୁ ୩୫ ରନ୍ କରି ଆଉଟ ହୋଇଥିଲେ। ଜୟସ୍ୱାଲ ଆଉଟ ହେବା ପରେ ବଟଲର ଆକ୍ରମଣାତ୍ମକ ବ୍ୟାଟିଂ କରି ସଞ୍ଜୁ ସାମସନଙ୍କ ସହ ଦ୍ୱିତୀୟ ଉଇକେଟରେ ୧୩୮ ରନ୍ ଯୋଡିଥିଲେ। ବଟଲର ୫୯ ବଲ୍ ଖେଳି ୯୫ ରନ୍ କରିଥିଲେ। ଶତକରୁ ବଞ୍ଚିତ ହୋଇଥିବା ବଟଲର ୧୯ ତମ ଓଭରରେ ଭୁବନେଶ୍ୱରଙ୍କ ବଲ୍‌ରେ ଲେଗ୍ ବିଫୋର ହୋଇଥିଲେ। ତାଙ୍କ ଇନିଂସରେ ୧୦ ଚୌକା ଓ ୪ ଛକା ସାମିଲ ଥିଲା। ଅନ୍ୟ ପକ୍ଷରେ ଶେଷ ଯାଏ ଅପରାଜିତ ଥିବା ରୟାଲ୍ସ ଅଧିନାୟକ ସାମସନ୍ ୩୮ବଲ୍ ଖେଳି ୬୬ ରନ୍ କରିଥିଲେ। ତାଙ୍କ ଇନିଂସରେ ୪ ଚୌକା ଓ ୫ ଛକା ସାମିଲ ଥିଲା। ଉଭୟ ସାମସନ୍ ଓ ବଟଲର ୮୧ ବଲ୍ ଖେଳି ୧୩୮ ରନ୍ ଯୋଡିଥିଲେ। ସନରାଇଜର୍ସ ପକ୍ଷରୁ ମାର୍କୋ ଜାନସେନ୍ ଓ ଭୁବନେଶ୍ୱର କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୧୫ ରନ୍ ଲକ୍ଷ୍ୟରେ ସନରାଇଜର୍ସ ପକ୍ଷରୁ ଦୁଇ ଓପନର ଅନମୋଲପ୍ରୀତ ସିଂ(୩୩) ଓ ଅଭିଷେକ ଶର୍ମା(୫୫) ପ୍ରଥମ ଉଇକେଟରେ ୫୧ ରନ୍ ଯୋଡିଥିଲେ। ୨୫ ବଲ ଖେଳି ଅନମୋଲପ୍ରୀତ ୪ ଚୌକା ଓ ୧ ଛକା ମାରିଥିଲେ। ରାହୁଲ ତ୍ରିପାଠୀ କ୍ରିଜରେ ଯୋଗ ଦେବା ସହିତ ଅଭିଷେକ ଶର୍ମାଙ୍କ ସହିତ ୬୫ ରନ୍ ଯୋଡିଥିଲେ। ଅଭିଷେକ ଚଳିତ ସିଜନର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିବା ପରେ ଅଶ୍ୱିନଙ୍କ ବଲ୍‌ରେ ଆଉଟ ହୋଇଥିଲେ। ସେ ୩୪ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିଲେ। ରାହୁଲ ତ୍ରିପାଠୀ(୪୭)ଙ୍କ ସହ ମିଶି ହେନରିଚ୍ କ୍ଲାସେନ(୨୬) ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିବା ବେଳେ ହାଇଦ୍ରାବାଦ ବିଜୟର ନିକଟତର ହୋଇଥିଲା। ତେବେ ୧୬ତମ ଓଭରରେ କ୍ଲାସେନ୍ ଓ ୧୮ ତମ ଓଭରରେ ରାହୁଲ ତ୍ରିପାଠୀ ଓ ଆଡେନ ମାରକ୍ରମଙ୍କୁ ଆଉଟ କରି ମ୍ୟାଚକୁ ରାଜସ୍ଥାନ ପକ୍ଷକୁ ଆଣିଥିଲେ। ତେବେ ୧୯ ତମ ଓଭର ବୋଲିଂ କରିଥିବା କୁଲଦୀପ ଯାଦବଙ୍କ ଓଭରରୁ ୨୪ ରନ୍ କରିଥିଲେ ଗ୍ଲେନ୍ ଫିଲିପ୍ସ। ଅନ୍ତିମ ଓଭରରେ ୧୭ ରନ୍ ଆବଶ୍ୟକ ଥିବା ବେଳେ ପ୍ରଥମ ବଲରେ ସମଦଙ୍କ କ୍ୟାଚ୍ ହାତଛଡା କରିଥିଲେ ଓବେଡ ମ୍ୟାକୟ। ରାଜସ୍ଥାନ ପକ୍ଷରୁ ଯୁଜବେନ୍ଦ୍ର ଚହଲ ୪ ଉଇକେଟ ନେଇଥିବା ବେଳେ ଆର. ଅଶ୍ୱିନ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସନରାଇଜର୍ସ ଚତୁର୍ଥ ବିଜୟ ହାସଲ କରିଥିବା ବେଳେ ଅନ୍ତିମ ୬ ମ୍ୟାଚରୁ ପଞ୍ଚମ ପରାଜୟ ବରଣ କରିଛି ରାଜସ୍ଥାନ ରୟାଲ୍ସ।


କୋଚ୍ ବ୍ରାଏନ୍ ଲାରାଙ୍କ ସହ ଅଧିନାୟକ ଏଡେନ ମାରକ୍ରମ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୧୪/୨ (ଜୋସ ବଟଲର-୯୫, ସଞ୍ଜୁ ସାମସନ୍-୬୬*, ଯଶସ୍ୱୀ ଜୟସ୍ୱାଲ-୩୫, ମାର୍କୋ ଜାନସେନ୍-୧/୪୪, ଭୁବନେଶ୍ୱର କୁମାର-୧/୪୪)। ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୧୭/୬ (ଅଭିଷେକ ଶର୍ମା-୫୫, ରାହୁଲ ତ୍ରିପାଠୀ-୪୭, ଅନମୋଲପ୍ରୀତ୍ ସିଂ-୩୩, ଯୁଜବେନ୍ଦ୍ର ଚହଲ-୪/୨୯, ଆର. ଅଶ୍ୱିନ୍-୧/୩୫, କୁଲଦୀପ ଯାଦବ-୧/୫୦)।

## ଚିତ୍ରଭେଲ, ଅବିନାଶ, ପାରୁଲଙ୍କ ଜାତୀୟ ରେକର୍ଡ

**ନୂଆଦିଲ୍ଲୀ, ୭।୫ (ପି.ଟି.):** ବିଶ୍ୱ ଆଥ୍‌ଲେଟିକ୍ସ ଦିବସରେ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି ଟ୍ରିପଲ ଜମ୍ପର ପ୍ରବୀଣ ଚିତ୍ରଭେଲ, ୫୦୦୦ ମିଟର ଧାବକ ଓ ଧାବିକା ଅବିନାଶ ସାବଲେ ଏବଂ ପାରୁଲ ଚୌଧାରୀ। କ୍ୟୁବାରେ ପ୍ରବୀଣ ଜାତୀୟ ରେକର୍ଡ ଭାଙ୍ଗିବା ସହିତ ୨୦୨୩ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ଯୁକ୍ତରାଷ୍ଟ୍ର ଆମେରିକାରେ ଅନୁଷ୍ଠିତ ଲସ୍ ଆଞ୍ଜେଲ୍ସ ଆଥ୍‌ଲେଟିକ୍ ମିଟ୍‌ରେ ୫୦୦୦ ମିଟର ଦୌଡ଼ରେ ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ଅବିନାଶ ଓ ପାରୁଲ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି।

ଚିତ୍ରଭେଲ ୧୭.୩୭ ମିଟର ଉଚ୍ଚ ଡେଇଁବା ସହିତ ରଞ୍ଜିତ୍ ମାହେଶ୍ୱରୀଙ୍କ ନାମରେ ଥିବା ୨୦୧୬ ମସିହାର ରେକର୍ଡ ଭାଙ୍ଗିଛନ୍ତି। ଶନିବାର କ୍ୟୁବାର ହାଭାନାରେ ଭି ପୁରେବା କନଫ୍ରେଣ୍ଡେଶନରେ କାଟେଗୋରି ଏଫ୍ ଇଭେଣ୍ଟରେ ୨୧ ବର୍ଷୀୟ ଚିତ୍ରଭେଲ ୧୭.୩୭ ମିଟର ଜମ୍ପ୍ ସହିତ ପୋଡିୟମ ଫିନିଶ କରିଥିଲେ। ଏହାସହିତ ୨୦୨୩ ବୁଦାପେଷ୍ଟ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ପାଇଁ ରହିଥିବା ୧୭.୨୦ର ମାର୍କ ଅତିକ୍ରମ କରିଛନ୍ତି। ଏହାପୂର୍ବରୁ ଚିତ୍ରଭେଲଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୧୭.୧୮ ମିଟର ରହିଥିଲା। ଚିତ୍ରଭେଲ ବର୍ତ୍ତମାନ କୋଚ୍ ୟୋଆନ୍ଦି ବେଟାଞ୍ଜୋସଙ୍କ ଅଧୀନରେ କ୍ୟୁବାରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ଲସ୍ ଆଞ୍ଜେଲ୍ସ ଆଥଲେଟିକ୍ ମିଟ୍‌ରେ ୫୦୦୦ ମିଟର ଦୌଡ଼ରେ ଅବିନାଶ ୧୩.୧୯.୩୦ ମିନିଟ୍‌ର ସମୟ ନେବା ସହିତ ନିଜ ଜାତୀୟ ରେକର୍ଡ ଭାଙ୍ଗିଥିଲେ। ପୂର୍ବରୁ ୧୩.୨୫.୬୫ ମିନିଟ୍‌ର ଜାତୀୟ ରେକର୍ଡ ସାବଲେଙ୍କ ନାମରେ ଥିଲା। ଏହି ଦୌଡ଼ରେ ସେ ୧୨ତମ ସ୍ଥାନରେ ରେସ୍ ସମାପ୍ତ କରିଥିଲେ। ଅନ୍ୟପକ୍ଷରେ ୧୩ ବର୍ଷର ପୁରୁଣା ଜାତୀୟ ରେକର୍ଡ ଭାଙ୍ଗିବାରେ ସଫଳ ହୋଇଛନ୍ତି ପାରୁଲ। ନବମ ସ୍ଥାନରେ ରେସ୍ ଶେଷ କରିଥିବା ପାରୁଲ୍ ୧୫.୧୦.୩୫ ମିନିଟ୍‌ର ସମୟ ନେଇଥିଲେ। ଏହାସହିତ ୧୩ ବର୍ଷ ପୂର୍ବେ ପ୍ରୀଜା ଶ୍ରୀଧରନଙ୍କ ଜାତୀୟ ରେକର୍ଡ ୧୫.୧୫.୮୯ ମିନିଟ୍ ସହ ଜାତୀୟ ରେକର୍ଡ ନିଜ ନାମରେ ରଖିଥିଲେ। ଅବିନାଶଙ୍କ ନାମରେ ୩୦୦୦ ମିଟର ଷ୍ଟିପଲଚେଜ୍ ରେକର୍ଡ ରହିଥିବା ବେଳେ ସେ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ଷ୍ଟିପଲଚେଜ୍ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।



## ଜେରେମିଙ୍କୁ ରୌପ୍ୟ ପଦକ

**ଏସିଆନ ଚାମ୍ପିୟନଶିପ୍ ଭାରୋତ୍ତୋଳନ**

**ଜିଞ୍ଜୁ(କୋରିଆ),୭।୫(ପି.ଟି.)**

କୋରିଆର ଜିଞ୍ଜୁରେ ଅନୁଷ୍ଠିତ ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଭାରତର ଜେରେମି ଲାଲରିନ୍ନୁଙ୍ଗାଙ୍କୁ ରୌପ୍ୟ ପଦକ ମିଳିଛି। ସେ ସ୍ନାଚ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ ସୁଦ୍ଧା କ୍ଲିନ୍ ଆଣ୍ଡ ଜର୍କରେ ଇଭେଣ୍ଟ ଫିନିଶ କରିବାରେ ସଫଳ ହୋଇ ନ ଥିଲେ। ରବିବାର ଏସିଆନ୍ ଚାମ୍ପିୟନଶିପ୍‌ରେ କ୍ଲିନ୍ ଆଣ୍ଡ ଜର୍କରେ ନିଜର ୩ଟି ଯାକ ପ୍ରୟାସରେ ସେ ବିଫଳ ରହିଥିଲେ। ୧୨ ଜଣ ଭାରୋତ୍ତୋଳକଙ୍କ ମଧ୍ୟରେ ଜେରେମି ଏକମାତ୍ର ଖେଳାଳି ଥିଲେ, ଯିଏ ନିଜର ଇଭେଣ୍ଟ ସମ୍ପୂର୍ଣ୍ଣ କରିପାରି ନ ଥିଲେ। ୬୭ କିଗ୍ରାର ଅଣ ଅଲିମ୍ପିକ୍ ବର୍ଗରେ ଅଂଶଗ୍ରହଣ କରୁଥିବା ୨୦୨୨ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ବିଜେତା ୨୦ ବର୍ଷୀୟ ଜେରେମି ସ୍ନାଚ୍‌ରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ ରୌପ୍ୟ ପଦକ ହାସଲ କରିଥିଲେ। ତେବେ କ୍ଲିନ୍ ଆଣ୍ଡ ଜର୍କରେ ସେ ତିନୋଟି ଯାକ ପ୍ରୟାସରେ ବିଫଳ ହୋଇଥିଲେ। ପ୍ରଥମ ଦୁଇ ପ୍ରୟାସରେ ସେ ୧୬୫ କିଗ୍ରା ଓଜନ ଉଠାଇବାରେ ବିଫଳ ହୋଇଥିଲେ। ତୃତୀୟ ପ୍ରୟାସରେ ଓଜନ ବଢାଇ ୧୬୮ କିଗ୍ରା ଉଠାଇବାକୁ ପ୍ରୟାସ କରିଥିଲେ। ୟୁଥ୍ ଅଲିମ୍ପିକ୍ସ ଚାମ୍ପିୟନ ଖେଳାଳି ଜଣଙ୍କ କିନ୍ତୁ ଓଜନ ଉଠାଇବାରେ ବିଫଳ ହୋଇଥିଲେ। ତେବେ ଉଭୟ ସ୍ନାଚ୍ ଓ କ୍ଲିନ୍ ଆଣ୍ଡ ଜର୍କରେ ଜେରେମି ମାତ୍ର ଦୁଇ ଥର ସଫଳତାର ସହ ବାର ବେଲ୍ ଉଠାଇ ପାରିଥିଲେ। ମୋ ତରଫରୁ ମୁଁ ସମସ୍ତ ପ୍ରୟାସ କରିଥିଲେ ହେଁ ଏହା ମୋର ଦିନ ନ ଥିଲା ବୋଲି କହିଛନ୍ତି ଜେରେମି। ଦୁଇଥର ପ୍ରୟାସ ବିଫଳ ହେବା ପରେ ଜାତୀୟ ରେକର୍ଡ ପାଇଁ ଚେଷ୍ଟା କରିଥିଲି। ଅଭ୍ୟାସ ସମୟରେ ଆରାମରେ ଏହି ଓଜନ ଉଠାଉଥିବା ବେଳେ ଆଜିର ଇଭେଣ୍ଟରେ ବିଫଳ ହୋଇଥିଲି। ଏହା ମୋ ଦିନ ନ ଥିଲା ବୋଲି ମିଜୋରାମର ଏହି ଭାରୋତ୍ତୋଳକ ପ୍ରକାଶ କରିଥିଲେ। ଚାଇନାର ହେ ୟୁଏଜି ମୋଟ ୩୨୦ କିଗ୍ରା ଭାରୋତ୍ତୋଳନ(୧୪୭+୧୭୩) ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସ୍ଥାନୀୟ ଖେଳାଳି ଲି ସାଙ୍ଗେୟୋନ୍ ମୋଟ ୩୧୪ କିଗ୍ରାର ଭାରୋତ୍ତୋଳନ କରି ରୌପ୍ୟ ଓ ଉଜବେକିସ୍ତାନର ଏର୍ଗାଶେଭ ଆଦଖାମଜୋନ୍ ୩୧୨ କିଗ୍ରାର ଭାରୋତ୍ତୋଳନ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଶନିବାର ପ୍ରଥମ ଭାରତୀୟ ଭାବେ ୫୫ କିଗ୍ରା ଓଜନ ବର୍ଗରେ ବିନ୍ଦ୍ୟାରାଣୀ ଦେବୀ ରୌପ୍ୟ ପଦକ ହାସଲ କରିଥିଲେ।


ଜେରେମି ଲାଲରିନ୍ନୁଙ୍ଗା।

## 'ନୋ ବଲ୍ ମହଙ୍ଗା ପଡ଼ିଲା'

**ଜୟପୁର, ୭।୫:** ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ଏକ ରୋମାଞ୍ଚକ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ଶେଷ ବଲ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ନିକଟରୁ ପରାଜୟ ସ୍ୱିକାର କରିଛି। ଶେଷ ବଲ୍‌ରୁ ବିଜୟ ପାଇଁ ଦଳକୁ ୫ ରନ ଆବଶ୍ୟକ ଥିବାବେଳେ ସନ୍ଦିପ ଶର୍ମା ନୋ-ବଲ୍ ପକାଇଥିଲେ। ଏହା ହିଁ ମ୍ୟାଚର ଭାଗ୍ୟ ନିର୍ଣ୍ଣୟ କରିଥିଲା। ତାହାକୁ ଛକାରେ ପରିଣତ କରି ହାଇଦ୍ରାବାଦକୁ ଜିତାଇଥିଲେ ଅବଦୁଲ ସମଦ। ପରାଜୟ ପାଇଁ ସେହି ନୋ-ବଲ୍ ହିଁ ମହଙ୍ଗା ପଡ଼ିଲା ବୋଲି କହିଥିଲେ ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଓଭରଷ୍ଟେପିଂ ଆଦୌ ହେବାକଥା ନୁହେଁ। ''ଆଇପିଏଲ୍‌ରୁ ଏହା ହିଁ ଶିଖିବାକୁ ମିଳେ। ଏଭଳି ପରିସ୍ଥିତି ହିଁ ଆଇପିଏଲ୍‌କୁ ସ୍ୱତନ୍ତ୍ର କରିଛି। ସନ୍ଦିପ ପୂର୍ବରୁ ଏଭଳି ପରିସ୍ଥିତିରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚରେ ଆମକୁ ବିଜୟୀ କରିଥିଲେ। ସେ ପୁଣି ତାହା କରିପାରିବେ ବୋଲି ମୋର ବିଶ୍ୱାସ ଥିଲା। ତେଣୁ ମୁଁ ତାଙ୍କୁ ଶେଷ ଓଭର ବୋଲିଂଭାର ଦେଇଥିଲି'' ବୋଲି ସାମସନ ପ୍ରକାଶ କରିଛନ୍ତି। ଶେଷ ୫ ମ୍ୟାଚରୁ ରାଜସ୍ଥାନର ଏହାଥିଲା ୪ର୍ଥ ପରାଜୟ। ଫଳରେ ଦଳର ପ୍ଲେ-ଅଫ୍ ପ୍ରବେଶ ସମ୍ଭାବନା କଷ୍ଟକର ହୋଇଛି।

## ଚହଲ ଯୁଗ୍ମ ସର୍ବାଧିକ ଉଇକେଟ ହାସଲକାରୀ

**ଜୟପୁର,୭।୫**

ଆଇପିଏଲ୍‌ର ସର୍ବାଧିକ ଉଇକେଟ ନେବାର ରେକର୍ଡ ନିଜ ନାମରେ କରିଛନ୍ତି ଯୁଜବେନ୍ଦ୍ର ଚହଲ। ୧୪୩ ମ୍ୟାଚ୍‌ରୁ ୧୮୩ ଉଇକେଟ ନେବା ସହିତ ସେ ଆଇପିଏଲରେ ଅଧିକ ଉଇକେଟ ନେବାରେ ଡ୍ୱେନ୍ ବ୍ରାଭୋଙ୍କ ସମକକ୍ଷ ହୋଇଛନ୍ତି। ଉଭୟ ଖେଳାଳି ମଧ୍ୟରେ ଯୁଗ୍ମ ଭାବରେ ପ୍ରଥମ ସ୍ଥାନରେ ରହିଛନ୍ତି। ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଚହଲ ୨୯ ରନ୍ ଦେଇ ୪ ଉଇକେଟ ନେଇଥିବା ବେଳେ ଡ୍ୱେନ୍ ବ୍ରାଭୋଙ୍କ ସମକକ୍ଷ ହୋଇଥିଲେ। ବ୍ରାଭୋ ୧୬୧ ମ୍ୟାଚରୁ ୧୮୩ ଉଇକେଟ ନେଇଥିବା ବେଳେ ଚହଲ ୧୪୩ ତମ ମ୍ୟାଚରୁ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ଟପ୍ ୫ରେ ରହିଥିବା ଅନ୍ୟ ୩ ବୋଲର ହେଉଛନ୍ତି ପୀୟୁଷ ଚାୱଲା,ଅମିତ ମିଶ୍ର ଓ ରବିଚନ୍ଦ୍ରନ ଅଶ୍ୱିନ। ଚାୱଲା ୧୭୪ ଉଇକେଟ ନେଇଥିବା ବେଳେ ଅମିତ ମିଶ୍ର ୧୭୨ ଓ ଅଶ୍ୱିନ ୧୭୧ ଉଇକେଟ ଅକ୍ତିଆର କରିଛନ୍ତି।


ଯୁଜବେନ୍ଦ୍ର ଚହଲ

## ଚର୍ଚ୍ଚାରେ କୋହଲିଙ୍କ ଧିମା ଇନିଂସ

**ନୂଆଦିଲ୍ଲୀ, ୭।୫ (ପି.ଟି.):** ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ପରାଜିତ ହେବା ପରେ ବିରାଟ କୋହଲିଙ୍କ ଧିମା ଇନିଂସକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଟି୨୦ ଆଙ୍କର ଖେଳାଳିଙ୍କ ଭୂମିକା ଉପରେ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। କୋହଲି ଆରସିବିର ଟପ୍ ସ୍କୋରର ରହିଥିଲେ ମଧ୍ୟ ୪୬ ବଲ୍‌ରୁ ୫୫ ରନ୍ କରିବାରେ ସମର୍ଥ ହୋଇଥିଲେ। ଆରସିବିର ଦୁର୍ବଳ ମଧ୍ୟକ୍ରମକୁ ଦୃଷ୍ଟିରେ ରଖିଲେ କୋହଲି ନିଜ ଇନିଂସକୁ ଲମ୍ବା କରିବାକୁ ଚାହୁଁଥିଲେ ଏହା ବୁଝିହୁଏ, ମାତ୍ର ସମଗ୍ର ଇନିଂସ କୋହଲି ଧିମା ବ୍ୟାଟିଂ କରିଥିଲେ। ଏପରି କି ପାୱାର ପ୍ଲେ ଓଭରରେ ମଧ୍ୟ କୋହଲିଙ୍କ ବ୍ୟାଟିଂ ଆଭିମୁଖ୍ୟକୁ ସମାଲୋଚନା କରାଯାଇଛି। ପ୍ରଥମ ୧୮ ବଲରେ ସେ ମାତ୍ର ୧୯ ରନ୍ ସ୍କୋର କରିଥିଲେ। ଅବଶ୍ୟ ଡୁ ପ୍ଲେସିଙ୍କ ବ୍ୟାଟିଂ କାରଣରୁ ଦଳ ପାୱାର ପ୍ଲେ ଓଭରରେ ୫୧ ରନ୍ କରିଥିଲା। ଚଳିତ ବର୍ଷ ଆଇପିଏଲରେ ୨୦୦ ରନ୍ କରୁଥିବା ଦଳଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଦିଲ୍ଲୀ କ୍ୟାପିଟାଲ୍ସ ମୁଖ୍ୟ କୋଚ୍ ରିକି ପଣ୍ଟିଂ ମଧ୍ୟ ସମାନ ମତ ଦେଇଛନ୍ତି। ଟି୨୦ରେ ଆକ୍ରମଣାତ୍ମକ ବ୍ୟାଟିଂ ଉପରେ ମୁଁ ସର୍ବଦା ଜୋର୍ ଦେଇଥାଏ। ଜଣେ ଖେଳାଳି ୨୦୦ ଷ୍ଟ୍ରାଇକ୍ ରେଟ୍‌ରେ ରନ୍ ସଂଗ୍ରହ କରିବା କଷ୍ଟ, ମାତ୍ର ୨୦୦ ଷ୍ଟ୍ରାଇକ୍ ରେଟ୍‌ରେ ବ୍ୟାଟିଂ କରୁଥିବା ଖେଳାଳି ସହଜରେ ଆଙ୍କର ଭୂମିକା ନେଇପାରିବେ।

## ସାହାଣୀ କପ୍: ସୁନ୍ଦରଗଡ଼, ବରଗଡ଼ ବିଜୟୀ


ସାହାଣୀ କପ୍ ଫୁଟବଲ୍‌ର ରବିବାର ଅନୁଷ୍ଠିତ ଏକ ମ୍ୟାଚ୍।

**ଭୁବନେଶ୍ୱର, ୭।୫(କ୍ରୀଡ଼ା ପ୍ରତିନିଧି)**

ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ର ୨ଟି କ୍ୱାର୍ଟର ଫାଇନାଲ ଲିଗ୍ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଓ ବରଗଡ଼ ଦଳ ବିଜୟୀ ହୋଇଛନ୍ତି। କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୨-୦ ଗୋଲରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ଆରମ୍ଭରୁ ମ୍ୟାଚ୍‌ଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ବିଜୟୀ ଦଳ ପକ୍ଷରୁ ଆକାଶ ବେକ୍ ୫୩ ଓ ମହେଶ ପ୍ରଧାନ ୬୬ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସ୍ଥାନୀୟ କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ବରଗଡ଼ ୫-୧ ଗୋଲରେ ବୌଦ୍ଧକୁ ହରାଇ ଦେଇଛି। ବରଗଡ଼ ପକ୍ଷରୁ ଫ୍ରାନ୍ସିସ୍ ଲାକ୍ରା ୩୭ ଓ ୫୨ ଏବଂ ପ୍ରଭାତ ଦନସେନା ୬୪ ଓ ୭୬ତମ ମିନିଟ୍‌ରେ ୨ଟି ଲେଖାଏ ଗୋଲ ଦେଇଥିଲେ। ବୌଦ୍ଧ ପକ୍ଷରୁ ଦେବାଶିଷ ବେହେରା ୧୩ତମ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିବାବେଳେ ସୁଶାନ୍ତ ଦଳେଇ ୧୯ତମ ମିନିଟ୍‌ରେ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ସୋମବାର କ୍ୟାପିଟାଲ ଗ୍ରାଉଣ୍ଡରେ କଟକ-କନ୍ଧମାଳ ଏବଂ ଓଟିଏମ୍ ଗ୍ରାଉଣ୍ଡରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ-ଖୋର୍ଦ୍ଧା ମଧ୍ୟରେ ମ୍ୟାଚ୍ ହେବ।

## ଓଡ଼ିଶା ଏଫ୍‌ସି ୫-୦ ଗୋଲରେ ବିଜୟୀ

**ଇଣ୍ଡିଆନ ଓମେନ୍ସ ଲିଗ୍**

**ଅହମଦାବାଦ, ୭।୫**

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୫-୦ ଗୋଲରେ ଲର୍ଡ୍ସ ଏଫ୍‌ଏ କୋଚି ୱାଇଏମ୍‌ଏଏ ଦଳକୁ ପରାସ୍ତ କରିଛି। ସ୍ଥାନୀୟ ଶାହିବାଗ୍ ପୋଲିସ ଷ୍ଟାଡିୟମରେ ଆୟୋଜିତ ମ୍ୟାଚ୍‌ଟି ଆରମ୍ଭରୁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଓଡ଼ିଶା ଏଫ୍‌ସି ଏକପାଖିଆ ଭାବେ ଜିତିଥିଲା। ବିଜୟୀ ଦଳ ପକ୍ଷରୁ ସିନ୍ଥିଆ ମାର୍କୋଣ୍ଡେସ ଡୋସ ସାଣ୍ଟୋସ ୪୧ତମ ମିନିଟ୍‌ରେ ପ୍ରଥମ ଗୋଲଟି ଦେଇଥିଲେ। ୪୫+୧ ମିନିଟ୍‌ରେ ଏନ୍. ବାଲା ଦେବୀ ଗୋଟିଏ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷବେଳକୁ ଓଡ଼ିଶା ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଏଫ୍‌ସି ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଫୁଷ୍ଟିନା ଓରଓରନ୍ୟୋ ଆକ୍‌ପୋ ୬୩, ମାଳତୀ ମୁଣ୍ଡା ୮୬ ଓ ଅନୁଜ ତମାଙ୍ଗ ୮୯ତମ ମିନିଟ୍‌ରେ ଅନ୍ୟ ୩ଟି ଗୋଲ ଦେଇଥିଲେ। ଉତ୍ତମ ପ୍ରଦର୍ଶନ ପାଇଁ ବାଲା ଦେବୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ୫ ମ୍ୟାଚ୍‌ରୁ ଓଡ଼ିଶା ଏଫ୍‌ସିର ଏହା ଥିଲା ୪ର୍ଥ ବିଜୟ। ଫଳରେ ୧୨ ପଏଣ୍ଟ ସହିତ ଏହି ଦଳ ଟେବୁଲର ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି। ଅନ୍ୟ ଏକ ମ୍ୟାଚ୍‌ରେ ସେଣ୍ଟ୍ରାଲ ରିଜର୍ଭ ପୋଲିସକୁ ୫-୦ରେ ହରାଇ ସେଥୁ ମଦୁରାଇ ଟେବୁଲର ଶୀର୍ଷରେ ରହିଛି। ଏହି ଦଳକୁ ୧୫ ପଏଣ୍ଟ ମିଳିଛି। ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ କର୍ଣ୍ଣାଟକର କିକ୍‌ଷ୍ଟାର୍ଟ ଏଫ୍‌ସି ୫-୦ରେ ସେଲ୍‌ଟିକ୍ କୁଇନ୍ସ ଏଫ୍‌ସି, ଇଷ୍ଟର୍ନ ସ୍ପୋର୍ଟିଂ ୪-୧ରେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସିକୁ ପରାସ୍ତ କରିଛି।


ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ଆସୋସିଏଶନର ନବନିର୍ବାଚିତ କର୍ମକର୍ତ୍ତା।

## ସ୍କୁଲ୍ସ ଓପନ ଚେସ୍: ଆୟୁଷ ଚାମ୍ପିୟନ

**ଭୁବନେଶ୍ୱର, ୭।୫ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଆୟୋଜିତ ୩ୟ ପବିତ୍ର ମୋହନ ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ରେ କଟକ କେଭି-୧ର ଆୟୁଷ ଆର୍ଯ୍ୟନ ମହାପାତ୍ର ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ଆର୍ଯ୍ୟନ ପୂରା ୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। କଟକ ଓଲ୍ଡ ଷ୍ଟିୱାର୍ଟ ସ୍କୁଲର ଲଳିତ ରଞ୍ଜନ ସାହୁ ମଧ୍ୟ ୫ ପଏଣ୍ଟ ପାଇଛନ୍ତି। ତେବେ ତାଙ୍କୁ ରନରଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଶ୍ରେୟାସ କୁମାର ବେହୁରିଆ, ସାୟେଂଶୁ ସେନାପତି, ଭିନିତ ନାୟକ, ସାଇ ଅଂଶୁମାନ ସିଂ, ଉଦୟ ପରିଡ଼ା, ଅଂଶୁମାନ ପତି, ଅଂଶୁମାନ ବେହେରା ଓ ସିଦ୍ଧାର୍ଥ ମଲିକ ଟପ୍-୧୦ ଫିନିଶ୍ କରିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧ ଓ ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ପୁରସ୍କାର ଏବଂ ଅନ୍ୟ ୬ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ୫ ବର୍ଷୀୟା ସୁଶ୍ରୀ ସଙ୍ଗୀତା ତ୍ରିପାଠୀ ପ୍ରତିଯୋଗିତାର ସର୍ବକନିଷ୍ଠ ପ୍ରତିଯୋଗୀ ଥିଲେ। ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ପ୍ରତିଯୋଗିତା ହୋଇଥିଲା। ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଏମ୍‌ସିଏ ବିଭାଗ ମୁଖ୍ୟ ଅମରେଶ ସାହୁ ଏବଂ ଭୁବନେଶ୍ୱର ଟିସିଏସ୍‌ର ପ୍ରୋଜେକ୍ଟ ମ୍ୟାନେଜର ଜିତେନ୍ଦ୍ର କୁମାର ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ଜ୍ଞାନମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ତିତୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଓବାଦୀ ହିଡ୍‌ମାଙ୍କ ୨ ସହଯୋଗୀଙ୍କୁ ଏନ୍‌କାଉଣ୍ଟର

**ମାଲକାନଗିରି, ୭।୫(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଭଦ୍ରାଦ୍ରି କୋଥାଗୁଡେମ୍ ଜିଲାରେ ରବିବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୨ଜଣ ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ କମାଣ୍ଡର ଏରାୟା ଓରଫ ରାଜେଶ ଏବଂ ଅନ୍ୟ ଜଣେ ମିଲେସିଆ କମାଣ୍ଡର ନନ୍ଦା। ଉଭୟେ ମାଓବାଦୀ ହିଡ୍‌ମାଙ୍କ ସହଯୋଗୀ ବୋଲି ଜଣାପଡ଼ିଛି। ପୋଲିସ ସର୍ଚ୍ଚ ଅପରେଶନ ବେଳେ ରାଜେଶ ଓ ନନ୍ଦାଙ୍କୁ ଏନ୍‌କାଉଣ୍ଟର କରିଛି। ଭଦ୍ରାଦ୍ରି କୋଥାଗୁଡେମ୍ ଜିଲା ଚର୍ଲା ମଣ୍ଡଳର ପୁଟାପାଡୁ ଜଙ୍ଗଲରେ ମାଓବାଦୀ ଦମନ ଲାଗି ରବିବାର ପୋଲିସ ସର୍ଚ୍ଚ ଅପରେଶନ ଚଳାଇଥିଲା। ଏହି ସମୟରେ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ପ୍ରଥମେ ଗୁଳି ଚଳାଇଥିଲେ। ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ପରେ ପୋଲିସ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଜଙ୍ଗଲରେ ତଲାସିବେଳେ ଉପରୋକ୍ତ ଦୁଇ ମାଓବାଦୀଙ୍କ ମୃତଦେହ ମିଳିଥିଲା। ଘଟଣାସ୍ଥଳରୁ ଗୋଟିଏ ଏସ୍‌ଏଲ୍‌ଆର ବନ୍ଧୁକ ଓ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଛି। ତେଲଙ୍ଗାନାର ଗ୍ରେହାଉଣ୍ଡ ଏବଂ ସ୍ପେଶାଲ ପୋଲିସ ଟିମ୍ ପକ୍ଷରୁ ଏହି ଅପରେଶନ କରାଯାଇଥିଲା।

# ମହିଳାଙ୍କୁ କଚାଡ଼ି ମାରିଲା, ସୋଲାର ବାଡ଼ରେ ଘଣ୍ଟାଏ ଫସିଲା

**ଅନୁଗୋଳ ଅଫିସ, ୭।୫:** ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳରେ ଦନ୍ତା ଦୌରାତ୍ମ୍ୟ ଥମିବାର ନାଁ ନେଉନାହିଁ। ପାଚିଲା ଆମ୍ବ ଗୋଟାଇବାକୁ ଯାଇଥିବାବେଳେ ଶୁଣ୍ଢରେ ପିଟି ଜଣେ ମହିଳାଙ୍କ ଜୀବନ ନେଇଛି ହାତୀ। ମୃତା ହେଲେ ତଳଗଡ଼ ଗ୍ରାମର ବିଜୁଳି ସାହୁ (୬୨)। ମହିଳାଙ୍କୁ କଚାଡ଼ି ମାରିଦେବା ପରେ ହିଂସ୍ର ହାତୀ ପ୍ରାୟ ଘଣ୍ଟାଏ ଧରି ସୋଲାର ତାରବାଡ଼ରେ ଫସିରହିଥିଲା। ବିଦ୍ୟୁତ୍ ସରବରାହ ବନ୍ଦ କରି ତାର କଟାଯିବା ପରେ ହାତୀ ବାହାରକୁ ବାହାରିଥିବା ବନାଞ୍ଚଳ ଅଧିକାରୀ ନୀଳାଦ୍ରିନାଥ ସାହୁ ସୂଚନା ଦେଇଛନ୍ତି।

ତଳଗଡ଼ ଗ୍ରାମର ବିଜୁଳି ରବିବାର ଭୋର୍ ସମୟରେ ତୋଟାକୁ ପାଚିଲା ଆମ୍ବ ଗୋଟାଇବାକୁ ଯାଇଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି ନେଇ କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକଙ୍କ କହିବା କଥା, ଜମିରେ ଶନିବାର ହଳ କରାଯାଇଥିବାରୁ ପରିବାର ସଦସ୍ୟ ସୋଲାର ତାର ଟେକିଦେଇଥିଲେ। ଏହି ବାଟ ଦେଇ ହାତୀ ଆମ୍ବ ବଗିଚାରେ ପଶିଥିଲା। ଫଳରେ ଏଭଳି ଅଘଟଣ ଘଟିଲା।

### ବନ୍ତଲା ବନାଞ୍ଚଳରେ ଥମୁନି ଦନ୍ତା ଦୌରାତ୍ମ୍ୟ

ଅନୁଗୋଳ ଜିଲାରେ ହାତୀ-ମଣିଷ ସଂଘର୍ଷ ତୀବ୍ର ରୂପ ନେଇଛି। ଚଳିତ ବର୍ଷ ଜାନୁୟାରୀ ୧ରୁ ଅଦ୍ୟାବଧି ହାତୀ ଆକ୍ରମଣରେ ୧୫ଜଣଙ୍କ ମୃତ୍ୟୁ ଘଟିଲାଣି। କେବଳ ବନ୍ତଲା ବନାଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଜିଲାରେ ହାତୀ ଆକ୍ରମଣଜନିତ ମୃତ୍ୟୁ ବଢୁଥିବାବେଳେ ବନ ବିଭାଗ ଉପରେ ବର୍ଷିଛନ୍ତି ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି। ସେ କହିଛନ୍ତି, ହାତୀ-ମଣିଷ ଲଢ଼େଇରେ ବହୁମୂଲ୍ୟ ଜୀବନ ଯାଉଛି। ହାତୀ ଦାଉରୁ ଲୋକଙ୍କୁ ରକ୍ଷା କରିବାରେ ବନ ବିଭାଗ ବିଫଳ ହେଉଛି। କର୍ମଚାରୀମାନେ ଠିକ୍ ଭାବେ ଦାୟିତ୍ୱ ତୁଲାଉନାହାନ୍ତି। ତେଣୁ ସେମାନଙ୍କୁ ଅନ୍ୟତ୍ର ବଦଳି କରି ଅଧିକ ସଂଖ୍ୟକ ହାତୀ ସ୍କ୍ୱାର୍ଡ ନିୟୋଜିତ କରିବାକୁ ସେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବନ୍ତଲା ବନାଞ୍ଚଳ ଅଧିକାରୀ ସାହୁ କୁହନ୍ତି, ବାରମ୍ବାର ସଚେତନ କରାଗଲେ ମଧ୍ୟ ଲୋକମାନେ ଅମାନିଆ ହୋଇ ଭୋର ସମୟରେ ଆମ୍ବ ଗୋଟାଇବାକୁ ଯାଉଛନ୍ତି। ଫଳରେ ଏଭଳି ଘଟଣା ଘଟୁଛି।

# ସ୍କୁଲ ଉନ୍ନତି ପାଇଁ ଦାନ କଲେ ପେନ୍‌ସନ ଟଙ୍କା

## ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରମାନନ୍ଦ ନାୟକ।

**ଭଦ୍ରକ ଅଫିସ, ୭।୫**

ଦିନେ ଯେଉଁ ସ୍କୁଲରେ ସେ ପଢୁଥିଲେ, ତାହାର ଉନ୍ନତି ପାଇଁ ନିଜର ପେନ୍‌ସନ ଟଙ୍କା ଦାନ କରିଛନ୍ତି। ବିଦ୍ୟାଳୟର ବିକାଶ ନିମନ୍ତେ ପେନ୍‌ସନ ଟଙ୍କାରୁ ୧ ଲକ୍ଷ ସହାୟତା ପ୍ରଦାନ କରି ଏବେ ଚର୍ଚ୍ଚାରେ ରହିଛନ୍ତି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ବାହାରିବିଲ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ନାୟକ(୭୯)। ସେ ଏହି ବ୍ଲକର ଧୂଷୁରୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ମୋ ସ୍କୁଲ ଅଭିଯାନରେ ଟଙ୍କା ଦାନ କରିଛନ୍ତି।

ପରମାନନ୍ଦ ଧୂଷୁରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ିଥିଲେ। ସେଠାରୁ ପଢ଼ା ଶେଷ ପରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ତା'ପରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ଏହି ବ୍ଲକର ଗୋପବନ୍ଧୁନଗର ହାଇସ୍କୁଲରେ ଶିକ୍ଷକତା କରି ୨୦୦୩ରେ ଅବସର ନେଇଥିଲେ। ସେ କହନ୍ତି, ଧୂଷୁରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢ଼ିବା ବେଳେ ବିଭିନ୍ନ ଅଭାବ ଅନୁଭବ କରିଥିଲେ। ସେହି ଅଭାବକୁ ଦୂର କରିବା ପାଇଁ ଭାବିଥିଲେ। ୫-ଟି ଯୋଜନାରେ ଏହି ସ୍କୁଲ ସାମିଲ ହୋଇ ନ ଥିବାରୁ ସ୍ମାର୍ଟ କ୍ଲାସରୁମ୍ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗରୁ ପିଲାମାନେ ବଞ୍ଚିତ ହୋଇଛନ୍ତି। ଏଣୁ ଏହି ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍ ପାଇଁ ସେ ଏଭଳି ପଦକ୍ଷେପ ନେଇଛନ୍ତି। ଏଥିପାଇଁ ସେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ। ଶନିବାର କାର୍ଯ୍ୟାଳୟକୁ ଆସି ଜିଲାପାଳଙ୍କ ଜରିଆରେ ଉକ୍ତ ସ୍କୁଲକୁ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ତାଙ୍କର ଏହି ବଦାନ୍ୟତା ପାଇଁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟ କୃତଜ୍ଞତା ଜଣାଇଛନ୍ତି।


# ମନେ ପଡ଼ନ୍ତି

## ୨୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଜୟକୃଷ୍ଣ ମହାନ୍ତି**
(ଆଦର୍ଶ ଶିକ୍ଷାବିତ)
ଏରବଙ୍ଗ, ଗୋପ, ପୁରୀ
ଚାହୁଁ ଚାହୁଁ କୋଡ଼ିଏ ବର୍ଷ ବିତିଗଲା। ଆମମାନଙ୍କ ଆଖିରୁ ଏଯାଏ ବି ଲୁହ ଝରୁଛି। ଆପଣଙ୍କ ଅମର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା।
ପରିବାର ଏବଂ ବନ୍ଧୁବର୍ଗ
ଧ-୭୩୭୬୩

## ସ୍ମୃତିରେ ତୁମେ ନୂତନ



୮ ମଇ ୨୦୨୩
ପଞ୍ଚମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ
ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସୌଜନ୍ୟ :-
ନଳିନୀକାନ୍ତ ମହାନ୍ତି
ଧ-୦୨୮୭

## ୨ୟ। ଶ୍ରାଦ୍ଧବାର୍ଷିକୀ



**୰ସ୍ମୀତା ଦାଶ(ମିଶ୍ର)**
ଆବିର୍ଭାବ : ୨୨.୦୬.୧୯୭୬
ତିରୋଧାନ : ୦୮.୦୫.୨୦୨୧
ମହାମାରୀ କରୋନାରେ ତୋର ଛାଡ଼ି ଯିବାର ୨ବର୍ଷ ହୋଇଗଲା। ପ୍ରତିଟି ମୁହୂର୍ତ୍ତରେ ତୋର ଅନୁପସ୍ଥିତି ଆମକୁ ବେଦନାରେ ଅନୁଭୂତ ହେଉ ଅଛି। ତୋର ସ୍ନେହ ଶ୍ରଦ୍ଧା ଭକ୍ତି ଭଲପାଇବା ଆମ ସମସ୍ତଙ୍କ ପାଇଁ ଚିର ପାଥେୟ ହେଉ। ତୋର ଅମର ଆତ୍ମାର ସଦ୍‌ଗତି ଓ ବୈକୁଣ୍ଠ ପ୍ରାପ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ : ବାପା-ଦୁର୍ଗାଚରଣ, ମା-ସ୍ନେହଲତା, ବଡ଼ଭାଇ ଓ ଭାଉଜମାନେ, ବଡ଼ଭଉଣୀ ଓ ଭିଣୋଇମାନେ, ପୁତୁରା, ସୁପ୍ରତିକ, ଆରୀୟନ, ଝିଆରୀ-ଇଶି, ନିସି ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୦୨୮୮

## ଏକାଦଶାହ ଉପଲକ୍ଷେ



**୰ସରସ୍ୱତୀ ମହାପାତ୍ର**
ଫଳପୁର, ଧାମନଗର, ଭଦ୍ରକ
ଆବିର୍ଭାବ: ୦୯।୦୧।୧୯୩୭
ତିରୋଧାନ: ୨୮।୦୪।୨୦୨୩
ଆପଣଙ୍କ ଅନୁପସ୍ଥିତି ଆମ୍ଭେ ସର୍ବଦା ଅନୁଭବ କରୁଛୁ। ଆପଣଙ୍କର ପରିବାର ପ୍ରତି ତ୍ୟାଗ, ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର ଶ୍ରୀକାନ୍ତ ମହାପାତ୍ର ଓ କମଳାକାନ୍ତ ମହାପାତ୍ର, ପୁତ୍ରବଧୂ, ନାତୁଣି, ବନ୍ଧୁ ବାନ୍ଧବ ଓ ଶୋକସନ୍ତପ୍ତ ପରିବାରବର୍ଗ, ଆତ୍ମୀୟସ୍ୱଜନ।
ଧ-୦୨୯୦

## ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ଭୁବନ ବିହାରୀ କର**
ଆବିର୍ଭାବ: ୦୩।୦୪।୧୯୫୯
ତିରୋଧାନ: ୧୬।୦୫।୨୦୧୪
ଆପଣଙ୍କ ଶ୍ରଦ୍ଧା, ସ୍ନେହ ତଥା ଆଶୀର୍ବାଦ ସଦା ଆମମାନଙ୍କ ଉପରେ ରହିଥାଉ। ଏତିକି ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଇତି ଆପଣଙ୍କର- ମିତୁ, ରିତୁ ଓ ସିକୁ
ଧ-୦୨୮୪


# ଆଉ ୪ ମାଓବାଦୀ ଗିରଫ

### ଅରଣପୁର ଆଇଇଡି ବିସ୍ଫୋରଣ ଘଟଣା

## ଗିରଫ ସଂଖ୍ୟା ୭ରେ ପହଞ୍ଚିଲା

**ମାଲକାନଗିରି, ୭।୫(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଅରଣପୁରରେ ଏପ୍ରିଲ୍ ୨୬ରେ ମାଓବାଦୀଙ୍କ ଆଇଇଡି ବୋମା ବିସ୍ଫୋରଣରେ ୧୧ ଜଣ ଯବାନ ଶହୀଦ ହୋଇଥିଲେ। ଏହି ଘଟଣାରେ ଆଉ ୪ଜଣ ମାଓବାଦୀଙ୍କୁ ଦାନ୍ତେୱାଡା ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ପୂର୍ବରୁ ଏହି ଘଟଣାରେ ୩ଜଣ ଗିରଫ ହୋଇଥିଲେ। ରବିବାର ୩ ଗିରଫ ପରେ ଏହି ସଂଖ୍ୟା ୭ରେ ପହଞ୍ଚିଛି। ଗିରଫ ୪ ମାଓବାଦୀ ହେଲେ ବୁଦ୍ଧା ମାଡଭି, ଜିତେନ୍ଦ୍ର ମୁଚାକି, ହିଡମା ମାଡକମ୍, ହିଡମା ମାଡଭି। ଏମାନେ ସିପିଆଇର ଦର୍ଭା ଡିଭିଜନର ମାଲାଙ୍ଗିର ଏରିଆ କମିଟିରେ ମିଲିସିଆ ସଦସ୍ୟ ଭାବରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏନେଇ ଦାନ୍ତେୱାଡା ଏସ୍‌ପି ସିଦ୍ଧାର୍ଥ ତିୱାରୀ କହିଛନ୍ତି, ଆଇଇଡି ବୋମା ବିସ୍ଫୋରଣ ପରେ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଥିଲା। ଫଳରେ ସର୍ଚ୍ଚ ଅପରେଶନ ବେଳେ ଏହି ମାଓବାଦୀମାନେ ଧରାପଡ଼ିଛନ୍ତି। ସର୍ଚ୍ଚ ଅପରେଶନ ଜାରି ରହିଥିବାରୁ ଏହି ଘଟଣାରେ ଗିରଫ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଏସ୍‌ପି ତିୱାରୀ କହିଛନ୍ତି।


## CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**OFFTC ENTERPRISE BHUBANESWAR**
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# Classified Everyday

0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC plot ବିକ୍ରିହେବ। Mob: 9439832956. D-0289

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ। ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ। ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ବରମୁଣ୍ଡାରୁ ୧୫କି.ମି. ଦୂରରେ 30' ଫୁଟ ରୋଡ୍‌ଥାଇ ୧୦ଟି ପ୍ଲଟ୍ ବିକ୍ରିହେବ- 9938016295. D-74854

4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. D-0263

G h a r a b a r i , b o u n d a r y w a l l , yellowzone plot sale near CV. Raman College, Tamando. 7008492511. D-0241

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

1BHK flat for sale near Sundarpada, Bhubaneswar at minimum price- 9776088188. D-74856

Apartment sale near Sum Hospital Bhubaneswar. @ 4200/sqft.- Contact- 9777433701. D-74853

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0262

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


CONSTRUCTION

Construct your dream home with competitive rate and for sharing projects. Contact Besco Developers, B h u b a n e s w a r , 7 7 3 5 3 3 0 0 2 8 , 9778855101. D-0082




Spa full body Massage best Therapist Gents & ladies @799/- B h u b a n e s w a r . Kajal-9337672475. D-0260

Newly open SPA positively health benefit with expert. Contact: 7751083098. D-74537

A s r i b a d a Panchakarma herbal SPA Kesharimall, B h u b a n e s w a r . C o n t a c t : 8 9 2 6 1 7 3 4 7 3 . D-74677

Relax, Refresh your body, Mind at Saikrupa Spa with best therapies. 8984068077. D-0282

Newly open health benefits SPA special offer @ 799 Jaydev Vihar. 8018429809. D-75105


BUSINESS

ଭୁବନେଶ୍ୱରରେ ଘରରଙ୍ଗ ଏବଂ ଘର Shifting Service ପାଇଁ ଯୋଗାଯୋଗ କରନ୍ତୁ। 9 7 7 7 0 9 7 3 2 2 . D-0225

House Colouring & Packers Movers for service at B h u b a n e s w a r . 9 7 7 7 0 9 7 3 2 2 . D-0224

**AFFIDAVIT**

I, Sk Abdul Jabbar@ Sekh Abadul Jabwar@Sek Abdul Zabar At Kunjakanta, Ward No-2, PO/PS-Dhenkanal Town, Dist.- Dhenkanal, by sworn of an affidavit before Notary, Dhenkanal change my name as Abdul Jabbar Sheikh. Henceforth I shall be known as Abdul Jabbar Sheikh, S/o. Sk. Javed for all purposes. D-74062

I Amina Bibi, W/o. Sk. Abdul Jabbar, D/o. Amiruddin Dutta at Kunjakanta, Ward No-2, PO/PS-Dhenkanal Town, Dist-Dhenkanal, by sworn of an affidavit before Notary, Dhenkanal change my name as Amina Sheikh. Henceforth I shall be known as Amina Sheikh, W/o. Abdul Jabbar Sheikh for all purposes. D-74063

I Sk Abdul Jabbar at Kunjakanta, Ward No-2, PO/PS-Dhenkanal Town, Dist-Dhenkanal by sworn of an affidavit before Notary, Dhenkanal my daughter's name has changed from Ladeeda Zainab to Ladeeda Sheikh. Henceforth she shall be known as Ladeeda Sheikh, D/o. Abdul Jabbar Sheikh for all purposes. D-74064

I Sk Abdul Jabbar, At Kunjakanta, Ward No-2, PO/PS-Dhenkanal Town, Dist-Dhenkanal by sworn of an affidavit before Notary Dhenkanal my Son's name has changed from Sk. Ayaz Alli to Ayaz Ali Sheikh. Henceforth he shall known as Ayaz Ali Sheikh, S/o. Abdul Jabbar Sheikh for all purposes. D-74065

I Sk Abdul Jabbar, at Kunjakanta, Ward No-2, PO/PS-Dhenkanal Town, Dist-Dhenkanal by sworn of an affidavit before Notary, Dhenkanal my Son's name has changed from Sk Jishan Alli to Zeeshan Ali Sheikh. Henceforth he shall be known as Zeeshan Ali Sheikh, S/o. Abdul Jabbar Sheikh for all purposes. D-74066

I, Tarun Kumar Dass, S/o. Late Radha Ranjan Dass of 1151/1610 Jayadurga nagar, Bhubaneswar have corrected my name from Taruna Kumar Das to Tarun Kumar Dass by virtue of an affidavit sworn before the Notary Public on 04/05/2023. D-0291

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

Dillip Kumar Routray, S/o- Kangali Charan Routray, Plot No.-293/600, Ganganagar, P.O.-Nayapalli, P.S.-Capital, Bhubaneswar has lost his saledeed, Khatiana No.-102, Plot No.-219, Chaka No.- 107, Area A0.040 decimal & Area-A1.105 decimal, Mouza- Bagunia At Sum Hospital, Bhubaneswar on 04.05.2023. If above document find anybody please Contact: 7008273985. D-73379

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏଭଳି ଅଭ୍ୟାସ ଥିଲେ...



ଖାଦ୍ୟ ଖାଇ ସାରିବା ପରେ କେତେକ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ମଧ୍ୟାନ ଭୋଜନ ହେଉ କି ରାତ୍ର ଭୋଜନ–ଏହାପରେ ଆଦୌ କୋଲ୍ଡ ଡ୍ରିଙ୍କସ କିମ୍ବା ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ। ଏଥିପ୍ରତି ଯେତେ ସତର୍କ ରହିବେ ସେତେ ଭଲ। ଆଉ ଏକ କଥା ପ୍ରତି ବିଶେଷ ନଜର ଦେବା ଜରୁରୀ। କେତେକ ବ୍ୟକ୍ତି ଖାଇ ସାରିବା ପରେ ଗୋଧୋଇବାକୁ ପସନ୍ଦ କରନ୍ତି। ଯଦି ଆପଣଙ୍କର ଏଭଳି ଅଭ୍ୟାସ ଅଛି ତେବେ ତାହାକୁ ତୁରନ୍ତ ବର୍ଜନ କରନ୍ତୁ। କାରଣ ଖାଦ୍ୟ ଖାଇବା ପରେ ଯଦି ଗାଧାନ୍ତି, ତେବେ ତାହା ରକ୍ତ ପ୍ରବାହକୁ ଶିଥିଳ କରିଦିଏ। ଖାଇବା ପରେ କିଛି ସମୟ ବୁଲାବୁଲି କରନ୍ତୁ। ଏହା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାଏ। ଖାଇବା ପରେ ସାଙ୍ଗେ ସାଙ୍ଗେ ଶୋଇଲେ ତାହା ମେଦ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଖାଉଥିବା ସମୟରେ କିମ୍ବା ଖାଇବା ଠିକ୍ ପରେ ପାଣି ପିଅନ୍ତୁ ନାହିଁ। ଏହା ପାଚନ କ୍ରିୟାରେ ବାଧା ସୃଷ୍ଟି କରିଥାଏ। ଖାଇବାର ଅଧଘଣ୍ଟାଏ ପରେ କିମ୍ବା ପୂର୍ବରୁ ପାଣି ପିଅନ୍ତୁ।

# ଉପକାରୀ ଗ୍ରୀନ୍ ମଟର



ଗ୍ରୀନ ମଟର ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଥିରେ ପ୍ରୋଟିନ୍, ଆଇରନ୍, ଫସ୍‌ଫରସ୍, ଭିଟାମିନ୍–ଏ, ଭିଟାମିନ୍–କେ, ଭିଟାମିନ୍–ସି ଭରି ରହିଛି। ଏହା ମେଦ ବହୁଳତାକୁ କମାଇବାରେ ସାହାଯ୍ୟ କରିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏଥିରେ କ୍ୟାଲୋରୀ ପରିମାଣ ମଧ୍ୟ କମ୍ ରହିଛି। ରକ୍ତରେ ସୁଗାର ସ୍ତରକୁ ମଧ୍ୟ ଏହା ସନ୍ତୁଳିତ ରଖେ। ଏଥିରେ ଯେହେତୁ ଆଇରନ୍ ଓ ଫାଇବର୍ ରହିଛି ତେଣୁ ତାହା ପାଚନକ୍ରିୟାକୁ ସକ୍ରିୟ ରଖିବାରେ ସାହାଯ୍ୟ କରେ। ଏଥିରେ ମଧ୍ୟ ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ରହିଛି ଯାହା ଶରୀର ପାଇଁ ବେଶ୍ ଉପକାରୀ। ଗ୍ରୀନ୍ ମଟରରେ ଥିବା ଆଣ୍ଟି–ଅକ୍ସିଡ଼ାଣ୍ଟ ଗୁଣ ଥିବାରୁ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖିଥାଏ।

# ଥାଲାସିମିଆ



ଡ. ନିତ୍ୟାନନ୍ଦ ସ୍ୱାଇଁ

"ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି-ଥାଲାସିମିଆ ମେଜର, ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ। ଥାଲାସିମିଆ ମେଜରକୁ ମଧ୍ୟ 'ବିଟା ଥାଲାସିମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡିଥିବାରୁ ଜାତ ହୁଏ ଗୁରୁତର ଧରଣର ରକ୍ତହୀନତା ବା ଆନିମିଆ।"



ଆଜି ହେଉଛି 'ବିଶ୍ୱ ଥାଲାସିମିଆ ଦିବସ'। ଏ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...



ପ୍ରତିବର୍ଷ ମେ' ୮ ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ଥାଲାସିମିଆ ଦିବସ'। ଥାଲାସିମିଆ ଏକ ବଂଶଗତ ରକ୍ତ ରୋଗ। ଏହି ରୋଗରେ ଶରୀରରେ ଅକ୍ସିଜେନ୍ ପରିବହନକାରୀ ହେମୋଗ୍ଲୋବିନର ଗଠନ ତ୍ରୁଟିପୂର୍ଣ୍ଣ ହୋଇଯାଇଥାଏ। ଏହାଫଳରେ ଦେଖାଦିଏ 'ଆନିମିଆ' ବା ରକ୍ତାଳ୍ପତା। ଆପଣମାନଙ୍କ ମଧ୍ୟରୁ ଅନେକେ ଥାଲାସିମିଆ ରୋଗଟିର ନାଁ ଶୁଣିଥିବେ। କାହାର ପୁଅ କି ଝିଅ ହୁଏତ ଏହି ରୋଗ ଭୋଗୁ ଥାଇପାରନ୍ତି। ଜିନ୍ ଦୋଷରୁ ଜାତ ଏହି ରୋଗଟି ଆଦୌ ବିରଳ ନୁହେଁ। ଏହି ଦିବସ ଅବସରରେ ଚଳିତ ବର୍ଷର ସ୍ଲୋଗାନ ରହିଛି – 'ବି ଆୱେର, ଶେୟାର, କେୟାର: ଷ୍ଟ୍ରେନ୍ଦେନିଙ୍ଗ ଏଜୁକେଶନ ଟୁ ବ୍ରିଜ୍ ଦ ଥାଲାସିମିଆ କେୟାର ଗ୍ୟାପ'।

**କାହିଁକି ହୁଏ :** ଆମ ସମସ୍ତଙ୍କ ରକ୍ତରେ ରହିଛି ଆଇ.ବି.ସି. ବା ଲୋହିତ ରକ୍ତ କୋଷିକା। ଲୋହିତ ରକ୍ତ କୋଷିକା ଭିତରେ ଥାଏ ହିମୋଗ୍ଲୋବିନ୍ ନାମକ ଏକ ଉପାଦାନ। 'ହିମ୍' ଓ 'ଗ୍ଲୋବିନ୍'–ଏହି ଦୁଇଟି ଉପାଦାନ ଥାଏ ହିମୋଗ୍ଲୋବିନ୍‌ରେ। 'ହିମ'ରେ ଥାଏ ଲୌହ ଏବଂ 'ଗ୍ଲୋବିନ୍' ହେଉଛି ଏକ ପ୍ରୋଟିନ୍। ହିମୋଗ୍ଲୋବିନ୍ ବିନା ଆମେ ବଞ୍ଚିପାରିବା ନାହିଁ। କାରଣ ଏହା ପ୍ରଶ୍ୱାସ ବାୟୁରୁ ଅମ୍ଳଜାନ ଗ୍ରହଣ କରି ସବୁ ଜୀବକୋଷ ନିକଟରେ ପହଞ୍ଚାଇ ଦିଏ ଏବଂ ସବୁ ଜୀବକୋଷରୁ କାର୍ବନଡାଇଅକ୍ସାଇଡ୍ ଆଣି ନିଃଶ୍ୱାସ ବାୟୁ ମାଧ୍ୟମରେ ନିଷ୍କାସନ କରିଦିଏ। 'ଆଲଫା' ଓ 'ବିଟା' ଗ୍ଲୋବିନ୍‌ଜେନକୁ ନେଇ ଗ୍ଲୋବିନ୍ ଅଣୁଟି ଗଠିତ। କିନ୍ତୁ ନିର୍ଦ୍ଦିଷ୍ଟ ଏକ କ୍ରୋମୋଜୋମ୍ ବା ଗୁଣସୂତ୍ରରେ ତ୍ରୁଟି ରହିଗଲେ ତ୍ରୁଟିର ପ୍ରକାରକୁ ଚାହିଁ ଆଲଫା ଗ୍ଲୋବିନ୍ ଚେନ୍ କି ବିଟାଗ୍ଲୋବିନ୍ ଚେନ୍‌ର ତିଆରି ତ୍ରୁଟିଯୁକ୍ତ ହୋଇଯାଏ। ଆଲଫା ଚେନ୍‌ର ତ୍ରୁଟି ହେଲେ ତାକୁ 'ଆଲଫା ଥାଲାସିମିଆ' ଏବଂ ବିଟା ଚେନ୍‌ରେ ତ୍ରୁଟି ହେଲେ ତାହାକୁ କହନ୍ତି 'ବିଟା ଥାଲାସିମିଆ'। ଥାଲାସିମିଆ ରୋଗଟି ବଂଶଗତ ଜିନ୍ ରୋଗ ହୋଇଥିବାରୁ ପରିବାରର ଏକାଧିକ ବ୍ୟକ୍ତି ଏହି ରୋଗଟିରେ ଆକ୍ରାନ୍ତ ହେବା ଆଦୌ ଅସ୍ୱାଭାବିକ ନୁହେଁ।

**ଜିନ୍ ଦୋଷଟି କାହାଠାରେ ଥାଏ:** ଜିନ୍ ଦୋଷଟି ଥାଏ ପିତା କିମ୍ବା ମାତା ନ ହେଲେ ପିତା–ମାତା ଉଭୟଙ୍କଠାରେ। ପୁରୁଷଙ୍କ ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ଜିନ୍‌ର ବାହକ ବା ଥାଲାସିମିଆ ଟ୍ରେଟ୍। ସେହିପରି ମହିଳାମାନଙ୍କର ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ମଧ୍ୟ ଥାଲାସିମିଆ ଜିନ୍‌ର ବାହକ ସାଜିଥାଏ। ଥାଲାସିମିଆ ଟ୍ରେଟ୍ ପୁରୁଷ କି ଥାଲାସିମିଆ ଟ୍ରେଟ୍ ମହିଳା ଥାଲାସିମିଆ ରୋଗୀ ନୁହନ୍ତି।

ମାତ୍ର ସଂଯୋଗବଶତଃ ଥାଲାସିମିଆ ଟ୍ରେଟ୍ ପୁରୁଷ ଓ ଥାଲାସିମିଆ ଟ୍ରେଟ୍ ମହିଳାମାନଙ୍କ ମଧ୍ୟରେ ବିବାହ ହୋଇଗଲେ ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରୁ କେହି କେହି ଥାଲାସିମିଆ ରୋଗରେ ଆକ୍ରାନ୍ତ ହୋଇପଡ଼ିବାର ଆଶଙ୍କା ଉପୁଜିଥାଏ। ପୁତ୍ର ସନ୍ତାନ ରୋଗ ଭୋଗିପାରେ, କନ୍ୟା ସନ୍ତାନ ମଧ୍ୟ ରୋଗ ଭୋଗିପାରେ। ଉକ୍ତ ଦମ୍ପତିଙ୍କଠାରୁ ସୁସ୍ଥ ସନ୍ତାନ ଜନ୍ମ ନେବା ମଧ୍ୟ ସମ୍ଭବ। ଯେଉଁ ସନ୍ତାନଟି ଦୁଇଟିଯାକ ଗ୍ଲୋବିନ୍ ଜିନ୍‌ର ଦୋଷ ଥାଏ, ସେହି ସନ୍ତାନଟି ହିଁ ଥାଲାସିମିଆ ରୋଗର ଶିକାର ହୋଇପଡ଼େ।

**ପ୍ରକାରଭେଦ:** ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି– ଥାଲାସିମିଆ ମେଜର, ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ। ଥାଲାସିମିଆ ମେଜରକୁ ମଧ୍ୟ 'ବିଟା ଥାଲାସିମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡ଼ିଥିବାରୁ ଜାତ ହୁଏ ଗୁରୁତର ଧରଣର ରକ୍ତହୀନତା ବା ଆନିମିଆ।

**ଚିହ୍ନିବ କିପରି:** ସାଧାରଣ ଭାବରେ ଦେଖିଲେ ଭୂମିଷ୍ଠ ହେବା ସମୟରେ ଶିଶୁଟି ଦେଖାଯାଏ ଶେତାଳିଆ। ପରେ ପରେ ଯକୃତ୍ ଓ ପ୍ଲୀହା ଆସ୍ତେ ଆସ୍ତେ ବଢ଼ିବାକୁ ଆରମ୍ଭ କରେ। ଯେଉଁ ରୋଗାକ୍ରାନ୍ତ ଶିଶୁମାନେ ବର୍ଷେ କି ଦୁଇ ବର୍ଷ ଭିତରେ ମୃତ୍ୟୁବରଣ ନ କରି ବଞ୍ଚିରହନ୍ତି, ସେମାନଙ୍କର ମୁଖମଣ୍ଡଳ ଗୋଲାକାର ଦେଖାଯାଏ। କପାଳ ଓ ମସ୍ତିଷ୍କର ଦୁଇ ପାଖ ହାଡ଼ ଫୁଲିଯାଏ। ବଢ଼ିଯାଏ ହନୁ ହାଡ଼। ନାକ ଦେଖାଯାଏ ଚେପ୍‌ଟା ଓ ଆଖି ଫୁଲାଫୁଲା। ଥାଲାସିମିଆ ଶିଶୁ ସ୍ୱାଭାବିକ ଭାବରେ ବିକାଶ ଲାଭ କରିପାରେନି। ତା'ଠାରେ ଅନିୟମିତ ଭାବରେ ଜ୍ୱର ହୁଏ। ଭୋକ ମରିଯାଏ। ପ୍ରକାଶ ପାଏ କାମଳ। ରୋଗୀ ଦୁର୍ବଳତା ଅନୁଭବ କରେ। ସହଜରେ ଧଇଁସଇଁ ହୋଇପଡ଼େ।

**ରକ୍ତ ପରୀକ୍ଷାରୁ ରୋଗ ନିର୍ଣ୍ଣୟ:** ଥାଲାସିମିଆ ରୋଗୀର କମିଯାଏ ହିମୋଗ୍ଲୋବିନ୍‌ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା। ଲୋହିତ ରକ୍ତକୋଷିକାଗୁଡ଼ିକ ଛୋଟଛୋଟ ହୋଇଯାଆନ୍ତି। ନର୍ମୋବ୍ଲାଷ୍ଟ ନାମକ ଅବିକଶିତ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା ବଢ଼ିଯାଏ। ବଢ଼ିଯାଏ 'ଫିଟାଲ ହିମୋଗ୍ଲୋବିନ୍' ବା 'ହିମୋଗ୍ଲୋବିନ୍–ଏଫ୍'ର ମାତ୍ରା। ଏଚ୍.ପି.ଏଲ୍.ସି. ନାମକ ଏକ ଅତ୍ୟାଧୁନିକ ପରୀକ୍ଷାରୁ ଥାଲାସିମିଆ ରୋଗକୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଣ୍ଣୟ କରାଯାଇଥାଏ। ଆନୁଷଙ୍ଗିକ ପରୀକ୍ଷା ଭାବରେ କରାଯାଇପାରେ ଅସ୍ଥିମଜ୍ଜା ପରୀକ୍ଷା, ହାଡ଼ର ଏକ୍ସ–ରେ ଏବଂ ରକ୍ତରେ ଲୌହ ଓ ଫେରିଟିନ୍‌ର ମାତ୍ରା ନିର୍ଦ୍ଧାରଣ।

## ଚିକିତ୍ସା

**ରକ୍ତ ସଞ୍ଚାରଣ :** ଥାଲାସିମିଆ ମେଜର ବା ବିଟା ଥାଲାସିମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡ଼େ। ବାରମ୍ବାର ରକ୍ତ ନେବା ଫଳରେ ରୋଗୀଙ୍କ ରକ୍ତରେ ଲୌହର ପରିମାଣ ବଢ଼ିଯାଇ ତାହା ଯକୃତ୍, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ଇତ୍ୟାଦି ଅଙ୍ଗରେ ଜମିଯାଏ। ଫଳରେ ବାହାରିପାରେ ହୃଦ୍‌ରୋଗ ଓ ଡାଇବେଟିସ୍ ଇତ୍ୟାଦି ରୋଗ। ରକ୍ତରେ ଲୌହର ପରିମାଣ ସନ୍ତୁଳିତ ରଖିବା ପାଇଁ ଏବେ ବିଭିନ୍ନ ପ୍ରକାର ଔଷଧ ବଜାରରେ ଉପଲବ୍ଧ।

**ପ୍ଲୀହା ଉଚ୍ଛେଦନ:** ପ୍ଲୀହାର ଆକାର ବେଶି ବଢ଼ିଗଲେ ଓ ବାରମ୍ବାର ରକ୍ତ ନେବା ଦରକାର ପଡୁଥିଲେ ରୋଗୀର ପ୍ଲୀହାଟିକୁ କାଟି ବାହାର କରିଦିଆଯାଇଥାଏ। ଏହାବ୍ୟତୀତ ଅସ୍ଥିମଜ୍ଜା ପ୍ରତିରୋପଣ ବା ଷ୍ଟେମ୍ ସେଲ୍ ପରିରୋପଣ ମଧ୍ୟ କରାଯାଇଥାଏ।

**ନିବାରଣ :** ଥାଲାସିମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ୍ୟ ଏହାର ନିବାରଣ ସମ୍ଭବ। ପତି ଓ ପତ୍ନୀ ଉଭୟ ଥାଲାସିମିଆ ଟ୍ରିଟ୍ ହୋଇଥିଲେ ଏବଂ ପତ୍ନୀ ଗର୍ଭବତୀ ହେଲେ ଗର୍ଭ ହେବାର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୂଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ବଡ଼ ସୌଭାଗ୍ୟର କଥା ଯେ ଥାଲାସିମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ।

ତେବେ ଥାଲାସିମିଆ ରୋଗଟି ସମ୍ବନ୍ଧରେ ଜନସଚେତନତା ବୃଦ୍ଧିର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତ ତଥ୍ୟର ସଂଚାରଣ ମଧ୍ୟ ବାଞ୍ଛନୀୟ। ଏହି ରୋଗ ସଂକ୍ରାନ୍ତ ସ୍ୱାସ୍ଥ୍ୟ ଶିକ୍ଷା ରୋଗର ନିବାରଣ ଏବଂ ଚିକିତ୍ସାରେ ଯେ ଯଥେଷ୍ଟ ସହାୟକ ହୋଇପାରିବ ଏହା ନିଃସନ୍ଦେହ।

–'ଅଭୀପ୍ସା', ସେକ୍ଟର–୬,
ପ୍ଲଟ ନଂ–୧୧୩୧, ସିଡିଏ, କଟକ–୧୪
ମୋ: ୮୩୨୮୯୭୫୧୧୮

# ସକ୍ରିୟ ମସ୍ତିଷ୍କ ଲାଗି...

ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ମସ୍ତିଷ୍କ। ଏହାର କାର୍ଯ୍ୟଧାରା ସକ୍ରିୟ ରହିବା ନିହାତି ଜରୁରୀ। ନ ହେଲେ ଆମେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏପରି କି ମସ୍ତିଷ୍କ କାର୍ଯ୍ୟ ଯଦି ଶୂନ ହୋଇଯାଏ ତେବେ ତାହା ଜୀବନନାଶକ ହୋଇଥାଏ। ଏହା କିପରି ଠିକ୍ ଭାବରେ କାର୍ଯ୍ୟ କରିବ ତାହାର ଏକ ସରଳ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ଅଙ୍ଗୁର ସାମିଲ କରନ୍ତି, ତେବେ ତାହା ମସ୍ତିଷ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। କେବଳ ସେତିକି ନୁହେଁ, ଅଙ୍ଗୁରରେ ଆହୁରି ଅନେକ ଉପକାରୀ ଗୁଣ ରହିଛି। ଏହା ଶରୀରରେ ବ୍ଲଡ଼ ପ୍ରେସର୍‌ର ପରିମାଣକୁ ସନ୍ତୁଳିତ ରଖେ। ଏଥିରେ ଥିବା ଫାଇବର୍ ତତ୍ତ୍ୱ କୋଲେଷ୍ଟରଲ୍‌ର ମାତ୍ରାକୁ ନିୟନ୍ତ୍ରଣରେ ରଖିଥାଏ। ଅଙ୍ଗୁରରେ ଭିଟାମିନ୍ କେ, କ୍ୟାଲସିୟମ୍, ପଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଥିବାରୁ ଏହା ହାଡ଼, ଅସ୍ଥି ଓ ମଜାକୁ ଶକ୍ତ ରଖିଥାଏ।



# ଭୁଲନ୍ତୁ ନାହିଁ

ଯଦି ଆପଣଙ୍କର କୌଣସି କାମ କରିବାକୁ ମନ ଲାଗୁ ନାହିଁ, ତେବେ ସେ କାମକୁ ତୁରନ୍ତ କରନ୍ତୁ ନାହିଁ। ପ୍ରଥମେ ନିଜକୁ ସେଥିଲାଗି ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ। ସବୁବେଳେ ଯୋଜନାବଦ୍ଧ ଭାବରେ କାମ କରନ୍ତୁ, ଏହାଦ୍ୱାରା ଆପଣ ସମ୍ପାଦନ କରୁଥିବା କାମକୁ ସହଜରେ ତୁଲାଇ ପାରିବେ। କଦାପି ଅଧିକ ସମୟ ଖାଲି ପେଟରେ ରହନ୍ତୁ ନାହିଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଆନ୍ତୁ। ଆବଶ୍ୟକତାଠାରୁ ଅଧିକ ଥଣ୍ଡାଜାତୀୟ ପାନୀୟ ପିଅନ୍ତୁ ନାହିଁ। ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖନ୍ତୁ। ସବୁବେଳେ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏଭଳି ଏକ ଦୈନନ୍ଦିନ ଜୀବନଶୈଳୀ ଆପଣାନ୍ତୁ, ଯାହାଦ୍ୱାରା ଆପଣ ଏକ ନୀରୋଗ ଜୀବନଯାପନ କରିପାରିବେ। ନିଜେ ସବୁବେଳେ ସୁସ୍ଥ ଅଛନ୍ତି, ଏକଥା ଭାବି ନିଜ ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତୁ ନାହିଁ। ନିୟମିତ ସମୟ ଅନ୍ତରାଳରେ ଜଣେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ଏଥିପ୍ରତି ସଜାଗ ରୁହନ୍ତୁ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା ସହ ତାଙ୍କର ଟିପ୍ସକୁ ଅନୁସରଣ କରନ୍ତୁ।



# ସ୍ୱାସ୍ଥ୍ୟ ସୂଚନା

➤ପ୍ରାଥମିକ ଚିକିତ୍ସା ପାଇଁ ଘରେ ଫାଷ୍ଟଏଡ୍ ବକ୍ସଟିଏ ନିହାତି ରଖନ୍ତୁ। ଏହା ଭିତରେ ରଖୁଥିବା ଆବଶ୍ୟକ ସାମଗ୍ରୀଗୁଡିକୁ ସଜାଇ ରଖନ୍ତୁ। ତା'ସହ ଏହାକୁ ଏପରି ସ୍ଥାନରେ ରଖନ୍ତୁ ଯେପରି ଖୋଜିଲା ମାତ୍ରେ ତାହାକୁ ପାଇପାରିବେ।

➤ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ କେତେକ ବିଷୟ ପ୍ରତି ସ୍ୱତନ୍ତ୍ର ଭାବରେ ନଜର ଦେବାକୁ ପଡିଥାଏ। ଡାକ୍ତରଙ୍କ ନିକଟକୁ ପରାମର୍ଶ ପାଇଁ ଯିବା ସମୟରେ ଯଦି ଆପଣଙ୍କର ପୁରୁଣା କିଛି ପ୍ରେସକ୍ରିପସନ କିମ୍ବା ନମୁନା ସଂଗ୍ରହ ରିପୋର୍ଟ ଅଛି ତେବେ ସେଗୁଡିକୁ ସାଙ୍ଗରେ ନେଇଯାଆନ୍ତୁ। ହୁଏତ ଆପଣଙ୍କ ରୋଗର ତର୍ଜମା କରିବା ସମୟରେ ସେଗୁଡିକ କାମରେ ଆସିପାରେ। ଆଲୋଚନା କଲାବେଳେ ରୋଗର କାରଣ ସମ୍ପର୍କରେ ସବିଶେଷ ସୂଚନା ଦେବାକୁ ଭୁଲନ୍ତୁ ନାହିଁ।

➤କେତେକ ବ୍ୟକ୍ତି ଖାଇବାର ଅଳ୍ପ ସମୟ ପରେ ଶୋଇ ଥାଆନ୍ତି। ରାତ୍ରଭୋଜନ ଏବଂ ଶୋଇବା ଭିତରେ ଅତିକମ୍‌ରେ ଦୁଇ ଘଣ୍ଟା ବ୍ୟବଧାନ ରହିଲେ ଭଲ। ଏହାଦ୍ୱାରା ଖାଦ୍ୟ ଠିକ୍ ଭାବରେ ହଜମ ହେବା ସହ ଭଲ ନିଦ ହୋଇଥାଏ।

➤ବିଶେଷଭାବରେ ବୟସ ବଢ଼ିବା ସହ ଆମକୁ ସ୍ୱସ୍ଥ୍ୟ ପ୍ରତି ଅଧିକ ସତର୍କ ହେବାକୁ ପଡିଥାଏ। ଏହି ସମୟରେ ନିଜ ସ୍ୱସ୍ଥ୍ୟର ଅଧିକ ଯତ୍ନ ନେବା ସହ ଖାଦ୍ୟପେୟ ପ୍ରତି ସର୍ତକ ରୁହନ୍ତୁ।

➤ଅଧିକ ସମୟ କମ୍ପ୍ୟୁଟର, ଲାପ୍‌ଟପ୍, ଆଦି ସାମ୍ନାରେ ବସିଲେ ଏହା ଆଖି ଉପରେ ଅଧିକ ଖରାପ ପ୍ରଭାବ ପକାଇଥାଏ। ତେଣୁ ନିୟମିତ ସମୟ ଅନ୍ତରାଳରେ ମୁହଁ ଧୋଇଦେଲେ ଆରାମ ଲାଗିଥାଏ।

➤ଲଗାତର ଅଧିକ ସମୟ ପଢ଼ନ୍ତୁ ନାହିଁ। ପଢ଼ିବା ଭିତରେ ବ୍ରେନ୍‌କୁ କିଛି ସମୟ ବିଶ୍ରାମ ଦିଅନ୍ତୁ। ତା'ସହ ମଝିରେ ମଝିରେ ମୁହଁ ଧୁଅନ୍ତୁ। ଯଦି ବୋରିଂ ଲାଗୁଛି ତେବେ ଭାରାକ୍ରାନ୍ତ ମନକୁ ହାଲୁକା କରିବା ଲାଗି କିଛି ସମୟ ବୁଲାବୁଲି କରନ୍ତୁ।



# ମନୋବଳ ବଢ଼ାଇବ ରୋବୋ

ଆଜିକାଲି ବିଭିନ୍ନ କ୍ଷେତ୍ରରେ ରୋବୋର ବ୍ୟବହାର କରାଯାଉଛି। ନିକଟରେ ଜାପାନର ବୈଜ୍ଞାନିକମାନେ ଏଭଳି ଏକ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ଚିନ୍ତାଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହେବ। ଅର୍ଥାତ୍, ଯଦି ଜଣେ ବ୍ୟକ୍ତି ନକାରାତ୍ମକ ମାନସିକତା ଭିତରେ ଅଛନ୍ତି ତେବେ ଏହା ତାଙ୍କର ମନୋଭାବକୁ ପରିବର୍ତ୍ତନ କରିପାରିବ। ଏଭଳି ସମସ୍ୟା ସହ ଜଡିତ କିଛି ବ୍ୟକ୍ତିଙ୍କୁ ଉକ୍ତ ରୋବୋ ସଂସ୍ପର୍ଶରେ ଆସିବା ପରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କର ମାନସିକତାରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ସଂପୃକ୍ତ ବ୍ୟକ୍ତିଙ୍କ ସହ ମିଶିବା ପରେ ତାଙ୍କର ମାନସିକ ସ୍ଥିତିକୁ ଭଲ ଭାବରେ ପରଖି ନିଏ ରୋବୋ। ତା'ପରେ ତାଙ୍କୁ ଏଭଳି ଟିପ୍ସ ଦେଇଥାଏ ଯାହା ସେହି ବ୍ୟକ୍ତିଙ୍କ ମାନସିକତାକୁ ସକରାତ୍ମକ ଦିଗକୁ ନେଇଯାଏ। କେବଳ ସେତିକି ନୁହେଁ, ଏହି ରୋବୋ ଆପଣଙ୍କୁ ମନ ପସନ୍ଦର ଗୀତ ଶୁଣାଇ ପାରିବ।



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ମେ ୮/୨୦୨୩ | Bhubaneswar, Monday, May 8/ 2023




ପ୍ଲେୟର ଅଫ୍ ଦି ମ୍ୟାଚ ଗୁଜରାଟ ଟାଇଟନ୍ସର ଶୁବମନ ଗିଲ୍।

# ପ୍ଲେ ଅଫ୍‌ରେ ଗୁଜରାଟ ଟାଇଟନ୍ସ

**ଅହମଦାବାଦ,୭।୫**

ଆଇପିଏଲ୍ ୨୦୨୩ରେ ପ୍ରଥମ ଦଳ ଭାବରେ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି ଗୁଜରାଟ ଟାଇଟନ୍ସ। ଡିଫେଣ୍ଡିଂ ଚାମ୍ପିୟନ ଗୁଜରାଟ ରବିବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ୫୬ ରନ୍‌ରେ ପରାସ୍ତ କରିଛି। ୧୧ ମ୍ୟାଚରୁ ୮ମ ବିଜୟ ସହିତ ୧୬ ପଏଣ୍ଟରେ ପହଞ୍ଚି ଯାଇଛି ଟାଇଟନ୍ସ। ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୨୦ ଓଭରରେ ୨ ଉଇକେଟରେ ୨୨୭ର ବିଶାଳ ସ୍କୋର କରିଥିବା ବେଳେ ଲକ୍ଷ୍ନୌ ୨୦ ଓଭରରେ ୭ ଉଇକେଟ ହରାଇ ୧୭୧ ରନ୍‌ରେ ସୀମିତ ରହି ଯାଇଥିଲା। ୟଶ ଠାକୁରଙ୍କ ସ୍ଥାନରେ ଆୟୁଷ ବଦୋନୀ ଏବଂ ଶୁବମନ ଗିଲ୍‌ଙ୍କ ସ୍ଥାନରେ ଆଲଜାରୀ ଯୋଶେଫ୍ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଖେଳିଥିଲେ।

ନରେନ୍ଦ୍ର ମୋଦୀ କ୍ରିକେଟ ଷ୍ଟାଡିୟମରେ ଲକ୍ଷ୍ନୌ ଅଧିନାୟକ କୃନାଲ ପାଣ୍ଡ୍ୟା ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ଗୁଜରାଟ ଓପନର ଶୁବମାନ ଗିଲ୍ ଓ ରିଦ୍ଧିମାନ ସାହା ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି ୧୨ ଓଭରରେ ୧୪୨ ରନ୍ ଯୋଡି ଗୁଜରାଟକୁ ଏକ ଦୃଢ ଆରମ୍ଭ ପ୍ରଦାନ କରିଥିଲେ। ସାହା ଅତ୍ୟନ୍ତ ଆକ୍ରମଣାତ୍ମକ ଢଙ୍ଗରେ ବ୍ୟାଟିଂ କରି ୪୩ ବଲ୍‌ରୁ ୮୧ ରନ୍ କରିଥ ଆଉଟ ହୋଇଥିଲେ। ସାହାଙ୍କ ଇନିଂସରେ ୧୦ ଚୌକା ଓ ୪ ଛକା ସାମିଲ ଥିଲା। ଶେଷ ଯାଏ ଅପରାଜିତ ରହିଥିବା ଗିଲ୍ ୯୪ ରନ୍ କରିଥିବା ବେଳେ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ୫୧ ବଲ୍ ଖେଳି ସେ ୨ ଚୌକା ଓ ୭ ଛକା ମାରିଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୫ ବଲ୍‌ରୁ ୨୫ ରନ୍ କରିଥିବା ବେଳେ ଡେଭିଡ୍ ମିଲର ୧୨ ବଲ୍‌ରୁ ୨୧ ରନ୍ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ୮ ବୋଲରଙ୍କୁ ନିଯୁକ୍ତ କରାଯାଇଥିଲେ ମଧ୍ୟ ସଫଳତା ମିଳି ନ ଥିଲା। ଆଭେଶ୍ ଖାନ୍ ଓ ମୋହସିନ୍ ଖାନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୨୮ ରନ୍ ଲକ୍ଷ୍ୟରେ ଲକ୍ଷ୍ନୌର ଆରମ୍ଭ ବେଶ ଦମଦାର ରହିଥିଲା। କାଇଲ ମେୟର୍ସ (୪୮) ଓ କ୍ୱିଣ୍ଟନ୍ ଡି କକ୍(୭୦) ପ୍ରଥମ ଉଇକେଟରେ ୮୮ ରନ୍ ଯୋଡିଥିଲେ। ଉଭୟ ଖେଳାଳି ୧୨ ରନ୍ ହାରରେ ରନ୍ ସଂଗ୍ରହ କରିଥିବା ବେଳେ କାଇଲ ମେୟର୍ସଙ୍କୁ ଆଉଟ କରି ମୋହିତ ଶର୍ମା ଏହି ଯୋଡି ଭାଙ୍ଗିଥିଲେ। ପ୍ରଥମ ଉଇକେଟର ପତନ ପରେ ଅନ୍ୟ ବ୍ୟାଟର ଦ୍ରୁତ ରନ୍ ସଂଗ୍ରହରେ ସକ୍ଷମ ହୋଇ ନ ଥିଲେ। ମେୟର୍ସ ୩୨ ବଲ୍‌ରୁ ୭ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଚଳିତ ସିଜନରେ ପ୍ରଥମ ମ୍ୟାଚ ଖେଳୁଥିବା ଡି କକ୍ ୪୧ ବଲ୍ ଖେଳି ୭ ଚୌକା ଓ ୩ ଛକା ମାରିଥିଲେ। ଗୁଜରାଟ ପକ୍ଷରୁ ମୋହିତ ଶର୍ମା ଘାତକ ବୋଲିଂ କରି ୪ ଓଭରରେ ମାତ୍ର ୨୯ ରନ୍ ବ୍ୟୟ କରି ୪ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନୁର୍ ଅହମଦ, ରଶିଦ୍ ଖାନ୍ ଓ ମହମ୍ମଦ ଶାମି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶୁବମନ ଗିଲ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରଯାଇଥିଲା।



ଉଇକେଟ ନେବାପରେ ମୋହିତ ଶର୍ମା (ଡାହାଣ)ଙ୍କୁ ରଶିଦ ଖାଁଙ୍କ ବଧେଇ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**କୋଲକାତା ବନାମ ପଞ୍ଜାବ**

ସ୍ଥାନ:କୋଲକାତା,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୨୭/୨(ଶୁବମନ ଗିଲ୍-୯୪*, ରିଦ୍ଧିମାନ ସାହା-୮୧, ହାର୍ଦ୍ଦିକ ପାଣ୍ଡ୍ୟା-୨୫, ଆଭେଶ ଖାନ୍-୧/୩୪, ମୋହସିନ୍ ଖାନ୍-୧/୪୨)।

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୭୧/୭ (କ୍ୱିଣ୍ଟନ୍ ଡି କକ୍-୭୦, କାଇଲ୍ ମେୟର୍ସ-୪୮, ଆୟୁଷ ବଦୋନୀ-୨୧, ମୋହିତ ଶର୍ମା-୪/୨୯, ନୁର ଅହମଦ-୧/୨୬, ରଶିଦ୍ ଖାନ-୧/୩୪)।

# ଅନ୍ତର୍ଜାତୀୟ ଜୁଡୋକୁ ଫେରିଲା ରୁଷିଆ

**ଦୋହା,୭।୫(ପି.ଟି)**

ଅନ୍ତର୍ଜାତୀୟ ଜୁଡୋକୁ ପ୍ରତ୍ୟାବର୍ତ୍ତନ କରିଛି ରୁଷିଆ। ୟୁକ୍ରେନ୍ ଉପରେ ଆକ୍ରମଣ କାରଣରୁ ଦୀର୍ଘ ଏକ ବର୍ଷ ଧରି ରୁଷିଆ ଉପରେ କଟକଣା ଲାଗୁ କରାଯାଇଥିଲା। ରବିବାର ଆରମ୍ଭ ହୋଇଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ରୁଷିଆ ଆଥଲେଟଙ୍କୁ ନିରପେକ୍ଷ ଭାବରେ ଅଂଶଗ୍ରହଣର ସୁଯୋଗ ପ୍ରଦାନ କରାଯାଇଛି। ଏହାର ପ୍ରତିବାଦରେ ୟୁକ୍ରେନ୍ ଏହି ଟୁର୍ନାମେଣ୍ଟକୁ ବୟକଟ୍ କରିଛି। ରୁଷିଆ ଓ ବେଲାରୁଷର ୧୯ ଜଣ ଆଥଲେଟଙ୍କୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣର ସୁଯୋଗ ପ୍ରଦାନ କରାଯାଇଛି। ରୁଷିଆ ୧୭ ଜଣ ଖେଳାଳି ରହିଥିବା ବେଳେ ରୁଷିଆର ପ୍ରଥମ ପ୍ରତିଯୋଗୀ ସାବିନା ଗିଲିଆଜୋଭା ଓପନିଙ୍ଗ ମ୍ୟାଚରେ ଫ୍ରାନ୍ସର ବ୍ଲାଣ୍ଡିନ ପଣ୍ଟଙ୍କ ନିକଟରୁ ପରାଜିତ ହୋଇଛନ୍ତି। ଆସନ୍ତା ଅଲିମ୍ପିକ୍ସରେ ଉଭୟ ରୁଷିଆ ଓ ବେଲାରୁଷର ଆଥଲେଟଙ୍କୁ ସୁଯୋଗ ଦେବା ନିମନ୍ତେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ପକ୍ଷରୁ ମଧ୍ୟ ଏହାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଆଇଓସିର ଏହି ନିଷ୍ପତ୍ତି ପ୍ରତିବାଦରେ ୟୁକ୍ରେନ୍ ଗତ ସପ୍ତାହରେ ଓହରିବା ନେଇ ଘୋଷଣା କରିଥିଲା। ପୂର୍ବରୁ ଜୁନ୍ ୨୦୨୨ରେ ମଙ୍ଗୋଲିଆରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ରୁଷିଆ ଓ ବେଲାରୁଷ ଆଥଲେଟଙ୍କୁ ଅଂଶଗ୍ରହଣର ସୁଯୋଗ ଦେଇଥିଲା ଅନ୍ତର୍ଜାତୀୟ ଜୁଡୋ ଫେଡେରେଶନ(ଆଇଜିଏଫ୍)। ତେବେ ପରବର୍ତ୍ତୀ ସମୟରେ ଆଇଜିଏଫ୍ ୨୦୨୨ର ଅନ୍ୟ ସମସ୍ତ ଇଭେଣ୍ଟରେ ଉଭୟ ରାଷ୍ଟ୍ରର ଖେଳାଳିଙ୍କୁ ଅଂଶଗ୍ରହଣ ସୁଯୋଗ ମିଳି ନଥିଲା। ଏପରିକି ଅନେକ ମିଲିଟାରୀ ଆଥଲେଟଙ୍କୁ ସୁଯୋଗ ମିଳିଥିବାରୁ ଏହାକୁ ବିରୋଧ କରାଯାଇଛି।

**ୟୁକ୍ରେନର ବୟକଟ୍**

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୧୬ | +୦.୯୫୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୪ | ୧୩ | +୦.୪୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୫ | ୧୧ | +୦.୨୯୪ |
| ରାଜସ୍ଥାନ ରୟାଲ୍ସ | ୧୧ | ୫ | ୬ | ୧୦ | +୦.୩୮୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୦ | ୫ | ୫ | ୧୦ | -୦.୨୦୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୫ | ୫ | ୧୦ | -୦.୪୫୪ |
| ପଞ୍ଜାବ କିଙ୍ଗ୍ସ | ୧୦ | ୫ | ୫ | ୧୦ | -୦.୪୭୨ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | -୦.୧୦୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୪ | ୬ | ୮ | -୦.୪୭୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୪ | ୬ | ୮ | -୦.୫୨୯ |

ବି.ଦ୍ର.: ମେ’ ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

# ଗାଙ୍ଗୁଲି-କୋହଲି ବିବାଦର ଅବସାନ

**ନୂଆଦିଲ୍ଲୀ, ୭।୫:** ଭାରତୀୟ କ୍ରିକେଟ୍ ଦଳର ଦୁଇ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଓ ବିରାଟ କୋହଲିଙ୍କ ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଆଇପିଏଲ୍‌ରେ ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମ୍ୟାଚ୍ ପରେ ଉଭୟ ପରସ୍ପର ହାତ ମିଳାଇବା ସହିତ କିଛି ସମୟ ଆଲୋଚନା ମଧ୍ୟ କରିଥିଲେ। ସୌରଭ ବିସିସିଆଇର ସଭାପତି ଥିବା ସମୟରେ ବିରାଟଙ୍କୁ ଭାରତୀୟ ଦଳର ଅଧିନାୟକ ପଦ ଛାଡ଼ିବାକୁ ପଡ଼ିଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଠିକ୍ ନ ଥିବା ନେଇ ଆଲୋଚନା ମଧ୍ୟ ଚାଲିଥିଲା। ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ଉଭୟ ପରସ୍ପର ସହ ହାତ ମିଳାଇ ନ ଥିଲେ।

# ଓଡ଼ିଶା ପ୍ରତିଯୋଗୀଙ୍କୁ ୫ ସ୍ୱର୍ଣ୍ଣ ସହ ୮ ପଦକ

**ଭୁବନେଶ୍ୱର, ୭।୫(କ୍ରୀଡ଼ା ପ୍ରତିନିଧି)**

ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ରବିବାର ଶେଷ ହୋଇଥିବା ୫ମ ଇଣ୍ଡିଆନ ଓପନ୍ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ଓଡ଼ିଶାକୁ ୨ଟି ସ୍ୱର୍ଣ୍ଣ ପଦକ ମିଳିଛି। ଏହାକୁ ମିଶାଇ ଓଡ଼ିଶା ମୋଟ୍ ୮ ପଦକ ଜିତିଛି। ପ୍ରତିଯୋଗିତାର ଶେଷ ଦିବସରେ ପଙ୍କଜ ଭୁଏ (ଟି-୧୩) ୨୦୦ ମିଟର ଇଭେଣ୍ଟରେ ୨୬.୧୦ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଭେଙ୍କଟେଶ୍ ୨୬.୭୪ ସହ ରୌପ୍ୟ ଓ ବୋଜ୍ଜୁ ଶ୍ରୀହରି ୨୭.୩୭ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ଜୟନ୍ତୀ ବେହେରା ଟି-୩୫/୪୬/୪୭ ମିଶ୍ରିତ ୨୦୦ ମିଟରରେ ୨୬.୭୭ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଶ୍ରୀଲଙ୍କାର କୁମୁଦିକା ଧନଞ୍ଜୟ ୨୭.୬୮ ସହ ରୌପ୍ୟ ଓ ଜନନୀ ଧନଞ୍ଜୟ ୨୮.୨୬ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ପାଇଛନ୍ତି। ଜୟନ୍ତୀ ବେହେରା ୧୦୦, ୨୦୦, ୪୦୦ ମିଟରରେ ୩ଟି ସ୍ୱର୍ଣ୍ଣ, ପଙ୍କଜ ଭୁଏ ୨୦୦ ମିଟର ଓ ଲଙ୍ଗଜମ୍ପ୍‌ରେ ୨ ସ୍ୱର୍ଣ୍ଣ ଓ ୧୦୦ ମିଟରରେ ରୌପ୍ୟ ପଦକ ହାସଲ କରିଥିଲେ। ସୁଚିତ୍ରା ପରିଡ଼ାଙ୍କୁ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ମିଳିଥିଲା। ସେହିପରି ପ୍ରଫୁଲ୍ଲ କୁମାର ଖଣ୍ଡାୟତରାଏ ଶଟ୍‌ପୁଟ୍‌ରେ ବ୍ରୋଞ୍ଜ ପଦକ ପାଇଥିଲେ। ଟିମ୍ ସହିତ କୋଚ୍ ମାର୍କଣ୍ଡ ରେଡ୍ଡୀ(ପାରା ଅଲିମ୍ପିଆନ୍) ଓ ବିଷ୍ଣୁ ପ୍ରସାଦ ମିଶ୍ର ଅଫିସିଆଲ ଭାବେ ଯୋଗ ଦେଇଥିଲେ।

**ଇଣ୍ଡିଆନ ଓପନ୍ ପାରା ଆଥ୍‌ଲେଟିକ୍ସ**




ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।






# ଚଣ୍ଡିଗଡ଼, ବିହାରର ବୃହତ୍ ବିଜୟ

**ଭୁବନେଶ୍ୱର, ୭।୫ (କ୍ରୀଡ଼ା ପ୍ରତିନିଧି)**

ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ୧୩ତମ ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ରବିବାର ଅନୁଷ୍ଠିତ ୪ଟି ମ୍ୟାଚରେ ପଞ୍ଜାବ, ଆନ୍ଧ୍ର ପ୍ରଦେଶ, ଚଣ୍ଡିଗଡ଼ ଓ ବିହାର ଦଳ ବିଜୟ ହାସଲ କରିଛି। ଦିବସର ପ୍ରଥମ ମ୍ୟାଚରେ ପଞ୍ଜାବ ୮-୦ ଗୋଲରେ ଗୁଜରାଟକୁ ହରାଇ ଦେଇଛି। ପଞ୍ଜାବ ପକ୍ଷରୁ ଶରନ୍‌ଜିତ କୌର ୯ ଓ ୧୫ତମ ମିନିଟରେ ୨ଟି, ହରଜୋତ କୌର ୩୩ ଓ ୫୨ତମ ମିନିଟରେ ୨ଟି ଏବଂ ତନୁ ରାଣୀ ୨୮, ହରପ୍ରୀତ କୌର ୩୩, ଖୁସ୍‌ବୁ ୫୯ ଓ ସାନା ୫୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟ ମ୍ୟାଚରେ ଆନ୍ଧ୍ର ପ୍ରଦେଶ ୬-୪ ଗୋଲରେ ମଣିପୁରକୁ ହରାଇଛି। ଆନ୍ଧ୍ର ପକ୍ଷରୁ କୁପ୍ପା ତୁଲସି ୧, ୭, ୧୮ ଓ ୪୮ତମ ମିନିଟରେ ଏକାକୀ ୪ଟି ଏବଂ ରଗୁଲା ନାଗାମନି ୬ ଓ ୩୮ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ମଣିପୁରର ଏଲ୍. ନାତାଲି ଚାନୁ ୪୦ ଓ ୫୮ ଏବଂ ଅଧିନାୟିକା ପ୍ରୀୟା ଦେବୀ ୫୦ ଓ ୫୨ତମ ମିନିଟରେ ୨ଟି ଲେଘାଏ ଗୋଲ ପରିଶୋଧ କରିଥିଲେ। ଅନ୍ୟ ଏକ ମ୍ୟାଚରେ ଚଣ୍ଡିଗଡ଼ ୧୩-୦ ଗୋଲରେ ତେଲେଙ୍ଗାନାକୁ ପରାସ୍ତ କରିଛି। ଦଳ ପକ୍ଷରୁ ସୁପ୍ରିୟା ୧୩, ୧୪, ୧୯, ୪୮ ଓ ୬୦ତମ ମିନିଟରେ ଏକାକୀ ୫ଟି, ତମନ୍ନା ୧୨, ୩୨ ଓ ୪୧ତମ ମିନିଟରେ ୩ଟି, ପୂଜା ୩୮, ୪୫ ଓ ୫୭ତମ ମିନିଟରେ ୩ଟି ଲେଖାଏ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଅଧିନାୟିକା ଅଞ୍ଜଳି ୧୫ ଓ ୪୪ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ଚତୁର୍ଥ ମ୍ୟାଚରେ ବିହାର ୧୪-୧ ଗୋଲରେ ଗୋଆକୁ ହରାଇ ଦେଇଛି। ଅଧିନାୟିକା ୨, ୪, ୬, ୨୦, ୨୧, ୫୨ ଓ ୬୦ତମ ମିନିଟରେ ଏକାକୀ ୭ଟି ଗୋଲ ଦେଇଥିଲେ। ରିଶୁ କୁମାରୀ ୧୪, ୨୪, ୫୪ ଓ ୫୯ତମ ମିନିଟରେ ୪ଟି ଏବଂ ଶାରଦା କୁମାରୀ ୧୮, ଆକାଂକ୍ଷା ଯାଦବ ୩୯ ଓ ନିଜିୟା ଖାତୁନ ୪୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗୋଆ ଦଳରୁ ସାଲୋନି ଶ୍ରୀକାନ୍ତ ଗାୱାସ ୪୭ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

**ଜାତୀୟ ସବ୍‌ଜୁନିୟର ମହିଳା ହକି**



ଚଣ୍ଡିଗଡ଼ ଓ ତେଲେଙ୍ଗାନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଅଲିମ୍ପିକ୍ସ ମେଡାଲିଷ୍ଟଙ୍କୁ ହରାଇଲେ ଦୀପକ

**ତାସକେଣ୍ଟ, ୭।୫ (ପି.ଟି.)**

ଭାରତର ପ୍ରତିଭା ସମ୍ପନ୍ନ ବକ୍ସର ଦୀପକ ଭୋରିଆ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ୫୧ କେଜି ଲଢ଼େଇରେ ଦୀପକ ଟୋକିଓ ଅଲିମ୍ପିକ୍ ବ୍ରୋଞ୍ଜ ମେଡାଲିଷ୍ଟ କାଜାଖସ୍ତାନର ସାକେନ ବିବୋସିନୋଭଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜେତା ଅମିତ ପଙ୍ଘାଲଙ୍କୁ ପଛରେ ପକାଇ ଦୀପକ ଭାରତୀୟ ଦଳରେ ଚୟନ ହୋଇଥିଲେ। ସାକେନଙ୍କ ବିପକ୍ଷ ଲଢ଼େଇର ପ୍ରଥମ ୨ ରାଉଣ୍ଡରେ ସେ ପଛୁଆ ରହିଥିଲେ। ମାତ୍ର ଅନ୍ତିମ ୩ ରାଉଣ୍ଡରେ ପ୍ରଭାବୀ ପ୍ରଦର୍ଶନ କରି ବିଜେତା ଘୋଷିତ ହୋଇଥିଲେ। ୨୦୨୧ ବିଶ୍ୱ ଚାମ୍ପିୟନ ବିବୋସିନୋଭଙ୍କ ବିପକ୍ଷରେ ଦୀପକ ୫-୨ରେ ବିଜୟୀ ହୋଇଥିଲେ। ଅନ୍ୟଏକ ଲଢ଼େଇରେ ୨ ଥର ରାଜ୍ୟଗୋଷ୍ଠୀ ପଦକ ବିଜେତା ମହମ୍ମଦ ହୁସାମୁଦ୍ଦିନ (୫୭ କେଜି) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ରୁଷିଆର ଏଡୁଆର୍ଡ ସାଭିନ୍‌ଙ୍କୁ ୫-୦ ବ୍ୟବଧାନରେ ପରାସ୍ତ କରିଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ